# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୧୯/୨୦୧୮ (୧୬ ପୃଷ୍ଠା) Sambalpur, Monday, November 19/ 2018 ★★

୧୪ଶ ଭାଗ ୩୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






“ଆମ ଦେଶର ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଓ ବହିର୍ବ୍ୟାପାର ମନ୍ତ୍ରୀ ମନେକରିଥାନ୍ତି ଯେ, ସେ କଶ୍ମୀର ସମସ୍ୟାର ସମାଧାନ କରି ଭାରତ-ପାକିସ୍ତାନ ସମ୍ପର୍କ ସୁଧାରିପାରିବେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି, ଦୁଇ ପଡ଼ୋଶୀଙ୍କ ସମ୍ପର୍କ ଦୁର୍ଘଟଣାପ୍ରବଣ।
-ନଟବର ସିଂ, ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ଶ୍ରୀଲଙ୍କା ସଙ୍କଟ: ସର୍ବଦଳୀୟ ବୈଠକ ବିଫଳ



**କଲମ୍ବୋ,୧୮।୧୧(ପି.ଟି.):** ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଡାକିଥିବା ସର୍ବଦଳୀୟ ବୈଠକ ରବିବାର ବିଫଳ ହୋଇଛି। ଫଳରେ ଦେଶରେ ଲାଗିରହିଥିବା ରାଜନୈତିକ ସଙ୍କଟ ଘନେଇବାରେ ଲାଗିଛି। ଅକ୍ଟୋବର ୨୬ରେ ସିରିସେନା ପ୍ରଧାନମନ୍ତ୍ରୀ ରନିଲ ୱିକ୍ରମସିଂହେଙ୍କୁ କ୍ଷମତାରୁ ହଟାଇ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କୁ ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇଥିଲେ। ପରେ ସିରିସେନା ପାର୍ଲାମେଣ୍ଟକୁ ଭଙ୍ଗକରି ଜାନୁୟାରୀ ୫ରେ ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ପିମାନେ ଶୁକ୍ରବାର ଆସ୍ଥାଭୋଟ ବେଳେ ରାଜପାକ୍ସେଙ୍କ ବିରୋଧରେ ଭୋଟ ଦେଇଥିଲେ। ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ସିରିସେନା ରବିବାର ସର୍ବଦଳୀୟ ବୈଠକ ଡାକିଥିଲେ। ଦେଶରେ ରାଜନୈତିକ ସଙ୍କଟ ସୃଷ୍ଟି ହେବା ପରେ ପ୍ରଥମଥର ପାଇଁ ସିରିସେନା, ୱିକ୍ରମସିଂହେ ଓ ରାଜପାକ୍ସେ ସାମ୍ନାସାମ୍ନି ବସିଥିଲେ। ହେଲେ ଏଥିରେ ସହମତି ପ୍ରକାଶ ପାଇପାରିନାହିଁ।

### ଆଉ ଜଣେ ଯୁବକ ଅପହୃତ

**ଶ୍ରୀନଗର,୧୮।୧୧:** ଆତଙ୍କବାଦୀମାନେ ରବିବାର ଆଉ ଜଣେ ଯୁବକଙ୍କୁ ଅପହରଣ କରିନେଇଛନ୍ତି। ସେ ହେଲେ ଶୋପିଆନ୍ ଜିଲା ମିମେନ୍ଦର ଗ୍ରାମର ୧୯ ବର୍ଷୀୟ ସୁହେଲ ଅହମ୍ମଦ ଗନାଇ। ୨୪ ଘଣ୍ଟା ମଧ୍ୟରେ ଏହା ହେଉଛି ଆତଙ୍କବାଦୀଙ୍କ ତୃତୀୟ ଅପହରଣ। ଶନିବାର ଆତଙ୍କବାଦୀମାନେ ୨ ଜଣଙ୍କ ଅପହରଣ ପରେ ହତ୍ୟା କରିଥିଲେ।

# ଫେସ୍‌ବୁକ୍‌ରେ ଜେହାଦ

**ଶ୍ରୀନଗର,୧୮।୧୧(ପି.ଟି.)**

ଜମ୍ମୁ-କଶ୍ମୀରରେ ଅନେକ ଆତଙ୍କବାଦୀ ସଙ୍ଗଠନ ସକ୍ରିୟ ଥିବା ଓ ଏଥିରେ ପୁରୁଷମାନେ ସାମିଲ ଥିବା ସମ୍ପର୍କରେ ସମସ୍ତଙ୍କୁ ଜଣା। ହେଲେ ଉପତ୍ୟକାର ଜଣେ ମହିଳା ଆତଙ୍କବାଦୀ ସାଜିଥିବା ନେଇ ପ୍ରଥମଥର ସାମ୍ନାକୁ ଆସିଛି। ଫେସ୍‌ବୁକ୍ ଜରିଆରେ କଶ୍ମୀରୀ ଯୁବକଙ୍କୁ ଜେହାଦ ପ୍ରତି ଆକର୍ଷିତ କରୁଥିବା ଅଭିଯୋଗରେ ଶାଜିଆ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପାଇଁ କାମ କରୁଥିଲେ ବୋଲି ରବିବାର ଜମ୍ମୁ-କଶ୍ମୀର ପୋଲିସ କହିଛି।

ଉତ୍ତର କଶ୍ମୀରର ବନ୍ଦିପୋରାସ୍ଥିତ ସୁମ୍ବାଲ ଅଞ୍ଚଳର ନୈଦ୍‌ଖାଇ ବାସିନ୍ଦା ଶାଜିଆ। ୩୦ ବର୍ଷୀୟା ଶାଜିଆଙ୍କ ସନ୍ଦିଗ୍ଧ ଗତିବିଧିକୁ ନେଇ ତାଙ୍କର ଫେସ୍‌ବୁକ୍ ଆକାଉଣ୍ଟ ଉପରେ ସୁରକ୍ଷା ସଂସ୍ଥାଗୁଡ଼ିକର ନଜର ରହିଥିଲା। ସେ ଫେସ୍‌ବୁକ୍‌ରେ ଜେହାଦ ଘୋଷଣା କରିବା ସହ ଯୁବକଙ୍କୁ ଆତଙ୍କବାଦ ପ୍ରତି ଆକର୍ଷିତ କରୁଥିଲେ। ଏପରି କି ସେ ଯୁବକମାନଙ୍କୁ ଜାଲରେ ଛନ୍ଦି ସେମାନଙ୍କ ହାତରେ ବୋମା ବନ୍ଧୁକ ମଧ୍ୟ ଧରାଉଥିଲେ। ୨ ପିଲାଙ୍କୁଆଙ୍କ ମା’ ଶାଜିଆଙ୍କ ଏହି କାରନାମା ସମ୍ପର୍କରେ ଜଣାପଡ଼ିବା ପରେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟ ସୁରକ୍ଷା ସଂସ୍ଥାଗୁଡ଼ିକର ରାଡାରରେ ଥିଲା। ସେ ନିଜକୁ ପୋଲିସ ଇନ୍‌ଫର୍ମର ପରିଚୟ ଦେଇ ବରିଷ୍ଠ ଅଧିକାରୀମାନଙ୍କୁ ଆତଙ୍କବାଦୀଙ୍କୁ ଧରାଇଦେବାର ପ୍ରତିଶ୍ରୁତି ଦେଉଥିଲେ। କିଛିମାସ ତଳେ ଶାଜିଆଙ୍କ ଅଭିଯୋଗକ୍ରମେ ଦୁଇଜଣ ଯୁବକଙ୍କୁ ଧରିବା ପରେ ଚେତାବନୀ ଦେଇ ପୋଲିସ ଛାଡ଼ିଦେଇଥିଲା। ସବୁ ସତକଥା ଜଣାପଡ଼ିବା ପରେ ଶାଜିଆଙ୍କୁ ଗିରଫ କରାଯାଇଛି। ସେ ଜେଇଏମ୍ ଇଙ୍ଗିତରେ ପୋଲିସଠାରୁ ତଥ୍ୟ ହାସଲ ପାଇଁ ନିଜକୁ ପୋଲିସ ଇନ୍‌ଫର୍ମର ଭାବେ ଅଭିହିତ କରୁଥିଲେ। ତଥ୍ୟ ହାସଲ ପରେ ସେ ଆତଙ୍କବାଦୀଙ୍କୁ ପ୍ରଦାନ କରୁଥିଲେ। ଏହା ଜଣାପଡ଼ିବା ପରେ ଶାଜିଆଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ କେତେକେ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି। ତାଙ୍କ ଦୁଇଭାଇଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କିଛିଦିନ ତଳେ ୨୦ଟି ଗ୍ରେନେଡ୍ ସହ ୨୮ ବର୍ଷୀୟା ଯୁବତୀ ଆୟସିଆ ଜାନ୍‌ଙ୍କୁ ଶ୍ରୀନଗର ନିକଟସ୍ଥ ଲୟାପୋରାରେ ଗିରଫ କରାଯାଇଥିଲା। ସେ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ନେଇ ସୂଚନା ପାଇବା ପରେ ପୋଲିସ ତାଙ୍କୁ ଧରିଥିଲା। ଏବେ ଶାଜିଆଙ୍କ ଗିରଫଦାରି ପରେ ଆତଙ୍କବାଦରେ କଶ୍ମୀରୀ ମହିଳାଙ୍କ ସମ୍ପୃକ୍ତି ନେଇ ଅଧିକ ତଥ୍ୟ ହାସଲ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି ସୁରକ୍ଷା ସଂସ୍ଥା।






ଜେଇଏମ୍‌ର ମହିଳା ଆତଙ୍କବାଦୀ ଶାଜିଆ ଗିରଫ

■ ଛତିଶଗଡ଼ ପ୍ରଚାରରେ ପୂର୍ଣ୍ଣଚ୍ଛେଦ

# ‘ସୋନିଆଙ୍କ ପାଇଁ ସୀତାରାମଙ୍କୁ ରାସ୍ତାକୁ ଫିଙ୍ଗିଦେଇଥିଲା କଂଗ୍ରେସ’

**ମହାସମୁନ୍ଦ,୧୮।୧୧(ପି.ଟି.)**

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ସୀତାରାମ କେଶରୀ ଜଣେ ଦଳିତ ତଥା ନିଷ୍ପେଷିତ ବର୍ଗର ନେତା ଥିଲେ। ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଲାଗି ପଥ ପରିଷ୍କାର କରିବା ପାଇଁ କଂଗ୍ରେସ ସୀତାରାମଙ୍କୁ ତାଙ୍କର ଅବଧି ଶେଷ ହେବା ଯାଏ କାମ କରିବାକୁ ଦେଇ ନ ଥିଲା। କଂଗ୍ରେସ ଏହି ଦଳିତ ନେତାଙ୍କୁ ରାସ୍ତାକୁ ଫିଙ୍ଗିଦେଇଥିଲା। ଛତିଶଗଡ଼ ବିଧାନସଭା ନିର୍ବାଚନ ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ କଂଗ୍ରେସକୁ ଏଭଳି ସମାଲୋଚନା କରିଛନ୍ତି।

୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ହେବ। ଏହି ପର୍ଯ୍ୟାୟରେ ୧୯ ଜିଲାର ୭୨ ଆସନରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ରବିବାର ସନ୍ଧ୍ୟାରେ ପ୍ରଚାରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି ପରିପ୍ରେକ୍ଷୀରେ ଉଭୟ ବିରୋଧୀ କଂଗ୍ରେସ ଓ ଶାସକ ଭାଜପା ସମେତ ଅନ୍ୟ ଦଳଗୁଡ଼ିକ ଶେଷ ମୁହୂର୍ତ୍ତ ଯାଏ ଜୋରଦାର ପ୍ରଚାର ଚଳାଇଥିଲେ। ଭାଜପା ପକ୍ଷରୁ ପ୍ରଚାରର ମଞ୍ଚ ଧରିଥିବା ପ୍ରଧାନମନ୍ତ୍ରୀ ମୋଦି ମହାସମୁନ୍ଦରେ କଂଗ୍ରେସକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, କଂଗ୍ରେସ ସୀତାରାମଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଦଳର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ନ ଦେଇ ଅତି ଅପମାନଜନକଭାବେ ବାହାର କରିଦେଇଥିଲା। ଏହି ଦଳ ତାଙ୍କୁ ଏକ ବାଥ୍‌ରୁମ୍‌ରେ ବନ୍ଦ କରି ଫୁଟ୍‌ପାଥକୁ ଫିଙ୍ଗିଦେଇଥିଲା ବୋଲି ମୋଦି କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏହାର ଜବାବ ରଖିଛି। ସୀତାରାମ କେଶରୀଙ୍କୁ ଦଳ ଉପଯୁକ୍ତ ସମ୍ମାନ ଦେଇଥିଲା। ସେ ଦଳିତ ନୁହନ୍ତି, ବରଂ ଅନ୍ୟ ଛୁଆ ବର୍ଗ (ଓବିସି)ର ଥିଲେ ବୋଲି କଂଗ୍ରେସ ମୁଖପାତ୍ର ମନୀଷ ତିୱାରୀ ଟୁଇଟ୍ କରିଛନ୍ତି।



## ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୮।୧୧(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୈନାପୋରା ଅଞ୍ଚଳର ରେବ୍ବାନରେ ଅଲ୍-ବଦର ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିଲେ। ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀ ଟଳିପଡ଼ିଛନ୍ତି। ସେମାନେ ହେଲେ ଜୈନାପୋରାର ନୱାଜ ଅହମ୍ମଦ ୱାଗାୟ ଓ ପୁଲଓ୍ୱାମାର ୟାଓ୍ୱର ୱାନି।

## ସିଆର୍‌ପିଏଫ୍ ଯବାନ ଶହୀଦ

**ଶ୍ରୀନଗର,୧୮।୧୧(ପି.ଟି.):** ଜମ୍ମୁ-କଶ୍ମୀରର ପୁଲୱାମା ଜିଲା କାକାପୋରାରେ ଆତଙ୍କବାଦୀମାନେ ସିଆର୍‌ପିଏଫ୍‌କୁ ଟାର୍ଗେଟ କରିଛନ୍ତି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଚାଲିଥିବାରୁ ସୁରକ୍ଷା ଦୃଷ୍ଟିରୁ କାକାପୋରାରେ ଏକ ସିଆର୍‌ପିଏଫ୍ ଶିବିର ପ୍ରତିଷ୍ଠା କରାଯାଇଥିଲା। ରବିବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ଏହା ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ଜଣେ ହାବିଲ୍‌ଦାର ଶହୀଦ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଛି।



## ଖାଇକୁ ଖସିଲା ବସ୍: ୧୪ ମୃତ

**ଉତ୍ତରକାଶୀ,୧୮।୧୧(ପି.ଟି.)**

ଉତ୍ତରାଖଣ୍ଡରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୧୫୦ ମିଟର ଗଭୀରକୁ ଏକ ବସ୍ ଖସିପଡ଼ିବା ଫଳରେ ୧୪ ଯାତ୍ରୀ ପ୍ରାଣ ହରାଇଛନ୍ତି। ଏଥିସହ ୧୧ ଜଣ ଆହତ ହୋଇଛନ୍ତି।

ଘରୋଇ ବସ୍‌ଟି ଯମୁନୋତ୍ରୀ ନିକଟସ୍ଥ ଜଙ୍କିଛାଟିରୁ ବିକାଶନଗର ଅଭିମୁଖେ ଯାତ୍ରା କରୁଥିବାବେଳେ ଦମ୍‌ତା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ଯମୁନା ନଦୀ ନିକଟସ୍ଥ ୧୫୦ ଫୁଟ୍ ଗଭୀରର ଏକ ଖାଇକୁ ଖସିପଡ଼ିଥିଲା। ଫଳରେ ଦୁର୍ଘଟଣାସ୍ଥଳରେ ୧୦ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଆଉ ୪ ଜଣ ପ୍ରାଣ ହରାଇଛନ୍ତି। ଆଉ କେତେଜଣ ବସ୍‌ରେ ଫସିରହିଥିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାଓ୍ୱତ୍ ଶୋକବ୍ୟକ୍ତ କରିବା ସହ ଆହତଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଫୁର୍‌ସତ

# ଯମୁନା ନିର୍ମଳ ଅଭିଯାନ

**ଆଗ୍ରା:** ଯମୁନାରୁ ଅଳିଆ ଆବର୍ଜନା ଏବଂ ବିସର୍ଜିତ ହେଉଥିବା ମୂର୍ତ୍ତି ଅପସାରଣ ପାଇଁ ରବିବାର ଶହଶହ ସ୍ୱେଚ୍ଛାସେବୀ ଏବଂ ନଦୀ ବଞ୍ଚାଅ କର୍ମୀମାନେ ଏକ ଅଭିଯାନ ଆରମ୍ଭ କରିଥିଲେ। ନଦୀ ସଂଯୋଗୀକରଣ ଅଭିଯାନ ସଦସ୍ୟ ଦେବାଶିଷ ଭଟ୍ଟାଚାର୍ଯ୍ୟଙ୍କ କହିବାନୁଯାୟୀ, ଯମୁନା ନଦୀ ତଟଦେଶରେ ପ୍ରତିଷ୍ଠିତ ବାବର ରାମ ବାଗ, ଏତମୌଦ୍ଦାଉଲ୍ଲା, ଆଗ୍ରା ଫୋର୍ଟ ଏବଂ ତାଜମହଲ ଭଳି ଐତିହାସିକ କୀର୍ତ୍ତିରାଜିର ସୁରକ୍ଷା ପାଇଁ ଯମୁନାକୁ ନିୟମିତ ପରିଷ୍କାର କରାଯିବା ଜରୁରୀ। ନଦୀଶଯ୍ୟାରେ ଅଳିଆ ଆବର୍ଜନା ଗଦେଇ ହୋଇ ରହୁଛି। ଏଥିପାଇଁ ମଶା, ମାଛି ଓ କୀଟ ବଂଶ ବୃଦ୍ଧି ପାଇବା ଫଳରେ ସ୍ମାରକୀସ୍ଥଳଗୁଡ଼ିକର ପରିବେଶ ନଷ୍ଟ ହେଉଛି। ଦୈନିକ ଯମୁନାରୁ ଯେତେ ମାତ୍ରାରେ ଅଳିଆ ସଫା ହେଉଛି, ତା’ଠୁ ଢେର ଆବର୍ଜନା ନଦୀରେ ଫିଙ୍ଗାଯାଉଛି। ଏଥିପାଇଁ ଅଧିକ ମେଶିନ ଓ ଲୋକଙ୍କୁ ନିୟୋଜିତ କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ କର୍ପୋରେଟର ଅନୁରାଗ ଚତୁର୍ବେଦୀ ସୂଚନା ଦେଇଛନ୍ତି। ଆଗ୍ରା ଦେଇ ପ୍ରବାହିତ ହୋଇଥିବା ଯମୁନା ଭାରତର ସର୍ବାଧିକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳଗୁଡ଼ିକ ମଧ୍ୟରୁ ଅନ୍ୟତମ।



# ପ୍ରାର୍ଥନା, ନମାଜ ପାଠ ଯୋଗୁ ସମସ୍ୟାରେ ପର୍ଯ୍ୟଟକ

**ଆଗ୍ରା:** ସପ୍ତଦଶ ଶତାବ୍ଦୀର ସ୍ମାରକୀସ୍ଥଳ ତାଜମହଲ ପରିସରରେ ‘ପୂଜା-ଆରତି’ ଏବଂ ‘ନମାଜ’ ପାଠ କରାଯାଉଥିବାରୁ ପର୍ଯ୍ୟଟକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଆଗ୍ରାସ୍ଥିତ ପର୍ଯ୍ୟଟନ ବିଭାଗ ଉଦ୍‌ବେଗ ପ୍ରକାଶ କରିଛି। ଭାରତର ସର୍ବାଧିକ ଲୋକପ୍ରିୟ ପର୍ଯ୍ୟଟନ କ୍ଷେତ୍ରରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇପାରେ ବୋଲି ପର୍ଯ୍ୟଟନ ଶିଳ୍ପ ଆଶଙ୍କା ବ୍ୟକ୍ତ କରିଛି। ତାଜମହଲ ପରିସରରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସ୍‌ଏଫ୍) ସୁରକ୍ଷା ଦାୟିତ୍ୱରେ ଅଛି। ଶନିବାର ଏହି ସ୍ମାରକୀସ୍ଥଳ ଚାରିପାଖରେ ଗଙ୍ଗାଜଳ ସିଞ୍ଚନ କରି ଏକ ମହିଳା ଗୋଷ୍ଠୀ ପୂଜା ଆରତି କରୁଥିବା ବେଳେ ସିଆଇଏସ୍‌ଏଫ୍ ସେମାନଙ୍କୁ ଏଥିରୁ ନିବୃତ୍ତ କରାଇଥିଲା। ପୁନଶ୍ଚ ରବିବାର ମଧ୍ୟ ରାଷ୍ଟ୍ରୀୟ ବଜରଙ୍ଗ ଦଳ କର୍ମୀମାନେ ତାଜମହଲ ଭିତରେ ପୂଜା କରିବା ପାଇଁ ଅଡି ବସିଥିଲେ। ସେମାନେ କହିଥିଲେ, ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଅବଜ୍ଞା କରି ମୁସଲମାନ ଗୋଷ୍ଠୀ ନମାଜ ପାଠ କରୁଥିଲେ ହେଁ ଏହାକୁ ରୋକିବାରେ ନିରାପତ୍ତା ସଂସ୍ଥା ବିଫଳ ହେଉଛି। ତେଣୁ ଏହାର ପ୍ରତିବାଦ ସ୍ୱରୂପ ସେଠାରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପୂଜା ଓ ଆରତୀ କରିବ ବୋଲି ଦାବି କରୁଛି। ଗତ ସପ୍ତାହରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା (ଏଏସ୍‌ଆଇ) ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଏବଂ ବିଜ୍ଞପ୍ତିକୁ ତାଜମହଲ ଗେଟ୍‌ରେ ଲଗାଇଛି। ସୁପ୍ରିମକୋର୍ଟ ଏହାର ମୌଳିକ ନିର୍ଦ୍ଦେଶନାମାରେ ସ୍ଥାନୀୟ ମୁସଲମାନଙ୍କୁ କେବଳ ଶୁକ୍ରବାର ଅପରାହ୍ନରେ ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସ୍ଥାନୀୟ ମୁସଲମାନମାନେ ଚାହାନ୍ତି, ଏହି ପ୍ରତିବନ୍ଧକକୁ ଏଡାଇଦେଲେ ସେମାନେ ପ୍ରତିଦିନ ନମାଜ ପାଠ କରିପାରିବେ। ତେବେ ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଉଲ୍ଲଘଂନକାରୀଙ୍କୁ ଦୃଢ଼ହସ୍ତରେ ଦମନ କରିବାକୁ ଏଏସ୍‌ଆଇ ଅଧିକାରୀମାନେ ନିରାପତ୍ତା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।



## ଇତିହାସର ଆଇନାରେ

### ନଭେମ୍ବର ୧୯ର ପ୍ରମୁଖ ଘଟଣା

୧୯୮୫ ନଭେମ୍ବର ୧୯ରେ ଜେନେଭାଠାରେ ଆମେରିକା ରାଷ୍ଟ୍ରପତି ରୋନାଲ୍‌ଡ ରେଗାନ୍ ଏବଂ ସୋଭିଏତ୍ ୟୁନିୟନ୍ ଜେନେରାଲ ସେକ୍ରେଟାରି ମିଖାଇଲ୍ ଗୋର୍ବାଚୋଭ୍ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଏହା ଥିଲା ଶୀତଳ ଯୁଦ୍ଧର ସମୟ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୋଭିଏତ୍ ସଂଘ ଓ ଏହାର ମିତ୍ରଶକ୍ତି ଏବଂ ଆମେରିକା ଓ ଏହାର ମିତ୍ରଶକ୍ତି ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା।

୨୦୧୦ ନଭେମ୍ବର ୧୯ରେ ନ୍ୟୁଜିଲାଣ୍ଡର ପାଇକ୍ ରିଭର ମାଇନ୍‌ଠାରେ ଏକ ବିସ୍ଫୋରଣ ହୋଇଥିଲା। ଏଥିରେ ୨୯ଜଣ ଲୋକ ପ୍ରାଣ ହରାଇଥିଲେ। ୧୯୧୪ ପରେ ଏହା ଥିଲା ସବୁଠୁ ଭୟଙ୍କର ଖଣି ବିସ୍ଫୋରଣ। ପାଇକ୍ ରିଭର ମାଇନ୍ ହେଉଛି ଏକ କୋଇଲା ଖଣି। ଏହା ନ୍ୟୁଜିଲାଣ୍ଡ୍‌ର ଦକ୍ଷିଣଭାଗ ଦ୍ୱୀପ ପଶ୍ଚିମ ଉପକୂଳ ଅଞ୍ଚଳରେ ଗ୍ରେ-ମାଉଥ୍‌ର ୨୯ମାଇଲ୍ ଉତ୍ତରରେ ଅବସ୍ଥିତ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୧୭.୮ |
| ଚାନ୍ଦବାଲି | ୩୦.୭ | ୨୦.୫ |
| କଟକ | ୩୦.୮ | ୧୭.୬ |
| ପାରାଦ୍ୱୀପ | ୩୧.୨ | ୨୧.୫ |
| ଭୁବନେଶ୍ୱର | ୩୩.୨ | ୧୯.୩ |
| ଗୋପାଳପୁର | ୩୨.୬ | ୨୦.୭ |
| ପୁରୀ | ୩୦.୮ | ୨୧.୯ |
| ଅନୁଗୋଳ | ୩୨.୭ | ୧୪.୬ |
| ବାରିପଦା | --- | ୧୯.୦ |
| ଝାରସୁଗୁଡ଼ା | ୩୨.୮ | ୧୬.୮ |
| କେନ୍ଦୁଝର | ୩୦.୪ | ୧୬.୨ |
| ସମ୍ବଲପୁର | ୩୩.୦ | ୧୭.୪ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୩୨.୫ | ୧୭.୧ |
| ତାଳଚେର | ୩୫.୦ | ୧୮.୦ |
| ଭବାନୀପାଟଣା | ୩୨.୬ | ୧୭.୫ |
| ବଲାଙ୍ଗୀର | --- | ୧୬.୬ |
| କୋରାପୁଟ | --- | ୧୭.୦ |
| ଫୁଲବାଣୀ | ୩୧.୬ | ୧୧.୨ |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୬.୦ | --- |
| ସୋନପୁର | ୩୨.୮ | ୧୫.୬ |
| ଦାରିଙ୍ଗିବାଡ଼ି | ୨୯.୫ | ୧୨.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମା’ ହେଲେ ନେହା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନେହା ଧୂପିଆ ରବିବାର ଏକ କନ୍ୟାସନ୍ତାନର ମା’ ହୋଇଛନ୍ତି। ଏଥିପାଇଁ ନେହା ଏବଂ ତାଙ୍କ ସ୍ୱାମୀ ଅଙ୍ଗଦ ବେଦୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନେହା ରବିବାର ସକାଳେ ସ୍ଥାନୀୟ ଓ୍ୱମେନ୍‌ସ ହସ୍ପିଟାଲ୍‌ରେ ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଥିଲେ। ଉଭୟ ମା’ ଓ ଶିଶୁ ବର୍ତ୍ତମାନ ସୁସ୍ଥ ଅଛନ୍ତି। ଚଳିତ ବର୍ଷ ମେ’ ମାସରେ ନେହା ଓ ଅଙ୍ଗଦ ବିବାହ ବନ୍ଧନରେ ବାନ୍ଧିହୋଇ ସମସ୍ତଙ୍କୁ ବିସ୍ମିତ କରିଥିଲେ। ତେବେ ନେହା ଗର୍ଭବତୀ ହୋଇଥିବା ଖବର ସେମାନେ ଅଗଷ୍ଟ ମାସରେ ଗଣମାଧ୍ୟମକୁ ଜଣାଇଥିଲେ। ଦୁହେଁ ଶିଶୁକନ୍ୟାକୁ ଧରି ପୋଜ୍ ଦେଉଥିବାର ଏକ ଫଟୋଗ୍ରାଫ୍ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ଗୋଟିଏ ଫଟୋରେ ଅଙ୍ଗଦ ଶିଶୁକନ୍ୟାକୁ ଦୋଳାରେ ଝୁଲାଉଥିବା ବେଳେ ଅନ୍ୟ ଏକ ଫଟୋରେ ସେ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ଦେଖାଯାଉଛି। ନେହା ବିବାହର ୬ମାସ ପରେ ପ୍ରସବ କରିଥିବାରୁ ଏହା ପଛରେ ଯେଉଁ ଗୁଜବ ସୃଷ୍ଟି ହୋଇଥିଲା ତାହା ସତ୍ୟରେ ପରିଣତ ହୋଇଛି। ଏ ସମ୍ପର୍କରେ ଅଙ୍ଗଦ ମଧ୍ୟ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଲେଖା ପୋଷ୍ଟ କରିଛନ୍ତି -‘ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା ତାହା ସତ୍ୟର ରୂପ ନେଇ ପଦାକୁ ଆସିଛି।’



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୧୯/୨୦୧୮ Sambalpur, Monday, November 19/ 2018 | ପୃଷ୍ଠା-୧


**ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଉପରେ ଧ୍ୟାନ ଦିଅ**
କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ଉଚିତ ହେବ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ପରାମର୍ଶ ଦେଇଛନ୍ତି। ୧୧

୧୦ **ପଙ୍କଜଙ୍କୁ ଡବଲ ଟାଇଟଲ**
ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ର ଉଭୟ ଲଙ୍ଗ୍ ଓ ଶର୍ଟ ଫର୍ମାଟ ଜିତି ପଙ୍କଜ ଆଡ୍‌ଭାନୀ ଗ୍ରାଣ୍ଡ୍ ଡବଲ ସଫଳତା ହାସଲ କରିଛନ୍ତି।






## ଉତ୍ତର ଉପକୂଳବର୍ତ୍ତୀ ଜିଲାରେ ପଡ଼ିବ ଘନ କୁହୁଡ଼ି

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)**

ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ଆଚ୍ଛାଦିତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ପାହାନ୍ତିଆ ପ୍ରହରରୁ ରାଜ୍ୟର କେତେକ ଅଞ୍ଚଳରେ ଶୀତ ଅନୁଭୂତ ହେଲାଣି। ରବିବାର ସନ୍ଧ୍ୟା ସୁଦ୍ଧା ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୧୧.୨ଡିଗ୍ରୀ ଏବଂ ଦାରିଙ୍ଗବାଡିରେ ୧୨ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଛି। ଫଳରେ ଜିଲାରେ ଶୀତ ପଡ଼ିଥିବା ଦେଖାଯାଇଛି। ସେହିପରି ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୫.୬ ଡିଗ୍ରୀ ସେଲସିୟସ୍ ରହିଛି। ☞ପୃଷ୍ଠା-୨

# ଦମନକୁ ଦମନ


କଟା ଯାଇଥିବା ଗଛ ମୂଳରେ ମହିଳାମାନେ ନୂଆ ଚାରା ପୋତୁଛନ୍ତି।

- ପ୍ରସ୍ତାବିତ ବିୟର ଫ୍ୟାକ୍ଟ୍ରିକୁ ବିରୋଧ ଜାରି
- କଟାଯାଇଥିବା ଗଛ ମୂଳେ ପୋତିଲେ ଚାରା
- ପୂଜାର୍ଚ୍ଚନା, ସଂକୀର୍ତ୍ତନରେ କମ୍ପିଲା ଅଞ୍ଚଳ
- କଡ଼ା ନିନ୍ଦା କଲେ ପରିବେଶବିତ୍

**ଭୁବନେଶ୍ୱର ବ୍ୟୁରୋ/ଓଡ଼ାପଡ଼ା (ଡି.ଏନ.ଏ.), ୧୮।୧୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ଗ୍ରାମରେ ପ୍ରସ୍ତାବିତ ବିୟର ଫ୍ୟାକ୍ଟ୍ରି ଲାଗି ହେଉଥିବା ଗଛକଟା ଉପରେ ଲାଗିଛି ରୋକ୍। ତୁରନ୍ତ ଗଛକଟା ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଘଟଣା ଉପରେ ନଜର ରଖିବାକୁ ସେ ଆରଡିସିଙ୍କୁ ମଧ୍ୟ ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ସତ୍ତ୍ୱେ ପ୍ରଶାସନ ପ୍ରରୋଚନାରେ ମାତ୍ର କେଇ ଘଣ୍ଟାରେ କାଟି ଦିଆଯାଇଥିଲା ୪୦୦ରୁ ଊର୍ଦ୍ଧ୍ୱ ଗଛ। ଗ୍ରାମବାସୀଙ୍କ ଭାବାବେଗକୁ ଅଣଦେଖା କରି କଳ, ବଳ, କୌଶଳ ଖଟାଇ ବିରୋଧକୁ ଦମନ କରିଦିଆଗଲା। ମଦ ଫ୍ୟାକ୍ଟ୍ରି ପାଇଁ ମୂଲ୍ୟବାନ ଗଛ ବଳିପଡ଼ିବା ପରେ ଏହାକୁ ନେଇ ଚାରିଆଡ଼ୁ ପଡ଼ିଥିଲା ପ୍ରବଳ ଚାପ। ବିଧାନସଭାରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ଏହାପରେ ମୁଖ୍ୟମନ୍ତ୍ରୀ ଦମନକାରୀଙ୍କୁ ଦମନ କରିଛନ୍ତି।

ସରକାରୀ ନିର୍ଦ୍ଦେଶ ପରେ ଗଛକଟା ଉପରେ ପ୍ରତିବନ୍ଧକ ଲଗାଯିବା ସତ୍ତ୍ୱେ ପ୍ରସ୍ତାବିତ ପ୍ଲାଣ୍ଟ ସଂଲଗ୍ନ ଅଞ୍ଚଳରେ ଉତ୍ତେଜନା ଥମିବାର ନାଁ ଧରୁନି। ରବିବାର ପୂର୍ବାହ୍ନରେ ଶତାଧିକ ଅଞ୍ଚଳବାସୀ ଘଣ୍ଟ ଘଣ୍ଟା, ଖୋଳତାଳ, ସଂକୀର୍ତ୍ତନ ମଣ୍ଡଳୀ ସହିତ ପ୍ରସ୍ତାବିତ ପ୍ଲାଣ୍ଟ ଅଞ୍ଚଳରେ ପ୍ରବେଶ କରି ପ୍ରଶାସନ ଏବଂ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିସହ କଟାଯାଇଥିବା ଗଛ ମୂଳରେ ପୂଜାର୍ଚ୍ଚନା କରାଯାଇଥିଲା। କେତେଜଣ ମହିଳା କାଟି ଦିଆଯାଇଥିବା ଗଛମୂଳରେ ବସି ଆତ୍ମୀୟସ୍ୱଜନଙ୍କ ମୃତ୍ୟୁରେ କାନ୍ଦାକଟା କଲା ଭଳି ବାହୁନି ବାହୁନି କାନ୍ଦୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ☞ପୃଷ୍ଠା-୨

## ଅମୃତସରରେ ଆତଙ୍କବାଦୀ ଆକ୍ରମଣ

**ନିରଙ୍କାରୀ ଶ୍ରଦ୍ଧାଳୁଙ୍କୁ ଟାର୍ଗେଟ: ୩ ନିହତ, ୨୦ ଆହତ**

**ଚଣ୍ଡିଗଡ଼/ଅମୃତସର, ୧୮।୧୧ (ପି.ଟି./ଆଇଏଏନ୍‌ଏସ୍)**

ପଞ୍ଜାବର ଅମୃତସରସ୍ଥିତ ରାଜାସାଂସିରେ ରବିବାର ଆତଙ୍କବାଦୀ ଆକ୍ରମଣ ହୋଇଛି। ନିରଙ୍କାରୀ ପନ୍ଥର ଧାର୍ମିକ ସମାଗମ ବେଳେ ଆତଙ୍କବାଦୀମାନେ ଶ୍ରଦ୍ଧାଳୁଙ୍କ ଉପରକୁ ଗ୍ରେନେଡ୍ ମାଡ଼ କରିଛନ୍ତି। ଏଥିରେ ୩ ନିହତ ଓ ୨୦ ଆହତ ହୋଇଛନ୍ତି। ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଆକ୍ରମଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂଙ୍କ ସହ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି।

ଅମୃତସରରୁ ୧୫ କି.ମି. ଦୂରରେ ରାଜାସାଂସି ଅବସ୍ଥିତ। ଏହା ନିକଟସ୍ଥ ଆଦ୍‌ଲିୱାଲ ଗ୍ରାମରେ ରହିଛି ନିରଙ୍କାରୀ ଭବନ। ସେଠାରେ ରବିବାର ନିରଙ୍କାରୀ ପନ୍ଥର ପ୍ରାୟ ୨୦୦ ଅନୁଗାମୀ ଏକତ୍ରିତ ହୋଇଥିଲେ। ପ୍ରାର୍ଥନା କକ୍ଷରେ ସାପ୍ତାହିକ ଆଧ୍ୟାତ୍ମିକ ବୈଠକ ଚାଲିଥିବାବେଳେ ଦୁଇଜଣ ମୁଖାପିନ୍ଧା ବାଇକ୍ ଆରୋହୀ ଆସି ସେମାନଙ୍କୁ ଟାର୍ଗେଟ କରିଥିଲେ। ଦୁଇ ଆତଙ୍କବାଦୀ ଗ୍ରେନେଡ୍ ମାଡ଼ କରି ସେଠାରୁ ଫେରାର ହୋଇଯାଇଥିଲେ। କେହି କିଛି ବୁଝିବା ପୂର୍ବରୁ ୩ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଯିବା ସହ ୨୦ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ପଞ୍ଜାବ ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାଗୁଡ଼ିକ ଆତଙ୍କବାଦୀଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପଞ୍ଜାବର ଫିରୋଜପୁର ଅଞ୍ଚଳରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୬/୭ ଆତଙ୍କବାଦୀ ବୁଲୁଥିବା ନେଇ ଗତ ୧୪ରେ ହାଇଆଲର୍ଟ ଜାରି କରାଯାଇଥିବାବେଳେ ଏହି ଆକ୍ରମଣ ଘଟିଛି। ଆକ୍ରମଣକୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କ ☞ପୃଷ୍ଠା-୨

## ବଡ଼ଗାଁରେ ଗୁଳିକାଣ୍ଡ ଯୁବକଙ୍କ ଉପରକୁ ଗୁଳିମାରି ୨ ଦୁର୍ବୃତ୍ତ ଫେରାର୍

**ସୁନ୍ଦରଗଡ଼/ବଡ଼ଗାଁ, ୧୮।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକ ନିକଟ ଚଳନାମୁଣ୍ଡାପଡ଼ାରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାବେଳେ ଗୁଳିକାଣ୍ଡ ଘଟିଛି। ଜଣେ ଯୁବକଙ୍କ ଉପରକୁ ୨ଜଣ ଦୁର୍ବୃତ୍ତ ଗୁଳିଚାଳନା କରି ଫେରାର୍ ହୋଇଯାଇଛନ୍ତି। ଗୁଳିମାଡରେ ଆହତ ନିରନ୍ ଡ଼ନସନା (୪୫)ଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଛି। ତାଙ୍କର ବାମଗୋଡରେ ଗୋଟିଏ ଗୁଳି ବାଜିଥିବା ଜଣାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଉପରକୁ ଗୁଳିଚାଳନା ହୋଇଥିବା ସନ୍ଦେହ କରାଯାଉଛି। ☞ପୃଷ୍ଠା-୨

## ଆକ୍ରମଣରେ ପରିବାରର ୩ ସଦସ୍ୟ ମୃତ

- ଅଭିଯୁକ୍ତ ଧରମପୁଅ ଗିରଫ
- ପାରିବାରିକ ସମସ୍ୟା ହତ୍ୟାର ମୂଳ ଉଦ୍ଦେଶ୍ୟ
- ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍‌ର ନମୁନା ସଂଗ୍ରହ

**କେନ୍ଦ୍ରାପଡା ଅଫିସ, ୧୮।୧୧**

କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ଶନିବାର ରାତିରେ ଧରମ ପୁଅର ଠେଙ୍ଗା ମାଡରେ ମା'ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ରବିବାର ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଧରମ ବାପା ଧୋଇ ଦାସ ଓରଫ ଧ୍ରୁବ (୮୦), ମା'ସରସ୍ୱତୀ ଦାସ(୭୦) ଓ ଭଉଣୀ ପ୍ରତିମା(୪୫)। ସେହିପରି ନିଜ ମା' କେତକୀ ପ୍ରଥମେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ଅମରବିକ୍ରମ ଦାସ (୩୨)ଙ୍କୁ ପୋଲିସ ସ୍ଥାନୀୟ ଅଞ୍ଚଳର ଯୋକିଆରୁ ଗିରଫ କରିଛି। ଜିଲା ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ☞ପୃଷ୍ଠା-୨






**ଆଜିର ସମ୍ପାଦକୀୟ**

**ସିବିଆଇକୁ ମନା**

**ଆଜିର ମନ୍ତବ୍ୟ**

"କଂଗ୍ରେସ ହେଉଛି ନେହେରୁ-ଗାନ୍ଧୀ ପରିବାରର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ।"
–ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ-ଅକ୍ଟୋବର ମାସ ମଧ୍ୟରେ ଦେଶରେ କୋଇଲା ଉତ୍ପାଦନ ୧୦% ବୃଦ୍ଧି ଘଟି ୩୭୦ ନିୟୁତ ଟନ୍ ଛୁଇଁଛି। ଏହା ଗତ ବର୍ଷ ସମାନ ସମୟରେ ୩୩୫ ନିୟୁତ ଟନ୍ ରହିଥିଲା।
–କୋଲ୍ ଇଣ୍ଡିଆ ଲିମିଟେଡ୍


NECC NATIONAL EGG CO-ORDINATION COMMITTEE 18.11.2018 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 52 | 96 | 106 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 55 | 100 | 110 |
| ANG | 60 | 106 | 116 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


## ପୁଣି ଚର୍ଚ୍ଚାରେ କଳିଙ୍ଗନଗର ଗୁଳିକାଣ୍ଡ

# ସ୍ମୃତିସ୍ତମ୍ଭ ନିକଟରୁ କଟା ପାପୁଲି ଉଦ୍ଧାର

- ଡିଏନଏ ଟେଷ୍ଟ ପାଇଁ ସୁରକ୍ଷିତ ରଖାଯାଇଥିଲା
- ବିସ୍ଥାପନ ବିରୋଧୀ ଜନମଞ୍ଚ ପକ୍ଷରୁ ଉତ୍ତେଜନା
- କଳିଙ୍ଗନଗର ଥାନାରେ ଅଭିଯୋଗ

**ଯାଜପୁର ଅଫିସ, ୧୮।୧୧**

ଦୀର୍ଘ ୧୨ବର୍ଷଧରି କୁହୁଳୁଥିବା ଲୋମହର୍ଷଣକାରୀ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ରବିବାର ପୁଣି ଅଗ୍ନି ସଂଯୋଗ ହୋଇଛି। ୨୦୦୬ ଜାନୁୟାରୀ ୨ରେ ହୋଇଥିବା ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିବା ୧୩ଜଣ ଆଦିବାସୀଙ୍କ ମଧ୍ୟରୁ ୫ଜଣଙ୍କ କଟା ହାତ ପାପୁଲିକୁ କେମିକାଲ ଭର୍ତ୍ତି ପ୍ଲାଷ୍ଟିକ ଜାର୍ ଭିତରେ ନିକଟସ୍ଥ କ୍ଲବ ଘରେ ସାଇତି ରଖାଯାଇଥିଲା। ମାତ୍ର ଶନିବାର ରାତିରେ କେହି ଦୁର୍ବୃତ୍ତ ବୀରଭୂମିସ୍ଥିତ କ୍ଲବ ଘର ତାଲା ଭାଙ୍ଗି ଉକ୍ତ ଜାର୍‌ରୁ ହାତ ପାପୁଲିଗୁଡ଼ିକୁ କାଢ଼ି ଛିନ୍‌ଭିନ କରି ଶହୀଦ ସ୍ତମ୍ଭ ଚାରିପାଖେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଯାହାକି ଗୁଳିକାଣ୍ଡରେ ଶହୀଦ ହୋଇଥିବା ପରିବାରବର୍ଗ ଏବଂ ବିସ୍ଥାପନ ବିରୋଧି ଜନମଞ୍ଚର ସଭ୍ୟାସଭ୍ୟଙ୍କୁ ଗଭୀର ଆଘାତ ଦେଇଛି। ରବିବାର ସକାଳେ ଏହି ଘଟଣା ପ୍ରଚାରିତ ହେବା ପରେ ଜନମଞ୍ଚର ୩୦୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ଏକତ୍ରିତ ହୋଇ ଘଟଣାକୁ ନିନ୍ଦା କରିବା ସହିତ ଟାଟା ଓ ସରକାରଙ୍କ ବିରୋଧରେ ବିକ୍ଷୋଭଗାର କରିଥିଲେ। ତେବେ କଳିଙ୍ଗନଗର ଥାନା ଆଇଆଇସି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏ ନେଇ ବିସ୍ଥାପନ ବିରୋଧୀ ଜନମଞ୍ଚ ଓ ଗୁଳିକାଣ୍ଡରେ ଶହୀଦ ହୋଇଥିବା ଭଗବାନ ସଏଙ୍କ ମା' ସିନି କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଘଟଣାକୁ ଗମ୍ଭୀରତାର ସହ ନେଇ ଏକ ମାମଲା (ନଂ. ୧୫୯/୧୮) ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୂଚନା ଥାଉକି, କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ୧୩ଜଣ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। ମୃତଦେହଗୁଡ଼ିକୁ ଯାଜପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ତାହା ଭଗବାନ ସଏ, ଲାଣ୍ଡୁ ଜାରିକା, ହାଟି ଜାମୁଡା, ରାମ ଗାଗରାଇ ଏବଂ ମୁକୁଟା ବାଙ୍କରାଙ୍କ ହାତ ପାପୁଲି କଟା ଯାଇଥିବା ଜଣାପଡିଥିଲା। ସେତେବେଳେ ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏନେଇ ତୁମ୍ଭିତୋଫାନ କଲା ପରେ ପୋଲିସ ପ୍ରଶାସନ ପକ୍ଷରୁ ହାତ ପାପୁଲିଗୁଡ଼ିକୁ ଆଦିବାସୀଙ୍କୁ ହସ୍ତାନ୍ତର ☞ପୃଷ୍ଠା-୨



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରିତମ୍
ପରିବାରବର୍ଗ


ଆଶ୍ୱାସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ଘାଟିରେ ଅଟକିଲା ଟ୍ୟାଙ୍କର

# ୩ ଘଣ୍ଟା ଟ୍ରାଫିକ ଜାମ୍

**ରାୟଗଡ଼ା ଅଫିସ, ୧୮।୧୧**

ରାୟଗଡ଼ା ଜିଲା ସଦର ମହକୁମାଠାରୁ ମାତ୍ର ୧୫ କିମି ଦୂରରେ ଥିବା ଗୁମ୍ମା ଘାଟିରେ ରବିବାର ସକାଳେ ଏକ ଟ୍ୟାଙ୍କର ଅଟକି ରହିଥିଲା । ରାୟଗଡ଼ାରୁ ଜୟପୁର ଅଭିମୁଖେ ଯାଉଥିବା ଏହି ଟ୍ୟାଙ୍କରଟି ଘାଟି ଉପରକୁ ଚଢ଼ିବା ସମୟରେ ହଠାତ୍ ଗାଡ଼ିର କ୍ଲଚପ୍ଲେଟ ଭାଙ୍ଗି ଚକାରେ ପଶିଯିବାରୁ ଟାୟାର ଫାଟି ଯାଇଥିଲା। ଫଳରେ ଗାଡ଼ିଟି ରାସ୍ତା ମଝିରେ ରହି ଯାଇଥିଲା। ଉକ୍ତ ଗାଡ଼ି ପଛରେ ଆସୁଥିବା ଏକ ଟ୍ରେଲର ମଧ୍ୟ ଅଟକି ରହିଥିଲା । ଏହାକୁ ନେଇ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ପ୍ରାୟ ୩ ଘଣ୍ଟା ଧରି ଘାଟିର ଦୁଇ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାୟଗଡ଼ାରୁ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାୟଗଡ଼ା ଥାନା ପୋଲିସ ଓ କୁମ୍ଭିକୋଟା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିଥିଲା ।


ରାସ୍ତାରେ ଅଟକି ରହିଥିବା ଟ୍ରେଲର ।











**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9487

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Jatani gate ପାଖରେ NHକୁ ଲାଗି ଘରବାରି boundarywall plot ବିକ୍ରିହେବ। 9778556265. D-64380

Khordha Kumarbasta International Airport ପାଖରେ yellowzone plot 129/-ରେ ମିଳୁଅଛି। 6371499131. D-64379

GA, industrial 6000, 40000, 16000 sqft. Mancheswar, Patia, Bhubaneswar. 8599059704. D-9525






**2BHK with study Royal Lagoon, Raghunathpur, Patia for family. 9776505301.** D-9512

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

**Birthday Wish**



**Suchitra Behera**
Cuttack, Choudwar
Sending you smiles for every moment of your special day. Have a wonderful time and a very Happy Birthday. Hope your special day brings you all that your heart dezires. When someone near and dear to your heart turns another your older, you will want to do everything you can make their day extra memorable. D-9527

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବସ୍‌ରେ ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର

**ମୁନିଗୁଡ଼ା,୧୮।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ାରେ ବସରେ ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇଛି । ଏଥିସହ ବସଷ୍ଟାଣ୍ଡ, ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ପୋଷ୍ଟର ଲାଗିଛି । ଉକ୍ତ ପୋଷ୍ଟରଗୁଡିକ ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡ଼ିଶା ଅଭିଯାନର ରାୟଗଡା ଜିଲା କମିଟି ପକ୍ଷରୁ ଲଗାଯାଇଛି । ଶନିବାର ମାଓବାଦୀଙ୍କ ତରଫରୁ ଜାରି କରାଯାଇଥିବା ଅଡ଼ିଓ ଟେପ୍‌କୁ ବିରୋଧ କରାଯାଇଛି । ସେହିପରି ଆଦିବାସୀମାନଙ୍କ ବିକାଶ କରିବାକୁ କହୁଥିବା ବାଂଶଧାରା ଘୁମୁସୁରା ନାଗାବଳୀ ଡିଭିଜନାଲ କମିଟି ସମ୍ପାଦକ କାହିଁକି ଆଦିବାସୀ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରୁଛନ୍ତି । ଯଦି ଆଦିବାସୀଙ୍କ ବିକାଶ ଓ ଚାଷର ଉନ୍ନତି ଚାହୁଁଛ ତେବେ ବନ୍ଧୁକ ଛାଡି ସରକାରଙ୍କ ସହ ହାତ ମିଳାଇ ଚାଷ ପ୍ରକ୍ରିୟାରେ ସହଯୋଗ କରିବା ନେଇ ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି ।

## ଏକଗୋଡ଼ିଆ ଶିଶୁକନ୍ୟା ଜନ୍ମ

**ତିହିଡ଼ି, ୧୮।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ସକାଳେ ଜଣେ ଗର୍ଭବତୀ ମହିଳା ଏକ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ଏହି ନବଜାତ ଶିଶୁକନ୍ୟାଙ୍କର ବାମଗୋଡ଼ ନାହିଁ। ତାଙ୍କ ଡାହାଣ ହାତରେ କେତୋଟି ଆଙ୍ଗୁଳି ମଧ ନାହିଁ। ଏହି ଦିବ୍ୟାଙ୍ଗ ଶିଶୁକନ୍ୟା ଜନ୍ମ ନେବା ପରେ ସୁସ୍ଥ ଅଛନ୍ତି। ସ୍ଥାନୀୟ ମୁକୁନ୍ଦପୁର ଗ୍ରାମର ବିଦ୍ୟାଧର ଦଳେଇଙ୍କ ସ୍ତ୍ରୀ ମାମା ଦଳେଇ ଗର୍ଭକଷ୍ଟ ପାଇବାରୁ ତାଙ୍କୁ ଶନିବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳେ ସେ ଏହି ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଏଥିପୂର୍ବରୁ ତାଙ୍କର ଅନ୍ୟ ଦୁଇପିଲା ରହିଛନ୍ତି। ନବଜାତ ଶିଶୁକନ୍ୟାଙ୍କ ସମସ୍ତ ଅଙ୍ଗ ପରିପକ୍ୱ ଥିବାବେଳେ ଗୋଟିଏ ଗୋଡ଼ ନ ଥିବା ଜଣାପଡ଼ିବା ପରେ ତାଙ୍କୁ ଦେଖିବା ଲାଗି ବେଶ୍ ଭିଡ଼ ଜମିଥିଲା।


## ମନେ ପଡ଼ନ୍ତି

**ତ୍ରୟୋବିଂଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱ/ବନଲତା ଦେବୀ**
ଆବିର୍ଭାବ : ୦୮/୧୧/୧୯୨୬
ତିରୋଧାନ : ୦୩/୧୧/୧୯୯୫
(କାର୍ତ୍ତିକ ମାସ, ଶୁକ୍ଳପକ୍ଷ ବଡ଼ ଏକାଦଶୀ)
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତିପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥"
ଯିଏ ଏ ପୃଥିବୀ ପୃଷ୍ଠରେ ଜନ୍ମ ହୋଇଛି ସେ ନିଶ୍ଚିତ ଭାବରେ ଦିନେ ଏ ସଂସାରରୁ ଯିବ। ଏହା ହେଉଛି ସୃଷ୍ଟିର ନିୟମ। କିନ୍ତୁ ତୁମର ସ୍ନେହ, ଶ୍ରଦ୍ଧା, ପ୍ରେମ ମୋ ଆଖି ଆଗରେ ଝଲସୁଛି । ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ମୋର ତୁମର ଏହି ପବିତ୍ର ତ୍ରୟୋବିଂଶ ଶ୍ରାଦ୍ଧ ଦିବସରେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରଣାମ। **ଦେବୀ ପ୍ରସାଦ ମହାପାତ୍ର**
ଧ-୬୪୫୩୭

**୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ହାରାମଣି ଦେଇ**
ଚଉଦକୁଲାଟ (ନୀଳକଣ୍ଠପୁର)
କେନ୍ଦ୍ରାପଡ଼ା
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ପୁଅ- ଭାଗବତ ମହାନ୍ତି, ଝିଅ- ସଜନୀ, ନାତି, ନାତୁଣୀବୋହୂ, ନାତୁଣୀ, ଅଣନାତି, ଅଣନାତୁଣୀ, ଭଣଜା, ଭାଣିଜୀ ଓ ବନ୍ଧୁବର୍ଗ।
ଧ-୯୪୯୯

**ଏକାଦଶାହ ଉପଲକ୍ଷେ**



**ସ୍ୱ ପ୍ରଫୁଲ୍ଲ କୁମାର ମହାନ୍ତି**
ବୋଳମଣ୍ଡପ ସାହି, ହଳଦିଆ ମଠ ଗଳି, ପୁରୀ
ଆବିର୍ଭାବ : ୦୧.୦୮.୧୯୩୭
ତିରୋଧାନ : ୦୯.୧୧.୨୦୧୮
ବାପା, ଚାହୁଁ ଚାହୁଁ ୧୧ଦିନ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କ ପାଇଁ ସର୍ବଦା ଅତୁଟ ରହୁ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ-ବସନ୍ତ, ପୁତ୍ର-ଦେବାଶିଷ, ଶୁଭାଶିଷ, ପୁତ୍ରବଧୂ - ବବିତା, ବଧୂଲୀକା, ନାତି, ନାତୁଣୀ-ବବ୍‌ଲୁ, ବୁବୁଲି, ଭାଇ, ଭଉଣୀ ଓ ଆତ୍ମୀୟସ୍ୱଜନ
ଧ-୯୫୨୬

**୨୮ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନଟବର ଦେବତା**
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ପବିତ୍ର କାର୍ତ୍ତିକମାସ ବଡ ଏକାଦଶୀ ଚାହିଁ ଚାହିଁ ୨୮ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ହୃଦୟରେ ଚିର ସ୍ମରଣୀୟ ହୋଇରହିବ। ଆପଣଙ୍କ ଅମରାତ୍ମା ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ, Sree Natabar Debata M/S. Balaram Febrics. ଧ-୬୨୦୫୭


ପ୍ରଥମ ପୃଷ୍ଠାରୁ...

## ସ୍ମୃତିସ୍ତମ୍ଭ ନିକଟରୁ...

କରାଯାଇଥିଲା। ତେବେ କେଉଁ ହାତ ପାପୁଲି କାହାର ପରିବାର ଲୋକେ ଚିହ୍ନି ପାରି ନ ଥିଲେ। ତେଣୁ ମୃତକଙ୍କ ପରିବାର ଲୋକେ ଡିଏନ୍‌ଏ ପରୀକ୍ଷା କରିବାକୁ ଦାବି କରିଥିଲେ। କିନ୍ତୁ କେହି ନ ଶୁଣିବାରୁ ଆଜକୁ ୧୨ବର୍ଷ ହେବ ବୀରଭୂମିସ୍ଥିତ କ୍ଳବ ଘରେ ଏକ ପ୍ଲାଷ୍ଟିକ ଜାର ଭିତରେ କେମିକାଲ ମିଶାଇ ହାତ ପାପୁଲିଗୁଡିକୁ ରଖାଯାଇଛି। ଏବେ ବି ସରକାର ଡିଏନଏ ଟେଷ୍ଟ କରି ହାତ ପାପୁଲି ଚିହ୍ନଟ କରିବେ ବୋଲି ମୃତକ ଆଦିବାସୀଙ୍କ ପରିବାରବର୍ଗ ଆଶା ବାନ୍ଧିଛନ୍ତି। ତେବେ ଗୁଳିକାଣ୍ଡ ଘଟଣାକୁ ନେଇ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ହୋଇଥିଲା ବେଳେ ଏହି ତଦନ୍ତରେ ପ୍ରଥମେ ଏସ.ଏସ. ନାଇଡୁ କମିଶନ ଦାୟିତ୍ୱରେ ରହିଥିଲେ। ଦ୍ୱିତୀୟରେ ଆର.କେ. ପାତ୍ର କମିଶନ ଏବଂ ତୃତୀୟ ପର୍ଯ୍ୟାୟରେ ଜଷ୍ଟିସ ପି.କେ. ମହାନ୍ତି କମିଶନଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ନାଇଡୁ କମିଶନଙ୍କୁ ୬ମାସ ମଧ୍ୟରେ ତଦନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ କମିଶନ ତଦନ୍ତ କାର୍ଯ୍ୟ ଆରମ୍ଭ କରିଥିବାବେଳେ ହଠାତ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କୁ କୌଣସି ତଦନ୍ତ ଦାୟିତ୍ୱ ଦିଆଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଫଳରେ ୨୦୦୭ ମେ'ରେ କମିଶନ କାର୍ଯ୍ୟରୁ ସେ ଓହରି ଯାଇଥିଲେ। ୨୦୦୮ରେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଆର.କେ. ପାତ୍ରଙ୍କୁ ଗୁଳିକାଣ୍ଡର ତଦନ୍ତ କମିଶନ ଭାବେ ଦାୟିତ୍ୱ ଦେଇଥିଲେ। କିଛିଦିନ ଧରି ସେ ତଦନ୍ତ କରୁଥିବାବେଳେ ସରକାର ତାଙ୍କୁ ଲୋକପାଳ ଦାୟିତ୍ୱ ଦେଇଥିଲେ। ୨୦୧୦ରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପି.କେ. ମହାନ୍ତିଙ୍କୁ ପୁଣି ଦାୟିତ୍ୱ ଦିଆଯାଇଥିଲା। ଗତ ୨୦୧୭ ଡିସେମ୍ବରରେ କମିଶନ ତଦନ୍ତ ପ୍ରକାଶ ପାଇଥିଲା। ଏଥିରେ କାହାର ଦୋଷ ନାହିଁ ବୋଲି କମିଶନ ଦର୍ଶାଇଥିଲେ, ଯାହାକୁ ନେଇ ବିସ୍ଥାପନ ବିରୋଧୀ ଜନମଞ୍ଚ ସମେତ ବିଭିନ୍ନ ଅନୁଷ୍ଠାନ ରିପୋର୍ଟ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷେ ରବିବାର ହାତ ପାପୁଲି ଫିଙ୍ଗିବା ଘଟଣା ମୃତକ ପରିବାରବର୍ଗଙ୍କ ପୋଡା ଘା'ରେ ଚୂନ ଦେବା ଭଳି ହୋଇଛି। ୨୦୧୫ ଆଜିର ଦିନରେ ଟାଟା ଷ୍ଟିଲ ଉଦ୍‌ଘାଟିତ ହୋଇଥିଲା। ତେଣୁ ଟାଟା ଷ୍ଟିଲ କର୍ତ୍ତୃପକ୍ଷ ଗୁଣ୍ଡା ଲଗାଇ ଶହୀଦ ଆଦିବାସୀଙ୍କ ହାତ ପାପୁଲିଗୁଡ଼ିକୁ ଫିଙ୍ଗି ଦେଇଛନ୍ତି ବୋଲି ସିନି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରି ଆଇନ ଅନୁସାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ଦମନକୁ...

ଅନ୍ୟ କେତେଜଣ ମହିଳା କଟା ଯାଇଥିବା ଗଛ ମୂଳରେ ନୂତନ ଚାରା ରୋପଣ କରିଥିଲେ। ହରିବୋଲ ହୁଳହୁଳି ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। କୌଣସି ପରିସ୍ଥିତିରେ ପ୍ରସ୍ତାବିତ ଅଞ୍ଚଳରେ ମଦ କାରଖାନା କରାଇ ଦିଆଯିବନାହିଁ ବୋଲି ସେମାନେ ପ୍ରଶାସନକୁ ଚରମବାଣୀ ଶୁଣାଇଛନ୍ତି। ଲୋକଙ୍କ ଦାବିକୁ ଅଣଦେଖା କରାଗଲେ ପରିସ୍ଥିତି ଭୟାବହ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ପରିବେଶ୍ୱିତ ପ୍ରଫୁଲ୍ଲ ସାମନ୍ତରା ପହଞ୍ଚି ସମସ୍ତ ଘଟଣାବଳୀ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଏପରି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ। ମୁଖ୍ୟମନ୍ତ୍ରୀ ଗଛକଟା କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ସହ ଆର୍‌ଡିସିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି। ଏଥିସହ ମଦ କମ୍ପାନୀ ପ୍ରତିଷ୍ଠା ନିଷ୍ପତ୍ତି ପ୍ରତ୍ୟାହାର, ଅଞ୍ଚଳବାସୀଙ୍କୁ କ୍ଷତିପୂରଣ, ତୁରନ୍ତ ଉକ୍ତ ଅଞ୍ଚଳରେ ବନୀକରଣ, ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଫୁଲ୍ଲ ଦାବି କରିଛନ୍ତି। ସେହିପରି ପୂର୍ବତନ ଭାଜପା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ଉପସଭାପତି ରମେଶ ଚନ୍ଦ୍ର ସାମଲ, ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଗଛକଟା ଲାଗି ପ୍ରଶାସନକୁ ଦାୟୀ କରିଛନ୍ତି। ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଇଙ୍ଗିତରେ ଏଭଳି କାର୍ଯ୍ୟ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ, ବଳରାମପୁରରେ ଗାୟତ୍ରୀ ଗ୍ରୁପ୍ ତରଫରୁ ପି ଆଣ୍ଡ ଏ ବଟ୍‌ଲର୍ସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ପକ୍ଷରୁ ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ଲାଗି ଶନିବାର ପ୍ରଶାସନ ବଳପୂର୍ବକ ବ୍ୟାପକ ଗଛ କାଟିଥିଲା। ଏହାକୁ ନେଇ ଅଞ୍ଚଳବାସୀ ଏବଂ ପୋଲିସ ଛକାପଞ୍ଝା ହେବା ସହ ସମ୍ପୃକ୍ତ ଅଞ୍ଚଳ ପାଲଟିଥିଲା ରଣକ୍ଷେତ୍ର। ଏ ନେଇ ନଂ. ୧୬୯/୧୮, ୧୭୪/୧୮, ଦଫା ୧୦୭ରେ ଦୁଇଟି ମାମଲା ରୁଜୁ କରାଯାଇ ୩ ମହିଳାଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଥିଲା। ଉପଜିଲାପାଳଙ୍କ କୋର୍ଟରେ ହାଜର କରାଯିବା ପରେ ସେଠାରୁ ସମସ୍ତଙ୍କୁ ଜାମିନରେ ମୁକୁଳିଥିଲେ।

## ଆକ୍ରମଣରେ...

ଥାନା ଅଧିକାରୀ ସୁଜିତ ପ୍ରଧାନ ଘଟଣାର ଅନୁସନ୍ଧାନ କରୁଛନ୍ତି । ପାରିବାରିକ ସମସ୍ୟା ହତ୍ୟାର ମୂଳ ଉଦ୍ଦେଶ୍ୟ ବୋଲି ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଅନୁଯାୟୀ, ଅମର ହେଉଛନ୍ତି ଅକ୍ଷୟଙ୍କ ପୁଅ ଏବଂ ଧ୍ରୁବ ହେଲେ ଅକ୍ଷୟଙ୍କ ଦାଦା। ଧ୍ରୁବଙ୍କ କୌଣସି ସନ୍ତାନ ନ ଥିବାରୁ ଅମରଙ୍କୁ ବର୍ଷେ ପୂର୍ବେ ପୋଷ୍ୟ ପୁତ୍ର କରିଥିଲେ ମଧ ଅମର ସ୍ତ୍ରୀ ଓ ପିଲାଙ୍କ ସହ ନିଜ ବାପ ଘରେ ରହୁଥିଲେ। ସେ ପେସାରେ ଜଣେ ଟ୍ରାକ୍ଟର ଚାଳକ। ଶନିବାର ବିଳମ୍ବିତ ରାତିରେ ସେ ମଦ ପିଇ ଘରକୁ ଆସି ସ୍ତ୍ରୀ ଝିଲିଙ୍କୁ ମାରଧର କରିଥିଲେ। ଅକ୍ଷୟ ଓ କେତକୀ ଏହାକୁ ପ୍ରତିରୋଧ କରିବାରୁ ସେ ସେମାନଙ୍କୁ ମଧ ମାଡ ମାରିଥିଲେ। ଏଥିରେ କେତକୀ ଗୁରୁତର ହୋଇଥିଲେ। କିନ୍ତୁ ଅମରଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସ୍ତ୍ରୀ ଝିଲି ନିକଟରେ ଥିବା ଧରମ ବାପାଙ୍କ ଘରକୁ ପଳାଇଥିବା ସନ୍ଦେହ କରି ଅମର ସେଠାକୁ ଯାଇ ଗଣ୍ଡଗୋଳ କରିଥିଲେ। ସେଠାରେ ଏକ ଠେଙ୍ଗାରେ ଧରମ ମା'ବାପା ଓ ଭଉଣୀଙ୍କୁ ପିଟିଥିଲେ। ଫଳରେ ସେମାନେ ଗୁରୁତର ହୋଇଥିଲେ। ପାଟିଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅମର ଫେରାର ହୋଇଯାଇଥିଲେ। ଗ୍ରାମବାସୀ ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଧ୍ରୁବ ଓ ସରସ୍ୱତୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ କେତକୀ ଓ ପ୍ରତିମାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ପ୍ରତିମାଙ୍କ ମୃତ୍ୟୁ ଘଟିଛି। ଏନେଇ ଅକ୍ଷୟଙ୍କ ସାନପୁଅ ସଂଗ୍ରାମ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ-୨୪୩/ ୧୮) ରୁଜୁ କରାଯାଇ ଅମରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ପଣ୍ଡା ସୂଚନା ଦେଇଛନ୍ତି।

## ଅମୃତସରରେ...

ବିରୋଧରେ ଯଥାସମ୍ଭବ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜନାଥ କହିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ରାଜନାଥଙ୍କ ସହ ଆଲୋଚନା ପରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଆକ୍ରମଣ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ଉପରେ ହୋଇନାହିଁ, ବରଂ ଏକ ଧାର୍ମିକ ଗୋଷ୍ଠୀକୁ ଟାର୍ଗେଟ କରାଯାଇଥିବାରୁ ଏହା ଆତଙ୍କବାଦୀଙ୍କ କାଣ୍ଡ ବୋଲି ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ସୁରେଶ ଆରୋରା ସ୍ପଷ୍ଟ କରିଛନ୍ତି।

## ଉତ୍ତର ଉପକୂଳବର୍ତ୍ତୀ...

ସାମୁଦ୍ରିକ ଝଡ ଗାଜା ତାମିଲନାଡୁରେ ସ୍ଥଳଭାଗ ଛୁଇଁବାର ୨ଦିନ ବିତିନିଏପଟେ ଦକ୍ଷିଣ-ପୂର୍ବବଙ୍ଗୋପସାଗର ଏବଂ ଭାରତ ମହାସାଗରର ପାର୍ଶ୍ୱବର୍ତ୍ତୀରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପର ଦାନା ବାନ୍ଧୁଛି ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ ଗୋଟିଏ ପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପରେ ପରିଣତ ହେବାରୁ ଉତ୍ତର ଦିଗରୁ ଶୀତଳ ବାୟୁ ରାଜ୍ୟକୁ ପ୍ରବାହିତ ହୋଇପାରୁନି। ଫଳରେ ନଭେମ୍ବର ମାସର ୩ ସପ୍ତାହ ଶେଷ ହେବାକୁ ବସିଥିଲେ ମଧ ଯେଉଁଭଳି ଭାବେ ଶୀତ ଅନୁଭୂତ ହେବା କଥା ତାହା ହୋଇନାହିଁ। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବିଶେଷଜ୍ଞ ଏଲ୍. ଗିରି କୁହନ୍ତି, ଘୂର୍ଣ୍ଣିବଳୟ ଛାଡିଯିବା ପରେ ଉତ୍ତର ପୂର୍ବଦିଗରୁ ରାଜ୍ୟକୁ ଶୀତଳ ବାୟୁ ବହିବ। ଶୀତ ଆସିବାକୁ ପାଖାପାଖି ଆଉ ଗୋଟିଏ ସପ୍ତାହ ଲାଗିଯିବ ବୋଲି ବିଶେଷଜ୍ଞ ଗିରି କହିଛନ୍ତି।

## ଯୁବକଙ୍କ ଉପରକୁ...

ଘଟଣାସ୍ଥଳରେ ଓ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜଗାଙ୍ଗପୁର ଏସ୍‌ଡ଼ିପିଓ ମଧ୍ୟ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ସନ୍ଧ୍ୟାରେ ବିଜୁଳି ଗଲା ପରେ ନିରନ୍‌ଙ୍କ ଘରକୁ ୨ ଯୁବକ ବାଇକ୍‌ରେ ଆସିଥିଲେ। ଉଭୟ ଦୁର୍ବୃତ୍ତଙ୍କ ସହିତ ନିରନ ଘର ସମ୍ମୁଖ ଗଳି ରାସ୍ତା ଉପରେ ଛିଡ଼ା ହୋଇ କୌଣସି ବିଷୟରେ ଯୁକ୍ତିତର୍କ କରିଥିଲେ। ଫଳରେ ଜଣେ ଦୁର୍ବୃତ୍ତ ଗୁଳିକରିଥିଲେ। ନିରନ ଚିଟଫଣ୍ଡ ଠକେଇରେ ସମ୍ପୃକ୍ତି ଘଟଣାରେ ଜେଲରେ ୨ମାସ ଥିଲେ। ଏହି ସମୟରେ ଅପରାଧୀଙ୍କ ସହିତ ପରିଚିତ ହୋଇ କୌଣସି ବିଷୟରେ ବିବାଦ ଉପୁଜିଥିବା କାରଣରୁ ମଧ୍ୟ ଗୁଳିମାଡ଼ ହୋଇଥିବା ଆଶଙ୍କା କରାଯାଉଛି।



ଗୁଳିମାଡରେ ଆହତ ନିରନ୍ ଡ଼ନସନା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବୃହସ୍ପତି ଦୃଷ୍ଟିରେ ମୀନ ରାଶିସ୍ଥ ଚନ୍ଦ୍ର ସତ୍‌କର୍ମରେ ଅର୍ଥର ବିନିଯୋଗ କରାଇବ। ସ୍ଥଗିତ ରହିଯାଇଥିବା କାମ ହାସଲର ଅନୁକୂଳ ସୂଚନା ପାଇ ମନ ହାଲୁକା ରହିପାରେ। ପାରିବାରିକ ସମସ୍ୟାର ସମାଧାନ ଖୁସିକୁ ଦ୍ୱିଗୁଣିତ କରିଦେବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରି ପାରନ୍ତି, ଏଣୁ ସତର୍କତା ଅବଲମ୍ବନ କରିବା ଭଲ।

**ବୃଷ**
ଆପଣଙ୍କ ରାଶି ପ୍ରତି ଚାରୋଟି ଗ୍ରହଙ୍କ ଦୃଷ୍ଟିସମ୍ପର୍କ ବହୁବିଧ କର୍ମରେ ଅନୁପ୍ରବେଶ କରାଇପାରେ। କିନ୍ତୁ ଯାତ୍ରା, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା, ବିବାଦ ପ୍ରଭୃତି ପାଇଁ ଅନୁକୂଳ ରହି ନ ପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ମିଥୁନ**
ଧନାଧିପତି କର୍ମସ୍ଥାନରେ ଅବସ୍ଥାନ କରି ଅମ୍ଳାଭ କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବେ। ତଥାପି ରାହୁ ଓ କେତୁଙ୍କ ସ୍ଥିତି ଜନିତ ପ୍ରତ୍ୟେକ ସ୍ତରରେ ବୁଝି ବିଚାରି ଓ ଭାବିଚିନ୍ତି କାମ କରିବା ଭଲ ହେବ। ପରିବାରରେ ନିଜ ନିଜ ଜିଦ୍‌ରେ ଅଟଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ।

**କର୍କଟ**
ଚନ୍ଦ୍ରଙ୍କ ଅବସ୍ଥିତି ଆଜିର କର୍ମକ୍ଷେତ୍ର ସକାଶେ ସାହାଯ୍ୟ, ସହଯୋଗ ମାଧ୍ୟମରେ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆଲୋଚନା ପରିସରରେ ବିପକ୍ଷର ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**
ରାଶ୍ୟାଧିପ ଅନ୍ୟ ଦୁଇଟି ଗ୍ରହ ସାଙ୍ଗରେ ଚତୁର୍ଥସ୍ଥ ହେତୁ ପରିବାର ଓ କର୍ମସ୍ଥାନ ପାଇଁ ଶୁଭଫଳ ପ୍ରଦାନ କରିବ । ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ ସବୁକିଛି ପାଣିଫୋଟକା ପରି ଅଳ୍ପ ସମୟ ଭିତରେ ମିଳାଇଯିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ସଫଳତା ପାଇବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା**
ମୁଖଭାବରେ ଶୁକ୍ର ସୁସ୍ୱାଦୁ ଭୋଜନ, ବସ୍ତ୍ରଭୂଷଣ, ସୁଖ, ସମ୍ମାନ ସାଙ୍ଗକୁ ଅର୍ଥ ଉପଢୌକନାଦି ପ୍ରଦାନ କରିପାରେ। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ଉପକୃତ ହେବେ। ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ କିନ୍ତୁ ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ତୁଳା**
ଆଜିର ଚନ୍ଦ୍ର ଯାତ୍ରା, ନୂତନ କର୍ମାରମ୍ଭ, ଋଣ ପରିଶୋଧ ପାଇଁ ରାସ୍ତା ସୁଗମ କରିପାରେ। କିନ୍ତୁ ସ୍ୱାସ୍ଥ୍ୟହାନି, ଶତ୍ରୁତା ଓ ଆତ୍ମୀୟଙ୍କ ବିରୋଧ ସ୍ୱର ମନରେ ଦୁଶ୍ଚିନ୍ତା ଉଦ୍ରେକ କରିବାର ସୂଚନା ରହିଛି। ଆଲୋଚନା ପରିସରରେ ସମାଧାନର ସରଳସୂତ୍ର ବାହାର କରିବାରେ ସମର୍ଥ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ମହିଳାଙ୍କ ପାଇଁ ଦିନଟି ଭଲ।

**ବିଛା**
ଆଜିର ଗ୍ରହସ୍ଥିତି ଆପଣଙ୍କ ପାଇଁ ପ୍ରତିକୂଳ ନ ହେଲେ ମଧ ମଙ୍ଗଳଙ୍କ ପ୍ରତି ଶନିଙ୍କ ଦୃଷ୍ଟି ମାନସିକ ସ୍ତରରେ ଟେନ୍ସନ ସୃଷ୍ଟି କରିବ। ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯାଇପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡା ତଥା କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଚନ୍ଦ୍ରଙ୍କ ନିକଟରେ ଅଷ୍ଟମାଧିପତି ଦୋଷ ନ ଥିଲେ ମଧ ଚତୁର୍ଥସ୍ଥ ହେତୁ ପରିବାର, ଲୋକ ସମ୍ପର୍କ ପାଇଁ ସମସ୍ୟାର କ୍ଷେତ୍ର ସୃଷ୍ଟି କରିପାରେ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବୈବାହିକ ସମ୍ବନ୍ଧ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କିତ ଆଲୋଚନା କରିବାର ସୁଯୋଗ ପାଇବାର ଆଶା ରହିଛି।

**ମକର**
ଗୁ କ୍ଷେତ୍ରସ୍ଥ ତୃତୀୟ ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ମନେ ମନେ ଯାହା ଭାବୁଥିଲେ ତାହ ଆଜି ବାସ୍ତବତାରେ ପରିଣତ ହୋଇଯିବ। ନୂତନ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। କୌଣସି ଏକ ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ।

**କୁମ୍ଭ**
କର୍ମାଧିପ ରାଶିସ୍ଥ କର୍ମକ୍ଷେତ୍ରରେ ଏକାଧିକ ଗ୍ରହ ସମ୍ବନ୍ଧରୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସକାଳ ସମୟରେ ଖୁସି ଖବର ପାଇପାରନ୍ତି, ଯାହାକି ସରକାରୀ କ୍ଷେତ୍ର ସମ୍ବନ୍ଧିତ ରହିବ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ।

**ମୀନ**
ଚନ୍ଦ୍ରଙ୍କ ଅବସ୍ଥିତି ଆପଣଙ୍କୁ କଳ୍ପନା ମାଧ୍ୟମରେ ଆନନ୍ଦ ପ୍ରଦାନ କରାଇ ଭାବୁକ ବନାଇପାରେ। ଅଯଥା ବ୍ୟସ୍ତ ବିବ୍ରତ ନ ହୋଇ କାମଟିକୁ ଆରମ୍ଭ କରନ୍ତୁ, ଦେଖିବେ ଯଥା ସମୟରେ ସବୁ ଠିକ୍ ହୋଇଯିବ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବାର ସୂଚନା ରହିଛି ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଦେବୋତ୍ଥାପନୀ ସର୍ବସମ୍ମତ ବଡ ଏକାଦଶୀ ସୋମବାର, ନଭେମ୍ବର ୧୯ ତାରିଖ, ଜାତୀୟ ସଂହତି ଦିବସ, ଶରତ୍ ରାସ ଆରମ୍ଭ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଠିଆକିଆ / ଲକ୍ଷ୍ମୀନାରାୟଣ ବେଶ, ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜୟନ୍ତୀ, ଭୀଷ୍ମପଞ୍ଚକ /ବକ ପଞ୍ଚକ ସ୍ନାନ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଧନୁରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ସକାଳ ଘ୮।୪୧ମି. ଗତେ ଘ୧୦।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୨ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୨୩ମି. ଗତେ, ଘ୮।୪୬ମି. ମଧ୍ୟେ ରାହୁକାଳ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ








# ସିବିଆଇ ତଦନ୍ତ ଦାବି କଲା ସିଭିଲ ସୋସାଇଟି

## ଦାରୁ ଫିକ୍ସିଂ ଅଭିଯୋଗ

■ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଉ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ଗୋଟିଏ ଜିଲାରୁ ମହାପ୍ରଭୁଙ୍କ ତିନୋଟି ଦାରୁ ଚୟନ କରାଯିବା ପ୍ରସଙ୍ଗକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଏହାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ଚୁପ ରହିବା ନେଇ ପ୍ରଶ୍ନ ଉଠାଇଛି ସିଭିଲ ସୋସାଇଟି। ସିଭିଲ୍ ସୋସାଇଟି ଅଭିଯୋଗ କରିଛି, ଏପରି ଘଟଣା ରାଜ୍ୟର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନକୁ ଗଭୀର ଆଘାତ ଦେଇଛି ଏବଂ ମନ୍ଦିରର ପବିତ୍ରତା ନଷ୍ଟ ହୋଇଛି। ଦାରୁ ଫିକ୍ସିଂରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ସହ ଘଟଣାର ସିବିଆଇ ତଦନ୍ତ କରିବାକୁ ସୋସାଇଟି ପକ୍ଷରୁ ସ୍ଥାନୀୟ ନେହେରୁ ଯୁବ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହାସହ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ସୋସାଇଟି ଦାବି କରିଛି। ସୋସାଇଟି ପକ୍ଷରୁ ଆହୁରି କୁହାଯାଇଛି ଯେ, ଦଇତାପତିମାନେ ଶଗଡରେ ଯାଇ ଦାରୁ ଚିହ୍ନଟ କରିବା କଥା, କିନ୍ତୁ କିଭଳି ଏମାନେ କାରରେ ଯାଇ ଦାରୁ ଠାବ କଲେ ତାହା ସନ୍ଦେହ ସୃଷ୍ଟି କରୁଛି। ଦିନରେ ଦାରୁ ଚିହ୍ନଟ କରିବା ବଦଳରେ ରାତିରେ କିଭଳି ଚିହ୍ନଟ କରାଗଲା ତାହା ମଧ୍ୟ ସନ୍ଦେହଜନକ। ତେଣୁ ଏହାର ତଦନ୍ତ କଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସିଭିଲ ସୋସାଇଟିର ସଦସ୍ୟମାନେ କହିଛନ୍ତି। ଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଉପରେ ରାଜ୍ୟ ସରକାର ତଦନ୍ତ କମିଶନ ବସାଇଥିଲେ। ତଦନ୍ତ କମିଶନଙ୍କୁ ରିପୋର୍ଟ ଦେବାକୁ ୩ମାସ ସମୟ ଦିଆଯାଇଥିଲା। କିନ୍ତୁ କମିଶନ ଉକ୍ତ ସମୟ ମଧ୍ୟରେ ରିପୋର୍ଟ ନ ଦେବାରୁ ରାଜ୍ୟ ସରକାର ପୁଣି ୩ମାସ ସମୟ ବୃଦ୍ଧି କରିଛନ୍ତି। କମିଶନ ନାମରେ ସମୟ ଗଡ଼େଇ ତଦନ୍ତ ରିପୋର୍ଟକୁ ଚାପିଦେବା ପାଇଁ ଷଡ଼ଯନ୍ତ୍ର ହୋଇଛି। ଚିଟ୍‌ଫଣ୍ଡ ଠକେଇରେ ସିବିଆଇ ତଦନ୍ତକୁ ଶିଥିଳ କରିଛି। ଏହା ପ୍ରତିବାଦରେ ସିଭିଲ ସୋସାଇଟି ଆସନ୍ତା ୨୬ ତାରିଖରେ ସିବିଆଇ ଅଫିସ ଆଗରେ ଧାରଣା ଦେବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ସିଭିଲ୍ ସୋସାଇଟି ନେତୃବୃନ୍ଦ ତଥା ସୂଚନାଧିକାର କର୍ମୀ ପ୍ରଦୀପ ପ୍ରଧାନ, ଆଇନଜୀବୀ ସୁଧୀର ମହାନ୍ତି, ମହିଳା ନେତ୍ରୀ ସଂଯୁକ୍ତା ପାଣିଗ୍ରାହୀ, ପ୍ରତାପ ସାହୁ, ଯୋଗେନ୍ଦ୍ର ଡ଼ାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସିଭିଲ ସୋସାଇଟିର ପ୍ରତିନିଧିମାନେ।






# ଆଜିଠୁ ପଞ୍ଚୁକ ବ୍ରତ


ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁଙ୍କ ଭିଡ଼।

ପୁରୀ ଅଫିସ, ୧୮।୧୧

ସୋମବାରଠାରୁ ଆରମ୍ଭ ହେବ ମହା କାର୍ତ୍ତିକର ପଞ୍ଚୁକ ବ୍ରତ। କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ଆସନ୍ତା ୧୯ ତାରିଖରେ ହରି ଉତ୍ଥାପନ ଏକାଦଶୀ। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ସମ୍ପନ୍ନ ହେବା ସହିତ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ସେହିପରି ୨୦ ତାରିଖରେ ମହାପ୍ରଭୁଙ୍କ ବାଙ୍କଚୂଡ଼, ୨୧ରେ ତ୍ରିବିକ୍ରମ, ୨୨ରେ ଲକ୍ଷ୍ମୀନୃସିଂହ ଏବଂ ୨୩ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାରାଜେଶ୍ୱର ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ।

ଅନ୍ୟପକ୍ଷରେ ପଞ୍ଚୁକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷିଆଳିଙ୍କ ଭିଡ଼ ଜମିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡିଆଇଜି ଡିଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ସୂଚନାନୁଯାୟୀ, ୨ଟି ପର୍ଯ୍ୟାୟରେ ୧୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ଭିତର ବେଢ଼ା ଏବଂ ଆନନ୍ଦ ବଜାରରେ ଗହଳି ନିୟନ୍ତ୍ରଣ, ଚୋରି, ଛିନ୍ତାଇ ଆଦି ରୋକିବା ଲାଗି ପୋଲିସ ମୁତୟନ ରହିବେ। କାର୍ତ୍ତିକ ପୂର୍ଣ୍ଣିମାରେ ପୋଲିସ ଫୋର୍ସ ସଂଖ୍ୟା ବଢ଼ାଯିବ। ସମୁଦ୍ର କୂଳରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ପୂର୍ବରୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସ୍ଥାୟୀ ବ୍ୟାରିକେଡ ରହିଥିବାବେଳେ ପଞ୍ଚୁକ ବ୍ରତ ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାଉଁଶରେ ତିନି ଥାକିଆ ଅସ୍ଥାୟୀ ବ୍ୟାରିକେଡ୍ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯାଇଛି। ଏଥିରେ ଦଫା ଦଫା କରି ଭକ୍ତଙ୍କୁ ଛଡ଼ାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ବାହାରକାଠ ଦର୍ଶନ ସମୟରେ ସିଂହଦ୍ୱାର, ବାଇଶପାହଚ, କୀର୍ତ୍ତନ ଚକଡ଼ା ବ୍ୟାରିକେଡ, ସାତପାହଚ, ଗରୁଡ଼ ସ୍ତମ୍ଭ ଦେଇ ବାହାରକାଠ ନିକଟରେ ଦର୍ଶନ କରି ଗାରଦ ଦ୍ୱାର ଦେଇ ବାହାରିବେ। ଭିତରକାଠ ଦର୍ଶନ ସମୟରେ ଭକ୍ତମାନେ ଗରୁଡ଼ ସ୍ତମ୍ଭ, ଜାଲି ଗେଟ୍ ଏବଂ ଜୟବିଜୟ ଦ୍ୱାର ଦେଇ ଜଗମୋହନ ଭିତରକାଠରେ ଦର୍ଶନ କରି ବେହରଣ ଦ୍ୱାର ଦେଇ ବାହାରିବେ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି।

## ପ୍ରଥମ ଦିନରେ ଲକ୍ଷ୍ମୀନାରାୟଣ ବେଶ ଦେଖିବେ ଭକ୍ତ


# SUNDARGARH PUBLIC SCHOOL

(Estd. 1980 and Affiliated to CBSE Delhi)

**REQUIRES**

| | | | |
|---|---|---|---|
| 1. | **Asst. Teacher (TGT)** | : | Trained Graduate with CBZ / PCM combination. |
| 2. | **Asst. Teacher** | : | A) Trained Graduate with Geography Hons./ History Hons. or Post-Graduate in Geography / History. |
| | | | B) Trained Graduate in English or Post-Graduate in English. |
| 3. | **Asst. Teacher (PRT)** | : | Graduate having B.Ed. or CT/ DIET Trained. |

Applications are invited from candidates having the above qualifications within 10 days of the publication or the Advertisement Preference will be given to experienced candidates and having fluency in English. Minimum Rail / Bus fare will be paid to candidates selected for interview at Sundargarh.

*Sd./- Trustee Secretary*







## ଋଣ ଭାର ସହି ନ ପାରି ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

ପଟାଙ୍ଗି,୧୮।୧୧ (ଡି.ଏନ.ଏ)

କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ ପୁକାଲି ପଞ୍ଚାୟତ ଅଧୀନ ମାଳିଗୁଡ଼ା ଗ୍ରାମର ଜଣେ ଚାଷୀ ଋଣଭାର ସହି ନ ପାରି ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଚାଷୀ ହେଲେ ଲୋକନାଥ ପାଙ୍ଗି(୬୨)। ଲୋକନାଥ ସେମିଲିଗୁଡ଼ା ବ୍ଲକ ଅଧୀନ ଚୋରିମାଲିପୁଟ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ବିବାହ କରି ନିଜ ଶ୍ୱଶୁର ଘର ମାଳିଗୁଡ଼ା ଗ୍ରାମରେ ରହି ଆସୁଥିଲେ। ସେ ଶନିବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ନିଜ ବିଲକୁ ପାଣି ମଡ଼ାଇବାକୁ ଯାଇଥିଲେ। ସେଠାରୁ ସେ ଘରକୁ ଫେରିବା ବାଟରେ ହଠାତ୍ ଅଚେତ ହୋଇ ପଡ଼ିଥିଲେ । ଖବରପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପୁକାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇବା ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ପରିବାର ଲୋକେ ଲୋକନାଥ ଋଣ ବୋଝରେ ଆତ୍ମହତ୍ୟା କରିଥିବା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଫସଲ ନଷ୍ଟ ହୋଇ ଯିବାରୁ ସେ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାକୁ ନେଇ ତହସିଲଦାର ଅରୁଣ କୁମାର ଖଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ଶୋଭା ହରିଜନ ମୃତକଙ୍କ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି ।

■ ତେଲେଙ୍ଗାନା ବିଧାନସଭା ନିର୍ବାଚନ

# ଟିକେଟ ପାଇଁ ଲାଞ୍ଚ ଅଭିଯୋଗ

## ଦୋଷ ପ୍ରମାଣିତ ହେଲେ ରାଜନୀତି ଛାଡ଼ିବି: ଭକ୍ତ

ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)

ତେଲେଙ୍ଗାନାରେ ବିଧାନସଭା ନିର୍ବାଚନରେ ଟିକେଟ କରାଇବା ପାଇଁ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ପଦାକୁ ଆସିଛି। ରଙ୍ଗା ରେଡ୍ଡି ନାମକ ଜଣେ କଂଗ୍ରେସ ନେତା ତେଲେଙ୍ଗାନା ସ୍କ୍ରିନିଂ କମିଟି ମୁଖ୍ୟ ଭକ୍ତ ଦାସଙ୍କ ନାଁରେ ଏହି ଅଭିଯୋଗ ଆଣିଛନ୍ତି। ଭକ୍ତ କୁଆଡେ ନିଜ ପୁଅ ସାଗର ଦାସଙ୍କ ଜରିଆରେ ଟିକେଟ ପାଇଁ ଅର୍ଥ ମାଗୁଥିଲେ। ତେଲେଙ୍ଗାନାର ଇବ୍ରାହିମ୍‌ପାଟନମ୍ ଆସନ ପାଇଁ ୩ କୋଟି ଟଙ୍କା ମଗାଯାଇଥିବା ରଙ୍ଗା ଅଭିଯୋଗ କରିଛନ୍ତି। ଏ ସମ୍ପର୍କିତ ଏକ ଅଡିଓ ଟେପ୍ ମଧ୍ୟ ଜାରି କରାଯାଇଛି। ଅପରପକ୍ଷରେ ଏପରି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛନ୍ତି ପିସିସି ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ, ଅଭିଯୋଗର କୌଣସି ସତ୍ୟତା ନାହିଁ। ଭିତ୍ତିହୀନ ଭାବେ ତାଙ୍କ ପୁଅର ନାଁକୁ ଏଥିରେ ଯୋଡ଼ା ଯାଇଛି। ଅଭିଯୋଗ ଆଣିଥିବା ବ୍ୟକ୍ତି ଗତ ନିର୍ବାଚନରେ ଶୋଚନୀୟ ଭାବେ ହାରିଛନ୍ତି। ତେଣୁ ସେ ଦାବି କରୁଥିବା ଆସନକୁ ମେଣ୍ଟ ସହଯୋଗୀଙ୍କୁ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ତେଲେଙ୍ଗାନା ପିସିସି ସଭାପତି ଓ ଅନ୍ୟ ବରିଷ୍ଠ ନେତାଙ୍କ ସମ୍ମତି ରହିଥିଲା। ଯଦି ଅଭିଯୋଗର ସତ୍ୟତା ପ୍ରମାଣିତ ହୁଏ, ତେବେ ରାଜନୀତି ଛାଡିଦେବି ବୋଲି ଭକ୍ତ କହିଛନ୍ତି। ଭକ୍ତଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପର୍କରେ ମୁହଁ ଖୋଲିଛନ୍ତି ଓଡ଼ିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ, ରାଜନୀତିରେ ଅଭିଯୋଗ ହେବାଟା ସ୍ୱାଭାବିକ। ଯେ ପର୍ଯ୍ୟନ୍ତ ଦୋଷ ପ୍ରମାଣିତ ନ ହୋଇଛି, ସେ ସମ୍ପର୍କରେ ମତାମତ ଦେବା ଉଚିତ ହେବ ନାହିଁ ବୋଲି ନିରଞ୍ଜନ କହିଛନ୍ତି।







DSPL-242

# ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେ.ଇ.) ରୋଗ ବିଷୟରେ କେତୋଟି ଜାଣିବା କଥା

NATIONAL HEALTH MISSION

## ଜେ.ଇ. ରୋଗ କଣ?

ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେ.ଇ.)ଏକ ଭୂତାଣୁ ଜନିତ ରୋଗ। ମୁଖ୍ୟତଃ ୧-୧୫ ବର୍ଷର ପିଲାମାନେ ଏହି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ।

## ଏହି ରୋଗ କିପରି ବ୍ୟାପେ ?

ଏକ ପ୍ରକାର କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଏହି ରୋଗ ବ୍ୟାପିଥାଏ । ଏହି ମଶା ଗାଡିଆ, ଜଳସେଚିତ ଚାଷଜମି ଓ ଜମିରହିଥିବା ଅପରିଷ୍କାର ପାଣିରେ ଅଣ୍ଡାଦେଇ ବଂଶ ବିସ୍ତାର କରିଥାଏ । ସାଧାରଣତଃ ଏହି ମଶା ସନ୍ଧ୍ୟାବେଳେ କାମୁଡିଥାଏ। ଜେ.ଇ. ଭୂତାଣୁ ଘୁଷୁରୀଠାରୁ ଘୁଷୁରୀକୁ କିମ୍ବା ପାଣିପକ୍ଷୀମାନଙ୍କୁ ମଶାଦ୍ୱାରା ସଂକ୍ରମିତ ହୋଇଥାଏ । ସଂକ୍ରମିତ ମଶାମାନଙ୍କ ସଂଖ୍ୟା ଅଧିକ ହେଲେ ସେମାନେ ମଣିଷ ବାସକରୁଥିବା ସ୍ଥାନ ନିକଟରେ ରହୁଥିବା ପଶୁ କିମ୍ବା ପାଣିପକ୍ଷୀମାନଙ୍କୁ କାମୁଡିବା ସଙ୍ଗେ ସଙ୍ଗେ ମଣିଷମାନଙ୍କୁ ମଧ୍ୟ କାମୁଡି ରୋଗ ସଂକ୍ରମଣ କରିଥାଆନ୍ତି ।

ମନେରଖନ୍ତୁ -
"ମଣିଷ ଠାରୁ ମଣିଷକୁ ଏହି ରୋଗ ବ୍ୟାପିନଥାଏ ।"

## ଲକ୍ଷଣ

ଅତ୍ୟଧିକ ଜ୍ୱର ସହ ବାନ୍ତି, ମୁଣ୍ଡବିନ୍ଧା, ବାଉଳିଚାଉଳି ହେବା, ବାତ ମାରିବା ତଥା ବେହୋସ୍ ହେଲାଭଳି ଲକ୍ଷଣମାନ ଦେଖାଯାଇପାରେ।

## ଚିକିତ୍ସା

- ଏହି ରୋଗକୁ ଲକ୍ଷଣ ଅନୁସାରେ ଚିକିତ୍ସା କରାଯାଏ।
- ରୋଗର କୌଣସି ଲକ୍ଷଣ ଦେଖିବା ମାତ୍ରେ ଅତିଶୀଘ୍ର ଆଶା ଦିଦି, ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରାଇବେ।



## ଏ ରୋଗରୁ ରକ୍ଷାପାଇବେ କିପରି ?

- ଦେହକୁ ପୁରା ଘୋଡାଇ ରଖିବାପରି ପୋଷାକ ପିନ୍ଧିବେ ।
- ପ୍ରତିଦିନ ମଶାରୀ ଟାଣି ଶୋଇବେ।
- ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶା ବିକର୍ଷଣକାରୀ ମଲମ ବା ତେଲ (ନିମ୍ବ/କରଞ୍ଜ) ଲଗାଇବା ସହିତ ଘରେ ନିମ୍ବପତ୍ର କିମ୍ବା ଝୁଣା ଧୂଆଁ ଦେବେ ।
- ଘରଭିତରେ ଓ ଆଖପାଖରେ ପାଣି ଜମିବାକୁ ଦେବେନାହିଁ।
- ଘୁଷୁରୀମାନଙ୍କୁ ମଣିଷ ରହିବା ସ୍ଥାନଠାରୁ ୩-୪ କି.ମି. ଦୂରରେ ରଖିବେ।
- ମଶାଧୂଆଁ (ଫଗିଙ୍ଗ୍) ଦିଆଯାଉଥିବା ସମୟରେ ଘରର କବାଟ ଝରକାକୁ ଖୋଲା ରଖିବେ ।

10003/13/0090/1819

**ଆପଣଙ୍କ ଅଞ୍ଚଳରେ ଜେ.ଇ. ଟୀକାକରଣ କରାଯାଉଥିବା ସମୟରେ ୧-୧୫ ବର୍ଷର ସମସ୍ତ ପିଲାଙ୍କୁ ଟୀକାକରଣ ନିଶ୍ଚୟ କରାନ୍ତୁ ।**

**ଏହି ରୋଗର ଆବଶ୍ୟକୀୟ ଚିକିତ୍ସା ସରକାରୀ ଡାକ୍ତରଖାନାମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha http://www.health.odisha.gov.in/ @HFWOdisha

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା, ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। –ଶ୍ରୀଅରବିନ୍ଦ

# ସିବିଆଇକୁ ମନା

ଭାରତରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ବିଶ୍ୱସନୀୟତା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଏହାକୁ ଏକ ନିରପେକ୍ଷ ସଂସ୍ଥା ଭାବେ ଗଣାଯାଉଥିଲା। ନିକଟ ଅତୀତରେ ଏହାର ଶୀର୍ଷ ଦୁଇ ଅଧିକାରୀଙ୍କ ମଧ୍ୟରେ ଲାଗିଥିବା ବିବାଦ ସର୍ବୋଚ୍ଚରେ ପହଞ୍ଚିଲା ପରେ ଘଟଣା କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଓ ସୁପ୍ରିମକୋର୍ଟରେ ପଡ଼ିଛି। ବିବାଦ ଓ ବିଭ୍ରାଟ ଭିତରେ ସିବିଆଇ ଛନ୍ଦି ହୋଇଥିବା ବେଳେ ନଭେମ୍ବର ୧୬ରେ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସରକାର ନିଜ ନିଜ ରାଜ୍ୟରେ ଏହି ତଦନ୍ତକାରୀ ସଂସ୍ଥାକୁ ପ୍ରବେଶ ନିଷେଧ କରିବାରୁ ଆଉ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଓ ସିବିଆଇ ମଧ୍ୟରେ ଥିବା 'ଜେନେରାଲ କନ୍‌ସେଣ୍ଟ' ବା ସାଧାରଣ ସମ୍ମତିକୁ ଏହି ଦୁଇ ରାଜ୍ୟ ବନ୍ଦ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ ୧୯୪୬ ଅନୁସାରେ ସିବିଆଇ ପରିଚାଳିତ ହୋଇଥାଏ। ଏହି ଆଇନର ଧାରା ୬ ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ରାଜ୍ୟରେ କୌଣସି ମାମଲାର ତଦନ୍ତ ନେଇ ଚଢ଼ାଉ କରିବା ସକାଶେ ସିବିଆଇକୁ ସରକାରଙ୍କ ଅନୁମତି ଆବଶ୍ୟକ ହୁଏ। ଏହି ଧାରା ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପ୍ରତିବର୍ଷ ବିଜ୍ଞପ୍ତି ଜାରି କରି ସିବିଆଇକୁ ସାଧାରଣ ସମ୍ମତି ପ୍ରଦାନ କରିଥାଆନ୍ତି। ତେବେ ରାଜ୍ୟ ସରକାର ଚାହିଁଲେ ବିଶେଷ କ୍ଷମତା ବଳରେ ଏହାକୁ ପ୍ରତ୍ୟାହାର କରିପାରିବେ।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର କ୍ଷମତାର ଅପବ୍ୟବହାର କରି ସିବିଆଇକୁ ବିରୋଧୀଙ୍କ ବିପକ୍ଷରେ ଲଗାଉଛନ୍ତି। ଏଭଳି ସଂସ୍ଥା ଆଉ ଭରସାଯୋଗ୍ୟ ହୋଇ ରହି ନ ଥିବାରୁ ଏହା ଉପରେ ଦୁଇ ରାଜ୍ୟ ବିଶ୍ୱାସ ହରାଇଛନ୍ତି ବୋଲି କହୁଛନ୍ତି। କଥା ଉଠିଲାଣି ଯେ ପଞ୍ଜାବ ମଧ୍ୟ ଏହି ଉଭୟ ରାଜ୍ୟର ପଦାଙ୍କ ଅନୁସରଣ କରିପାରେ। କ୍ଷମତାକୁ ଆସିବା ପରେ ମୋଦି ସରକାର ବିଭିନ୍ନ ସାମ୍ବିଧାନିକ ଓ ସ୍ୱାଧୀନ ସଂସ୍ଥାକୁ ଦୁର୍ବଳ କରିବା ଚେଷ୍ଟାରେ ଲାଗି ରହିଛନ୍ତି। ବିମୁଦ୍ରୀକରଣ ବେଳେ ଆର୍‌ବିଆଇ କିଭଳି ନିଜର ସବୁ କ୍ଷମତା ଓ ନିୟନ୍ତ୍ରଣକୁ ସରକାରଙ୍କ ହାତକୁ ଟେକିଦେଲା ତାହା ଏପର୍ଯ୍ୟନ୍ତ ଆଲୋଚ୍ୟର ବିଷୟ ହୋଇରହିଛି। ସେହିପରି ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଆୟକର ବିଭାଗକୁ କେନ୍ଦ୍ର ସରକାର ନିଜ ନିୟନ୍ତ୍ରଣକୁ ଆଣି ବିରୋଧୀଙ୍କ ପଛରେ ଲଗାଉଛନ୍ତି ବୋଲି ବାରମ୍ବାର ଅଭିଯୋଗ ହେଉଛି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ଲାଲୁପ୍ରସାଦ ଯାଦବଙ୍କ ବିରୋଧରେ ସିବିଆଇ ଏବଂ ତେଲୁଗୁ ଦେଶମ ପାର୍ଟି (ଟିଡିପି)ର କେତେ ଜଣ ନେତାଙ୍କ ବିରୋଧରେ ଆୟକର ବିଭାଗକୁ ଲଗାଯାଇଛି। କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଆୟକର ବିଭାଗକୁ ଲଗାଇ କେନ୍ଦ୍ର ସରକାର ଆକ୍ରୋଶମୂଳକ ରାଜନୀତି କରୁଛନ୍ତି। ନୂଆଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲଙ୍କ ବିପକ୍ଷରେ ମଧ୍ୟ ଆୟକରଠାରୁ ଆରମ୍ଭ କରି ବିଭିନ୍ନ ତଦନ୍ତକାରୀ ସଂସ୍ଥାକୁ ଲଗାଯାଇଥିଲା। ଏପରିକି ସରକାରଙ୍କ ବିରୋଧରେ ଖବର ପ୍ରସାରଣ କରିବା ହେତୁ ଏନ୍‌ଡିଟିଭି ଭଳି ଗଣମାଧ୍ୟମକୁ ସରକାରଙ୍କ ରୋଷର ଶିକାର ହେବାକୁ ପଡ଼ିଛି। ଏବେ ଚର୍ଚ୍ଚା ହେଉଛି ଯେ ସିବିଆଇ ନିର୍ଦ୍ଦେଶକ ଥିବା ଆଲୋକ ବର୍ମା କାଳେ କହିଲେଣି ଯେ, ଲାଲୁଙ୍କ ବିରୋଧରେ ଏହି ତଦନ୍ତକାରୀ ସଂସ୍ଥା ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଅତ୍ୟଧିକ ହୋଇଛି। 'ଭାତ ହାଣ୍ଡିରୁ ଗୋଟିଏ ଚିପିଲା' ଭଳି ବର୍ମାଙ୍କ କଥା ଗମ୍ଭୀର ପରିସ୍ଥିତିର ସୂଚନା ଦେଉଛି।

ଦେଶରେ ପ୍ରଶାସନିକ ସ୍ୱଚ୍ଛତା ବଜାୟ ରଖିବା ଲାଗି ସ୍ୱାଧୀନ ସଂସ୍ଥାଗୁଡ଼ିକ ଗଢ଼ାଯାଇଛି। ଯଦି ଏହି ସଂସ୍ଥା ସରକାରଙ୍କ ଗୋଡ଼ାଣିଆ ପାଲଟିଯିବ, ତେବେ ସେଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସ ତୁଟିଯିବ। ମୋଦି ସରକାରଙ୍କୁ ସିଧାସଳଖ ବିରୋଧ କରୁଥିବା ନେତାଙ୍କ ମଧ୍ୟରେ ମମତା ଆଗରେ ଅଛନ୍ତି। ବିମୁଦ୍ରୀକରଣ ବେଳେ ମଧ୍ୟ ସେ ଏଭଳି ପଦକ୍ଷେପକୁ ଘୋର ବିରୋଧ କରିଥିଲେ। ଏବେ ତାହାର କୁପ୍ରଭାବ ଅନୁଭୂତ ହେଲାଣି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଆବଶ୍ୟକ। କିନ୍ତୁ ଯେଉଁଭଳି ଭାବେ ସହଯୋଗରେ ବ୍ୟତିକ୍ରମ ଲକ୍ଷ୍ୟ କରାଗଲାଣି ତାହା ଦ୍ୱାରା ଭବିଷ୍ୟତରେ ସାମଗ୍ରିକ ଶାସନ ପ୍ରଣାଳୀ ବାଧାପ୍ରାପ୍ତ ହେବା ନିଶ୍ଚିତ। ବିରୋଧୀଙ୍କୁ ଦାଉ ସାଧିବା ପାଇଁ ସରକାର କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଅସ୍ତ୍ର କରିବା ହେଉ ଅଥବା ବିରୋଧୀ ଦଳଗୁଡ଼ିକ ପାଲଟା ଜବାବ ଦେବାକୁ ଯାଇ ସଂଘୀୟ ବ୍ୟବସ୍ଥାରୁ ବିଚ୍ୟୁତ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

## ଚିରନ୍ତନୀ

ଆଜି ତ ମନେ ପଡଇ ନାହିଁ
ସେ କେଉଁ ପଥେ ରହିଲି ଚାହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | B | 1 | | 8 | | | | | | | | | 6 |
| | | D | | | 7 | | | 4 | | C | | 1 | | |
| 2 | C | 0 | | 5 | | | 8 | | | | A | 9 | | |
| 5 | | A | | 9 | 4 | | B | C | | | | | | 2 |
| | 1 | 4 | | C | 2 | | | | | 5 | 9 | | 8 | 3 |
| | B | | 4 | | | | | | | | 7 | 5 | | D |
| | | | | A | | | | | | 6 | D | | | |
| 6 | | | | | | B | | 3 | 0 | | | | | |
| | | | 8 | 0 | 1 | | | | 3 | | | 6 | | 7 |
| 4 | | | | | 6 | | | 0 | | | 1 | 3 | C | |
| | | | | | | 3 | | B | | 8 | 6 | | | 9 |
| D | A | | 5 | 2 | 3 | | | | 9 | | | B | | |
| | | | | | | | | | D | | | 0 | | |
| C | 3 | | D | | | | A | | | 7 | 2 | 8 | | 1 |
| | | | | 7 | C | 2 | 5 | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | C | E | 5 | B | 0 | 1 | 3 | 2 | A | 6 | 7 | 4 | 8 |
| 8 | 0 | 2 | A | 1 | 6 | C | 4 | 7 | B | 5 | 3 | D | E | 9 |
| 6 | 3 | B | 9 | 8 | 7 | 5 | 2 | A | 4 | D | E | 1 | C | 0 |
| 7 | E | 1 | 2 | 3 | 4 | 8 | D | 6 | C | 0 | 9 | A | 5 | B |
| A | 4 | 5 | C | 0 | D | 9 | B | E | 8 | 7 | 1 | 2 | 3 | 6 |
| C | B | 3 | 5 | 9 | 0 | D | 8 | 2 | A | 6 | 4 | E | 1 | 7 |
| 9 | A | 0 | D | 7 | E | 4 | 3 | B | 1 | 2 | C | 6 | 8 | 5 |
| 1 | 2 | 8 | 6 | A | C | 7 | E | 0 | 9 | B | 5 | 4 | D | 3 |
| E | 5 | 7 | 4 | B | 1 | 6 | 9 | C | D | 3 | 8 | 0 | 2 | A |
| 4 | 6 | D | 3 | 2 | 8 | 1 | A | 5 | 7 | E | 0 | B | 9 | C |
| 0 | 1 | 9 | 8 | C | A | B | 7 | D | 5 | 4 | 2 | 3 | 6 | E |
| 2 | 7 | A | B | 6 | 9 | E | C | 8 | 3 | 1 | D | 5 | 0 | 4 |
| B | 8 | 4 | 0 | E | 3 | 2 | 5 | 1 | 6 | C | 7 | 9 | A | D |
| 5 | D | E | 7 | 4 | 2 | 3 | 6 | 9 | 0 | 8 | A | C | B | 1 |
| 3 | C | 6 | 1 | D | 5 | A | 0 | 4 | E | 9 | B | 8 | 7 | 2 |

ଗତକାଲିର ଉତ୍ତର



ବିପିନ ବିହାରୀ ମିଶ୍ର

# ଦେଶ ବିଭାଜନ ପାଇଁ ଦାୟୀ କିଏ

କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ବିଦ୍ୟାରେ ଜଣେ ଡାକ୍ତର, ବୃତ୍ତିରେ ରାଜନୀତିଜ୍ଞ ଓ ତାଙ୍କର ବିଭିନ୍ନ ପ୍ରକାର ସଉକ ଅଛି। ଆରମ୍ଭରୁ ପରିଚିତ ହୋଇଗଲେ ଯେହେତୁ ସେ ଶେଖ୍ ଅବଦୁଲ୍ଲାଙ୍କ ପୁଅ। ତାଙ୍କ ପୁଅ ଓମାର ଅବଦୁଲ୍ଲା ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିଛିମାସ ତଳେ ସେ ଏକ ବିବୃତି ଦେଲେ ଯେ, ଦେଶ ବିଭାଜନ ପାଇଁ ପଣ୍ଡିତ ନେହେରୁ ଓ ସର୍ଦ୍ଦାର ପଟେଲ ବହୁ ପରିମାଣରେ ଦାୟୀ। ଏ ସମ୍ପର୍କରେ ବହୁତ ତର୍କବିତର୍କ ହେଲା ଏବଂ ପରିସମାପ୍ତି ଘଟିଥାନ୍ତା ଯଦି ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀ ଏକ ମନ୍ତବ୍ୟ ଦେଇ ନ ଥାନ୍ତେ। ତାଙ୍କର ମନ୍ତବ୍ୟ ଆସିଲା ସର୍ଦ୍ଦାର ପଟେଲଙ୍କର ପ୍ରତିମୂର୍ତ୍ତି ହେବାର କିଛିଦିନ ପୂର୍ବରୁ। ସେ କହିଲେ ଯେ, ଦେଶ ବିଭାଜନ ପାଇଁ ଅନେକେ ଇଂରେଜ ସରକାର ଓ ଜିନ୍ନାଙ୍କୁ ଦାୟୀ କରୁଛନ୍ତି, କିନ୍ତୁ ସର୍ଦ୍ଦାର ପଟେଲ ମଧ୍ୟ ଦାୟୀ। ପ୍ରମାଣ କରିବା ପାଇଁ ଯାଇ ସେ କହିଲେ, ସର୍ଦ୍ଦାର ପଟେଲ ଏକ ଭାଷଣରେ କହିଥିଲେ, ''ଦେଶ ବିଭାଜନ ପାଇଁ ମୁଁ ରାଜିହେଲି, ଯେତେବେଳେ ଉପଲବ୍ଧି କଲି ଦେଶର ସଂହତି ଆଣିବା ପାଇଁ ହେଲେ ଦେଶ ବିଭାଜନ ଆବଶ୍ୟକ ଥିଲା।''

ନିକଟ ଅତୀତରେ ପାକିସ୍ତାନର ଦୁଇଜଣ ବୁଦ୍ଧିଜୀବୀ ହାସୀନ ନିସାର ଓ କାମରାଜ୍ ଖାନ୍ ଟିଭି ଆଲୋଚନାରେ କହିଲେ ଯେ, ପଟେଲ ଥିଲେ ଅତି ବିଚକ୍ଷଣ ଲୋକ। ସେ ଦେଖିଲେ ଭାରତର ସୈନ୍ୟବାହିନୀର ଶତକଡ଼ା ସତୁରି ଥିଲେ ଅଣହିନ୍ଦୁ ଓ ତା' ମଧ୍ୟରୁ ୫୦% ଥିଲେ ମୁସଲମାନ। ଯେଉଁଭଳି ଭାବରେ ମୁସ୍‌ଲିମ୍ ଲିଗ୍ ମୁସଲମାନମାନଙ୍କୁ ପ୍ରଭାବିତ କରୁଥିଲା ତା'ର ପ୍ରଭାବ ସୈନ୍ୟବାହିନୀ ଉପରେ ପଡ଼ିଥାନ୍ତା। ଯଦି ଇଂରେଜମାନେ ସରକାର ନ ବାଛି ପଳେଇଯାଇଥାନ୍ତେ ତେବେ ଗୃହଯୁଦ୍ଧ ଲାଗିଥାନ୍ତା ଏବଂ ମୁସଲମାନ ସୈନ୍ୟମାନେ ପ୍ରରୋଚିତ ହେବାର ଯଥେଷ୍ଟ ସମ୍ଭାବନା ଥିଲା। ଦେଶୀୟ ରାଜ୍ୟ ମିଶ୍ରଣ ହୋଇ ନ ଥିବାରୁ, ଏଣେ ଇଂରେଜଶାସିତ ଅଞ୍ଚଳ ବିଭାଜନ ହେବ କି ନାହିଁ ବିବାଦରେ ଥିବାରୁ ଦେଶ ଖଣ୍ଡ ଖଣ୍ଡ ହୋଇଯାଇଥାନ୍ତା। ପଟେଲ ଏଇଆ ମଧ୍ୟ କହିଥିଲେ, ଦେଶ ବିଭାଜନ ହେଲେ ସବୁ ମୁସଲମାନ ସୈନ୍ୟ ଚାଲିଯିବେ ପାକିସ୍ତାନକୁ। ସେମାନେ ମୁଲ୍ଲା ମୌଲବୀଙ୍କ ଦ୍ୱାରା ପରିଚାଳିତ ହେବେ। ପାକିସ୍ତାନରେ ଦୃଢ଼ ସରକାର ହେବ ନାହିଁ। କାରଣ ସେଠାରେ ଜିନ୍ନା ଓ ଲିଆକତ୍ ଅଲ୍ଲୀଙ୍କ ଛଡ଼ା ବଡ଼ ନେତା ନ ଥିଲେ। ତେଣୁ ସୈନ୍ୟବାହିନୀ ଶାସନ ମାଡ଼ି ବସିବେ। ତାଙ୍କ ଭବିଷ୍ୟବାଣୀ ସତ ହେଲା। ପାକିସ୍ତାନରେ ୧୯୫୮ରେ ସାମରିକ ଶାସନ ହେଲା ଓ ସେହିଦିନଠାରୁ ପାକିସ୍ତାନକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସାମରିକବାହିନୀ ଶାସନ କରୁଛି ଓ ସେମାନଙ୍କୁ ସମର୍ଥନ କରୁଛନ୍ତି ମୁଲ୍ଲା, ମୌଲବୀ, ଜମି ମାଲିକ ଓ କେତେକ ସନ୍ତ୍ରାସବାଦୀ।

ଅନେକ ଐତିହାସିକ ଇତିହାସର ମାଟି ଖୋଳି ଦେଶ ବିଭାଜନର ମଞ୍ଜି ବାହାର କରିଛନ୍ତି। ସିପାହି ବିଦ୍ରୋହ ପୂର୍ବରୁ ମାକ୍‌ଲେଙ୍କ ପ୍ରସ୍ତାବ ଅନୁଯାୟୀ ଇଂଲିଶ ଶିକ୍ଷା ଦିଆଗଲା। କାରଣ ଦର୍ଶାଗଲା ଯେ ଭାରତୀୟମାନଙ୍କୁ ସଭ୍ୟ କରାଯିବ। ଶିକ୍ଷିତ ହୋଇ ସେମାନେ ଇଂରେଜଙ୍କ ପରି ଚିନ୍ତା ଓ କାର୍ଯ୍ୟ କରିବେ। ସେମାନେ ନିଜର ଆତ୍ମସମ୍ମାନ ହରେଇବେ ଓ ଯାହା ଇଂରେଜ (ଦ୍ରବ୍ୟ ହେଉ କିମ୍ବା ପୁସ୍ତକ) ତାହାକୁ ସମ୍ମାନ କରିବେ। ଏହା ତାଙ୍କ ପୁସ୍ତକ The Awaking Rayର ଖଣ୍ଡ–୪ ଓ ପରିଚ୍ଛେଦ ୫ରେ ଲେଖାଯାଇଛି। ସେ ଲେଖିଲେ, ତାଙ୍କୁ ପଢ଼ାଅ ଯେ ଲଢ଼େଇ କରିବା ଠିକ୍ ନୁହେଁ। କ୍ଷମତାରେ ଥିବା ଅଧିକାରୀଙ୍କୁ ସମ୍ମାନ ଦେଖାଅ। କିନ୍ତୁ ୧୮୫୭ରେ ସେମାନଙ୍କର ସ୍ୱପ୍ନଭଙ୍ଗ ହେଲା। ପ୍ରଥମଥର ପାଇଁ ମୁସ୍‌ଲିମ ଓ ହିନ୍ଦୁମାନେ ମିଳିତ ହୋଇ ଇଂରେଜମାନଙ୍କୁ ତଡ଼ିବା ପାଇଁ ଯୁଦ୍ଧ କଲେ। ଇଂରେଜମାନେ ପରାସ୍ତ କଲେ ସତ କିନ୍ତୁ ଦୋହଲିଗଲେ। ସେହିଦିନଠାରୁ ଭାରତୀୟ ମହିଳାଙ୍କୁ ବିବାହ କରିବା ବନ୍ଦ ହେଲା, ହୋଲି, ଦିୱାଲିରେ ତୋପ ଫୁଟାଇବା ମନା କରାଗଲା ଓ ସେମାନଙ୍କ ଉତ୍ସବରେ ଇଂରେଜମାନେ ଯୋଗ ଦେଲେନାହିଁ। ଆଲେକଜାଣ୍ଡାର କନିଂହାମ୍ (ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍)ଙ୍କ ମତ ଥିଲା ଯେ, ମୁସଲମାନ ଓ ହିନ୍ଦୁମାନଙ୍କୁ ଏକତ୍ରିତ କରାଇ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧ କରାଇବା ମସ୍ତବଡ ଭୁଲ ଥିଲା। ତାଙ୍କ ସହିତ ସ୍ୱର ମିଳାଇ ଅନେକ ବୁଦ୍ଧିଜୀବୀ କହିଲେ ଯେ, ବେଶି ବିପଦ ହିନ୍ଦୁଙ୍କଠାରୁ, କାରଣ ଏମାନେ ଇଂଲିଶ ଭାଷା ଓ ଭାରତୀୟ ସଂସ୍କୃତି ଉଭୟରେ ଲାଭବାନ ହେଉଛନ୍ତି। ଏଇମାନେ ଆମକୁ ତଡ଼ିବା ପାଇଁ ଚେଷ୍ଟା କରିବେ। ସେଥିପାଇଁ ଇଂରେଜ ସରକାରଙ୍କ ଜଣେ ମନ୍ତ୍ରୀ (ଜନ୍ ଷ୍ଟ୍ରେସି) ୧୮୭୪ରେ ମନ୍ତବ୍ୟ ଦେଲେ, ହିନ୍ଦୁ–ମୁସଲମାନ ବିବାଦ ଲାଗିରହିବା ଆମ ପାଇଁ ଭଲ। ମୁସଲମାନ ଯେତିକି ଶକ୍ତିଶାଳୀ ହେବେ ଆମ ପାଇଁ ସେତିକି ଶୁଭ। ସାର୍ ଜେମ୍‌ସ କାୟାର୍ଡ ବ୍ରାହ୍ମଣମାନଙ୍କୁ ବେଶି ଦୋଷ ଦେଲେ। ''ହିନ୍ଦୁମାନେ ହିଁ ବ୍ରାହ୍ମଣ ଓ ସେଇମାନେ ଇଂରେଜମାନଙ୍କ ପ୍ରତି ପ୍ରତିକୂଳ ମନୋଭାବ ରଖିଥାନ୍ତି।'' ଏ କଥା କେତେକାଂଶରେ ସତ, କାରଣ ଅଧିକାଂଶ ବ୍ରାହ୍ମଣ ଇଂରେଜମାନଙ୍କୁ ମ୍ଲେଚ୍ଛ କହୁଥିଲେ ଓ ଛୁଇଁଲେ ଗାଧୋଉଥିଲେ।

ଇଂରେଜମାନଙ୍କୁ ସୁହାଇଲା ଯେତେବେଳେ ସୟଦ୍ ଅହମଦ ମୁସଲମାନଙ୍କ ପାଇଁ ଏକ କଲେଜ କରିବା ଲାଗି ନିଷ୍ପତ୍ତି ନେଲେ। ସେ ଜଣେ ତଳସ୍ତରର ମାଜିଷ୍ଟ୍ରେଟ ଥିଲେ କିନ୍ତୁ ଇଂରେଜମାନେ ତାଙ୍କୁ ବହୁତ ଉପରକୁ ଉଠେଇଦେଇ ସବୁ ପ୍ରକାର ସାହାଯ୍ୟ କଲେ। ସେ କରିଥିବା ସ୍ୱତନ୍ତ୍ର କଲେଜ ଦକ୍ଷିଣ–ପୂର୍ବ ଏସିଆର ପ୍ରଥମ ମୁସଲିମ୍ କଲେଜ। ୧୮୮୧ରେ ଇଂରେଜମାନେ ଜନଗଣନା କରି ଭାରତୀୟମାନଙ୍କୁ ବିଭିନ୍ନ ଗୋଷ୍ଠୀ ଭାବରେ ହିସାବକୁ ନେଲେ। ପ୍ରଥମ ଥର ପାଇଁ ହିସାବ ହେଲା କେତେ ହିନ୍ଦୁ, କେତେ ମୁସଲମାନ, କେତେ ଦଳିତ ଇତ୍ୟାଦି। ଯେଉଁ ହିସାବ ସାମାଜିକ ସ୍ତରରେ ଆବଦ୍ଧ ଥିଲା ତାକୁ ସରକାରୀ କରିନିଆଗଲା।

ଇଂରେଜମାନଙ୍କ ଶିକ୍ଷା ପାଇ ଓ ଭାରତୀୟ ସଂସ୍କୃତିରେ ଅବଗତ ଥାଇ ଉନବିଂଶ ଶତାବ୍ଦୀରେ ଜନ୍ମ ହୋଇଥିବା ଅନେକ ଶିଶୁ ରାଜନୀତି, ସମାଜସଂସ୍କାର, ଧର୍ମ, ଶିକ୍ଷା କ୍ଷେତ୍ରରେ ମହାନ୍ ନେତା ଭାବରେ ପରିଣତ ହେଲେ। ଗୁପ୍ତଯୁଗ ନୁହେଁ, ଉନବିଂଶ ଶତାବ୍ଦୀକୁ ଭାରତର ସୁବର୍ଣ୍ଣ ଯୁଗ ବୋଲି କହିବାକୁ ପଡ଼ିବ। କାରଣ ସେହି ସମୟରେ ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ, ଟାଗୋର, ବଙ୍କିମ୍ ଚଟ୍ଟୋପାଧ୍ୟାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ସୁଭାଷ ବୋଷ, ରାଜଗୋପାଳଚାରୀ, ତିଲକ୍, ଗୋଖଲେ ପ୍ରମୁଖ ଥିଲେ। ଭାରତର ଅସୁବିଧା ଥିଲା ଯେ, ଆମେ ଇତିହାସର କୌଣସି ଦସ୍ତାବିଜ୍ ରଖୁ ନ ଥିଲୁ। ସଂସ୍କୃତି ବିଷୟରେ ଅବଗତ ଥିଲୁ କିନ୍ତୁ ଇତିହାସକୁ ଅବହେଳା କଲୁ। ମହେଞ୍ଜୋଦାର ଓ ହରପ୍ପା ୧୯୨୦ରେ ଆବିଷ୍କାର ହୋଇ ମନେପକେଇଦେଲା ଆମ ସଭ୍ୟତା ବିଷୟରେ। ସ୍ୱାମୀ ଦୟାନନ୍ଦଙ୍କ ଡାକରା ବୈଦିକ ଯୁଗକୁ ଫେରିବା, ଲାଲ୍ ବାଲ୍ ପାଲ୍ , ଗୋଖଲେ, ଗାନ୍ଧିଜୀ, ଅଲ୍ଲୀ ଭ୍ରାତାଦ୍ୱୟ (ସୈକତ, ମହମ୍ମଦ), ପଟେଲ, ନେହେରୁ, ସୁଭାଷ ବୋଷଙ୍କର ସ୍ୱାଧୀନତା ଆନ୍ଦୋଳନ ତଥା ମଧ୍ୟଏସିଆରେ ଇଂରେଜମାନଙ୍କର ଏକ ବୋଲକରା ସରକାର ସ୍ଥାପିତ ହେବା ପରେ ଇଂରେଜ ସରକାର ଚିନ୍ତାକଲେ ଭାରତକୁ କିଭଳି ଦୁଇଭାଗ କରାଯିବ। ୧୮୭୫ ମସିହାରେ ସୟଦ୍ ଅହମଦ କହିଥିଲେ, ଭାରତ ଗୋଟିଏ ଦେଶ ନୁହେଁ ଏହା ହିନ୍ଦୁ ଓ ମୁସଲମାନଙ୍କ ଦେଶ। ଟୁନେସନ ଥିଓରି ସେଇଠୁ ବାହାରିଲା। ୧୯୩୦ରେ ଏହାକୁ ପ୍ରଚାର କଲେ କବି ଆଲାମ୍ ଇକ୍‌ବାଲ। ୧୯୩୩ରେ ଲଣ୍ଡନରେ ଅବସ୍ଥିତ ଓ ଇଂରେଜମାନଙ୍କ ଦ୍ୱାରା ପ୍ରରୋଚିତ ଚୌଧୁରୀ ରେହେମତ୍ ଅଲ୍ଲୀ ପାକିସ୍ତାନ ଶବ୍ଦ ତିଆରି କଲେ। ୧୯୪୦ରେ ଜିନ୍ନାଙ୍କର ମୁସଲିମ୍ ଲିଗ୍ ଲାହୋରରେ ଏକ ସଭାକରି ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଦେଶ ଦାବି କଲେ। ସୟଦ ଅହମଦ କରିଥିବା ମୁସଲିମ କଲେଜ ପରେ ହେଲା ଆଲ୍ଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟ ଓ ତା'ର ଅନେକ ଛାତ୍ର ମୁସ୍‌ଲିମ ଲିଗ୍‌ରେ ଯୋଗ ଦେଇଥିଲେ। ସେହିମାନଙ୍କୁ (ଜିନ୍ନା, ଲିଆକତ୍ ଅଲ୍ଲୀ ଇକ୍‌ବଲ, ସୁରାବର୍ଦ୍ଦୀ) ହାତବାରିଶି କରି ଇଂରେଜମାନେ ଦେଶ ବିଭାଜନ ଯୋଜନା କଲେ। କାରଣ ଥିଲା ଏକ ଛୋଟ, ଦୁର୍ବଳ ଓ ନିର୍ଭର କରୁଥିବା ଦେଶ ରହିଲେ ଏସିଆରେ ଏକ ଘାଟି ସ୍ଥାପନ କରିହେବ ଓ ରୁଷିଆକୁ ପ୍ରତିହତ କରିହେବ। ପ୍ରବଳ ଗର୍ବୀ ଓ ସାହସୀ ଜିନ୍ନା ଆକର୍ଷିତ ହୋଇଗଲେ। ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ହେଲା ଓ କଂଗ୍ରେସ ନେତାମାନେ ଗିରଫ ହେଲେ। କିନ୍ତୁ ଜିନ୍ନା ଇଂରେଜମାନଙ୍କୁ ସମର୍ଥନ ଦେଲେ ଓ ମୁସଲମାନଙ୍କୁ ପ୍ରବର୍ତ୍ତାଇଲେ ସୈନ୍ୟବାହିନୀରେ ଯୋଗଦେବା ପାଇଁ। ୧୯୪୬ରେ ଯେଉଁ ନିର୍ବାଚନ ହୋଇଥିଲା ତାହା ଧର୍ମଭିତ୍ତିକ ହେଲା ଓ ମୁସଲମାନବହୁଳ ଅଞ୍ଚଳରେ ଅଧିକାଂଶ ଭୋଟ୍ ମୁସଲିମ ଲିଗ୍‌କୁ ଗଲା। ଏପରିକି ମାଡ୍ରାସରେ ମୁସଲିମ୍ ଲିଗ୍ ଅଧିକ ଭୋଟ୍ ପାଇଲା, ଯଦିବା ଏହା ଏକ ଉତ୍ତରଭାରତୀୟ ଦଳ ଥିଲା। ତଥାପି ଗାନ୍ଧୀ, ନେହେରୁ, ପଟେଲ ତ୍ରିମୂର୍ତ୍ତି ଦେଶ ବିଭାଜନକୁ ବିରୋଧ କଲେ। ଏହା ଏକ ପାଗଳାମି ବୋଲି ପଟେଲ୍ କହିଲେ। ହିନ୍ଦୁ ଓ ମୁସଲମାନ ଭାରତମାତାର ଦୁଇଟି ଆଖି, ଦୁଇଟି କାନ ବୋଲି ଗାନ୍ଧିଜୀ ଜିନ୍ନାଙ୍କୁ ଏକ ଚିଠିରେ ଲେଖିଲେ। ଦେଶ ବିଭାଜନ ହେଲେ ଦୁଇଟି ଦେଶ ଦୁର୍ବଳ ହୋଇଯିବ ବୋଲି ପଣ୍ଡିତ ନେହେରୁ ଘୋଷଣା କଲେ। କିନ୍ତୁ ଜିନ୍ନା ବିଭାଜନ କାହିଁକି ବିଳମ୍ବ ହେଉଛି ସେଥିପାଇଁ ଡାକରା ଦେଲେ Direct Action. ବେଙ୍ଗଲ, ବିହାର, ପଞ୍ଜାବରେ ବହୁତ ହାଣକାଟ ହେଲା। ହତ୍ୟା ପାଇଁ ପ୍ରବର୍ତ୍ତେଇଥିବା, ଅପରାଧ ପାଇଁ ଜିନ୍ନାଙ୍କୁ ଗିରଫ କରିବା ପରିବର୍ତ୍ତେ ଇଂରେଜ ସରକାର ତାଙ୍କ ସଙ୍ଗେ ଆଲୋଚନା କଲେ। ପଣ୍ଡିତ ନେହେରୁ ଓ ପଟେଲ ଦେଖିଲେ ଯେ ଦେଶ ଖଣ୍ଡ ଖଣ୍ଡ ହୋଇଯିବ। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଲଢ଼େଇ ହେବ। ତେଣୁ ବିଭାଜନ ପାଇଁ ସେମାନେ ବାଧ୍ୟ ହେଲେ। ଜଣକ ବେକରେ ଛୁରି ଲଗେଇ ଯାହା ପଇସା ଅଛି ଦେଇଦେ କହିଲେ ସେ ଯାହା କରିବ ସେଇ ଅବସ୍ଥା। କିନ୍ତୁ ଡାକୁକୁ ଦୋଷ ନ ଦେଇ ଅସହାୟ ଲୋକଟାକୁ ଦୋଷ ଦିଆଯାଉଛି। ଦେଶ ବିଭାଜନ ପାଇଁ ଜିନ୍ନା, ନେହେରୁ, ପଟେଲ ଦାୟୀ, କି ପଟେଲ୍ ଏକୁଟିଆ ଦାୟୀ, କି ଇଂରେଜ ସରକାର ଦାୟୀ ପାଠକେ ବିଚାର କରନ୍ତୁ।

ପୂର୍ବତନ ଡିଜି, ମୋ– ୯୦୪୦୪୧୨୩୭୮



ଅଲେଖ ଚନ୍ଦ୍ର ମିଶ୍ର

# ଆଚାରେ ଲକ୍ଷ୍ମୀ

ଭାଇ! ଗୋଟିଏ ଅନୁରୋଧ କରିବି, ରଖିବ? ମଧ୍ୟାହ୍ନ ବିରତିର ଏକ ନିରୋଳା ମୁହୂର୍ତ୍ତରେ ରଜନୀଶଙ୍କ କୋଠରି ଭିତରକୁ ପ୍ରବେଶ କରି ତାଙ୍କ କାନ ପାଖରେ ଚୁମ୍ବକରେ ସୂଚେଇଲେ ଦୀନନାଥ। ମୋର ଏବେ ଆଠଶହ ଟଙ୍କା ନିହାତି ଦରକାର। କାଲି ସ୍କୁଲରେ ଦାଖଲ ନ କଲେ ପୁଅ ପରୀକ୍ଷା ଦେଇପାରିବନି। ସବୁଆଡୁ ହତାଶ ହୋଇ ଶେଷରେ ତୁମ ପାଖକୁ ଆସିଛି। ଦରମା ମିଳିଲେ ଫେରେଇଦେବି। ଦରମା ମିଳିବାର ତ ସପ୍ତାହେ ହୋଇନି, ଏତେ ଟଙ୍କା କ'ଣ କଲ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ ରଜନୀଶ। ଦରମା ଟଙ୍କା କ'ଣ ମୁଁ ରଖେ। ସବୁ ତ ପତ୍ନୀଙ୍କ ହାତକୁ ବଢ଼େଇଦିଏ। ଘର ଚଳେଇବା ଦାୟିତ୍ୱ ତାଙ୍କର। କାରଣ ବାପଘରେ ଚଳି ଆସିଥିବା ଷ୍ଟାଟସ୍‌କୁ ମେଣ୍ଟେନ୍ କରିବାକୁ ପଡିବ। ତା' ଛଡ଼ା, ଦୁଇଟି ଆଲ୍‌ସେସିୟାନ୍‌ଙ୍କ ଦାୟିତ୍ୱ, କାର ପାଇଁ ପେଟ୍ରୋଲ, ସ୍ପା, ବିୟୁଟି ପାର୍ଲର, ଜିମ୍‌ର ଫିସ୍, କ୍ଲବ ପାଇଁ ଚାନ୍ଦା, ଗେଟ୍‌ଟୁଗେଦର...। ଥାଉ, ଥାଉ ହିସାବ ପାଇଗଲି। ଏତେ ସବୁ ପରେ ଟଙ୍କା ବଳିଲେ ପୁଅର ସ୍କୁଲ ଫି... ଏୟାତ। କଥାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଯାଇ ଦୀନନାଥଙ୍କ ହାତରେ ଆଠଶହ ଟଙ୍କା ଧରେଇଦେଇ କହିଲେ ରଜନୀଶ, ପୁଅ ପାଇଁ ହିଁ ଏ ଟଙ୍କା ଖର୍ଚ୍ଚ କରିବ। ଯାଅ, ଆଉ ଏ ଟଙ୍କା ଫେରେଇବା ଦରକାର ନାହିଁ।

ଦୀନନାଥ ଓ ରଜନୀଶ ଦୁହେଁ ସହକର୍ମୀ। ଏକା ଅଫିସରେ, ଏକା ପଦରେ ଅଧିଷ୍ଠିତ। ସମାନ ଦରମା। ସମାନ ସ୍ଥିତି। କିନ୍ତୁ ପରିସ୍ଥିତି ଭିନ୍ନ। ଜଣେ ଅଭାବ ଅସୁବିଧାରେ ବୁଡିରହି ସର୍ବଦା ପର ପାଖରେ ହାତ ପତାଉଥିବା ବେଳେ ଅନ୍ୟ ଜଣେ ସ୍ୱଚ୍ଛନ୍ଦରେ ଅୟସରେ ଦିନ କାଟନ୍ତି। ଏହାର ମୁଖ୍ୟ କାରଣ ଉଭୟଙ୍କର ପତ୍ନୀ। ଜଣେ ବାପଘରର ବୃଥା ଅଭିମାନକୁ ଜାବୁଡି ଧରିବାକୁ ଚେଷ୍ଟିତା, ଅନ୍ୟ ଜଣକ ନୂତନ ପରିସ୍ଥିତିକୁ ଆପଣେଇବାରେ ସିଦ୍ଧହସ୍ତା।

ଏ ଘଟଣା ବିରଳ ନୁହେଁ କିମ୍ବା ଏ ଚରିତ୍ର ସୀମିତ ନୁହେଁ। ଆଜିକାଲିର ଜୀବନଚର୍ଯ୍ୟାରେ ଏହା ଏକ ନିରନ୍ତର ସତ୍ୟ। ଏହାର ଅନ୍ୟତମ କାରଣ ହେଲା ପରିବାରର ଆର୍ଥିକ ପରିଚାଳନା। ଅର୍ଥର ପ୍ରକୃତ ମୂଲ୍ୟ ତା'ର ପରିମାଣରେ ନୁହେଁ, ପରିଚାଳନାରେ ଥାଏ। ଗରଜ, ଅୟସ ଓ ବିଳାସ ଏ ତିନିଟିକୁ ଠିକ୍ ଭାବରେ ବୁଝି ବ୍ୟୟର ପ୍ରାଥମିକତା ନିର୍ଦ୍ଧାରଣ କରିବା ହିଁ ଆର୍ଥିକ ଦକ୍ଷତାର ନିଦର୍ଶନ। ଏ କ୍ଷେତ୍ରରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଗୃହ ପରିଚାଳନାର ଦାୟିତ୍ୱ ସାଧାରଣତଃ ତାଙ୍କରି ଉପରେ ନ୍ୟସ୍ତ ଥାଏ। ତେଣୁ ସେମାନେ ଗୃହଲକ୍ଷ୍ମୀ। ସେମାନେ ଯେମିତି ଚଳାନ୍ତି ଘର ସେମିତି ଚଳେ। ସେଥିପାଇଁ କୁହାଯାଇଛି– ଗୋ, କନ୍ୟା, ଭୂମି (ଯଥାକ୍ରମେ ଶୁଭଙ୍କର, ସୁଲକ୍ଷଣା, ସ୍ୱର୍ଣ୍ଣପ୍ରସୂ) ଭାଗ୍ୟରେ ଥିଲେ ମିଳେ। ଘରେ ଘରେ ପରିଚିତ ଲକ୍ଷ୍ମୀ ପୁରାଣରେ ନାରୀ ଚରିତ୍ରର କିଞ୍ଚିତ ସୂଚନା ଦିଆଯାଇଛି, ଯାହା ହେଲା–

''ଗୋବିନ୍ଦ ବୋଲନ୍ତି ଆମ୍ଭେ କହୁଅଛୁ ଶୁଣ,
କେଉଁ ନାରୀ ଥିଲେ ହୁଏ ଐଶ୍ୱର୍ଯ୍ୟ ବର୍ଦ୍ଧନ।
କେଉଁ ନାରୀ ଥିଲେ ବଂଶ ନିପାତ ହୁଅଇ,
କେଉଁ ନାରୀ ଥିଲେ ବାସି ପେଜ ନ ମିଳଇ।
କେଉଁ ନାରୀ ଥିଲେ ଶାଢ଼ି ସୁନା ବଳା ପାଇ,
କେଉଁ ନାରୀ ଅଲକ୍ଷଣୀ ଗୃହକୁ ଭାଙ୍ଗଇ।''

ନାରୀମାନଙ୍କ ମଧ୍ୟରେ ପାର୍ଥକ୍ୟ ମନୁଷ୍ୟକୃତ। କୌଣସି ନାରୀ ଜନ୍ମରୁ ଖରାପ ନୁହେଁ। ପରବର୍ତ୍ତୀ କାଳରେ ସେମାନଙ୍କ ଆଚାର ଓ କାର୍ଯ୍ୟକଳାପ ହିଁ ସେମାନଙ୍କୁ ସୁଲକ୍ଷଣା କିମ୍ବା ଦୁର୍ଲକ୍ଷଣାର ପରିଚୟ ଦିଏ। ଏକ ଆଦର୍ଶ ନାରୀ ପାଇଁ ନିର୍ଦ୍ଦିଷ୍ଟ ଆଚାର ସଂହିତା ଶାସ୍ତ୍ରରେ ବିସ୍ତୀର୍ଣ୍ଣ ଭାବରେ ବର୍ଣ୍ଣନା କରାଯାଇଛି, ଯାହାର କିୟଦଂଶ ଲକ୍ଷ୍ମୀ ପୁରାଣର ଆଦ୍ୟ ସୋପାନରେ ସନ୍ନିବିଷ୍ଟ। ଶାସ୍ତ୍ରରେ ବର୍ଣ୍ଣିତ ଆଚାର ସଂହିତାର ଏକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା–

କୁଚେଳିନଂ ଦନ୍ତମଳୋପଧାରିଣଂ
ବହ୍ୱାଶୀନଂ ନିଷ୍ଠୁର ଭାଷିଣଂ ଚ।
ସୂର୍ଯ୍ୟୋଦୟେ ଚାସ୍ତମିତେ ଶୟାନଂ
ବିମୁଞ୍ଚତି ଶ୍ରୀ ଯଦି ଚକ୍ରପାଣିଃ॥

(ମଳିନ ବସ୍ତ୍ର ପରିଧାନ, ଦାନ୍ତ ଅଘଷା ରଖିବା, ବହୁତ ଖାଇବା, ନିଷ୍ଠୁର କଥା କହୁଥିବା, ସୂର୍ଯ୍ୟ ଉଦୟ ଓ ଅସ୍ତ ବେଳେ ଶୋଇଥିବା ଲୋକ ସ୍ୱୟଂ ଭଗବାନ ବିଷ୍ଣୁ ହେଲେ ବି ତାଙ୍କୁ ଲକ୍ଷ୍ମୀ ଛାଡି ଯାଆନ୍ତି।)

ମାତ୍ର କେତେଜଣ ଏହାକୁ ମାନନ୍ତି? ନିତି ଲକ୍ଷ୍ମୀ ପୁରାଣ ପଢୁଥିବା କେତେଜଣ ନାରୀ ସେଥିରେ ସୂଚିତ ଆଦର୍ଶକୁ ପାଳନ କରନ୍ତି? କୁହାଯାଏ– ବିଚାରେ ପଣ୍ଡିତ, ଆଚାରେ ଲକ୍ଷ୍ମୀ। ନାନା ପ୍ରକାର ଅନାଚାର କରି ଲକ୍ଷ୍ମୀବ୍ରତ କଲେ କି ଲାଭ? ପୁରୁଷମାନଙ୍କ ପାଇଁ ବି ନିର୍ଦ୍ଦିଷ୍ଟ ଆଚରଣ ବିଧି ଲିପିବଦ୍ଧ। ତଥାପି କେତେକ ଚାର୍ବାକ୍‌ଙ୍କର 'ଋଣଂ କୃତ୍ୱା ଘୃତଂ ପିବେତ୍' ନୀତି ଅନୁସରଣ କରନ୍ତି ତ ଅନ୍ୟ କେତେକ ଯେତିକି ଚୂନା ସେତିକି ପିଠାରେ ସନ୍ତୁଷ୍ଟ ରହନ୍ତି। ତେଣୁ ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ଅବଶ୍ୟମ୍ଭାବୀ, ଯାହାର ପରିଣତି ରଜନୀଶ ଓ ଦୀନନାଥଙ୍କ ଭଳି ଚରିତ୍ର ସୃଷ୍ଟି କରେ।

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ପୂର୍ବାପେକ୍ଷା ଆଜିକାଲି ଲୋକେ ଖୁବ୍ ସଚେତନ ହେଲେଣି। ନିଜ ମର୍ଜିରେ ଚଳିବାକୁ ଖୁବ୍ ପସନ୍ଦ କରୁଛନ୍ତି। ଏଥିପାଇଁ ଜଣେ ଝିଅ ବିବାହ ପୂର୍ବରୁ ସର୍ତ୍ତ ରଖିଛନ୍ତି। ତାହା ହେଲା ବାହାଘର ପୂର୍ବରୁ ଶାଶୁଘର ଲୋକେ ଶୌଚାଳୟ ନିର୍ମାଣ କରିବେ। ଏଥିସହିତ ପ୍ରଥମ ସନ୍ତାନ ପୁଅ କି ଝିଅ ହେବାପରେ ସେ ଆଉ ଦ୍ୱିତୀୟ ସନ୍ତାନ ଜନ୍ମ କରିବେ ନାହିଁ। ପରିବାର କଲ୍ୟାଣ ଅସ୍ତ୍ରୋପଚାର କରାଇବେ। ଏପରି ଏକ ଘଟଣା ବିହାରରେ ଘଟିଛି। ଉକ୍ତ ରାଜ୍ୟର ପୁର୍ନିଆ ଜିଲାର ବାସିନ୍ଦା ମହମ୍ମଦ କୈସର ଅନ୍‌ସାରୀଙ୍କୁ ବିବାହ କରିବାକୁ ଯାଉଥିବା କନ୍ୟା ଦୁଇଟି ସର୍ତ୍ତ ରଖିଛନ୍ତି। ଅନ୍‌ସାରୀଙ୍କ ବିବାହ ନଭେମ୍ବର ୧୯ ସୋମବାର ହେବାକୁ ଯାଉଛି। କନ୍ୟା ସୋନୀ ଶ୍ୱଶୁର ଘରେ ଶୌଚାଳୟ ପାଇଁ ଅଡି ବସିବା ସହିତ ନିମନ୍ତ୍ରଣ ପତ୍ରରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର ସମ୍ପର୍କରେ ସଚେତନତା ବାର୍ତ୍ତା ଛପାଇବା ପାଇଁ କହିଛନ୍ତି। ଏଥି ସହିତ ନିମନ୍ତ୍ରଣ ପତ୍ରରେ ସ୍ୱଚ୍ଛତା ବାର୍ତ୍ତା, 'ବେଟି ବଚାଓ, ବେଟି ପଢ଼ାଓ' ଭଳି ବାର୍ତ୍ତା ଛପାଇବାକୁ ସୋନୀ ସର୍ତ୍ତ ବାଢ଼ିଛନ୍ତି। ସୋନୀଙ୍କର ଏହି ସର୍ତ୍ତ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାସ୍ତବରେ ସୋନୀଙ୍କ ସର୍ତ୍ତରେ ରହିଛି ସମାଜ ସଚେତନତାମୂଳକ ବାର୍ତ୍ତା, ଯାହା ସମାଜରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୩

- ବାଣିଜ୍ୟ, ଅର୍ଥନୀତି ଏବଂ ପ୍ରଯୁକ୍ତି କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୟୁରୋପୀୟ ସମୁଦାୟ (ଇ.ସି.) ଭାରତ ସହ ଏକ ଯୁଗାନ୍ତକାରୀ ରାଜିନାମା ସ୍ୱାକ୍ଷରିତ କରିଛି।
- ବିଶିଷ୍ଟ ଗାୟିକା ଲତା ମଙ୍ଗେସ୍‌କର ୧୯୯୩ ବର୍ଷର ଇନ୍ଦିରା ସ୍ମୃତି ପୁରସ୍କାର ପାଇବା ପାଇଁ ମନୋନୀତ।

## ସାପ୍ତାହିକ ପଞ୍ଜିକା

୧୧– ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ, ମାଓବାଦୀ ଆକ୍ରମଣର ଭୟ ଥିବାରୁ ସୁରକ୍ଷା ଦାୟିତ୍ୱରେ ଲକ୍ଷେ ଯବାନ ନିୟୋଜିତ।
୧୨– କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅନନ୍ତ କୁମାରଙ୍କ ୫୯ ବର୍ଷ ବୟସରେ ଫୁସ୍‌ଫୁସ୍ କର୍କଟ ରୋଗରେ ପରଲୋକ।
୧୩– ବିଶିଷ୍ଟ ସଂଗୀତଜ୍ଞ ଚିତ୍ତ ଜେନାଙ୍କ ପରଲୋକ।
୧୪– ଶ୍ରୀଲଙ୍କାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନବନିଯୁକ୍ତ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଆସ୍ଥା ଭୋଟରେ ପରାଜିତ ହେବା ସହ ବିତାଡ଼ିତ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂହେ ବିଜୟୀ ହୋଇଛନ୍ତି।
୧୫– ଆଫଗାନିସ୍ତାନର ପଶ୍ଚିମାଞ୍ଚଳରେ ତାଲିବାନ୍ ଆତଙ୍କବାଦୀଙ୍କ ଆକ୍ରମଣ ଫଳରେ ୩୦ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି।
୧୬– ତାମିଲନାଡୁରେ ବାତ୍ୟା ଗାଜା ଯୋଗୁ ୨୦ ଜଣଙ୍କ ପ୍ରାଣହାନି।
୧୭– ବିଶିଷ୍ଟ ମର୍ଦ୍ଦଳ ବାଦକ ବନମାଳୀ ମହାରଣାଙ୍କ ୭୭ ବର୍ଷ ବୟସରେ ପରଲୋକ।
* ମାଳଦ୍ୱୀପର ନୂଆ ରାଷ୍ଟ୍ରପତି ଭାବେ ଇବ୍ରାହିମ୍ ମହମ୍ମଦ ସୋଲିଙ୍କ ଶପଥ ଗ୍ରହଣ।

## ଆମ ସମସ୍ୟା

### ବିପର୍ଯ୍ୟସ୍ତ ମୁଖ୍ୟ ସଡ଼କ

ମହାଶୟ,

କେନ୍ଦ୍ରାପଡା ଜିଲାର ରାଜନଗର ଛୋଟ ସହର ହେଲେ ବି ଏଠାରେ ସମସ୍ତ ସରକାରୀ ଦପ୍ତର ଚଳଚଞ୍ଚଳ। ରାଜନଗର ମୁଖ୍ୟ ମେଡିକାଲକୁ ଅଞ୍ଚଳର ରୋଗୀମାନେ ଭରସା କରନ୍ତି। କିନ୍ତୁ ରାଜନଗରରୁ ଗୋଳା ପର୍ଯ୍ୟନ୍ତ ମୁଖ୍ୟରାସ୍ତାଟି ସମ୍ପୂର୍ଣ୍ଣ ଅକାମୀ ହୋଇପଡିଛି। ପ୍ରାୟ ୫୦୦ ଗ୍ରାମର ଜନସାଧାରଣ ଉକ୍ତ ମୁଖ୍ୟ ରାସ୍ତାରେ ଚଳପ୍ରଚଳ କରନ୍ତି। ଏଣୁ ପ୍ରଶାସନ ତୁରନ୍ତ ଉକ୍ତ ସଡ଼କ ପୁନଃନିର୍ମାଣ ବା ମରାମତି ପ୍ରତି ଦୃଷ୍ଟିଦେବା ଏକାନ୍ତ ଜରୁରୀ।

ଆଦିକନ୍ଦ ସାହୁ, ଦୁର୍ଗା ନର୍ସିଂହୋମ, ସାନ୍ତସାଇ, କେନ୍ଦ୍ରାପଡ଼ା

### ଟୋଲ୍‌ଗେଟ୍ ସ୍ଥାନାନ୍ତର ହେଉ

ଦୀର୍ଘଦିନର ଦାବି ସତ୍ତ୍ୱେ ଫକିରପଡା ଟୋଲଗେଟ୍‌କୁ ସ୍ଥାନାନ୍ତର କରିବାରେ ଅବହେଳା ହେଉଛି। ଅନ୍ୟତ୍ର ଟୋଲଗେଟ୍ ନିର୍ମାଣରେ ବିଳମ୍ବ ଘଟୁଛି। ଏଥି ସହ ବେଆଇନ ହମ୍ପ୍‌ସ ନିର୍ମାଣ ଯୋଗୁ ଦୁର୍ଘଟଣାମାନ ଘଟୁଛି। ବିହିତ ପଦକ୍ଷେପ ନ ନେଲେ ଧନଜୀବନ ହାନି ଘଟିବ। ଓଏମ୍‌ପିଠାରୁ ପାରାଦୀପ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାରୁ ଟୋଲ ଆଦାୟ ହେବା ଆବଶ୍ୟକ। ମୁଖ୍ୟ ରାସ୍ତାରେ ସରକାରଙ୍କ ବିନା ଅନୁମୋଦନରେ ହମ୍ପ୍‌ସ ନିର୍ମାଣ ନ କରିବା ପ୍ରତି ସଚେତନତା ସୃଷ୍ଟି କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପାବନ ସରୋବରରେ ପୁନର୍ଜାଗରଣ କର୍ମଶାଳା

ହୀରାକୁଦ,୧୮।୧୧(ଡି.ଏନ.ଏ) ସମ୍ବଲପୁର ଜିଲା ହୀରାକୁଦ ଶାସନସ୍ଥିତ ପାବନ ସରୋବରରେ ବ୍ରହ୍ମାକୁମାରୀ ସମ୍ବଲପୁର ଶାଖା ତରଫରୁ ୧୮୫ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ପୁନର୍ଚିନ୍ତନ ଦ୍ୱାରା ପୁନର୍ମିଳନ ଏବଂ ପୁନର୍ଜାଗରଣ ସଂକ୍ରାନ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଁଟଆବୁରୁ ଆସିଥିବା ରାଷ୍ଟ୍ରୀୟ ସଂଯୋଜକ ବ୍ର.କୁ. ଶ୍ରୀକାନ୍ତ, ବାଙ୍ଗାଲୋରରୁ ବ୍ର.କୁ. ବେଦୀ ଓ ବିଶିଷ୍ଟ ଲେଖିକା ପ୍ରେରଣାଦାୟୀ ବକ୍ତା ଡା. ଅଦିତୀ ସିଂହଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଂସ୍ଥାର କ୍ଷେତ୍ରୀୟ ନିର୍ଦ୍ଦେଶିକା ରାଜଯୋଗିନୀ ପାର୍ବତୀ ଭଉଣୀ କର୍ମମୟ ଜୀବନରେ ଆଧାତ୍ମିକ ଜ୍ଞାନ ଏବଂ ରାଜଯୋଗର ଉପାଦେୟତାକୁ ଦର୍ଶାଇଥିଲେ। ସମ୍ବଲପୁର ପିଡିଡିଆଡିଏ ସୁକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଅନେକ ଶିକ୍ଷାବିତ୍, ଆଇନଜୀବୀ, ଡାକ୍ତର, ଇଞ୍ଜିନିୟର ଏବଂ ରିସର୍ଚ୍ଚ ସ୍କଲାରମାନେ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହୋଇଥିଲା।

## ବଡ଼ ଚାକରୀ ଛାଡି ଚାଷୀ ସାଜ୍‌ଲେ ସଞ୍ଜୀବ

# ୧୮ ଝନ୍‌କୁ ରୁଜ୍‌ଗାର ଦେଇ ଉଦାହାରନ୍ ସୁରୁଷ୍‌ଟି କଲେ

**ସମ୍ବଲପୁର,୧୮।୧୧(ବ୍ୟୁରୋ)** ପୁନେ ଏମ୍ବାସିସ ଲେଖେଁ ଗୁଟେ ନାଁକରା ଶିକ୍ଷାନୁଷ୍ଠାନ୍‌ରୁ ଏମବିଏ ପାସ କରିଛନ୍। ଫେନ୍ କ୍ରେଡିଟ ସୁଇଜ ଲେଖେଁ ଗୁଟେ ନାଁକରା ଅନ୍ତର୍ଜାତୀୟ କମ୍ପାନୀରେ ଜୋନାଲ ହେଡ ହିସାବେ ବଛରକ ୧୮ ଲାଖ୍ ଟଁକାର ଚାକ୍‌ରି ଛାଡ଼ି ଚାଷ୍ କରବାକେ ମନ୍ ବଲେଇଥିଲେ। ଯେ କେହି ଇ କଥା ଶୁନ୍‌ବା ଆଶ୍‌ରିୟ୍ ହେବା। ହେଲେ ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୁର୍ଲା ଗାଁର ସଞ୍ଜୀବ ଖଣ୍ଡେୱାଲା(୩୦) ଇତାକେ ସତ୍ କରି ଦେଖେଇଛନ୍। ଗୁଟେ ବଡ଼ କମ୍ପାନୀର ଉଚ ପଦବୀର ଚାକ୍‌ରି ଛାଡ଼ି ସେ ଚାଷ୍ କରବାକେ ମନ୍ ବଲେଇଛନ୍। ପୁନେ ଲେଖେଁ ଗୁଟେ ସହରରୁ ଆସି ଗାଁରେ ଚାଷ୍ କରି ଉନିଆମାନକର ଲାଗି ଉଦାହରନ୍ ସୁରୁଷ୍‌ଟି କରିଛନ୍। ଇ ବାବ୍‌ଦେ ତାହାକୁ ପଚ୍‌ରାଲାରୁ ଗାଁରୁ ଦୂରେ ରହି ସବୁବେଲେ ଗାଁର କଥା ଭାଲି



ସମ୍ବଲପୁର ଜିଲା ବାମରା ଗୁର୍ଲା ଗାଁରେ ସଞ୍ଜୀବଙ୍କର ବଗିଚା ।



ସଞ୍ଜୀବ ଖଣ୍ଡେୱାଲ।

ହେଉଥିଲି। ସେଥିରଲାଗି ନିଜେ ରୁଜ୍‌ଗାର କରବାର ସଂଗେ ଗାଁରେ ଉନିଆମାନକର ଲାଗି ରୁଜ୍‌ଗାର ତିଆର କରବାର ଉଦେଶରେ ଭିନେ ଭିନେ ପରକାର ଚାଷ୍ ଆରମ୍ କରିଥିଲି। ୨୦୧୪ ସାଲେ ଚାକ୍‌ରି ଛାଡ଼ି ଚାଷ୍ ଆରମ୍ କରିଥିଲି। ଇଥିରଲାଗି ପରିବାର ଲୋକ୍ ସହଯୋଗ୍ ବି କରୁଛନ୍। ପାଖାପାଖି ୧୪ ଏକର ଜମି ଅଛେ। ସେ ଜମିରେ ପହେଲା ଫଲ୍‌ମୂଲ୍, ପନିପରିବା ଚାଷ୍ ଆରମ୍ କରିଥିଲି। ବାଏଗନ୍, ଫୁଲ୍‌କୁବି, ବଁଧାକୁବି, ପାତଲଘଁଟା, ଭେଁଡି, କାଁକେର ଲେଖେଁ ରୁତୁ ଅନ୍‌ସାରେ ପନିପରିବା ଚାଷ୍ ହେଉଛେ। ଖେତେ ବାରବାର ଗଭୀର ନଲ୍‌ଦୁଆଁ କୁଡ଼ିଥିଲେ ବି ପାଏନ୍ ଯୁଗେଇ ନାଇଁ ପାର୍‌ଲା, ସେଥିର୍‌ଲାଗି ସେ ଦୁଇ ଏକର ଜମିରେ ଗୁଟେ ବଁଧ୍ କୁଡ଼େଇଛେଁ। ପାଏନ୍ ଯେନ୍‌ଥେଇ ବଁଚେଇ ହେବା ଆର୍ ବରବାଦ୍ ନାଇଁ ହେବା ସେ ଦିଗ୍‌କେ ଗୁରୁତ୍ ଦେଇ ପାଏନ୍ ମଡାହେଉଛେ। ଅମଲ ହେଉଥିବାର ଫସଲ ଥାନୀୟ ବଜାର ଆର୍ ସହରରେ ବିକ୍‌ରି ହେଉଛେ। ଫିବଛର ଆଏ ବଢ଼ବାରେ ଲାଗିଛେ। ଏହେଦେ ଖେତ୍ ସାଜ୍‌ବା ଆର୍ ଚାଷ୍ କରବାରେ ଅଧିକା ଖରଚ୍ ହେଉଛେ। ସେଥିର୍‌ଲାଗି ଅଧିକା ଲାଭ୍ ନାଇଁ ହେବାର, ହେଲେ ବି ବଛରକ ୨୦ରୁ ୨୨ ଲାଖ୍ ଟଁକା ଲେନ୍‌ଦେନ୍ ହେଇ ପାରୁଛେ। ଆଏବାର ଦିନ୍‌ମାନ୍‌କେ ଆଏ ବଢ଼ବାର ଲକ୍ଷ ଅଛେ ବଲି ସେ କହିଥିଲେ। ଏହେଦେ ସଞ୍ଜୀବ ଚାକ୍‌ରି ଛାଡ଼ି ଚାଷ୍‌ରେ ମାତିଛନ୍ ଆର୍ ନିଜର ଗୁଟେ ଖାସ୍ ପରିଚଏ ସୁରୁଷ୍‌ଟି କରିପାରିଛନ୍। ଇତାର ବାହାରେ ଗାଁର ୧୪ ଝନ୍ ମାଏଝି ଆର୍ ୪ ଝନ୍ ଲୋକ୍‌କେ ଫିଦିନ୍ କାମ୍ ଯୁଗେଇଦେଇ ପାରୁଛନ୍। ଦରକାର ପଡ଼ଲେ ଗାଁର ଉନିଆମାନକୁ ବି କାମ୍ ଦେଉଛନ୍। ଶ୍ରମିକ୍‌ମାନକର ସ୍ୱାସ୍ଥ୍ୟ ବୀମା ଆର୍ ଉନିଆ ସୁବିଧା ନିଜର ତରଫୁ କରିଥିବାର ସେ କହିଛନ୍।

## ଖରିଫ ଋତୁ ଧାନ ସଂଗ୍ରହ ଅଚଳାବସ୍ଥା ସ୍ୱାଭାବିକ ହେବ, ସାମିଲ ହେବେ ମିଲର୍ସ

**ସମ୍ବଲପୁର,୧୮।୧୧(ବ୍ୟୁରୋ)** ଖରିଫ ଋତୁ ଧାନ ସଂଗ୍ରହ ନେଇ ବୁଧବାର ପ୍ରଥମ ଦିନରୁ ଦେଖାଦେଇଥିବା ଅଚଳାବସ୍ଥା ଦୂର ହେବ। ମିଲର୍ସମାନଙ୍କ ଦାବି ଓ ସମସ୍ୟା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ସୋମବାରରୁ ଧାନ କିଣା ସ୍ୱାଭାବିକ ଅବସ୍ଥାକୁ ଫେରିବ। ମିଲର୍ସମାନଙ୍କ ସହ ବୈଠକ ପରେ ଜିଲାପାଳ ସମର୍ଥ ବର୍ମା ଚାଷୀଙ୍କୁ ଏହି ଭରସା ଦେଇଛନ୍ତି। ରବିବାର ମିଲର୍ସମାନଙ୍କ ଏକ ପ୍ରତିନିଧି ଜିଲା ଯୋଗଣ ଅଧିକାରୀ ପୀତାମ୍ବର ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାପାଳ ବର୍ମାଙ୍କ ଘରୋଇ ଅଫିସକୁ ଯାଇଥିଲେ। ସେଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨୦ମିନିଟ ଧରି ଚାଷୀ ଓ ମିଲର୍ସଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପରେ ମିଲର୍ସମାନେ କିଣାବିକାରେ ସହଯୋଗ କରିବେ ବୋଲି କହିଥିଲେ। ଚଷୀମାନେ ମଧ୍ୟ ଏହି ସକାରାତ୍ମକ ଆଲୋଚନାରେ ଆଶ୍ୱସ୍ତ ହୋଇଛନ୍ତି। ବୁଧବାରଠାରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା । ହେଲେ ମିଲର୍ସମାନେ ବିଭିନ୍ନ ଦାବି ନେଇ ଧାନ କିଣିବାକୁ ଯୋଗାଣ ବିଭାଗ ସହ ଚୁକ୍ତି କରିନଥିଲେ। ଏଣୁ ଧାନ ବୋଝେଇ ଗାଡ଼ି ଜିଲାର ବିଭିନ୍ନ ମାର୍କେଟୟାର୍ଡକୁ ଫେରିଯାଇଥିଲା। କୃଷକ ସଙ୍ଗଠନ ଏଥିରେ ଆନ୍ଦୋଳନ ଚେତାବନୀ ଦେଇଥିଲା। ଏଭଳି ଅଡୁଆ ପରିସ୍ଥିତିରେ ପ୍ରଶାସନ, ଚାଷୀ, ମିଲ୍ସକୁ ନେଇ ୩ ଦିନ ଧରି ବୈଠକ ହୋଇଆସୁଥିଲା। ହେଲେ କୌଣସି ନିଷ୍କର୍ଷ ବାହାରିପାରୁନଥିଲା। ଉପାର୍ଜିତ କଷ୍ଟଲବ୍ଧ ଅମଳକ୍ଷମ ଧାନ ବିକ୍ରି କରିନପାରି ହତାଶ ହୋଇପଡ଼ିଥିବା ଚାଷୀମାନେ ତାତି ଉଠିଥିଲେ। ଶନିବାର ସିନ୍ଦୁରପଙ୍କ ପିତାବଳୀ ମନ୍ଦିର ପରିସରରେ ଚାଷୀ ସଂଗଠନର ଏକ ଜରୁରୀ ବୈଠକ ହୋଇଥିଲା। ସୋମବାରରୁ ଧାନ ସଂଗ୍ରହରେ ସମସ୍ୟା ଦେଖାଦେଲେ ଜିଲାପାଳଙ୍କ ଘର ସମ୍ମୁଖରେ ଧାନ ବସ୍ତା ରଖି ଆନ୍ଦୋଳନ କରିବେ ବୋଲି ଚାଷୀମାନେ ଉକ୍ତ ବୈଠକରେ ନିଷ୍ପତ୍ତି କରିଥିଲେ। ଏଣୁ ରବିବାର ପ୍ରଶାସନ ପୁର୍ନବାର ବୈଠକ ଡକାଇ ମିଲର୍ସଙ୍କ ସହ ଆଲୋଚନା କରିବାକୁ ବାଧ୍ୟ ହୋଇଥିଲା।

# ପୋଷ୍ଟରରେ ସୀମିତ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନ

**ବାମରା,୧୮।୧୧(ସ୍ୱ.ପ୍ର.)**

ରାଜ୍ୟର ଗ୍ରାମାଞ୍ଚଳରେ ସମ୍ପ୍ରତି ସ୍ୱଚ୍ଛ ଭାରତ ମିଶନ ଜରିଆରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନ ଜାରି ରହିଛି। ସେହିପରି ବିଶ୍ୱ ଶୌଚାଳୟ ଦିବସ କାର୍ଯ୍ୟକ୍ରମ ନେଇ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହା ବାସ୍ତବତାରୁ ଯେ ବହୁ ଦୂରରେ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି। ସମ୍ବଲପୁର ଜିଲା ବାମରା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଲେଖା ହୋଇଥିବା ବ୍ୟାନର ଓ ପୋଷ୍ଟର ଲାଗି ରହିଥିବାବେଳେ ସେଠାରେ ଥିବା ଏକମାତ୍ର ସାର୍ବଜନୀନ ଶୌଚାଳୟ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇ ପଡ଼ିରହିଛି। ନାକଫଟା ଦୁର୍ଗନ୍ଧରେ ଉକ୍ତ ଶୌଚାଳୟରେ ପାଦ ପକାଇବାକୁ ଲୋକେ ନାକ ଟେକୁଥିଲାବେଳେ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। ବିଗତ କିଛି ଦିନ ତଳେ ବାମରାରେ ଥିବା ଜିଲାପାଳଙ୍କ ଜନଶୁଣାଣୀରେ ବଡବଡ ପୋଷ୍ଟର ମାଧମରେ ବିଶ୍ୱ ଶୌଚାଳୟ ଦିବସ



ଅବହେଳିତ ଅପରିଷ୍କାର ଶୌଚାଳୟ।

ପାଳନ ନେଇ ସଚେତନତା କରାଯାଉଥିଲା। ସେହି ସମୟରେ ଅପରିଷ୍କାର ଶୌଚାଳୟ ବିଷୟରେ ଉପସ୍ଥିତ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣାକୁ ସପ୍ତାହେ ବିତିଯାଇଥିଲେ ମଧ ଶୌଚାଳୟଟି ଯଥା ପୂର୍ବଂ ଅବହେଳିତ ଅବସ୍ଥାରେ ପଡ଼ିରହିଛି।

ଏଣୁ ଚଳିତ ମାସ ୯ ରୁ ୧୯ ନଭେମ୍ବର ପର୍ଯ୍ୟନ୍ତ ଜିଲା ଜଳ ଓ ପରିମଳ ମିଶନ ସମ୍ବଲପୁର ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଥିଲେ ହେଁ ଏହା ଯେ କେବଳ ଲୋକଦେଖାଣିଆ କାର୍ଯ୍ୟକ୍ରମ ଥିଲେ ସାଧାରଣରେ ଏବେ କୁହାଯାଉଛି। ବ୍ଲକ ପ୍ରଶାସନ ନିଜେ ସ୍ୱଚ୍ଛତା ବିଷୟରେ ସଚେତନ ନ ଥିବା ବେଳେ ସାଧାରଣ ଲୋକେ କିଭଳି ସଚେତନ ହୋଇପାରିବେ ଅଞ୍ଚଳର ହାଟବଜାରରେ ଆଲୋଚନା ଚାଲିଛି। ଏ ବିଷୟରେ ବିଡିଓ ସୁଶୀଲ କୁଜୁରଙ୍କୁ ପଚାରିବାରେ ଶୌଚାଳୟଟି ସଫା କରାଯିବ ବୋଲି କହିଥିଲେ। କିନ୍ତୁ କେବେ ତାହା ସ୍ପଷ୍ଟ କରିନାହାନ୍ତି।

# ନବନିର୍ମିତ କଲ୍ୟାଣ ମଣ୍ଡପ ଲୋକାର୍ପିତ

**ବୁର୍ଲା,୧୮।୧୧(ଡି.ଏନ.ଏ.)**

ବୁର୍ଲା ଅବଦୁଲ କଲାମ ପ୍ଲାନେଟୋରିୟମ ନିକଟରେ ଲକ୍ଷାଧିକ ବ୍ୟୟ ଅଟକଳ ମଧରେ ନବନିର୍ମିତ କଲ୍ୟାଣ ମଣ୍ଡପ ରବିବାର ପୂର୍ବାହ୍ନରେ ସାଂସଦ ଓ ବିଧାୟିକାଙ୍କ କରକମଳରେ ଲୋକାର୍ପିତ ହୋଇଛି। ସମ୍ବଲପୁର ସାଂସଦ ନଗେନ୍ଦ୍ର ପ୍ରଧାନ, ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦାନ କରି ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲାପାଳ ସମର୍ଥ ବର୍ମା, ମହାନଗର ନିଗମ ଡେପୁଟି କମିଶନର ସୁଧାଂଶୁ ଭୋଇ, ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀ ଇଂ. ବଶିଷ୍ଠ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଆୟୋଜନରେ ନଗର ବିଜେଡି ସଭାପତି ଦେବାଶିଷ ନନ୍ଦଙ୍କ ତତ୍ତ୍ୱାବଧାନରେ ନଗର ସଭାନେତ୍ରୀ ଶାନ୍ତିଲତା କର, ବାବୁଲୁ ମିଶ୍ର, ବାପି ପଣ୍ଡା, ସୁଜାତା ପୁରୋହିତ, କଳ୍ପନା ବେହେରା, ଲଳିତା ବାଗ, ସୀତା ପ୍ରଧାନ, ତରଣୀସେନ ଚାନ୍ଦ, ରୋମି ମହାପାତ୍ର, ହୃଷିକେଶ ସ୍ୱାଇଁ, ଶଙ୍କର ପ୍ରସାଦ, ଲକ୍ଷ୍ମୀ ପ୍ରଧାନ ପ୍ରମୁଖଙ୍କ ସହଯୋଗ କରିଥିଲେ। ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲ୍ୟାଣ ମଣ୍ଡପ ପିଡବ୍ଲ୍ୟୁଡି ନିର୍ମାଣ କରିଥିବା ବେଳେ ମହାନଗର ନିଗମକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି।

# ୨୪ତମ ଚିତ୍ରାଙ୍କନ ପ୍ରତିଯୋଗିତା



ରବିବାର ସମ୍ବଲପୁର କଳା ଓ କଳାକାର ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା ।

**ସମ୍ବଲପୁର,୧୮।୧୧(ବ୍ୟୁରୋ)** କଳା ଓ କଳାକାର ପକ୍ଷରୁ ୨୪ତମ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଧନୁପାଲି ଶ୍ରୀଗଣେଷ ଗାର୍ଲ୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ୪ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ପ୍ରଶାନ୍ତ ମାଝୀ, ସଞ୍ଜୟ ସାହୁ, ସୁଦାମ ପଣ୍ଡା, ଜଗନ୍ନାଥ ବେହେରା, ସୁମନ୍ତ ପାଲ, ପବିତ୍ର ବେରିହା, ମହମ୍ମଦ କାସିମ୍, ନମ୍ରତା ନାୟକ, ବଳରାମ ହୋତା, କୁଳଦୀପ ବର୍ମା, ନିଲିମା ସାମଲ, ମାନସ ପତି, ଉମାକାନ୍ତ ପଣ୍ଡା, ଅଞ୍ଜନ ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ଦେବେନ୍ଦ୍ର ସାହୁ, ଗୌରିଦାସ ପଣ୍ଡା, ମହେଶ ପଟେଲ, ଦେବେନ୍ଦ୍ର ପଟେଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଭୀମସାରରେ କନିଷ୍ଠ ଡାକ୍ତରଙ୍କ ଆନ୍ଦୋଳନ ୨ଦିନରେ

■ ଓପିଡି ସେବା ପ୍ରଭାବିତ, ମେଡିକାଲ ଖାଁ ଖାଁ

**ବୁର୍ଲା,୧୮।୧୧(ଡି.ଏନ.ଏ)** ଭୀମସାର ମେଡିକାଲରେ କନିଷ୍ଠ ଡାକ୍ତରୀ ସଂଘ ୧୦ ଦଫା ଦାବି ଓ ନିର୍ଦ୍ଦେଶକଙ୍କୁ ଅପସାରଣ ନେଇ ଶନିବାର ଆନ୍ଦୋଳନକୁ ଓହ୍ଲାଇଛି। ରବିବାର ୨ୟ ଦିନରେ ଆନ୍ଦୋଳନ ପହଞ୍ଚିଥିବା ବେଳେ ଓପିଡି ଓ ଆଇପିଡି ସେବାରୁ ସଂଘ ବିରତ ରହିଛି। ଭୀମସାରରେ ପିଜି ଡାକ୍ତର ଓ ହାଉସ ସର୍ଜନ ଏପରି ମୋଟ ୪୦୦ ରହିଥିବା ବେଳେ ଓପିଡି ସେବା ବାଧାପ୍ରାପ୍ତ ହୋଇଛି। ଏହି ଆନ୍ଦୋଳନ ନେଇ ସମସ୍ତ ଡାକ୍ତରଙ୍କ ଛୁଟି ବାତିଲ ହୋଇଥିବା ବେଳେ ରୋଗୀସେବାରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିବା ମେଡିକାଲ ସୂତ୍ରରୁ ଜଣାପଡିଛି। କନିଷ୍ଠ ଡାକ୍ତରଙ୍କ ଆନ୍ଦୋଳନ ଆରମ୍ଭ ହୋଇଥିବା ଖବର ପ୍ରସାରଣ ପରେ ରବିବାର ଓପିଡିରେ ରୋଗୀ ପଞ୍ଜିକରଣ କାଉଣ୍ଟର ଖାଁ ଖାଁ ହୋଇପଡ଼ିଥିଲା। କେବଳ ଜରୁରୀ କାଳୀନ ପରିସ୍ଥିତିକୁ ନଜରରେ ରଖି ରୋଗୀଙ୍କୁ ଭର୍ତ୍ତି କରାଯାଉଥିବା ଦେଖିବାକୁ ମିଳିଥିଲା। ସୋମବାରରୁ ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିବାକୁ କନିଷ୍ଠ ଡାକ୍ତରୀ ସଂଘ ଚେତାବନୀ ଦେଇଛି।

## ଧନକଉଡା ବ୍ଲକ ଆନ୍ତଃ ପଞ୍ଚାୟତ ଏକଦିବସୀୟ ଫୁଟବଲ

# ବିଶାଲଖିଣ୍ଡା ଚାମ୍ପିୟନ, କନଖିଣ୍ଡା ରନର୍ସଅପ୍

**ବୁର୍ଲା,୧୮।୧୧(ଡି.ଏନ.ଏ.)** ବିଶ୍ୱ ଶୌଚ ଦିବସ ଅବସରରେ ସମ୍ବଲପୁର ଜିଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ଧନକଉଡ଼ା ବ୍ଲକ୍ ଅଧୀନ ୯ ପଞ୍ଚାୟତକୁ ନେଇ ଧନକଉଡା ଖେଳ ପଡ଼ିଆରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ କର୍ଡୋଲା, କଳାମାଟି, ବସନ୍ତପୁର, କୁଦଗୁଣ୍ଡେରପୁର, ବିଶାଲଖିଣ୍ଡା, କନାଖିଣ୍ଡା, ତାଲବ, ଶାସନ, କିଲାସମା ଆଦି ପଞ୍ଚାୟତ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବିଶାଲଖିଣ୍ଡା ଓ କନଖିଣ୍ଡା ମଧ୍ୟରେ ହୋଇଥିଲା। ଟ୍ରାଇବ୍ରେକରରେ ୩-୧ ଗୋଲରେ ହରାଇ ବିଶାଲଖିଣ୍ଡା ଚାମ୍ପିୟନ ହୋଇଛି। ସମସ୍ତ ଖେଳକୁ କ୍ରୀଡ଼ା ଶିକ୍ଷକ ଶାନ୍ତା ରନବିଡା, ବେଣୁଧର ନାଏକ, ରାମନିବାସ ସାହୁ, ହରିହର ପ୍ରଧାନ, ଲକ୍ଷ୍ମଣ ମେହେର ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଉପଜିଲାପାଳ ପ୍ରଦୀପ ସାହୁ, ବିଡିଓ ସରୋଜକୁମାର ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ



ଟ୍ରଫି ସହ ବିଜେତା ଦଳର ଖେଳାଳି।

ସାଂସଦ ବ୍ଲକ ପ୍ରତିନିଧି ହିରାଲାଲ ବାରିକ, ଏବିଡିଓ ସୁଶାନ୍ତ କୁମାର ପଣ୍ଡା, କିଲାସମା ସରପଞ୍ଚ ପ୍ରଶାନ୍ତ ବାରିକ, କଳାମାଟି ସରପଞ୍ଚ ଶ୍ରୀହରି ନାଗ, କର୍ଡୋଲା ସରପଞ୍ଚ ବିଶ୍ୱବନ୍ଧ୍ୟା ବଢ଼େଇ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଜେତା ଦଳକୁ ନଗଦ ୫ହଜାର ଓ ଉପବିଜେତା ଦଳକୁ ନଗଦ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଗତି ସହାୟକ ଜୟଦେବ ବଗର୍ତ୍ତିଙ୍କ ତତ୍ତ୍ୱାବଧାନରେ ଏକାଉଣ୍ଟ ଅଫିସର କୃଷ୍ଣଚନ୍ଦ୍ର ରାଉତ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ଦୀପିକା ମହାପାତ୍ର, ବ୍ଲକ ଏଇ ଧ୍ରୁବଚରଣ ନାୟକ ପ୍ରମୁଖଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଦିଆଯାଇଥିବା ନଗଦ ପୁରସ୍କାର ରାଶି ଆଇଡିବିଆଇ ବ୍ୟାଙ୍କ ମ୍ୟାନେଜର ପ୍ରଦାନ କରିଥିଲେ ।

# ଡିସେମ୍ବର ୩୦ରେ ଅନ୍ତର୍ଜାତୀୟ ସମ୍ବଲପୁରୀ ନୃତ୍ୟ ଉତ୍ସବ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ଆସନ୍ତା ଡିସେମ୍ବର ୩୦ ତାରିଖରେ ସମ୍ବଲପୁରରେ ଆନ୍ତର୍ଜାତୀୟ ସମ୍ବଲପୁରୀ ନୃତ୍ୟ ଉତ୍ସବ ହେବ। ଏଥିରେ ରାଜ୍ୟ ତଥା ଦେଶ ବାହାରୁ ନୃତ୍ୟ ଦଳ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ରବିବାର ସମ୍ବଲପୁର ମହାନଦୀ କ୍ଲବଠାରେ କୁଟିଣ୍ଡା ଅଭୟ ଆର୍ଟ ଏକାଡ଼େମୀ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହା ସ୍ଥିର ହୋଇଛି। ଏହି ଉତ୍ସବ ମାଧମରେ ସମ୍ବଲପୁରୀ କଳା, ସଂସ୍କୃତି, ନୃତ୍ୟ ସଙ୍ଗୀତର ପ୍ରଚାର ପ୍ରସାର ହୋଇପାରିବ। ଅପରପକ୍ଷେ ରାଜ୍ୟ ଓ ଦେଶ



ରବିବାର ସମ୍ବଲପୁର ମହାନଦୀ କ୍ଲବଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି ।

ବାହାରୁ ସାମିଲ ହେବାକୁ ଥିବା ନୃତ୍ୟ ଦଳମାନେ ସମ୍ବଲପୁରୀ ସଂସ୍କୃତି ବିଷୟରେ ଜାଣିପାରିବେ। ସେହିପରି ସମ୍ବଲପୁରୀ ନୃତ୍ୟର ମୌଳିକତା ବିଷୟରେ ଜ୍ଞାନ ଆହରଣ କରିପାରିବେ ବୋଲି ସଭ୍ୟମାନେ ମତବ୍ୟକ୍ତ କରିଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର, ନୃତ୍ୟ ଗୁରୁ ଆଲୋକ ପଣ୍ଡା, ସପନ ମିଶ୍ର, ତୁଳାରାମ କଲେତ, ଜୟଶ୍ରୀ ପୁରୋହିତ, ମାନସ ଷଡ଼ଙ୍ଗୀ, ଦୀନେଶ ବଢ଼େଇ, ସୁରଜ ବଢ଼େଇ, ମଧୁସୂଦନ ପ୍ରଧାନ, ଆକାଶ ଦାଶ ଆଲୋଚନାରେ ଭାଗ ନେଇଥିଲେ।

## ସମ୍ବଲପୁର ବରିଷ୍ଠ ନାଗରିକ ସମାଜର ୪ର୍ଥ ବାର୍ଷିକ ଉତ୍ସବ ସମାରୋହ

**ବୁର୍ଲା,୧୮।୧୧(ଡି.ଏନ.ଏ)** ସମ୍ବଲପୁର ବରିଷ୍ଠ ନାଗରିକ ସମାଜର ୪ର୍ଥ ବାର୍ଷିକ ଉତ୍ସବ ଧନକଉଡ଼ା ବ୍ଲକ ବସନ୍ତପୁର ପଞ୍ଚାୟତସ୍ଥିତ ରୂପାପାଲି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନାଗରିକ ସମାଜର କୋଷାଧ୍ୟକ୍ଷ ନାରାୟଣ ନାୟକଙ୍କ ଆବାହକତ୍ୱରେ ବାର୍ଷିକ ସମାରୋହ ହୋଇଥିଲା। ସଭାପତି ଗୋପରଞ୍ଜନ ଦୁବେଙ୍କ ଅଧ୍ୟକ୍ଷତାରେ ସଭାରେ ପ୍ଲାଷ୍ଟିକ ବର୍ଜନ, ବୃକ୍ଷ ରୋପଣ ଆଦି ଉପରେ ଆଲୋଚନା ହୋଇଥିଲା। ଯୋଗ, ପ୍ରାଣାୟମ ଅଭ୍ୟାସ ଜାରି ରଖିବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ପରେ ଭଜନ, କୀର୍ତ୍ତନ, କୃଷ୍ଣଗୁରୁ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମମାନ ହୋଇଥିଲା। ଉପସଭାପତି ସାମ୍ବାଦିକ ଅର୍ଜୁନ ପଣ୍ଡା, ସାଧାରଣ ସମ୍ପାଦକ ସଦାନନ୍ଦ ସାନବରଷା, ଉପସଭାପତି ଡ. ଦିପ୍ତିବାଳା ପଟ୍ଟନାୟକ, ସହସମ୍ପାଦକ ନିର୍ମଳ କୁମାର ମାଇତ, ବରିଷ୍ଠ ସଦସ୍ୟ ଡ. ଜୟଦେବ ଡନସନା, ଡ. ଜତିନ୍ଦ୍ର ପୂଜାରୀ, ରାମ ନାରାୟଣ ସେଠ, ବାସୁଦେବ ପଣ୍ଡା, ଜଗଦିଶ ପଣ୍ଡା, ଅବନୀ ଭୁଷଣ ମହାପାତ୍ର, ଡ. ଶୁଭ୍ରାଂଶୁ ମେହେର, ଡ. ଅରୁଣ ମଜୁନଦାର, ଡ. ସୀତାରାମ ମହାନ୍ତି, ବିପିନ ଭାଟିଆ ପ୍ରମୁଖଙ୍କ ସହ ଶତାଧିକ ପୁରୁଷ ମହିଳା ଯୋଗଦାନ କରିଥିଲେ। ଅନୁଷ୍ଠାନର ଉପ ସଭାପତି ଡ. ଦିପ୍ତିବାଳା ପଟ୍ଟନାୟକ ୫୦ହଜାର ଟଙ୍କା ଅନୁଷ୍ଠାନକୁ ଦାନ କରିଥିଲେ।



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ତେଲନଦୀରେ ବୁଡ଼ି ବାଳକ ମୃତ

**ସୋନପୁର,୧୮।୧୧(ନି.ପ୍ର.):** ତେଲନଦୀର ସୁବର୍ଣ୍ଣମେରୁ ମନ୍ଦିର ନିକଟସ୍ଥ ଗଡ଼ଗଡିଆ ଘାଟରେ ବୁଡି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋନପୁର ଧୀବରପଡ଼ାର ସୁରେଶ ନାଏକଙ୍କ ପୁଅ ଅଜାମ୍ବିଳ(୧୫)। ରବିବାର ଅପରାହ୍ନରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ନଦୀଗର୍ଭରୁ ପଥରକଡରେ ଲାଗି ରହିଥିବା ମୃତଦେହକୁ ଉଦ୍ଧାର କରିଥିଲେ। ଶନିବାର ନଦୀକୁ ଗାଧୋଇବାକୁ ଯାଇ ଅଜାମ୍ବିଳ ନିଖୋଜ ଥିଲେ । ବହୁ ଖୋଜାଖୋଜି ପରେ ମଧ ମୃତଦେହକୁ ଠାବ କରାଯାଇ ପାରି ନ ଥିଲା । ରବିବାର ଶବ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ବାଇକ୍ ଦୁର୍ଘଟଣାରେ କଳାକାରଙ୍କ ମୃତ୍ୟୁ

**କନ୍ଧମାଳ,୧୮।୧୧(ଡି.ଏନ.ଏ):** କନ୍ଧମାଳ ଡାକଘରେ କାର୍ଯ୍ୟରତ ପୋଷ୍ଟମ୍ୟାନ ତଥା ଜଣାଶୁଣା କଳାକାର ପ୍ରସାଦ ଖଟୁଆ ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ସେ ତାଙ୍କ ବନ୍ଧୁ ବଶିଷ୍ଠ ସାହୁଙ୍କ ସହିତ ବାଇକ ଯୋଗେ ମଲିକୁଦ ଆଡକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ବାଇକଟି ପାର୍ଶ୍ୱରେ ଥିବା ଖୁଣ୍ଟରେ ପିଟି ହୋଇଯାଇଥିଲା । ଫଳରେ ପ୍ରସାଦ ଛିଟିକି ପଡି ଗଭୀର ଭାବେ ଆଘାତ ପାଇଥିଲେ। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ସୋନପୁର ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ପ୍ରସାଦଙ୍କ ମୃତ୍ୟୁ ହୋଇଥିଲା ।

### ୩ ବାଇକ୍ ଚୋରି

**ବଙ୍ଗୋମୁଣ୍ଡା,୧୮।୧୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଗାୟତ୍ରୀ ମନ୍ଦିର ନିକଟ ଏକ ଭଡା ଘରୁ ଶନିବାର ରାତିରେ ୩ଟି ବାଇକ୍ ଚୋରି ହୋଇଛି। ମିଳିଥିବା ସୂଚନା ମୁତାବକ, ଭଡା ଘରେ ରହୁଥିବା ଲୋକେ ଶନିବାର ରାତିରେ ସେମାନଙ୍କ ବାଇକ୍ ଲକ୍ କରି ତାଙ୍କ ଘର ସମ୍ମୁଖରେ ପ୍ରତ୍ୟେକ ଦିନ ପରି ରଖିଥିଲେ। ହେଲେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଲକ୍ ଭାଙ୍ଗି ୩ଟି ବାଇକ୍ ଚୋରି କରି ନେଇଥିଲେ। ବାଇକ୍‌ଗୁଡିକ ଯଥାକ୍ରମେ ଟଙ୍କିଆ ତାଣ୍ଡି, ରାଜେଶ ଭୋଇ, ରାଜାରାମ ସାହୁଙ୍କର ବୋଲି ଜଣାପଡିଛି।

■ଖଲିଆପାଲିରେ ଭୀମଭୋଇଙ୍କ ସିଦ୍ଧି ଦିବସ

# ଭିତ୍ତିଭୂମି ବିକାଶ, ଇକୋ ଟୁରିଜମ୍ ଉପରେ ଗୁରୁତ୍ୱ

**ସୋନପୁର,୧୮।୧୧(ନି.ପ୍ର.)**

ସନ୍ଥକବି ଭୀମଭୋଇଙ୍କର ପବିତ୍ର ସିଦ୍ଧି ଦିବସ ସୁବର୍ଣ୍ଣପୁର ଜିଲା ଖଲିଆପାଲିସ୍ଥିତ କବିଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ରବିବାର ପାଳିତ ହୋଇଯାଇଛି । ଭୀମଭୋଇ ସମାଧି ପୀଠ ଟ୍ରଷ୍ଟ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲାପାଳ ତଥା ଟ୍ରଷ୍ଟର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ସନ୍ଥ କବି ଜଣେ ମହାନ ସନ୍ଥ ଓ ସମାଜ ସଂସ୍କାରକ ବୋଲି ଅଭିହିତ କରିଥିଲେ। ଭୀମଭୋଇଙ୍କ ସମ୍ପର୍କରେ ଆହୁରି ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି। ସନ୍ଥକବିଙ୍କ ନାମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଚେୟାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ ମିଶ୍ର କହିଥିଲେ।

**ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭୀମଭୋଇଙ୍କ ଚେୟାର ପାଇଁ ପ୍ରସ୍ତାବ**




ସିଦ୍ଧି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

ସେହିପରି ପୀଠରେ ଏକ ଗ୍ରନ୍ଥାଗାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଭିତ୍ତିଭୂମିର ବିକାଶ ସହ ନିକଟସ୍ଥ ଅଙ୍ଗନଦୀ କୂଳ ଜଙ୍ଗଲର ବିକାଶ ଓ ଇକୋ ଟୁରିଜିମ୍ ସକାଶେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଭୀମଭୋଇ ବିଶ୍ୱ ବିଦିତ। ତେଣୁ ଏହି ପୀଠ ପାଇଁ ସୁବର୍ଣ୍ଣପୁର ଜିଲାର ସୁନାମ ବଢିଥିବା କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଭୀମଭୋଇଙ୍କ ସାହିତ୍ୟ ସାଧନା ଓ ଶୋଷଣ ମୁକ୍ତ ସମାଜ ଗଠନର ସଙ୍କଳ୍ପ ସମ୍ପର୍କରେ ବୁଝାଇଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ସାଧୁସନ୍ଥଙ୍କ ବାଣୀ ଓ ମହିମା ଧର୍ମ ବିଷୟରେ ଆଲୋଚନା କରିଥିଲେ। କୋସଳବାଦୀ ନେତା ତଥା ଗବେଷକ ଗୋରେଖନାଥ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଆଜିର ଦିନରେ ଶୂନ୍ୟବ୍ରହ୍ମରୁ ଭୀମଭୋଇଙ୍କୁ କବିତା ଶକ୍ତି ମିଳିଥିଲା। କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ କବି ତାଙ୍କର ପ୍ରଥମ କବିତା ଲେଖିଥିଲେ ବୋଲି କହିଥିଲେ। କବିଙ୍କ ବାଣୀର ଗୁରୁତ୍ୱ ଦୃଷ୍ଟିରୁ ଜାତିସଂଘର କାନ୍ଥରେ ସ୍ଥାନିତ ପାଇଛି। ତେଣୁ ପୀଠର ବିକାଶ ଓ ଭୀମଭୋଇଙ୍କ ଦ୍ୱାରା ଲିଖିତ ସମସ୍ତ ପାଣ୍ଡୁଲିପିଗୁଡିକୁ କମ୍ପ୍ୟୁଟରୀକରଣ କରିବା ଉପରେ ସାହୁ ଗୁରୁତ୍ୱ ଦେଇଥିଲେ। ସୋନପୁର ଉପଜିଲାପାଳ ତଥା ସମାଧି ପୀଠର ଉପାଧ୍ୟକ୍ଷ ବଳରାମ ମଲ୍ଲିକ ସଭାରେ ଅଧ୍ୟକ୍ଷତା କରି ଭୀମଭୋଇଙ୍କ ସମ୍ପର୍କରେ ଜାଣିବାକୁ ଚାହୁଁଥିବା ଲୋକ ମହିମା ଧର୍ମ ସମ୍ପର୍କରେ ଜାଣିବାକୁ କହିଥିଲେ। କବିଙ୍କ ଧର୍ମାନ୍ଧତା ଓ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ସାହିତ୍ୟ ସାଧନା ବିଷୟରେ ବିଶଦ ଆଲୋଚନା କରିଥିଲେ। ବାବା ପ୍ରଣବାନନ୍ଦ ଦାସ ସନ୍ଥ କବିଙ୍କ ଜୀବନୀ ବିଷୟରେ କହିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଟ୍ରଷ୍ଟର ଆଭିମୁଖ୍ୟ ଓ ଭୀମଭୋଇଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ପୂର୍ବରୁ ସନ୍ଥକବିଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲେ। ଟ୍ରଷ୍ଟର ବରିଷ୍ଠ ସଭ୍ୟ ମହାଦେବ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନିୟର କବାଡ଼ି ଟୁର୍ନାମେଣ୍ଟ: ରିଆମାଳ ଚାମ୍ପିୟନ

**ଦେବଗଡ଼,୧୮।୧୧(ସ୍ୱ.ପ୍ର.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ ତିମୁର ଗ୍ରାମରେ ଜୁନିୟର କବାଡ଼ି ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ରିଆମାଳ ଏବଂ ବୁଡିଦୋ ମଧ୍ୟରେ ହୋଇଥିଲା। ଏଥିରେ ରିଆମାଳ ଦଳ ଚାମ୍ପିୟନ ହୋଇଥିବା ବେଳେ ବୁଡିଦୋ ରନର୍ସ ଅପ୍ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ସମ୍ମାନିତ ଅତିଥି ସମିତିସଭ୍ୟ ଗାନ୍ଧୀଚରଣ ନାୟକ, ଶିକ୍ଷକ ତପନ କୁମାର ନାୟକ, ମହାଦେବ ଦେହୁରି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ପଞ୍ଚା ସ୍ୱାଇଁ, ସରୋଜ ସ୍ୱାଇଁ, ଶଶି ସାହୁ, ସୁନିଲ ମାଝି, ଲିପନ ସ୍ୱାଇଁ, ଅଜିତ ପ୍ରଧାନ, ଶ୍ରୀକାନ୍ତ ରାହୁଲଙ୍କ ସମେତ କ୍ଲବ ସଭାପତି ସିଦ୍ଧାନ୍ତ ସ୍ୱାଇଁ ସହଯୋଗ କରିଥିଲେ।



ଜୁନିୟର କବାଡ଼ି ଟୁର୍ନାମେଣ୍ଟର ଏକ ଦୃଶ୍ୟ।



ଜୁନିୟର କବାଡ଼ି ଟୁର୍ନାମେଣ୍ଟ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ସକରାତ୍ମକ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼,୧୮।୧୧(ସ୍ୱ.ପ୍ର.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ ତରଫରୁ ବାରକୋଟ ବ୍ଲକ ଅଧୀନ ବଂପରଡା ଗ୍ରାମର ରାଜୀବଗାନ୍ଧୀ ସେବା କେନ୍ଦ୍ର ପରିସରରେ ସକରାତ୍ମକ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା । ଯୁବ କେନ୍ଦ୍ରର ଜିଲା ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ବମ୍ପରଡା ସରପଞ୍ଚ ପର୍ଶୁରାମ କିଷାନ, ଜିତାର ସମ୍ପାଦିକା ଅନୁପମା ରାଉତ, ପ୍ରକୃତିବନ୍ଧୁ ଲଳିତ ମୋହନ ସାହୁ, ଜିଲା ଜଳ ଓ ପରିମଳ ମିଶନର ଜିଲା ପରାମର୍ଶଦାତା ପ୍ରଶାନ୍ତ ସାମଲ, ବମ୍ପରଡା ଚିକିତ୍ସାକେନ୍ଦ୍ରର ଡ. ସମ୍ପିତ ପ୍ରଧାନ, ଶିଶୁ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, କ୍ରୀଡା ଶିକ୍ଷ ଟିକେଶ୍ୱର ସାହୁ, ଓଡିଶା ଜୀବିକା ମିଶନର ବୀଣାପାଣି ପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷା,ସ୍ୱାସ୍ଥ୍ୟ, ପରିବେଶ, ସ୍ୱଚ୍ଛ ଭାରତ ମିଶନ, ଶିଶୁ ଅଧିକାର ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ନିରୁପ ଦାସ, ସୁବ୍ରତ ମହାକୁଳ, ପ୍ରିୟଙ୍କା ପାତ୍ର ସହଯୋଗ କରିଥିଲେ । ଶେଷରେ ଚନ୍ଦ୍ରକାନ୍ତି ଭୋଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଯୁବତୀ ଯୁବକ ଯୋଗଦାନ କରିଥିଲେ ।

# ଛତ୍ରପତି ଶିବାଜୀ ସଂଯୁକ୍ତ ପ୍ରଭାତ ଶାଖାର ବାର୍ଷିକୋତ୍ସବ

**ଦେବଗଡ଼,୧୮।୧୧(ସ୍ୱ.ପ୍ର.)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଛତ୍ରପତି ଶିବାଜୀ ସଂଯୁକ୍ତ ପ୍ରଭାତ ଶାଖାର ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିଶୁ ସୁରକ୍ଷା ବିଭାଗ ତଥା ସ୍ୱେଚ୍ଛାସେବୀ ସଂଗଠନ 'ବିଶ୍ୱାସ'ର ସଭାପତି ମନୋଜ କୁମାର ସାହୁ, ମୁଖ୍ୟବକ୍ତା ଭାବେ ସଂଘର ଜିଲା ବୌଦ୍ଧିକ ପ୍ରମୁଖ ଅରୁଣ ଟାଲି ଯୋଗଦେଇ ସଂଘ ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡଗେୱାରଙ୍କ ଜୀବନୀ ତଥା ବର୍ତ୍ତମାନ ପରିପ୍ରେକ୍ଷୀରେ ରାଷ୍ଟ୍ରବାଦ ଓ ସଂଘ ଶାଖାର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ସ୍କୁଲରେ ଚିତ୍ରାଙ୍କନ, ଯୋଗ ଏବଂ କେନ୍ଦ୍ରୀୟ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ଯୁବ କବାଡ଼ି ଖେଳାଳି ପ୍ରିୟା ଫଦକାର୍ ଓ ଜୟଶ୍ରୀ ନାୟକଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ରାଜପଥ ମାର୍ଗ ପ୍ରମୁଖ ପ୍ରମଥେଶ ଗୁରୁ ମୁଖ୍ୟ ଶିକ୍ଷକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ପ୍ରଚାର ପ୍ରମୁଖ ଅନନ୍ତ ଦାଶ ପ୍ରଦ୍ୟୁମ୍ନ ମିଶ୍ର, ଅଜୟ ମିଶ୍ର, ଧର୍ମଜାଗରଣ ପ୍ରମୁଖ ଶୁଭ୍ରାଂଶୁ ଗୁରୁ, ରାଜେଶ ଦାସ, ହରଜିତ ଜାନୀ, ରଣଜିତ ଜାନୀ, କୁବେର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିବିକ୍ରମ ଶତପଥୀ ଧନ୍ୟବାଦ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ବାଲି ଚୋରା ଚାଲାଣ ବେଳେ ଧରାପଡ଼ିଲା ୭ ଟ୍ରାକ୍ଟର

■୮୦ ହଜାର ଟଙ୍କା ଜରିମାନା ଆଦାୟ

**ବୀରମହାରାଜପୁର, ୧୮।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତି ମହାନଦୀର ଟିଁପିପାଲି ଘାଟରୁ ବାଲି ଚୋରାଚାଲାଣ ବେଳେ ୭ ଟାକ୍ଟର ଧରା ପଡିଛି। ବୀରମହାରାଜପୁର ତହସିଲଦାର ପୋଲିସ ସହ ସଦଳବଳେ ମହାନଦୀ ପଠାରେ ଚଢାଉ କରିଥିଲେ। ଏହି ସମୟରେ ଟାକ୍ଟରଗୁଡିକ ଇତସ୍ତତଃ ଫେରାର ମାରୁଥିବା ବେଳେ ପୋଲିସ ସେମାନଙ୍କୁ ଜବତ କରିଥିଲା। ଜବତ ଟାକ୍ଟର ମାଲିକଙ୍କଠାରୁ ସମୁଦାୟ ୮୦ ହଜାର ଟଙ୍କା ଅସୁଲି କରାଯାଇଛି। ବୀରମହାରାଜପୁର ଥାନା ଏଏସ୍‌ଆଇ ସମ୍ଭୁଭୂଷଣ ଦେହୁରିଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଷ୍ଟାଫ୍ ଉକ୍ତ ଚଢାଉରେ ସାମିଲ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବୀରମହାରାଜପୁର ତହସିଲ ଅନ୍ତଗତ ଏହି ନଦୀପଠାରୁ ବାଲି ଉଠାଣକୁ ନିଷେଧ କରାଯିବା ସହ ପ୍ରଶାସନ ପକ୍ଷରୁ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ସୁଦ୍ଧା ଚୋରାଚାଲାଣକାରୀ ଅମାନ୍ୟ କରି ବାଲି ଉଠାଉଥିବା ଅଭିଯୋଗ ହୋଇ ଆସୁଥିଲା।




ମହାନଦୀର ଟିଁପିପାଲି ଘାଟରୁ ବାଲି ଚୋରାଚାଲାଣ ବେଳେ ଧରା ପଡିଥିବା ଟ୍ରାକ୍ଟର।

■ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

# କୁଞ୍ଜାପାଲି ଚାମ୍ପିୟନ

**ବୀରମହାରାଜପୁର, ୧୮।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଉପାନ୍ତ ଦୁର୍ଜନଟେିଲା ପଞ୍ଚାୟତ ବ୍ରାହ୍ମଣୀପାଲି ଖେଳପଡ଼ିଆରେ ରବିବାର ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ବିଜୁ ଯୁବବାହିନୀ ଦ୍ୱାରା ଆୟୋଜିତ ଏହି ପଞ୍ଚାୟତସ୍ତରୀୟ ଟୁର୍ନାମେଣ୍ଟରେ ମସିଣାପାଲି, ବ୍ରାହ୍ମଣୀପାଲି, ବରଘାଟ, କୁଞ୍ଜାପାଲି, ଦାଦରପାଲି, ସାଗରଭୁରି, ଦୁର୍ଜନଟେିଲା ଓ ଗୋଘାଟ ଦଳ ଅଂଶଗ୍ରହଣ କରିଥିଲେ। ବରଘାଟ ଏବଂ କୁଞ୍ଜାପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୁଞ୍ଜାପାଲି ଚାମ୍ପିୟନ ହୋଇଛି। ବରଘାଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ୩ ଓଭରରେ ୫ ୱିକେଟ ହରାଇ ଦଳ ୨୪ ରନ୍ ସଂଗ୍ରହ କରିଥିଲା। ଜବାବରେ କୁଞ୍ଜାପାଲି ଦଳ ମାତ୍ର ୮ଟି ବଲ୍‌ରେ ୨୫ ରନ୍‌ର ବିଜୟ ଲକ୍ଷ୍ୟରେ ହାସଲ କରିନେଇଥିଲା। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ରଣଜିତ କ୍ଷେତି, ଯୁବ ବିଜେଡି ବ୍ଲକ ସଭାପତି ନାରାୟଣ ଲୁହା, ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଦେବରାଜ ମିଶ୍ର ଓ ସଭାପତି ଚିତ୍ତରଞ୍ଜନ କମ୍ପ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜୁ ଯୁବବାହିନୀ ସଂଯୋଜକ ଦେବରାଜ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଚାମ୍ପିୟନ, ରନର୍ସଅପ୍ ଦଳ ସହ ଶ୍ରେଷ୍ଠ ବିବେଚିତ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଦକ୍ଷ ଝାଙ୍କର ଶ୍ରେଷ୍ଠ ବୋଲର ଓ ପିଣ୍ଟୁ ଝାଙ୍କର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ ହୋଇଥିଲେ। ରବି ଭୋଇ ଓ ନାରାୟଣ ପଧାନ ଖେଳ ପରିଚାଳନା କରିଥିବାବେଳେ ଘନଶ୍ୟାମ ନାୟକ ସ୍କୋର ଶିଟ୍ ପରିଚାଳନା କରିଥିଲେ। ପ୍ରେମାନିଧି ନାଏକ ଓ ସୀତାକାନ୍ତ ପାଢ଼ୀ ଧାରାବିବରଣୀ ପ୍ରଦାନ କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers: 74090203163

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଳମ୍ବିତ ଭୋଜନ ଓ କାର୍ଯ୍ୟଦକ୍ଷତା

କେତେକ ବ୍ୟକ୍ତିଙ୍କର ବିଳମ୍ବିତ ଭୋଜନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଏହାର କେତେକ ପ୍ରଭାବ ମଧ୍ୟ ଶରୀର ଉପରେ ପଡିଥାଏ। ଯଦି ଜଣେ ବ୍ୟକ୍ତି ନିୟମିତ ବଳିମ୍ବରେ ଭୋଜନ କରନ୍ତି ତେବେ ତାହା ତାଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ବିଳମ୍ବିତ ଭୋଜନ ଏବଂ ତାହାର କାର୍ଯ୍ୟଦକ୍ଷତା ଉପରେ ପ୍ରଭାବ' ଶୀର୍ଷକକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏଭଳି ପ୍ରଭାବ ସହ ଜଡିତ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ଏହାଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖିବା ପାଇଁ ଠିକ୍ ଟାଇମ୍‌ରେ ଖାଦ୍ୟ ଖାଇବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



## ସୁନିଦ୍ରା ଅନ୍ତରାଳେ

ଦିନତମାମ ପରିଶ୍ରମ ଅନୁସାରେ ଆମକୁ ରାତିରେ ବିଶ୍ରାମ ନେବାକୁ ପଡିଥାଏ। ରାତ୍ରିଭୋଜନ କରିବା ପରେ ଜଣେ ବ୍ୟକ୍ତି ଅତିକମ୍‌ରେ ୬-୭ ଘଣ୍ଟା ନିଦ୍ରା ଯିବା ଦରକାର। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। ଫଳରେ ସେମାନେ ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ହେଲେ ସୁନିଦ୍ରା ପଛରେ କେତୋଟି କାରଣ ରହିଛି। ତାହାକୁ ଆପଣେଇ ପାରନ୍ତି। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ଶୋଇବେ ତାହାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। କେତେକ ବ୍ୟକ୍ତିଙ୍କ ନିଶାଦ୍ରବ୍ୟ ସେବନ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଏହା ସୁନିଦ୍ରାରେ ବାଧକ ସାଜିଥାଏ। ତେଣୁ ଏଭଳି ଅଭ୍ୟାସ ତୁରନ୍ତ ଛାଡିବାକୁ ଚେଷ୍ଟା କରନ୍ତୁ। ଅପରାହ୍ନରେ ଶୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ରାତିରେ ସହଜରେ ନିଦ ଆସି ନ ଥାଏ। ରାତିରେ ଶୋଇବା ପୂର୍ବରୁ ପାଦର ତଳିପାକୁ ଅଲିଭ ତେଲରେ ମାଲିସ କରନ୍ତୁ। ଏହାଦ୍ୱାରା ଭଲ ନିଦ ଆସିଥାଏ। ଟେନସନରେ ଥିବା ସମୟରେ ଶୋଇବାକୁ ଯାଆନ୍ତୁ ନାହିଁ। କାରଣ ଏହାଦ୍ୱାରା ନିଦ ଆସି ନ ଥାଏ। ସବୁଠାରୁ ଖାସ୍ କଥା ହେଲା ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ବ୍ୟାୟାମ ସାମିଲ କରନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ଭଲ ନିଦ ଆସିଥାଏ।



# ମାଇକ୍ରୋପ୍ଲାଷ୍ଟିକ



ଡା. ଦ୍ୱିଜେଶ କୁମାର ପଣ୍ଡା

ମାଇକ୍ରୋପ୍ଲାଷ୍ଟିକ ହେଉଛି ସୂକ୍ଷ୍ମ ପ୍ଲାଷ୍ଟିକ ଗୁଣ୍ଡ, ଯାହା ଆଖିକୁ ଦେଖାଯାଏ ନାହିଁ। ପରିବେଶକୁ ପ୍ରଦୂଷିତ କରେ। ଏହାର ଆକାର ୫ ମିଲିମିଟରରୁ କମ୍। ଏହାଦ୍ୱାରା ସାମୁଦ୍ରିକ ଜୀବ ଓ ଜୈବ ପରିବେଶର ଅପୂରଣୀୟ କ୍ଷତି ହେଉଛି। ସମଗ୍ର ବିଶ୍ୱ ନିର୍ମଳ ସାଗର ଅଭିଜାନ ୨୦୨୨ ବର୍ଷ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ସମ୍ମତ ହୋଇଛନ୍ତି। ପ୍ଲାଷ୍ଟିକ ବର୍ଜନ ସଚେତନତା ସୃଷ୍ଟି ହୋଇଛି; କିନ୍ତୁ ମାଇକ୍ରୋପ୍ଲାଷ୍ଟିକ ବିଷୟରେ ଜନସାଧାରଣ ଅନଭିଜ୍ଞ। ବିଶ୍ୱରେ ପ୍ରତିବର୍ଷ ୪୦୦ ମେଟ୍ରିକ ଟନ୍ ପ୍ଲାଷ୍ଟିକ ତିଆରି ହେଉଛି। ଏହି ବର୍ଷ ଶେଷ ସୁଦ୍ଧା ଯେତିକି ପରିମାଣର ବ୍ଲିଷ୍ଟର ପ୍ଲାଷ୍ଟିକ ତିଆରି ହେବ ତାହା ପୃଥିବୀର ବିଷୁବରେଖାକୁ ୧୦ ଥର ଗୁଡାଇଦେବ। ଏହା ଜିନିଷ ପରିବହନ ପାଇଁ ପ୍ୟାକିଙ୍ଗରେ ବ୍ୟବହାର ହୁଏ। ଏହି ପଦାର୍ଥ ନଷ୍ଟ





ହେବା ପାଇଁ ଏକ ହଜାର ବର୍ଷ ଲାଗିବ। ଏକ ଲକ୍ଷ କୋଟିର ମାଇକ୍ରୋପ୍ଲାଷ୍ଟିକ ସମୁଦ୍ର ମାଛ, ଟ୍ୟାପ ପାଣି ଓ ଖାଇବା ଲୁଣରେ ଥିବାର ପ୍ରମାଣିତ ହୋଇଛି। ଆମେରିକାର ୯୪ ପ୍ରତିଶତ ଟ୍ୟାପ ପାଣିରେ ମାଇକ୍ରୋପ୍ଲାଷ୍ଟିକ ଥିବାର ସନ୍ଧାନ ମିଳିଛି। ବିଶ୍ୱରେ ୨୦୫୦ ସୁଦ୍ଧା ପ୍ଲାଷ୍ଟିକ ତିଆରି ୩ଗୁଣ ବୃଦ୍ଧି ହେବ।

ମାଇକ୍ରୋପ୍ଲାଷ୍ଟିକ ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏହାର ଉତ୍ସ ହେଉଛି ସାର, ନର୍ଦ୍ଦମାର ଆବର୍ଜନା, ଦେହ ଓ ମୁହଁରେ ବ୍ୟବହୃତ କସମେଟିକ, ପଲିଷ୍ଟର-ନାଇଲନ ଏକ୍ରିଲିକର ପୋଷାକ, ଘର ଚଟାଣରେ ବ୍ୟବହୃତ କୃତ୍ରିମ ଗାଲିଚା, ହକି ଓ ଫୁଟବଲ ଖେଳ ପଡିଆରେ ଆବୃତ ଟାୟାର ଗୁଣ୍ଡ, କାର ଓ ଟ୍ରକର ଚକ ଘଷି ହୋଇ ବାହାରୁଥିବା ରବର ମିଶା ଗୁଣ୍ଡ, ପୁରୁଣା ପାଣି ଓ ସୋଡା ବୋତଲ, ପ୍ଲାଷ୍ଟିକ ବାକ୍ସ ଓ ବ୍ୟାଗ, ମାଛ ଧରା ଜାଲ, ଓ କଳ କାରଖାନାର ବର୍ଜ୍ୟବସ୍ତୁ ଇତ୍ୟାଦି। ପ୍ଲାଷ୍ଟିକକୁ ସମୁଦ୍ରରେ ପକାଇବା ଫଳରେ ସାମୁଦ୍ରିକ ଜୀବ ଓ ଶୈବାଳ ନଷ୍ଟ ହୋଇଯାଉଛି। ପ୍ରଶାନ୍ତ ମହାସାଗରରେ ଆବର୍ଜନା ଜମି ପ୍ଲାଷ୍ଟିକ ପାହାଡ଼ ହେଲାଣି। ୧୯୭୦ ମସିହାରେ ବ୍ୟବସାୟିକ ଜାହାଜ ୨୩ ହଜାର ଟନ୍ ପ୍ଲାଷ୍ଟିକ ସମୁଦ୍ରରେ ପକାଇଥିଲେ। ଚୀନ୍‌ର କମ୍ପାନୀ ସିନୋପେକ ପାହାଡ ଉଚ୍ଚର ପ୍ଲାଷ୍ଟିକ ସମୁଦ୍ର କୂଳରେ ଜମା କରିଛି।

ପାଣିକୁ ଫିଲଟର କଲେ ଏଥିରେ ଥିବା ମାଇକ୍ରୋପ୍ଲାଷ୍ଟିକ ଅଲଗା ହେବ ନାହିଁ। ଅନେକ ଦେଶରେ ପ୍ଲାଷ୍ଟିକ ମିଶା ନର୍ଦ୍ଦମା ମଳକୁ ମାଟିରେ ସାର କରାଯାଉଛି। ଏଥିରେ ଥିବା ସୂକ୍ଷ୍ମ ପ୍ଲାଷ୍ଟିକ ଖରାରେ ଶୁଖି ବାୟୁରେ ମିଶୁଛି। ଦେହରେ ଲଗାଯାଉ ଥିବା କସମେଟିକର ଶୁଖିଲା ଗୁଣ୍ଡ ମାଇକ୍ରୋପ୍ଲାଷ୍ଟିକ ଆକାରରେ ୬୦୮ ଟ୍ରିଲିୟନ ପ୍ରତିଦିନ ବାୟୁମଣ୍ଡଳରେ ପ୍ରବେଶ କରୁଛି। ଲୁଗା ସଫା ଯନ୍ତ୍ରର ଗୋଟିଏ ଲୋଡରୁ ୧୯୦୦ ସୂକ୍ଷ୍ମ ପ୍ଲାଷ୍ଟିକ ନିଷ୍କାସିତ ପାଣିରେ ନିର୍ଗତ ହେଉଛି। ପ୍ଲାଷ୍ଟିକ ଶିଳ୍ପରେ ପଲିମର ପ୍ରକ୍ରିୟାରେ ଲାଖ ବ୍ୟବହାର ହୁଏ। ଏହାର ରସାୟନ ପାଣିରେ ମିଶେ। ପାଣି ପିଇବା ପ୍ରତି ପ୍ଲାଷ୍ଟିକ ବୋତଲରେ ୩୨୫ ସୂକ୍ଷ୍ମ ପ୍ଲାଷ୍ଟିକ ଅଣୁ ରହିଥାଏ। ଟ୍ୟାପ ପାଣି ତୁଳନାରେ ଏହା ଦୁଇଗୁଣ।

> ମଣିଷ ମାଛରୁ ମୂଲ୍ୟବାନ ପ୍ରୋଟିନ୍ ପାଏ। ସମୁଦ୍ର ଓ ନଦୀ ପାଣି ମାଇକ୍ରୋପ୍ଲାଷ୍ଟିକରେ ପ୍ରଦୂଷିତ ହେବା ଫଳରେ ମାଛ ଦେହରେ ଜମିଥିବା ପ୍ଲାଷ୍ଟିକ ବିଷ ମଣିଷ ଶରୀରକୁ ଯାଇ ବିଭିନ୍ନ ରୋଗ ସୃଷ୍ଟି କରେ। ଜୀବକୋଷ ଭିତରେ ଥିବା ଡିଏନ୍‌ଏକୁ ନଷ୍ଟ କରିଦିଏ। କ୍ୟାନସର ହୁଏ। ଗର୍ଭବତୀ ମହିଳାଙ୍କଠାରୁ ବିକଳାଙ୍ଗ ଶିଶୁ ଜନ୍ମ ହୁଏ। ମାଇକ୍ରୋପ୍ଲାଷ୍ଟିକ ମଇଳା ପାଣି ସଫା କରିବା ଯନ୍ତ୍ରରୁ ରୋଗ ଜୀବାଣୁକୁ ନେଇ ରକ୍ତ ମାଧ୍ୟମରେ ବିଭିନ୍ନ ଅଙ୍ଗରେ ରୋଗ ସୃଷ୍ଟି କରେ।

ମଣିଷ ମାଛରୁ ମୂଲ୍ୟବାନ ପ୍ରୋଟିନ୍ ପାଏ। ସମୁଦ୍ର ଓ ନଦୀ ପାଣି ମାଇକ୍ରୋପ୍ଲାଷ୍ଟିକରେ ପ୍ରଦୂଷିତ ହେବା ଫଳରେ ମାଛ ଦେହରେ ଜମିଥିବା ପ୍ଲାଷ୍ଟିକ ବିଷ ମଣିଷ ଶରୀରକୁ ଯାଇ ବିଭିନ୍ନ ରୋଗ ସୃଷ୍ଟି କରେ। ଜୀବକୋଷ ଭିତରେ ଥିବା ଡିଏନ୍‌ଏକୁ ନଷ୍ଟ କରିଦିଏ। କ୍ୟାନସର ହୁଏ। ଗର୍ଭବତୀ ମହିଳାଙ୍କଠାରୁ ବିକଳାଙ୍ଗ ଶିଶୁ ଜନ୍ମ ହୁଏ। ମାଇକ୍ରୋପ୍ଲାଷ୍ଟିକ ମଇଳା ପାଣି ସଫା କରିବା ଯନ୍ତ୍ରରୁ ରୋଗ ଜୀବାଣୁକୁ ନେଇ ରକ୍ତ ମାଧ୍ୟମରେ ବିଭିନ୍ନ ଅଙ୍ଗରେ ରୋଗ ସୃଷ୍ଟି କରେ।

ମାଇକ୍ରୋପ୍ଲାଷ୍ଟିକ ମଣିଷ, ପଶୁ ଓ ପକ୍ଷୀ ଦେହରେ ଖାଇବା, ପିଇବା ଓ ନିଃଶ୍ୱାସ ଦ୍ୱାରା ପ୍ରବେଶ କରେ। ଜୀବମାନଙ୍କର ତନ୍ତୁରେ ମିଶି ଯାଏ। ପ୍ଲାଷ୍ଟିକକୁ କଠିନ କରିବା ପାଇଁ ବିପିଏ ବ୍ୟବହାର ହୁଏ। ଏହାଦ୍ୱାରା ହାର୍ଟ ଆଟାକ, ଡାଇବେଟିସ ଓ ଯକୃତ ରୋଗର ସମ୍ଭାବନା ବୃଦ୍ଧି ହୁଏ। ଆଉ ଗୋଟିଏ ବିଷାକ୍ତ ରସାୟନ ଟି.ବି.ବି.ପି.ଏ. ପ୍ଲାଷ୍ଟିକ ନଜଳିବା ପାଇଁ ବ୍ୟବହାର ହୁଏ। ଏହା ମାଇକ୍ରୋସାରକିଟର ଉପାଦାନ। ଏହା ଶରୀରର ଥାଇରଏଡ ଓ ପିଟୁଟାରି ହରମୋନକୁ ଅସନ୍ତୁଳନ କରେ। ବନ୍ଧ୍ୟା ଦୋଷ ସୃଷ୍ଟି କରେ। ଖାଇବା ଲୁଣରେ ମାଇକ୍ରୋପ୍ଲାଷ୍ଟିକ ରହିଛି। ସମୁଦ୍ର ଲୁଣରେ ବେଶି। ଚିଙ୍ଗୁଡି, କଙ୍କଡା ଓ ଗେଣ୍ଡାରେ ବହୁତ ମାଇକ୍ରୋପ୍ଲାଷ୍ଟିକ ରହିଥିବାର ପ୍ରମାଣିତ ହୋଇଛି। ଏହି ଖାଦ୍ୟ ନିୟମିତ ଖାଇଲେ ୧୧ହଜାର ପରିମାଣ ସୂକ୍ଷ୍ମ ପ୍ଲାଷ୍ଟିକ ପେଟକୁ ଯିବ। ଖୋଳପା ଥିବା ମାଛ ସେମାନଙ୍କର ଗାଲିସି ଦ୍ୱାରା ବହୁ ପରିମାଣର ପାଣି ଛାଣି ପୁଷ୍ଟିକର ଖାଦ୍ୟ ସଂଗ୍ରହ କରନ୍ତି। ତେଣୁ ପାଣିରେ ଥିବା ମାଇକ୍ରୋପ୍ଲାଷ୍ଟିକ ସେମାନଙ୍କର ତନ୍ତୁରେ ମିଶି ଯାଏ।

ମାଇକ୍ରୋପ୍ଲାଷ୍ଟିକର ବ୍ୟବହାର ପ୍ରତିରୋଧ କରିବା ପାଇଁ କେତେକ ପ୍ରତିଷେଧକ ବ୍ୟବସ୍ଥା ଆବଶ୍ୟକ। ଆମ ଦେଶ ପରି ଗ୍ରୀଷ୍ମମଣ୍ଡଳୀୟ ଦେଶରେ ଦେହରେ ସାବୁନ ଲଗାଇବା ଉଚିତ ନୁହେଁ। ଏଥିରେ ବିଶୋଧକ ସୋଡିୟମ ଲରିଲ ସଲ୍‌ଫେଟ ଥାଏ। ଚର୍ମକୁ ଶୁଖିଲା କରିଦିଏ ଓ କୁଣ୍ଡାଇ ହୁଏ। ବାସ୍ନା ପାଇଁ ପେଟ୍ରୋଲ ଜାତୀୟ ଗାସୋଲିନ ମିଶିଥାଏ। ଏଥିରେ ୪୦୦ ପ୍ରକାର ବିଷାକ୍ତ ରସାୟନ ରହିଛି। ଜୀବାଣୁନାଶକ ପଦାର୍ଥ ଟ୍ରାଇକ୍ଲୋଶାନ ଅନେକ ସାବୁନରେ ଥାଏ। ଏହା ଗୋଟିଏ ପୋକମରା ଔଷଧ। ଆମେରିକାର ଖାଦ୍ୟ ଏବଂ ଔଷଧ ନିୟନ୍ତ୍ରଣ ସଂସ୍ଥା ଏହାର ବ୍ୟବହାର ବାରଣ କରିଛନ୍ତି। ଚର୍ମରେ ଥିବା ଲୋମକୂପ ଦେଇ ଝାଳ ନିର୍ଗତ ହୁଏ। ଫଳରେ ଚମରୁ ମଇଳା ଧୋଇହୋଇ ଯାଏ ଓ ଆର୍ଦ୍ରତା ବଜାୟ ରହେ। ସାବୁନ ଓ କ୍ରିମ ବ୍ୟବହାର ଫଳରେ ରନ୍ଧ୍ର ବନ୍ଦ ହୋଇଯାଏ। ତେଣୁ କୃତ୍ରିମ ପୋଷାକ ବ୍ୟବହାର ଅନୁଚିତ। ମେଶିନରେ ସଫା କଲେ ଅନେକ ମାଇକ୍ରୋପ୍ଲାଷ୍ଟିକରୁ ବାହାରି ଘର ଭିତର ବାୟୁକୁ ନଷ୍ଟ କରିଦିଏ। ତେଣୁ କପାସୂତା ପୋଷାକ ହାତରେ ଧୋଇ ପିନ୍ଧିବା ଉଚିତ। ମାଟି କ୍ୟାଣ୍ଡଲ ଯୁକ୍ତ ଫିଲଟର ବ୍ୟବହାର କରି ପାଣି ପିଇବା ଆବଶ୍ୟକ। ଏହାର ସରୁ କଣା ବାଟେ ସୂକ୍ଷ୍ମ ପ୍ଲାଷ୍ଟିକ ପ୍ରବେଶ କରିବ ନାହିଁ। ବହୁ ଗଭୀର ନଳକୂପ ପାଣି ନିରାପଦ। ସମୁଦ୍ର ଲୁଣ ପ୍ରତିବଦଳରେ ଖଣିଜ ଲୁଣ ବ୍ୟବହାର କରିବା ଉଚିତ। ସବୁ ପ୍ରକାର କସମେଟିକରେ କ୍ଷତିକାରକ ରସାୟନ ରହିଛି। ତେଣୁ ସେ ସବୁ ବ୍ୟବହାର ଅନୁଚିତ। ପ୍ଲାଷ୍ଟିକ ପାତ୍ରରେ ଗରମ ଖାଦ୍ୟ ରଖିବା ଉଚିତ ନୁହେଁ। ମାଇକ୍ରୋପ୍ଲାଷ୍ଟିକ ସହଜରେ ଖାଦ୍ୟରେ ମିଶେ ଓ ଖାଦ୍ୟକୁ ବିଷାକ୍ତ କରିଦିଏ।

ପ୍ଲାଷ୍ଟିକ ଓ ମାଇକ୍ରୋପ୍ଲାଷ୍ଟିକ ନିତ୍ୟ ବ୍ୟବହୃତ ସାମଗ୍ରୀରେ ଥିବାର ପ୍ରମାଣ ପାଇଁ ସହଜ ପରୀକ୍ଷା ଅଛି। ଗୋଟିଏ କାଚ ଟେଷ୍ଟଟ୍ୟୁବରେ ପ୍ଲାଷ୍ଟିକ ଗୁଣ୍ଡ ନେଇ ଏସିଟିକ, ଆନହାଇଡ୍ରାଇଡ ଦ୍ରବଣରେ ଦ୍ରବୀଭୂତ କରି ସେଥିରେ ୩-୪ ଟୋପା ସଲଫ୍ୟୁରିକ ଏସିଡରେ ମିଶେଇଲେ ରଙ୍ଗ ନୀଳ କିମ୍ବା ହଳଦିଆ ହୋଇଯାଏ।

ମାଇକ୍ରୋପ୍ଲାଷ୍ଟିକ ନଷ୍ଟ ହେବା ପାଇଁ ଦଶ ହଜାର ବର୍ଷ ଲାଗିବ। ଏକ ଲକ୍ଷ କୋଟିର ମାଇକ୍ରୋପ୍ଲାଷ୍ଟିକ ସମୁଦ୍ର ମାଛ, ଟ୍ୟାପ ପାଣି ଓ ଖାଇବା ଲୁଣରେ ଥିବାର ପ୍ରମାଣ ମିଳୁଛି। ଇଟାଲୀ, ଜାପାନ, ଫିନ୍‌ଲ୍ୟାଣ୍ଡ ଓ ହଲାଣ୍ଡର କେତେକ ବ୍ୟକ୍ତିଙ୍କର ଝାଡ଼ା ପରୀକ୍ଷାରୁ ମାଇକ୍ରୋପ୍ଲାଷ୍ଟିକର ସନ୍ଧାନ ମିଳୁଛି। ଭିଏନା ମେଡିକାଲ ବିଶ୍ୱବିଦ୍ୟାଳୟର ପେଟ ରୋଗ ବିଶେଷଜ୍ଞ ଫିଲିପ ସ୍ୱାବିଙ୍କର ଏହା ହେଉଛି ମତ। ସବୁ ଦେଶ ପ୍ଲାଷ୍ଟିକ ବନ୍ଦ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ମାଇକ୍ରୋପ୍ଲାଷ୍ଟିକ ବିଷୟରେ ଅନେକେ ଅଜଣା। ଏହାର ପ୍ରତିରୋଧ କ'ଣ ସମ୍ଭବ? ଅଦୃଶ୍ୟ ଶତ୍ରୁ ବିପଜ୍ଜନକ। ଅଦୃଶ୍ୟ ସୂକ୍ଷ୍ମ ପ୍ଲାଷ୍ଟିକ ମାରାତ୍ମକ। ଆମେ ରାକ୍ଷସ ଏବଂ ଗଭୀର ସମୁଦ୍ର ମଧ୍ୟରୁ କାହାକୁ ଗ୍ରହଣ କରିବା?

*-ବରିଷ୍ଠ ବୈଜ୍ଞାନିକ,*
*୧୨ ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*

## ନୀରୋଗ ରହିବା ପାଇଁ ନିୟନ୍ତ୍ରିତ ଆହାର



– ଡା. ଆଶିଷ ବାନାର୍ଜୀ

ରୋଗ ପାଇଁ ଅନିୟମିତ ଆହାର ଦାୟୀ। ତେଣୁ ଶରୀର ସୁସ୍ଥ ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ, କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରା ଅନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରୀ ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣ କରି ତାଲିକା ପ୍ରସ୍ତୁତ ହୁଏ। ନୀରୋଗ ରହିବା ପାଇଁ ସନ୍ତୁଳିତ ଖାଦ୍ୟ, ହାଲୁକା ବ୍ୟାୟାମ (୪୫ମି. ରୁ ୧ ଘଣ୍ଟା) ପର୍ଯ୍ୟନ୍ତ କରିବା ଆବଶ୍ୟକ।



**ପ୍ରାତଃ (୬ ଘଟିକାରେ) :** ଚା, କଫି ବା କ୍ଷୀର ୧ କପ୍ ସହ ୨/୩ ଖଣ୍ଡ ବିସ୍କୁଟ୍, ମଧୁମେହ ଥିଲେ ବିନା ଚିନି ଖାଇବେ।

**ସକାଳ ଜଳଖିଆ (୮ଟା ୩୦ ମିନିଟ୍‌ରେ) :** ରୁଟି ୨/୩ ଖଣ୍ଡ ସହ ପରିବା ତରକାରି ୧ଗିନା, ଇଡ୍‌ଲି ୪ଟି / ଉପମା ୧ କପ୍ ସହ ସମ୍ବର ୧ ଗିନା। କର୍ନଫ୍ଲେକ୍ସ ୫୦ଗ୍ରାମ୍ ବା ସାଦା ପିଆଜରେ ଦୋଷା ୨ଟା ସହ ସନ୍ତୁଳା ୧ ଗିନା।

**ଦିବା (୧୧ଟାରୁ ୧୧ଟା ୩୦ମିନିଟ୍) :** ପରିବା ସୁପ୍ ୧ ଗିନା, ଛେନା ୩୦ ଗ୍ରାମ, ଫଳ ମଧ୍ୟରେ ସେଓ/କମଳା ୧୦୦ଗ୍ରାମ୍, ପିଜୁଳି ୧ଟା ଘୋଳଦହି ବା ପଇଡ଼ ପାଣି।

**ମଧ୍ୟାହ୍ନ ଭୋଜନ (ଦ୍ୱିପ୍ରହର ୧ଟା ୩୦ମି.) :** ଉଷୁନା ଭାତ (୨ଗିନା-୧୦୦ଗ୍ରାମ୍), ରୁଟି, ପତଳା ଡାଲି ୧ଗିନା, ପରିବା ତରକାରି ୧ଗିନା, ଶାଗ ୧ପ୍ଲେଟ୍,

ସାଲାଡ- ୧ ପ୍ଲେଟ୍ ,ଦହି ୧ ଗିନା, (ମାଛ ୨ଟା/ଅଣ୍ଡା ବିନା କେଶର(୨)/ଚିକେନ୍ (୨),ପନିର୍-(୩୦ଗ୍ରାମ୍)ସପ୍ତାହକୁ ୨ ଥର)।

**ଅପରାହ୍ନ (୫ଟା ୩୦ମି. ରୁ ୬ଟା ମଧ୍ୟରେ) :** ଚା କପ୍ ସହିତ ବିସ୍କୁଟ୍(୨-୩), ଚୁଡ଼ାସନ୍ତୁଳା(୧ଗିନା)/ଚୁଡ଼ାଭଜା/ଗଜାମୁଗ(୧ଗିନା), ହୁଡୁମ୍ (୧ଗିନା/ଖଇ୧ଗିନା), ସିଝା ବୁଟ (୧ଗିନା)।

**ରାତ୍ରିଭୋଜନ ୯ଟା ୩୦ମି :** ରୁଟି ୩ଟା ସହ ପତଳା ଡାଲି ୧ ଗିନା/ଡାଲମା ୧ ଗିନା, ପରିବା ତରକାରି (୧ ଗିନା), ସାଲାଡ୍ (୧ ପ୍ଲେଟ୍),

**ରାତ୍ରି ଭୋଜନ ଖାଇବା ପରେ:** ୧ କପ୍ (୧୫୦ମି.ଲି.)ବିନା ସର କ୍ଷୀର ପିଇ ଶୋଇବାକୁ ଯିବେ। ପ୍ରତି ମିଲ୍ ଓ ଜଳଖିଆ ଅଢେଇରୁ ତିନି ଘଣ୍ଟା ବ୍ୟବଧାନରେ ଗ୍ରହଣ କରିବେ।

**ଖାଇବେ ନାହିଁ**

**ମଧୁମେହ ରୋଗୀ:** ମିଠା, ଚିନି, ଗୁଡ଼, ଜାମ୍, ଜେଲି, ଚକୋଲେଟ୍, ମୃଦୁପାନୀୟ, ଥଣ୍ଡାପାନୀୟ, ଆମ୍ବ, ପଣସ, ଆତ, ଲିଚୁ, ସପେଟା, କଦଳୀ, ଅଙ୍ଗୁର, ଫଳରସ, ଆଇସକ୍ରିମ୍, ଖଜୁରି, ବାଦାମ, ନଡ଼ିଆ, ଆଳୁ, ମାଟିଆଳୁ, ଖମ୍ବଆଳୁ, ସାରୁ ଏବଂ କନ୍ଦମୂଳ ଖାଇବେ ନାହିଁ।

**ଉଚ୍ଚରକ୍ତଚାପ ରୋଗୀ:** ଅଧିକ ଲୁଣ, ତୈଳ, ଚର୍ବିଜାତୀୟ ଖାଦ୍ୟ ସେବନରୁ ବିରତ ରହିବେ।

**ବୃକକ୍ ରୋଗୀ:** ଅତ୍ୟଧିକ ଲୁଣ,ଚଟଣୀ, ପାପଡ଼, ଆଚାର, ସାମୁଦ୍ରିକ ମାଛ, କଙ୍କଡା, ରେଡ୍‌ମିଟ୍, ଚିଙ୍ଗୁଡ଼ି, ଅଣ୍ଡାକେଶର, ଫାଷ୍ଟଫୁଡ୍, ଲୁଣ, ବଟର, ଘିଅ, ଡାଲମା, ମିକ୍ସଚର, ଚିପ୍‌ସ, ମୁଢ଼ି, ଲୁଣମିଶା ବାଦାମ, ମଟର, ପଇଡ଼ ପାଣି, ଲେମ୍ବୁ, କମଳା, ପେନ୍‌କିଲର୍ ବଟିକା, ନଡ଼ିଆ ତିଆରି ଜିନିଷ, ବୁଟ, ରାଜ୍‌ମା ଇତ୍ୟାଦି ଶସ୍ୟଜାତୀୟ ଖାଦ୍ୟ ବର୍ଜନୀୟ।

**ହୃଦ୍‌ରୋଗୀ:** ତେଲ, ଚର୍ବିଜାତୀୟ ଖାଦ୍ୟ, ରେଡ୍‌ମିଟ୍, ଫାଷ୍ଟଫୁଡ୍, ଆମିଷ, କ୍ଷୀର ଜାତୀୟ ଖାଦ୍ୟ, ମିଠା ଇତ୍ୟାଦି ଖାଇବେ ନାହିଁ।

ଏହି ତିନି ରୋଗୀଙ୍କ ପାଇଁ ପ୍ରତିଦିନ ୨୦ମି.ଲି. ରୁ କମ୍ ତେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଆବଶ୍ୟକ। ଏତଦ୍ ସଙ୍ଗେ ସଙ୍ଗେ ପ୍ରାତଃ (୬ଟା ୩୦ମି ଭିତରେ)ସୂର୍ଯ୍ୟସ୍ନାନ ଓ ଖୋଲା ବାୟୁରେ ଭ୍ରମଣ ସ୍ୱାସ୍ଥ୍ୟ ପକ୍ଷେ ହିତକର।

**-ଆନନ୍ଦ ବଜାର,**
**ବେତନଟୀ, ମୟୂରଭଞ୍ଜ**
**ମୋ: ୯୮୬୧୩୭୪୩୮୫**

## ସ୍ୱାସ୍ଥ୍ୟ ସୂଚନା





- ବୟସ ବଢ଼ିଲେ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ନଜର ଦିଅନ୍ତୁ। କାରଣ ଅସନ୍ତୁଳିତ ଜୀବନଶୈଳୀର ପ୍ରଭାବ ଶରୀର ଉପରେ ପଡିଥାଏ।
- ଯଦି ଅସୁସ୍ଥ ଅଛନ୍ତି ତେବେ କାହା କଥାରେ ବଶବର୍ତ୍ତୀ ହୋଇ ଔଷଧ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ସହ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ବିଷଦ ଭାବରେ ଆଲୋଚନା କରି ତାଙ୍କର ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।
- ସବୁବେଳେ ଚିନ୍ତାରେ ବୁଡି ରହିବା ପରୋକ୍ଷରେ କେତେକ ରୋଗକୁ ଡାକି ଆଣିଥାଏ। ତେଣୁ ଯେତେ ସମ୍ଭବ ନିଜକୁ ଏଭଳି ସମସ୍ୟାଠାରୁ ଦୂରେଇ ରଖନ୍ତୁ।
- ଯଦି ଆପଣ କୌଣସି ରୋଗରେ ପୀଡିତ ତେବେ ତାହାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କର ମାନସିକତା ନକାରାତ୍ମକ ରହିଥାଏ। ଯଦି ନିଜର ଚିକିତ୍ସା ପ୍ରଣାଳୀକୁ ନେଇ ମନରେ କିଛି ସନ୍ଦେହ ଅଛି ତେବେ ନିସଙ୍କୋଚରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଆନିମିଆ : କିଛି କଥା




ଆମ ଶରୀରରେ ହିମୋଗ୍ଲୋବିନ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ଏହା ରକ୍ତକୋଷିକାରେ ରହିଥାଏ ଏବଂ କୋଷିକାଗୁଡିକୁ ଅମ୍ଳଜାନ ଯୋଗାଇଥାଏ। ଯଦି ଏହାର କାର୍ଯ୍ୟଧାରା ପ୍ରଭାବିତ ହୁଏ ତେବେ ଆନିମିଆ ରୋଗ ହେବାର ଆଶଙ୍କା ରହିଛି। ଉକ୍ତ ରୋଗ ହେବାର କେତୋଟି ପ୍ରମୁଖ କାରଣ ରହିଛି। ହରମୋନ୍‌ରେ ପରିବର୍ତ୍ତନ, ସଂକ୍ରମଣ (ଇନ୍‌ଫେକଶନ), ନିଶାଦ୍ରବ୍ୟ ସେବନ, ମାସିକ ରତୁସ୍ରାବରେ ସମସ୍ୟା, ବାରମ୍ବାର ଗର୍ଭବତୀ ହେବା, ଅପରେଶନରେ କୌଣସି ସମସ୍ୟା ଏବଂ ଲିଭରଜନିତ ସମସ୍ୟା ତନ୍ମଧ୍ୟରୁ ଅନ୍ୟତମ। ଆନିମିଆ ରୋଗ ହେଲେ ବ୍ୟକ୍ତି ଜଣକ କ୍ଲାନ୍ତି ଅନୁଭବ କରିଥାଆନ୍ତି। ଏହାବ୍ୟତୀତ ମୁଣ୍ଡ ବୁଲାଇଥାଏ, ନଖର ରଙ୍ଗ ହଳଦିଆ ହୋଇଯାଏ। କେତେକ ସମୟରେ ସେ ଅଧିକ ଚିନ୍ତାଗ୍ରସ୍ତ ରହିଥାଆନ୍ତି ଏବଂ ଚିଡିଚିଡା ସ୍ୱଭାବ ଦେଖିବାକୁ ମିଳିଥାଏ। ଶିଶୁମାନେ ମଧ୍ୟ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ତେବେ ଏଭଳି କିଛି ଲକ୍ଷଣ ଦେଖିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଆବଶ୍ୟକ।



ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କୌଣସି ପ୍ରକାର ବିପଦ ସୃଷ୍ଟି ହେଲେ ଜାତୀୟ ସ୍ୱାର୍ଥ ରକ୍ଷା ଲାଗି ଶତ୍ରୁପକ୍ଷର କଡ଼ା ମୁକାବିଲା କରିବାକୁ ଭାରତୀୟ ବାୟୁସେନା ସଦା ତତ୍ପର ରହିଛି।

-ମାର୍ଶାଲ ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ



**ସଂକ୍ଷେପରେ**

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

ରେଢ଼ାଖୋଲ,୧୮।୧୧(ଡି.ଏନ.ଏ.) ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବରେ ଆଜିୟନ ଜେନା, ସୁମିତ ସାହୁ ଓ ସୋମାଶ୍ରୀ ମୁଣ୍ଡା ଶିଶୁ ବର୍ଗରେ ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଛନ୍ତି। ସେହିପରି ବାଲ୍ ବର୍ଗରେ ଡିନୁ ଶେଖର ମାଝି, ସୋନାଲି ଗରୁଡ ଓ କିଶୋର ବର୍ଗରେ ମାନଭଞ୍ଜନ ନାଏକ, କାଜଲ ଦେହୁରୀ ଶ୍ରେଷ୍ଠ ଖେଳାଳି ହୋଇଛନ୍ତି। କ୍ରୀଡା ଉତ୍ସବର ପ୍ରଥମ ଦିବସରେ ରେଢ଼ାଖୋଲ ଏନଏସିର ଉପାଧକ୍ଷ ସୁନିଲ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଉପସଭାପତି ମହାବୀର ସଂଦେଓ ସଭାରେ ସଭାପତିତ୍ୱ କରିଥିଲେ।

## ଫେସବୁକରେ ଅଶ୍ଳୀଳ ଫଟୋ ଭାଇରାଲ କରି ୨ ଗିରଫ

ସମ୍ବଲପୁର,୧୮।୧୧(ବ୍ୟୁରୋ) ସମ୍ବଲପୁର ଜିଲା ହୀରାକୁଦ ଥାନା ପୋଲିସ ସୋଶିଆଲ ମିଡିଆ (ଫେସବୁକ)ରେ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ହୋଇଥିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ବରଗଡ ନାତୁପଡାର କିଶୋର ଦେହୁରୀ ଓ ତାଙ୍କ ବନ୍ଧୁ ଟାଙ୍କିପଡ଼ାର କୁସୁମ ରାଓ। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଯୁବକ ପ୍ରଭାତ ସାଲିମା ଫେରାର୍ ଅଛନ୍ତି। ଏ ନେଇ ପୋଲିସ ଥାନାରେ ଏକ ମାମଲା (ନଂ.୨୨୧/୧୮) ରୁଜୁ କରି ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଛି।

### ବ୍ରହ୍ମ ବିଭ୍ରାଟ: ଫିଟିଲା ଗୁମର

# ୬ ଦଇତା କରିଥିଲେ ବ୍ରହ୍ମ ଦର୍ଶନ

**ପୁରୀ ଅଫିସ, ୧୮।୧୧**

ଶ୍ରୀମନ୍ଦିର ପ୍ରଶାସନ ନୋଟିସ ଜାରି କରିବା ପରେ ଫିଟିଛି ବ୍ରହ୍ମବିଭ୍ରାଟ ଗୁମର। ନିୟମକୁ ନ ମାନି ଜୋର ଜବରଦସ୍ତି ଦଇତାପତି ଅଣସର ପିଣ୍ଡିରୁ କରିଥିଲେ ବ୍ରହ୍ମ ଦର୍ଶନ। ଏହାକୁ ନେଇ ଘଟିଥିଲା ବିଭ୍ରାଟ। ମହାପ୍ରଭୁଙ୍କ ଘଟ ସଂସ୍ଥାପନରେ ହୋଇଥିଲା ଅହେତୁକ ବିଳମ୍ବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ରହ୍ମ ବିଭ୍ରାଟ ଘଟଣାରେ ୧୦ ଜଣଙ୍କୁ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୬ ଜଣଙ୍କୁ ଜବରଦସ୍ତି ବ୍ରହ୍ମ ଦର୍ଶନ କରିଥିବା ନେଇ ନୋଟିସ ହୋଇଛି। ସେମାନେ ହେଲେ ବିଶ୍ୱନାଥ ଦାସମହାପାତ୍ର, କୃଷ୍ଣଚନ୍ଦ୍ର ଦାସମହାପାତ୍ର, ନବକିଶୋର ଦାସମହାପାତ୍ର, କାଶୀନାଥ ଦାସମହାପାତ୍ର, ଜୟକୃଷ୍ଣ ଦାସମହାପାତ୍ର ଓ ଦଇତାପତି ନିଯୋଗର ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର। ଶ୍ରୀମନ୍ଦିର ଆଇନର ୧୯୫୫ ଧାରା (କ) ଅନୁସାରେ ଏହି ନୋଟିସ ଜାରି କରାଯାଇଛି। ୧୫ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ହସ୍ତଗତ ନ ହେଲେ ପ୍ରତିପକ୍ଷଙ୍କ କିଛି କହିବାର ନାହିଁ ବୋଲି ଧରି ନିଆଯିବା କଥା ଉଲ୍ଲେଖ ରହିଛି।

ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦଙ୍କୁ ଜାରି କରାଯାଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି ଯେ, ଘଟ ପରିବର୍ତ୍ତନ ଅତ୍ୟନ୍ତ ଗୋପନୀୟ କାର୍ଯ୍ୟ। ଏହି କାର୍ଯ୍ୟ କେବଳ ବାଡ଼ଗ୍ରାହୀମାନଙ୍କ ଦ୍ୱାରା ସମ୍ପାଦନ କରାଯିବା ଲାଗି ନିର୍ଦ୍ଦେଶ ଦିଆଯାଇ ନିଯୋଗ ସମ୍ପାଦକ ହିସାବରେ ଆପଣଙ୍କୁ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ ଘଟ ପରିବର୍ତ୍ତନର ପରମ୍ପରା ଓ ଗୋପନୀୟତାକୁ ଉପେକ୍ଷା କରାଯାଇଥିଲା। ଆପଣ ୪ ବରିଷ୍ଠ ଦଇତାପତିଙ୍କୁ ବ୍ରହ୍ମ ଦର୍ଶନ କରାଇବା ପାଇଁ ବେହେରଣ ଦ୍ୱାର ଦେଇ ତାଟି ନିକଟରେ ଉପସ୍ଥିତ କରାଇଥିଲେ ଏବଂ ସେମାନଙ୍କୁ ଜବରଦସ୍ତି ଭିତରକୁ ପ୍ରବେଶ କରାଇବାକୁ ଉଦ୍ୟମ କରିଥିଲେ। ଦ୍ୱିତୀୟରେ ନିଯୋଗର ସମ୍ପାଦକ ହିସାବରେ ଘଟ ପରିବର୍ତ୍ତନର ପରମ୍ପରା ଓ ଗୋପନୀୟତା ରକ୍ଷା ପାଇଁ ଆପଣ ପୂର୍ବରୁ ନିଯୋଗ ବୈଠକ ଡାକି ଆଲୋଚନା କରି ନ ଥିଲେ। ଫଳରେ ଘଟ ପରିବର୍ତ୍ତନରେ ଚରମ ବିଶୃଙ୍ଖଳା ଦେଖାଦେଇଥିଲା। ଏପରି କି ଘଟ ପରିବର୍ତ୍ତନ ବେଳେ ବ୍ରହ୍ମ ଦର୍ଶନ ପାଇଁ ଆପଣ ଜିଦ୍ ଧରିଥିଲେ ଓ କୌଣସି ବାରଣକୁ ଭ୍ରୂକ୍ଷେପ କରି ନ ଥିଲେ, ଯାହାକି ପରମ୍ପରା ଏବଂ ନିୟମବିରୁଦ୍ଧ କାର୍ଯ୍ୟ। ଘଟ ପରିବର୍ତ୍ତନ ଅପ୍ରକାଶ୍ୟ ହୋଇଥିବାବେଳେ ଆପଣ ଗଣମାଧ୍ୟମରେ ପ୍ରଘଟ କରିଥିଲେ, ଯାହାକି ସମସ୍ତଙ୍କୁ ଗଭୀର ଆଘାତ ଦେଇଥିଲା।

ଯୁବ ଦଇତାପତି କୀର୍ତ୍ତି ଦାସମହାପାତ୍ରଙ୍କୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା, ଗୁପ୍ତ ତଥ୍ୟ ପ୍ରଘଟ କରିବା ଏବଂ ଶ୍ରୀମନ୍ଦିରର ଫଟୋ ଭାଇରାଲ କରିବା ଅଭିଯୋଗରେ ନୋଟିସ ଜାରି କରାଯାଇଛି। ତେବେ ନିଯୋଗର ସଭାପତି ରାମକୃଷ୍ଣ ଦାସମହାପାତ୍ର ଏବଂ ନବକିଶୋର ପତିମହାପାତ୍ରଙ୍କୁ କେଉଁ କାରଣ ପାଇଁ ନୋଟିସ ଜାରି କରାଯାଇଛି ତାହା ଜଣାପଡିନାହିଁ।



ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନୋଟିସ



ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନୋଟିସ

ଦଇତାପତିମାନଙ୍କୁ ଦିଆଯାଇଥିବା ନୋଟିସ।

ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦ ବ୍ରହ୍ମ ଦର୍ଶନ କରି ନ ଥିବା ଶନିବାର ଗଣମାଧ୍ୟମକୁ କହିଥିଲେ। ବ୍ରହ୍ମ ଦର୍ଶନ କରିବା ପାଇଁ ସେ ପ୍ରାଧିକୃତ ନୁହନ୍ତି ବୋଲି କହିଥିଲେ। କିନ୍ତୁ ୨୦୧୫ ଜୁନ୍ ୨୧ରେ ଦଇତାପତି ନିଯୋଗ ଶ୍ରୀମନ୍ଦିର ପ୍ରଶାସନକୁ ଦେଇଥିବା ଏକ ଚିଠିରେ ଦର୍ଶାଯାଇଥିଲା ଯେ, ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ବାଡ଼ଗ୍ରାହୀ ଘଟ ପରିବର୍ତ୍ତନ କାମ କରନ୍ତି ଏବଂ ଅନ୍ୟମାନେ ଉପସ୍ଥିତ ଥାଇପାରନ୍ତି। ଏହି ଆଧାରରେ ସେଠାରେ ଉପସ୍ଥିତ ଥିବା ନିଯୋଗର କର୍ମକର୍ତ୍ତା ଓ ଦଇତାପତିମାନେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ ଯେ, କେବଳ ବାଡ଼ଗ୍ରାହୀମାନେ ଘଟ ପରିବର୍ତ୍ତନ କରିବେ। ଭିତରକୁ ଯିବାକୁ ଇଚ୍ଛୁକ ଥିବା ୪ ବରିଷ୍ଠ ଦଇତାପତି ଓ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର ପଣା ଭୋଗ ଲାଗୁଥିବା ସ୍ଥାନରେ ରହିବେ। ଘଟ ପରିବର୍ତ୍ତନ ପରେ ସମ୍ପାଦକ ଓ ୪ ଜଣ ଭିତରକୁ ଯିବେ ଏବଂ ବ୍ରହ୍ମ ଦର୍ଶନ କରିବେ। ପରମ୍ପରା ଅନୁଯାୟୀ ଅନ୍ୟ ଦଇତାପତିମାନେ ଅନ୍ୟାନ୍ୟ ଗୁପ୍ତ ନୀତି କରିବେ ଓ ଦର୍ଶନ କରିବେ। ନିଯୋଗର ଏହି ନିଷ୍ପତ୍ତିକୁ ଉପସ୍ଥିତ ଥିବା ସମସ୍ତ ଦଇତାପତି ଓ ୩ ବାଡ଼ଗ୍ରାହୀ ଗ୍ରହଣ କରିଥିଲେ। କିନ୍ତୁ ବଡ଼ଠାକୁରଙ୍କ ବାଡ଼ଗ୍ରାହୀ ଅରାଜି ହୋଇ ପ୍ରତିହାରୀ ନିଯୋଗ ନିକଟ ଶୁଆଶାରୀ ମନ୍ଦିର ନିକଟକୁ ଚାଲିଯାଇଥିଲେ। ବରିଷ୍ଠ ଦଇତାପତିମାନେ ତାଙ୍କୁ ବୁଝାଇବା ପରେ ସେ ରାଜି ହୋଇ କାର୍ଯ୍ୟ କରିବା ପାଇଁ ଆସିଥିଲେ। ଏହି କ୍ରମରେ ପ୍ରାୟ ୨ ଘଣ୍ଟା ବିଳମ୍ବ ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ, ବାଡଗ୍ରାହୀ ଭିତରକୁ କାର୍ଯ୍ୟ କରିବା ପାଇଁ ଯାଇଥିଲେ ଏବଂ ୪ ଜଣ ବରିଷ୍ଠ ଦଇତାପତିଙ୍କ ସହ ସମ୍ପାଦକ ଚାଙ୍ଗଡା ଦ୍ୱାର ପାଖରେ ରହିଥିଲେ। ସୂଚନା ପାଇବା ପରେ ଏମାନେ ଭିତରକୁ ଯାଇଥିଲେ। ଶେଷରେ ଅନ୍ୟ ଦଇତାପତିମାନେ ଭିତରକୁ ଯାଇଥିଲେ।

## ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସଚେତନତା ରାଲି

**ରେଢ଼ାଖୋଲ,୧୮।୧୧(ଡିଏନଏ)**

ସମ୍ବଲପୁର ଜିଲା ରେଢ଼ାଖୋଲ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଗତ ୨ ଦିନ ଧରି ଆଇନସେବା ସଚେତନତା ରାଲି ଅନୁଷ୍ଠିତ ହୋଇଛି। ଚାରମାଳ ଓ ନାକ୍ଟିଦେଉଳ ଠାରେ ଏହି ସଚେତନତା ରାଲି ଅନୁଷ୍ଠିତ ହୋଇଛି। ନାକଟିଦେଉଳ ବାଳିକା ବିଦ୍ୟାଳୟର ଛାତ୍ରୀ ମାନେ ଓ ଚାରମାଳ ହାଇସ୍କୁଲର ଛାତ୍ରୀ ଛାତ୍ର ମାନେ ବିଭିନ୍ନ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିବା ସହିତ ଘରକୁ ଘର ଯାଇ ଆଇନସେବା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିକଳ୍ପ ବିବାଦର ସମାଧାନ ତଥା ମଧ୍ୟସ୍ଥତା ଲୋକ ଅଦାଲତ, ଶିଶୁ ଶ୍ରମିକ ଉଚ୍ଛେଦ ଓ କନ୍ୟାଭ୍ରୂଣ ହତ୍ୟା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସଚେତନତା ରାଲିରେ ଆଇନସେବା ପ୍ରାଧିକରଣ ସମିତି ର ଅଧ୍ୟକ୍ଷ ତଥା ସବଜଜ ବାସୁଦେବ ଆଚାର୍ଯ୍ୟ,ଏସଡିଜେଏମ ଅପୁର୍ବା ଚୌଧୁରୀ ଯୋଗ ଦେଇଥିବାବେଳେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## କାର୍ଯ୍ୟାଦେଶ ବଣ୍ଟନ ମେଳା

**ନାକଟିଦେଉଳ,୧୮।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ରବିବାର ବିଜୁ ପକ୍କାଘର ଯୋଜନାରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥି ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବାସ କାର୍ଯ୍ୟ ଶେଷ କରିଥିବା ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ନାକଟିଦେଉଳ ବିଡିଓ ମେଥୋଡିୟସ ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବଣ୍ଟନ ମେଳାରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ଜିଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଗଡତ୍ୟା ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରି କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ୧୮ ହିତାଧିକାରୀଙ୍କୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ସହ ୧୮୦ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘର କାର୍ଯ୍ୟ ସଂପୂର୍ଣ୍ଣ କରିଥିବାରୁ ପ୍ରୋତ୍ସାହନ ରାଶି ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଉନ୍ନୟନ ବିଭାଗର ଶରତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମୀଣ ଆବାସ ଯୋଜନାର ବ୍ଲକ ସଂଯୋଜକ ସମରେନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଧାୟକ ପୂଜାରୀ ନାକଟିଦେଉଳ ଡାକ୍ତରଖାନାକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ବାପମାଆ ଛେଉଣ୍ଡ ଗୋଗୁଆ ଗ୍ରାମର ତଥା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଗରିବ ଛାତ୍ରୀ ମେନକା ବାଘଙ୍କୁ ଭେଟି ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ପ୍ରସଙ୍ଗ

# ମହାବନ୍ଦ ପାଇଁ ଏକଜୁଟ ହେଲେ ଜନସାଧାରଣ






ସମ୍ବଲପୁର ଜିଲା ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ (ବାମ)। ସମ୍ବଲପୁର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅତିଥିମାନେ ।

- ୧୩୪ ଅନୁଷ୍ଠାନ ସାମିଲ ହେବେ
- ଜନସାଧରଣ କରିବେ ପିକେଟିଂ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି ନେଇ ସେପ୍ଟମ୍ବର ୫ ତାରିଖଠାରୁ ସମ୍ବଲପୁର ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାବେଳେ ନଭେମ୍ବର ୨୯ରୁ ୩୦ ତାରିଖ ୪୮ ଘଣ୍ଟା ମହାବନ୍ଦ ପାଳନ କରାଯିବାକୁ ପ୍ରସ୍ତୁତି ହୋଇଛି। ଏ ନେଇ ରବିବାର ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଜନସମାବେଶ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ, ସମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ, ସୁରେଶ ମିଶ୍ର, ନିରଞ୍ଜନ ତ୍ରିପାଠୀ ମଞ୍ଚାସୀନ ରହିଥିଲେ। ସହର ଓ ଗ୍ରାମାଞ୍ଚଳର ୧୩୪ ଅନୁଷ୍ଠାନ ଯୋଗ ଦେଇଥିଲେ। ବନ୍ଦ ପାଳନକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ଓକିଲଙ୍କ ସହ ଜନସାଧାରଣ ପିକେଟିଂ କରିବେ ବୋଲି ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତା କହିଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ଘୋଷଣା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯିବ ବୋଲି କେତେ ଜଣ ମତ ରଖିଥିଲେ। ସୂଚନାଯୋଗ୍ୟ ଯେ, ପ୍ରାୟ ଅଢେଇ ମାସ ହେଲା ଓକିଲମାନେ ଆନ୍ଦୋଳନ କରିଆସୁଛନ୍ତି। ହେଲେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ସରକାର ଗୁରୁତ୍ୱ ଦେଉନାହାନ୍ତି। ଏହି ୪୮ ଘଣ୍ଟିଆ ମହାବନ୍ଦ ପାଳନରେ ଦୋକାନ, ବଜାର, ରାସ୍ତା ଘାଟ, ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ ପିକେଟିଂ କରି ବନ୍ଦ କରାଯିବାକୁ ସ୍ଥିର ହୋଇଛି ।

## ହୀରାକୁଦରେ ଆକ୍ୟୁପ୍ରେସର ଚିକିତ୍ସା ଶିବିର ଉଦ୍‌ଯାପିତ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ହୀରାକୁଦ ଲାୟନ୍ସ କ୍ଲବ ପରିବାର ଓ ରୟାଲ୍ ଆୟୋଜିତ ଆକ୍ୟୁପ୍ରେସର ଚିକିତ୍ସା ଶିବର ଉଦ୍‌ଯାପିତ ହୋଇଯାଇଛି। ହୀରାକୁଦ ଭାରପ୍ରାପ୍ତ ଥାନାଧିକାରୀ ତୋଫାନ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ଥାନ ଜୋଧପୁରର ଡା. ଏଆର ଚୌଧୁରୀ ରୋଗୀଙ୍କୁ ଚିକିତ୍ସା କରିଥିଲେ। ତାଙ୍କର ୫ଜଣ ସହଯୋଗୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସପ୍ତାହ ବ୍ୟାପୀ ଚାଲିଥିବା ଶିବିରରେ ୧ହଜାର ୩୭୨ ରୋଗୀଙ୍କୁ ଚିକିତ୍ସା କରାଯାଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଲାୟନ୍ସ ଭାଇସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ବେଣୁମାଧବ ଦୋରା, ଜୋନ ଅଧକ୍ଷ ଲଳିତ ପଟେଲ, ଜଗମୋହନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ପାତାଲି ଶ୍ରୀକ୍ଷେତ୍ରରେ ହେବ ରୋପ୍‌ୱେ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ସମ୍ବଲପୁର ପ୍ରେସ କ୍ଲବଠାରେ ପ୍ରେସ କ୍ଲବ ପକ୍ଷରୁ ରବିବାର ମିଟି ଦି' ପ୍ରେସ କାର୍ଯ୍ୟକ୍ରମ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି ଓ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଏଥିରେ ଯୋଗ ଦେଇଥିଲେ। ବିଧାୟିକା ପାଣିଗ୍ରାହୀ ସମ୍ବଲପୁର ସହର ବିକାଶ ପଥରେ ଆଗେଇ ଚାଲିଛି। ଅନେକ ଯୋଜନାରେ ଉନ୍ନୟନ ମୂଳକ କାମ କରାଯାଉଛି କହିଥିଲେ। ପରେ ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି କହିଥିଲେ ଯେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିକୁ ପୂର୍ବ ଅପେକ୍ଷା ଅଧିକ ଅନୁଦାନ ମିଳୁଛି। ଶିକ୍ଷା,ସଂସ୍କୃତି, କଳକାରକୁ ପ୍ରୋତ୍ସାହନ ଦେବା ଭଳି ସମାଜିକ ଓ ଉନ୍ନୟନ କାମରେ ପାଣ୍ଠି ଅର୍ଥ ଖର୍ଚ୍ଚ କରାଯାଉଛି । ସ୍ଥାନୀୟ ଜନପ୍ରତିନିଧିମାନେ ପ୍ରକଳ୍ପ ଅନୁମୋଦନ କରୁଛନ୍ତି। ଆଗାମୀ ଦିନରେ ବୀରମହାରାଜପୁରସ୍ଥିତ ପାତାଲି ଶ୍ରୀକ୍ଷେତ୍ରଠାରେ ରୁପୱେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୭ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ଶେଷ ହୋଇଛି। ଏଭଳି ଅନେକ ପ୍ରକଳ୍ପ କାର୍ଯ୍ୟ ଆଗକୁ କରାଯିବ ବୋଲି ସେ କହିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାର ଯେ କୌଣସି ଜିଲାରେ ସ୍ଥାପିତ କରାଯିବା ପ୍ରଶ୍ନର ଉତ୍ତରରେ କହିଥିଲେ ଯେ ଏଥିପାଇଁ ପୂର୍ବରୁ ଅନେକଥର ବୈଠକ ହୋଇଛି। ଆଗମୀ ବୈଠକରେ ଏହା ଉପରେ ଆଲୋଚନା କରାଯିବ। ଏହି ଅବସରରେ ପ୍ରେସ କ୍ଲବ୍ ସଭାପତି ତ୍ରିବିକ୍ରମ ପ୍ରଧାନ, ସମ୍ପାଦକ ଭାବାନୀ ଭୋଇଙ୍କ ସମେତ ପ୍ରେସ କ୍ଲବର ସଦସ୍ୟ ଉପସ୍ଥିତ ରହିଥିଲେ।




ସମ୍ବଲପୁର ପ୍ରେସକ୍ଲବଠାରେ ପଶ୍ଚିମ ଓଡିଶ ବିକାଶ ପରିଷଦ ଅଧକ୍ଷ କିଶୋର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି ।

### ସୈରେନ୍ଦ୍ରୀ ନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ଟାଉନ ହାଇସ୍କୁଲ ଚାମ୍ପିୟନ

**ସମ୍ବଲପୁର,୧୮।୧୧(ବ୍ୟୁରୋ)**

ଜିଲାର ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ନୃସିଂହଗୁରୁ ଟାଉନ ହାଇସ୍କୁଲ ଚାମ୍ପିୟନ ଓ ମୁଣ୍ଡେନପାଲି ଆଞ୍ଚଳିକ ହାଇସ୍କୁଲ ରନର୍ସଅପ୍ ଟ୍ରଫି ହାସଲ କରିଛି। ହାୱା ମଇଦାନଠାରେ ଫାଇନାଲ ମ୍ୟାଚ ଟାଉନ ହାଇସ୍କୁଲ ବନାମ ମୁଣ୍ଡେନପାଲି ମଧ୍ୟରେ ଏକତରଫା ହୋଇଥିଲା। ଏଥିରେ ଟାଉନ ହାଇସ୍କୁଲ ୪-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଦେବେନ୍ଦ୍ର ନାୟକ ୨, ଗୋପାଳ ଓରାମ, ଉମେଶ ସିଂ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ମ୍ୟାଚକୁ ମନୋଜ ଭୋଇ, ମଥୁରା ଓରାମ, ସୁବାଷ ରାଉତ ଓ ପଦ୍ମ ନାୟକ ପରିଚାଳନା କରିଥିଲେ। ଡ. ବିଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଏସଡିଏ ସଚିବ ରାଜେଶ ଅଗ୍ରୱାଲ ମୁଖ୍ୟ ଅତିଥି, ଡା. ଅଶ୍ୱିନୀ ନାୟକ, ସଂଗ୍ରାମ କେଶରୀ ସାହାଣୀ, ପୂର୍ବତନ ମନ୍ତ୍ରୀ ସନାତନ ବିଶି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ଗୋଲରକ୍ଷକ ନାରାୟଣ ରଞ୍ଜନ ପଣ୍ଡାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଟାଉନ ହାଇସ୍କୁଲର ଭଗବାନ ସୋନିଆଙ୍କୁ ଶ୍ରେଷ୍ଠ ଡିଫେଣ୍ଡର, ଗୋପାଳ ଓରାମଙ୍କୁ ଶ୍ରେଷ୍ଠ ଗୋଲ ରକ୍ଷକ ଓ ମୁଣ୍ଡେନପାଲିର ରୁନି ମିର୍ଦ୍ଧାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଧନ୍ୟବାଦ ଦେଇଥିଲେ। ବିଶ୍ୱମ୍ଭର ବହିଦାର, ଆରକେ ଶର୍ମା, ଅକ୍ଷୟ ପ୍ରଧାନ, କାର୍ତ୍ତିକ ପ୍ରଧାନ, ବିଦ୍ୟାଧର ପ୍ରଧାନ, ସାବୀର ହୁସେନ, ସୁରେନ୍ଦ୍ର ନାୟକ, ଅତନୁ ଘୋଷ, ଓମପ୍ରକାଶ ଶାଙ୍ଖୁଲିଆ, ବିନୟ ମହାପାତ୍ର, ଇଦ୍ରିଶ ମଲ୍ଲିକ, ସୁକାନ୍ତ ବୋଷ, ଜନ ଖାଲଖୋ, ବିଜୟ ଦେହୁରୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ରବିବାର ସମ୍ବଲପୁର ହାୱା ମଇଦାନରେ ଚାମ୍ପିୟନ ଟ୍ରଫି ସହ ନୃସିଂହଗୁରୁ ଟାଉନ ହାଇସ୍କୁଲ ଦଳ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ୧୮୦୪ରୁ ୧୮୧୭

# ରାଜ ବିଦ୍ରୋହ ନୁହେଁ କି ପାଇକ ବିଦ୍ରୋହ ନୁହେଁ, ଦୁଃସାହସିକ ଯୁଦ୍ଧ

ଡ. ସୁରେନ୍ଦ୍ର କୁମାର ମିଶ୍ର

**"ଏକ ଐତିହାସିକ ଯୁଦ୍ଧ 'ପାଇକବିଦ୍ରୋହ' ଶବ୍ଦରେ ପାଣିଚିଆ ହୋଇଗଲା ପରି ମନେହୁଏ"**



ମହାପ୍ରଭୁଙ୍କ ରାଉତ ପ୍ରଥମ ସେବକ ଗଜପତି ମହାରାଜା ସେବାମଗ୍ନ।

ସତ୍ୟବାଦୀ ବଳିୟାରସିଂହଙ୍କ ଉପସ୍ଥାପନ ସଦୃଶ ଆଉ ଗୋଟିଏ ମତ ଏ ବର୍ଷ ପ୍ରକାଶ ପାଇଥିବା 'ବ୍ରହ୍ମଦର୍ଶନ' (ଚତୁର୍ଥସଂଖ୍ୟା) ପତ୍ରିକାରୁ ପଢ଼ିବାକୁ ମିଳେ। "ଶ୍ରୀଜଗନ୍ନାଥ ଧର୍ମୀୟ ରାଜତନ୍ତ୍ର ପରିପ୍ରେକ୍ଷୀରେ ୧୮୧୭ ପାଇକ ବିଦ୍ରୋହ- ଏକ ତାତ୍ତ୍ୱିକ ଅନୁଶୀଳନ" ଶୀର୍ଷକ ଆଲୋଚନା ପ୍ରକାଶ ପାଇଛି। ଏହାର ଲେଖକ ଗୋପାଳକୃଷ୍ଣ ଶ୍ରୀଚନ୍ଦନ। ଶୀର୍ଷକଟିକୁ ବୁଝିବା ଆମ ପକ୍ଷରେ ସମ୍ଭବ ହେଲାନାହିଁ। ଶ୍ରୀଜଗନ୍ନାଥ ଧର୍ମ ବୋଲି କିଛି ଧର୍ମ ନାହିଁ। ଧର୍ମ ହେଉଛି ଆମର ସନାତନ ଧର୍ମ। ଶ୍ରୀଜଗନ୍ନାଥ ଉପାସନା ତାହାର ଏକ ଧାରା ବା ଚେତନା। ଶ୍ରୀଜଗନ୍ନାଥ ଧର୍ମୀୟ ରାଜତନ୍ତ୍ର ବୋଲି କିଛି ନଥିଲା କି ନାହିଁ। ଓଡ଼ିଶା ରାଜତନ୍ତ୍ରର ଏହା ଧର୍ମ ନୁହେଁ। ରାଜା ହେଉଛନ୍ତି ଏହି ଧାରାର 'ରାଉତ'। ଜଣେ ସେବକ। ଯାର ଉପାସନା ଧାରାରେ ରାଜତନ୍ତ୍ର ମୂଳରୁ ନଥିଲା କି ଏବେ ନାହିଁ। ଗଣଦେବତାଙ୍କ ଉପାସନାଧାରା ଗଣମାନଙ୍କ ଦ୍ୱାରା ସମ୍ପାଦିତ ହୁଏ। ରାଉତଙ୍କର ସେବା 'ରାଜନୀତି ସେବା' ଭାବରେ ପରିଚିତ।

ଏହି ଆଲୋଚନାରେ ସେ ମଧ୍ୟ ଲେଖିଛନ୍ତି- ଖ୍ରୀ ୧୮୦୪ର ବ୍ରିଟିଶ୍ ସରକାରର ଆକ୍ରମଣାତ୍ମକ ସଂଘର୍ଷ ବିରୋଧରେ 'ରାଜବିଦ୍ରୋହ' ସଙ୍ଗଠନ କରିବାର ନେତୃତ୍ୱ ଜୟୀ ରାଜଗୁରୁ ନେଇଥିଲେ। ରାଜବିଦ୍ରୋହ ଶବ୍ଦଟିକୁ ଲକ୍ଷ୍ୟ କରିବା କଥା। ରାଜବିଦ୍ରୋହ କହିଲେ ରାଜ ପରିବାର ଭିତରେ ବିଦ୍ରୋହ ନା ରାଜା ହେବା ପାଇଁ ବିଦ୍ରୋହ ନା ରାଜା-ରାଜାଙ୍କ ମଧ୍ୟରେ ବିଦ୍ରୋହ, ନା ରାଜା-ଯୁବରାଜଙ୍କ ଭିତରେ ବିଦ୍ରୋହ, ନା ଯୁବରାଜ-ରାଜଜେମାଙ୍କ ଭିତରେ ବିଦ୍ରୋହ! - ଇୟେ ତ ଅଡୁଆ ସୂତା ଭଳି ଲାଗୁଛି। ସେତେବେଳେ ଏ ସମସ୍ତ ଘଟଣା ତ ଘଟି ନ ଥିଲା। ତେବେ ରାଜବିଦ୍ରୋହ କେମିତି ହେବ! ଏହା ମୂଳରୁ 'ବିଦ୍ରୋହ' ନଥିଲା। ସମ୍ପୂର୍ଣ୍ଣ ଯୁଦ୍ଧ ହିଁ ଥିଲା। ଯୁଦ୍ଧ ଡାକରାରେ ଅନେକ କରଦରାଜା ଓ ଗଡ଼ଜାତ ରାଜା ସାମିଲ ହୋଇଥିଲେ। ଗଡୁଆ ବୀରମାନେ ନିଜ ସ୍ୱାଭିମାନକୁ ନେଇ ଯୁଦ୍ଧକୁ ଓହ୍ଲେଇଥିଲେ। କବି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ କ୍ଷୁଦ୍ର କାବ୍ୟ 'ଫାଶିଦିଆ'ରୁ ଆମକୁ ତାର ଚିତ୍ର ମିଳେ : "ସିକୋ ଗାଁ ତେଜି ଯୁଦ୍ଧ ବେଶ ସାଜି ପହଞ୍ଚିଲେ ରଣସିଂଘି। ଗଣିନାହାନ୍ତି ସେ ଭଲ-ମନ୍ଦ ଧନ ପୁଅ-ମାଇପଙ୍କୁ ଫିଙ୍ଗି ॥"

ଶେଷରେ ୨୧ ଦିନ ଯୁଦ୍ଧ ପରେ ହିଁ ଖୋର୍ଦ୍ଧା ଦୁର୍ଗର ପତନ ହୋଇଥିଲା। ପାଇକ ବିଦ୍ରୋହ ୧୮୧୭ ମସିହା ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିଲା ବୋଲି ଜଣାଯାଏ। ତାହା ବାଣପୁର ପଟୁ ଆରମ୍ଭ ହୋଇଥିଲା। ଆମେ ଜାଣିଛେ ଆଗରୁ ସେଥିରେ ବକ୍ସି ନଥିଲେ। ସମସ୍ୟା ଜର୍ଜରିତ ହେତୁ ବିଦ୍ରୋହ ତ ନୁହେଁ ଯୁଦ୍ଧକୁ ସେ ଆଗେଇଥିଲେ। ସେ ଜାଣିଥିଲେ ପାରିବାରିକ ସମସ୍ୟାଠାରୁ ଗଣସମସ୍ୟା ଗୁରୁତର ହୋଇ ଉଭା ହୋଇଛି। ପାରିବାରିକ ସମସ୍ୟାରୁ ମୁକ୍ତି ପାଇବା ତାଙ୍କର ଆଉ ଲକ୍ଷ୍ୟ ନଥିଲା। ସାମାଜିକ ସମସ୍ୟାରୁ ସମସ୍ତଙ୍କୁ ମୁକ୍ତ କରିବା ପାଇଁ ସେ ପଣ କଲେ। ଯୁଦ୍ଧକୁ ଆଗେଇ ନେଲେ। ଇତିହାସ ଅନ୍ୟ ଦିଗରେ ଗତି କରିଗଲା। ଜୟୀ ରାଜଗୁରୁଙ୍କ ପରି ସେ ଜୀବନରୁ ମୁକ୍ତି ପାଇ ନଥିଲେ ସତ, ସାମ୍ରାଜ୍ୟବାଦର ଶାସକମାନଙ୍କୁ ଶୋଷଣ ମାନସିକତାରୁ ମୁକ୍ତ ରହିବା ପାଇଁ ଚେତେଇ ଦେବାରେ ସଫଳ ହୋଇଥିଲେ। ଜୟୀ ରାଜଗୁରୁଙ୍କ ନାଟକାନ୍ତ ବିୟୋଗରେ ଓଡ଼ିଶା ମୁଲକ କାନ୍ଦିଥିଲା- "ଓଡ଼ିଶା ମୁଲକ ସକଳ ଲୋକରେ କାନ୍ଦିଲେ ଶୂନ୍ୟକୁ ଚାହିଁ। ଘୋଟିଗଲା ଦୁଃଖ ରାଇଜ ଯାକରେ ଚୁଲି ତ ଜଳିଲା ନାହିଁ ॥"




ଜଣେ ସେନାପତିଙ୍କ ବିଦାୟରେ ଓଡ଼ିଶା ମୁଲକରେ ଚୁଲି ଜଳି ନଥିଲା। ଆଉ ଜଣେ ସେନାପତିଙ୍କ ସାହସିକ ପଦକ୍ଷେପରେ ଏ ଜାତି ଉଲ୍ଲସିତ ହୋଇଥିଲା। କୁହୁଳୁଥିବା ଅସନ୍ତୋଷକୁ ଗଣଯୁଦ୍ଧରେ ପରିଣତ କରିବାରେ ସେ ସଫଳ ହୋଇଥିଲେ। ମୋଟ ଉପରେ 'ବିଦ୍ରୋହ' ହିଁ ନଥିଲା।

ପାଇକ ବିଦ୍ରୋହ ସମ୍ବନ୍ଧରେ ସବିଶେଷ ବର୍ଣ୍ଣନା କରି କେତେକ ବାହାର ଇତିହାସକାର ବକ୍ସି ଜଗବନ୍ଧୁଙ୍କ ଶେଷ ଯେପରି ଚମକପ୍ରଦ କରିବାକୁ ଚେଷ୍ଟା କରିଛନ୍ତି, ତାହା ଇତିହାସକୁ ବାଟବଣା କଲା ପରି ମନେହୁଏ। ରାଖଲଦାସ ବାନାର୍ଜୀ ଲେଖିଛନ୍ତି- ବକ୍ସି ଜଗବନ୍ଧୁ ଯୁଦ୍ଧ କରିବା ସମୟରେ ଇଂରେଜ ସେନା ଗୁଳିମାଡ଼ରେ ନିହତ ହୋଇଥିଲେ। ଯାକୁ ଆଧାର କରି ନାଟକ ରଚନା ହେଲା। ପ୍ରଦର୍ଶିତ ମଧ୍ୟ ହେଲା। ଯାହା ପ୍ରକୃତ ଇତିହାସ ସମର୍ଥିତ ନୁହେଁ, ତାହା ପିଲେ ଦେଖିଲେ, ରେଡ଼ିଓରୁ ଶୁଣିଲେ, ଇତିହାସକୁ ଅସାର କରିଦେବାର ଏ ଏକ ନିନ୍ଦିତ ପ୍ରୟାସ। ଏଭଳି ପ୍ରୟାସକୁ ଗ୍ରହଣ ନ କରି ଠିକ ମାର୍ଗରେ ଉପସ୍ଥାପନ କରିବା ପାଇଁ ବିଖ୍ୟାତ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶ ଲେଖିଛନ୍ତି- "ପ୍ରଥମେ ୧୯୫୧ରେ ସୁଧାକର ପଟ୍ଟନାୟକ 'ଝଙ୍କାର' ପୃଷ୍ଠାରେ ପ୍ରକାଶିତ ଏକ ପ୍ରବନ୍ଧରେ ସରକାରୀ କାଗଜପତ୍ର ସୂତ୍ରରୁ ପ୍ରାମାଣିକ ତଥ୍ୟ ସଂଗ୍ରହ କରି ପ୍ରତିପାଦନ କଲେ ଯେ ବକ୍ସି ଜଗବନ୍ଧୁଙ୍କ ମୃତ୍ୟୁ ବ୍ରିଟିଶ୍ ସୈନ୍ୟମାନଙ୍କ ସହ ଜଙ୍ଗଲ ଯୁଦ୍ଧରେ ହୋଇ ନଥିଲା। ବହୁବର୍ଷ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରି ସେ ଅବଶେଷରେ ୧୮୨୫ରେ ବ୍ରିଟିଶ ସରକାରଙ୍କ ନିକଟରେ (ସସମ୍ମାନ) ଆତ୍ମସମର୍ପଣ କରିଥିଲେ।" (ବ୍ରହ୍ମଦର୍ଶନ ପୃ. ୧୫୫)।

ଇତିହାସକୁ ଚମକପ୍ରଦ କରିବାକୁ ଚେଷ୍ଟା କରୁକରୁ ବେଳେବେଳେ ମାଙ୍କଡ଼ ହାତରେ ଶାଳଗ୍ରାମ ପଡ଼ିଯିବା ଅବସ୍ଥା ଉପୁଜେ। ଏହାଦ୍ୱାରା ଇତିହାସର କେବଳ କ୍ଷତି ହୁଏ ନାହିଁ, ସାମାଜିକ ଅବମୂଲ୍ୟାୟନ ହୋଇଯାଏ। ସେମିତି ଆମେ ଅନୁଭବ କରୁଛୁ ବକ୍ସିଙ୍କ ଉପରେ ଲେଖା ହୋଇଥିବା ଏ ପର୍ଯ୍ୟନ୍ତ ମୋଟ ୧୧୨ଟି ଆଲୋଚନାର ଫଳାଫଳ। ଅଧିକାଂଶ ଆଲୋଚନାରେ ପ୍ରକାରାନ୍ତରରେ ବକ୍ସିଙ୍କର ଅନ୍ଧାରଦିଗକୁ ଗୌରବପୂର୍ଣ୍ଣ ଘଟଣା ବୋଲି ମନେକରି ଆଲୋଚକମାନେ ଉପସ୍ଥାପନ କରିଛନ୍ତି। ଏହାଦ୍ୱାରା ଏକ 'ଐତିହାସିକଯୁଦ୍ଧ' ପାଇକବିଦ୍ରୋହ ଶବ୍ଦରେ ପାଣିଚିଆ ହେଲା ପରି ମନେହେଉଛି।

# ୨୨ରେ ବିଧାନସଭା ଘେରିବେ କମ୍ପ୍ୟୁଟର ଶିକ୍ଷକ

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ):** ସ୍ଥାୟୀ କମ୍ପ୍ୟୁଟର ଶିକ୍ଷକ ମାନ୍ୟତା ଦାବିରେ ନଭେମ୍ବର ୨୨ରେ ବିଧାନସଭା ଘେରିବ ଓଡ଼ିଶା ବିଦ୍ୟାଳୟ ସଂଯୋଜକ ସଂଘ। ପୂର୍ବରୁ ସଂଘ ଏହି ଦାବିକୁ ନେଇ ଅହୋରାତ୍ର ଧାରଣା ଲୋୟର ପିଏମ୍‌ଜିରେ ବସିଥିଲା। ତିନି ମାସ ଭିତରେ ବିଚାର କରି ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସରକାର ସେତେବେଳେ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତିକୁ ତିନି ମାସ ବିତି ଯାଇଥିଲେ ମଧ୍ୟ ସରକାର କମ୍ପ୍ୟୁଟର ଶିକ୍ଷକଙ୍କ ଦାବି ପ୍ରତି କିଛି ବିଚାର କଲେନାହିଁ। ଫଳରେ ସଂଘ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଉଛି ବୋଲି ସଂଘର ମୁଖପାତ୍ର ସତ୍ୟନାରାୟଣ ସାହୁ କହିଛନ୍ତି। ପୁଣି ଥରେ ସଂଘ ସମାନ ଦାବି ନେଇ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବ। କିନ୍ତୁ ବିଧାନସଭା ଘେରାଉ ପୂର୍ବରୁ ସୋମବାରଠାରୁ ସଂଘ ଲୋୟର ପିଏମ୍‌ଜିରେ ଧାରଣାରେ ବସିବ।

# ପାଚିଲା ଧାନ ଖାଇ ଉଜାଡ଼ିଲେ ଚାଷଜମି

**ସଜନାଗଡ଼, ୧୮।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ୫୮ରୁ ଊର୍ଦ୍ଧ୍ୱ ହାତୀପଲ ଆସିବାର ଆଜକୁ ୫ଦିନ ବିତିଗଲାଣି। ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଗତ ରାତିରେ ହାତୀମାନେ କୌଣସି ଧନଜୀବନ ନଷ୍ଟ ନ କରିଥିଲେ ମଧ୍ୟ ଜଙ୍ଗଲକୁ ଲାଗି ରହିଥିବା ଏକର ଏକର ଚାଷଜମିର କ୍ଷୟକ୍ଷତି ଘଟାଇଛନ୍ତି। ଚାଷଜମିରେ ହାତୀଙ୍କ ଚଳପ୍ରଚଳକୁ ଦେଖି ଜଙ୍ଗଲକୁ ଲାଗି ରହିଥିବା ପାଖ ଗ୍ରାମ ସାତରାଣ୍ଡ, ହାତୀମୁଣ୍ଡା, ତେରେଲଡ଼ିହି, ଦଲକିସାହି, ଭାଲୁକାଗୁଣି ଗ୍ରାମର ବାସିନ୍ଦା ରାତ୍ରି ଉଜାଗର ହୋଇ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି। ଶନିବାର ଗ୍ରାମବାସୀ ଏବଂ ବନବିଭାଗ ମଧ୍ୟରେ ହୋଇଥିବା ବିବାଦ ତୁଟି ଯାଇଥିଲା। ବନବିଭାଗ ତରଫରୁ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ରେଞ୍ଜର ସୁକୁମାର ଦାସ, ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ଫରେଷ୍ଟର ଗାର୍ଡ଼, ସବୁଜବାହିନୀ, ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ୬ଟି ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ହାତୀପଲକୁ କିପରି ଘଉଡ଼ାଯାଏ ସେ ବିଷୟରେ ପ୍ରଶିକ୍ଷଣ ଦେବା ପାଇଁ ରବିବାର ଭୁବନେଶ୍ୱର ଟ୍ରେନିଂ ସେଣ୍ଟରରୁ ୫୦ଜଣ ବନ କର୍ମଚାରୀ ଆସିଥିବା ସୂଚନା ମିଳିଛି।


Government of Odisha No.806-A
**Department of Water Resources**
**OFFICE OF THE EXECUTIVE ENGINEER**
**JARAKA IRRIGATION DIVISION, JARAKA**
E-Mail Id.- eeidjaraka@yahoo.com

**"e" Procurement Notice**

**Bid Identification No.– JKID-05/2018-19**

| | | |
|---|---|---|
| 1. | Name of the Work: | Irrigation Project Works as per DTCN. |
| 2. | Total No. of Works: | 3 (Three) nos. works. |
| 3. | Estimated Cost: | Varies from Rs. 24.73 Lakhs to Rs. 40.00 Lakhs. |
| 4. | Period of Completion: | Sl.No. (1) to Sl.No.(3) - 03 (Three) calendar months. |
| 5. | Date & Time of Availability of Bid Document in the Portal: | 10.00 A.M. of Dt. 22.11.2018 up to 05.00 P.M. of Dt. 01.12.2018. |
| 6. | Last Date & Time for Receipt of Bids in the Portal : | Up to 05.00 P.M. of Dt. 01.12.2018 |
| 7. | Date of Opening of Bids : | Dt. 03.12.2018 at 11.00 A.M. onwards. |
| 8. | Name and Address of the Officer inviting Tender : | Executive Engineer, Jaraka Irrigation Division, Jaraka. |

9. Further details can be seen from the e-Procurement Portal **"https://tendersodisha.gov.in"**.

**Executive Engineer,**
**Jaraka Irrigation Division, Jaraka**
32098/11/0008/1819


# ମହାନଦୀରେ ବୁଡ଼ି ଯୁବକ ମୃତ

**କଟକ ଅଫିସ, ୧୮।୧୧**

ବିଡାନାସୀ ଥାନା ଅଞ୍ଚଳରେ ମହାନଦୀକୁ ଗାଧୋଇବାକୁ ଯାଇ ବୁଡ଼ିଯିବାରୁ ରୋହନ ପ୍ରସାଦ ମଲ୍ଲିକ(୨୫)ଙ୍କ ମୃତ୍ୟୁ ହୋଇଛି। ରୋହନଙ୍କ ଘର ବିଡାନାସୀ ଥାନା ତୁଳସୀପୁର ମଠସାହି ଅଞ୍ଚଳରେ। ଏନେଇ ପୋଲିସ ଅପମୃତ୍ୟୁ ମାମଲା(୩୮/୧୮) ରୁଜୁ କରିଛି। ରବିବାର ମଧ୍ୟାହ୍ନରେ ରୋହନ ୪ ସାଙ୍ଗଙ୍କ ସହ ଲକ୍ଷ୍ମୀନୃସିଂହ ମନ୍ଦିର ଘାଟକୁ ଯାଇଥିଲେ। ହେଲେ ନଦୀ ସ୍ରୋତରେ ସେ ଭାସି ହୋଇଯାଇଥିଲେ। ଏହା ଦେଖି ସାଙ୍ଗମାନେ ପୋଲିସକୁ ଜଣାଇବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ରୋହନଙ୍କୁ ଖୋଜିଥିଲେ। ଅପରାହ୍ନ ୪ଟାରେ ପାଣିରୁ ଶବ ଉଦ୍ଧାର କରିଥିଲା।


**Odisha Livestock Resources Development Society, OBPI Campus, Siripur, Bhubaneswar-751003**
Tel. No.: 0674-2397985, Email: olrdsahd@gmail.com
Website: www.olrds.com

**INVITATION FOR EXPRESSION OF INTEREST**

**"RISK MANAGEMENT & LIVESTOCK INSURANCE UNDER NLM, 2017-18 implemented by Odisha Livestock Resources Development Society (OLRDS), Bhubaneswar"**

**No. CAD-1029:-** Odisha Livestock Resources Development Society (OLRDS), Bhubaneswar invites EXPRESSION FO INTEREST from Public General Insurance Companies and Private General Insurance Companies in prescribed format in sealed cover superscribing "RISK MANAGEMENT & LIVESTOCK INSURANCE UNDER NLM, 2017-18" on or before 03.12.2018. The details in this regard can be downloaded from the OLRDS website: www.olrds.com.

*Sd./-*
*Chief Executive Officer, OLRDS*
06061/11/0013/1819



**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
**OMC House, Bhubaneswar-751001, Odisha**
CIN: U13100OR1956SGC000313, www.omcltd.in
CAD-1031

**E-PROCUREMENT NOTICE**

NIT No: 02 /OMC/e-PROC/MAT/18 Dtd.19.11.2018

| | | |
|---|---|---|
| 1. | Name of the work | The scope of work relating to this package is to carry out general engineering survey of area earmarked in the tender drawing including contour and topography with DGPS and Total Station instruments (with all accessories) as detailed enclosed in Technical Specification No. MEC/11/11/Q7DT/TS/EP01/R0, May 2018. |
| 2. | Availability of bid document in the portal | 4.00PM on 21.11.2018 to 12.12.2018 upto 5.00 PM |
| 3. | Last date of online submission of tender in portal | 12.12.2018 upto 5.00 PM |
| 4. | Submission of EMD | Rs. 5000/- (Rupees Five thousand only) through online as available in website www.tendersodisha.gov.in |
| 5. | Date of opening of technocommercial Bid | 11.00 AM on 13.12.2018 |

The details can be seen from the tender document available at Government e-procurement portal i.e tendersodisha.gov.in/www.odisha.gov.in/ www.omcltd.in OMC reserves the right to reject any or all tenders without assigning any reason thereof.

30005/11/0127/1819 *General Manager (Project)*



ZILLA SWASTHYA SAMITI, KORAPUT
**OFFICE OF THE**
**CHIEF DISTRICT MEDICAL OFFICE, KORAPUT**
Phone No.: 06852 - 252064, e-mail: nhmkpt@gmail.com
Letter No. 536/ NHM/DPMU/KPT Date: 17.11.18

**TENDER CALL NOTICE**

No. 579-E: Sealed tenders are invited from registered or manufacturer or authorized distributor or wholeseller agencies for supply of X Ray with CR System(03 Nos.) under Special Central Assistance, Koraput. The tender document should reach to the office of the undersigned by 07.12.2018, 1.00 PM through Speed Post / Regd. Post / Courier along with all relevant documents and will be opened on the same day at 05.00 PM. The details specification, terms & conditions can be available in the district website www.koraput.nic.in. The undersigned reserves the right to accept or reject without assigning reason thereof.

10077/11/0017/1819 **CDM & PHO, Koraput**



**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
**BRAHMAPUR- 760004, GANJAM, ODISHA**
Tel : 0680-2292624, Fax : 0680-2292752 / Email : supdtmkcg@gmail.com, mkcgmchberhampur@gmail.com, Website : www.mkcgmch.org
No. 14912/MCH/CS/2018 Dt. Berhampur the 15.11.2018

**TENDER CALL NOTICE**

No. 577-E: The Superintendent, M.K.C.G. Medical College Hospital Berhampur - 760004, Dist : Ganjam, Odisha invites sealed tender in the prescribed Performa in double bid system i.e. Technical Bid and Price Bid from the reputed whole seller, Authorized Suppliers, Dealers, Stockists for supply of Medicine items to MKCG. Medical college hospital, Berhampur. The detail information, and the detail lists of items along with the specification and other terms and conditions hosted in website www.ganjam.nic.in The Bidders have to download tender documents directly from the website - www.ganjam.nic.in. and same can be had from the office of the undersigned on any working day. The last date of receipt of tenders through Regd. Post / Speed Post/ Courier is 14.12.2018 upto at 5.00 P.M. The tenders received after closing date and time will not be considered. The Superintendent. MKCG Medical College Hospital, Berhampur reserves the right to accept/reject/ cancel any or all the tenders in full or part at any stage of the process without assigning any reason thereof. All legal disputes if any relating to this tender are subject to jurisdiction in the courts of law situated at Berhmapur, Ganjam, Odisha only.

10028/11/0010/1819 **Sd./- Superintendent, MKCG Medical College Hospital, Berhampur**



**Superintending Engineer, Southern Irrigation Circle-I, Berhampur**
**e-Procurement Notice No. SE, SIC - 09 /2018-19**
e-mail id: se_sicbam@yahoo.com
No.803-A

| | | | |
|---|---|---|---|
| 1. | Type of Work | :- | Roadworks |
| 2. | Total No of Works | :- | 08 (Eight) Nos. |
| 3. | Amount put to tender | :- | Varies from Rs 183.00 to Rs.337.50 lakhs |
| 4. | Period of completion | :- | 09 ( Nine) calendar months |

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Superintending Engineer, Southern Irrigation Circle-I, Berhampur, Ganjam | SE,SIC,(BIDN)-41 / 2018-19 | 337.50 | **From 22.11.2018, 10.00A.M. to 06.12.2018, 5.00 P.M.** |
| | SE,SIC,(BEID)-42 / 2018-19 | 299.30 | |
| | SE,SIC,(BEID)-43 / 2018-19 | 248.60 | |
| | SE,SIC,(BEID)-44 / 2018-19 | 183.00 | |
| | SE,SIC,(BEID)-45 / 2018-19 | 238.90 | |
| | SE,SIC,(BEID)-46 / 2018-19 | 265.47 | |
| | SE,SIC,(BEID)-47 / 201 8-1 9 | 185.00 | |
| | SE,SIC,(BEID)-48 / 2018-19 | 246.90 | |

Date of opening of technical bid:- 07.12.2018 at 11.30 AM
Further detail can be seen from the Govt. website **www.tendersorissa.gov.in**.

**Sd./- Superintending Engineer,**
**Southern Irrigation Circle-I, Berhampur**
32061/11/0013/1819



**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**

**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୧୮ରେ ଭାଗ ନେବା ସମ୍ବନ୍ଧରେ ସୂଚନା**

**No.37-PP:-** ବିଗତ ବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର ଜନତା ମଇଦାନରେ ତା.୨୮।୧୨।୨୦୧୮ଠାରୁ ତା. ୧୩।୦୧।୨୦୧୮ ପର୍ଯ୍ୟନ୍ତ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆୟୋଜନ କରାଯାଉଅଛି। ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ/ ଜାତୀୟ ଅଥବା ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର ସଭ୍ୟ, ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ପରିଷଦର ସଦସ୍ୟମାନଙ୍କ ପାଇଁ ୨୭ ଗୋଟି ଷ୍ଟଲର ବ୍ୟବସ୍ଥା କରାଯାଇଛି। ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା.୦୬।୧୨।୨୦୧୮ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳରେ ଥିବା ବିଭାଗୀୟ ମଣ୍ଡଳ ଉପନିର୍ଦ୍ଦେଶକ/ସହକାରୀ ନିର୍ଦ୍ଦେଶକଙ୍କୁ ଆବେଦନ କରିବାକୁ ଅନୁରୋଧ।

ଷ୍ଟଲ ବଣ୍ଟନ କ୍ଷେତ୍ରରେ ଜାତୀୟ ପୁରସ୍କାର ପ୍ରାପ୍ତ ବୁଣାକାରଙ୍କୁ ଅଗ୍ରାଧିକାର ଦିଆଯିବ।

ସ୍ୱା./- ସୁ.କୁ. ବାରିକ
ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର

**ତୋଷାଳୀ ଜାତୀୟ ମେଳା- ୨୦୧୮ରେ ଭାଗ ନେବା ପାଇଁ ଆବେଦନ ଫର୍ମ**

୧. ପ୍ରାର୍ଥୀ/ସଂସ୍ଥାର ନାମ:
୨. ଯୋଗାଯୋଗ ଠିକଣା:
(ଦୂରଭାଷ/ମୋବାଇଲ ନମ୍ବର ସହିତ)
୩. ବୟସ:
୪. ବୁଣାକାର ପରିଚୟ ପତ୍ର ନଂ:
୫. ଯୋଗ୍ୟତା:
୬. ହସ୍ତତନ୍ତ ବୟନ/ବିକ୍ରୟ କ୍ଷେତ୍ରରେ ଅଭିଜ୍ଞତା (ବର୍ଷରେ):
୭. ପାଇଥିବା ଜାତୀୟ/ ରାଜ୍ୟ ପୁରସ୍କାରର ବିବରଣୀ:
୮. ବାର୍ଷିକ କରୁଥିବା ବ୍ୟବସାୟର ମୂଲ୍ୟ:
(କ୍ରମିକ ସଂଖ୍ୟା- ୩, ୪, ୫ ଓ ୭ରେ ଦିଆଯିବା ତଥ୍ୟ ସହିତ ପ୍ରମାଣପତ୍ର ଓ କ୍ରମିକ ସଂଖ୍ୟା-୮ ନିମନ୍ତେ ନିଜସ୍ୱ ଶପଥ ପାଠ ଦାଖଲ କରିବାକୁ ଅନୁରୋଧ।)

31003/11/0011/1819



**ଫର୍ମ ଜି**
**ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ)

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୧୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ - କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍‌ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା - ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ଜୁନ୍ ୮, ୨୦୧୮ |
| ୭. | ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ ତାରିଖ | ଅକ୍ଟୋବର ୨୯, ୨୦୧୮ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍‌ରେ ସବିସ୍ତୃତ ଆମନ୍ତ୍ରଣ ସହିତ, ଯାହା http://www.mtpcl.in/ ଠାରେ ଆକ୍ସେସ୍ କରାଯାଇପାରିବ |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ଏହି ଆମନ୍ତ୍ରଣ ଏବଂ/କିମ୍ବା ଏହା ପଶ୍ଚାତ୍‌ବର୍ତ୍ତୀ ନିର୍ଦ୍ଦେଶ ଅଧୀନରେ/ ସଂକ୍ରାନ୍ତରେ ମୀମାଂସା ଯୋଜନା ଦାଖଲ କରିବା ଏବଂ ଅନ୍ୟ ସମସ୍ତ ମାମଲାରେ ମୀମାଂସା ଆବେଦନକାରୀଙ୍କୁ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ର ଅନୁପାଳନ କରିବାକୁ ହେବ ଯାହା ମଧ୍ୟରେ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ର ଧାରା ୨୯ଏ ଏବଂ ଏ ସଂକ୍ରାନ୍ତରେ ପ୍ରଯୁଜ୍ୟ ଏହାର ସମ୍ପର୍କିତ ନିୟମାବଳୀ ଅଧୀନରେ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ଅନ୍ତର୍ଭୁକ୍ତ କିନ୍ତୁ ସୀମିତ ନୁହେଁ । |
| ୧୦. | ଆଗ୍ରହର ପରିପ୍ରକାଶ ପ୍ରାପ୍ତିର ଶେଷ ତାରିଖ | ନଭେମ୍ବର ୩୦, ୨୦୧୮ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ଡିସେମ୍ବର ୧୦, ୨୦୧୮ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ଡିସେମ୍ବର ୧୫, ୨୦୧୮ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ଡିସେମ୍ବର ୨୫, ୨୦୧୮ |
| ୧୪. | ସୂଚନା ସ୍ମାରକ, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ଡିସେମ୍ବର ୧୫, ୨୦୧୮ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ସମ୍ଭାବ୍ୟ ମୀମାଂସା ଆବେଦନକାରୀମାନଙ୍କୁ ସୂଚନା ସ୍ମାରକ (ଆଇଏମ୍) ନିମନ୍ତେ ଅନୁରୋଧ କରିବା ପାଇଁ inmtpclip@deloitte.comରେ ଇମେଲ୍ ପଠାଇବା ଲାଗି ଅନୁରୋଧ କରାଯାଉଛି। ମୀମାଂସା ବୃତ୍ତିଧାରୀଙ୍କ ଦ୍ୱାରା ପ୍ରଦତ୍ତ ଫର୍ମାଟ୍‌ରେ ଗୋପନୀୟତା ଘୋଷଣାନାମାରେ ସ୍ୱାକ୍ଷର କରିବା ପରେ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଇମେଲ୍ ଯୋଗେ ଆଇଏମ୍ ଯୋଗାଇଦିଆଯିବ। ଗୋପନୀୟତା ଘୋଷଣାନାମାର ଫର୍ମାଟ୍ http://www.mtpcl.in/ରେ ମଧ୍ୟ ଉପଲବ୍ଧ। |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜର ଅଂଶବିଶେଷ ଭାବେ ଯୋଗାଇଦିଆଯିବ ଯାହା ଯେକୌଣସି ଉପାୟରେ ହେଉ ନା କାହିଁକି 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଜାରି ତାରିଖରୁ ଅନ୍ୟୂନ ୩୦ ଦିନ ହେବା ଆବଶ୍ୟକ, ଅର୍ଥାତ୍ ଜାନୁୟାରୀ ୧୫, ୨୦୧୯ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | ୧. ଜଉମୁଦଦିଆ ଲଫାପାରେ ପଙ୍କଜ ଧାନୁକା, ମାଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍, ଡେଲୋଇଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପିର ମୀମାଂସା ବୃତ୍ତିଧାରୀ, ୧୩ ମହଲା, ବିଲ୍‌ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ସିଡ୍ ପୋଷ୍ଟ/ପଞ୍ଜୀକୃତ ଡାକ ଯୋଗେ କିମ୍ବା ହାତରେ ; ୨. ଏକ ସଫ୍ଟ କପି ପାସ୍‌ୱାର୍ଡ ସୁରକ୍ଷିତ ସ୍ୱରୂପରେ inmtpclip@deloitte.comରେ ମେଲ୍ କରାଯିବା ଆବଶ୍ୟକ। |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ଫେବୃୟାରୀ ୦୩, ୨୦୧୯ ଏହା 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଅନୁଯାୟୀ ମୀମାଂସା ଯୋଜନା ପ୍ରକ୍ରିୟା ଏବଂ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ ଅନୁଯାୟୀ କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ନିମନ୍ତେ ବାଞ୍ଛିତ କୌଣସି ବିସ୍ତାରଣ ପ୍ରକ୍ରିୟା ସମାପ୍ତି ଉପରେ ନିର୍ଭର କରିବ। |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ନାମ: ପଙ୍କଜ ଧାନୁକା **ପଞ୍ଜୀକରଣ ନଂ.:** ଆଇବିବିଆଇ/ ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ନାମ: ପଙ୍କଜ ଧାନୁକା **ଆଇବିବିଆଇ ସହ ପଞ୍ଜୀକୃତ ଠିକଣା:** ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ ଇମେଲ୍: pankajdhanuka@gmail.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍‌ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଇମେଲ୍ ଆଇଡି: inmtpclip@deloitte.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | http://www.mtpcl.in/ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ଅକ୍ଟୋବର ୨୯, ୨୦୧୮ (ସଂଶୋଧିତ ଏବଂ ନଭେମ୍ବର ୧୯, ୨୦୧୮ରେ ପୁନଃ ପ୍ରକାଶିତ) |

ସ୍ୱା./-
**ପଙ୍କଜ ଧାନୁକା**
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
**ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍‌ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ନଭେମ୍ବର ୧୯, ୨୦୧୮ **ଯୋଗାଯୋଗ ଇମେଲ୍:** inmtpclip@deloitte.com
ସ୍ଥାନ: କୋଲକାତା **ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ**

“ଏକ ଶକ୍ତିଶାଳୀ ଟିମ୍‌କୁ ସାମ୍ନା କରିବା ବେଳେ ଦଳର ସମସ୍ତଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବା।
**-ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା**



“ଶ୍ରୀଲଙ୍କା ବିପକ୍ଷ ସିରିଜ ଜିତିବା ପରେ ଏଣିକି ର୍‍ୟାଙ୍କିଙ୍ଗରେ ବିଶ୍ୱର ନମ୍ବର ୱାନ ହେବା ଆମର ପରବର୍ତ୍ତୀ ଲକ୍ଷ୍ୟ।
**-ଜୋ ରୁଟ୍, ଇଂଲଣ୍ଡ ଟେଷ୍ଟ ଅଧିନାୟକ**



## ସଂକ୍ଷେପରେ

### ସାହାଣୀ କପ୍: ସୁନ୍ଦରଗଡ଼, ଝାରସୁଗୁଡ଼ା, ପୁରୀ, ଢେଙ୍କାନାଳ ବିଜୟୀ

କଟକ ଅଫିସ,୧୮।୧୧: ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ରବିବାର ଠାରୁ ସମ୍ବଲପୁରରେ ଆରମ୍ଭ ହୋଇଛି ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍। ସମ୍ବଲପୁର, ହୀରାକୁଦ, କୁଚିଣ୍ଡା, ନାକଟିଦେଉଳ ଆଦି ୪ଟି ସ୍ଥାନରେ ପ୍ରତିଯୋଗିତାର ମ୍ୟାଚ୍ ଖେଳାଯାଉଛି। ହୀରାକୁଦ ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ୬-୨ ଗୋଲରେ ଗଞ୍ଜାମକୁ ପରାସ୍ତ କରିଥିଲା। ଏଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୁଚିଣ୍ଡା ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ଝାରସୁଗୁଡ଼ା ୩-୧ ଗୋଲରେ ଖୋର୍ଦ୍ଧାକୁ ହରାଇଥିବା ବେଳେ ବିଧାୟକ ରବିନାରାୟଣ ନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ବଲପୁର ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀ ୧-୦ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ନାକଟିଦେଉଳ ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚରେ ଢେଙ୍କାନାଳ ୨-୧ ଗୋଲରେ ଦେବଗଡ଼କୁ ହରାଇଛି। ଏଠାରେ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ ।

### ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ନିଶ୍ଚିତ କଲେ ଲକ୍ଷ୍ୟ

**ମାର୍କହାମ (କାନାଡା), ୧୮।୧୧(ପି.ଟି.):** ଯୁବ ଭାରତୀୟ ଶଟ୍‌ଲର ଲକ୍ଷ୍ୟ ସେନ ଏଠାରେ ଚାଲିଥିବା ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ଲକ୍ଷ୍ୟ କଡ଼ା ସଂଘର୍ଷ କରିଥିଲେ ମଧ ଟପ୍ ସିଡ୍ ଥାଇଲାଣ୍ଡର କୁନଲାଭଟ୍ ଭିତିଡଶ୍ରନଙ୍କ ନିକଟରୁ ୨୨-୨୦, ୧୬-୨୧, ୧୩-୨୧ ଗେମ୍‌ରେ ହାରିଯାଇଛନ୍ତି। ଫଳରେ ଚଳିତ ବର୍ଷ ଏସିଆନ ଟାଇଟଲ ଜିତିଥିବା ୧୭ ବର୍ଷୀୟ ଲକ୍ଷ୍ୟ ଏବେ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛନ୍ତି। କୁନଲାଭଟ୍‌ଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକ ଘଣ୍ଟା ୧୧ ମିନିଟ୍ ସମୟ ଲାଗିଥିଲା। ଏକମାତ୍ର ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଭାବେ ସାଇନା ନେହ୍ୱାଲ ପୁଣେରେ ଅନୁଷ୍ଠିତ ପ୍ରତିଯୋଗିତାର ୨୦୦୮ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ।

### ପଙ୍କଜଙ୍କୁ ବିଲିୟାର୍ଡ୍ସରେ ଗ୍ରାଣ୍ଡ ଡବଲ



ପଙ୍କଜ ଆଡ୍‌ଭାନୀ

**ୟାନଗନ (ମ୍ୟାନମାର), ୧୮।୧୧ (ପି.ଟି.):** ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପର ଉଭୟ ଲଙ୍ଗ୍ ଓ ଶର୍ଟ ଫର୍ମାଟ ଜିତିବା ଦ୍ୱାରା ଭାରତର ପଙ୍କଜ ଆଡ୍‌ଭାନୀ ତାଙ୍କ ବିଶ୍ୱ ଟାଇଟଲ ସଂଖ୍ୟା ୨୧କୁ ବୃଦ୍ଧି କରିଛନ୍ତି। ଏଥିସହିତ ଏଠାରେ ସେ ରେକର୍ଡ ଚତୁର୍ଥ ଥର ପାଇଁ ଏକ ସମୟରେ ଦୁଇଟି ଟାଇଟଲ ଜିତିବାରେ ଏକ ବିରଳ ସଫଳତା ହାସଲ କରିଛନ୍ତି। ଅନ୍ୟପକ୍ଷରେ ପଙ୍କଜଙ୍କ ବେଙ୍ଗାଲୁରୁ ସହର ସାଥୀ ଖେଳାଳି ବି. ଭାସ୍କର ରୌପ୍ୟ ଜିତିଛନ୍ତି। ସୂଚନାଯୋଗ୍ୟ, ଭାସ୍କର ହେଉଛନ୍ତି ଦୁଇଥର ଏସିଆନ ରୌପ୍ୟ ବିଜେତା ଏବଂ ବିଶ୍ୱ ସ୍ତରରେ ଏକ ବ୍ରୋଞ୍ଜ ଜିତିଛନ୍ତି। ପଙ୍କଜ ହେଉଛନ୍ତି ଏକମାତ୍ର ଖେଳାଳି ଯିଏକି ବିଶ୍ୱସ୍ତରରେ ଉଭୟ ବିଲିୟାର୍ଡ୍ସ ଓ ସ୍ନୁକର ଖେଳିଥାନ୍ତି। ଉଭୟ ବିଭାଗରେ ସେ ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ପଙ୍କଜ ଚଳିତ ବର୍ଷ ଇତିମଧ୍ୟରେ ୩ ବିଶ୍ୱ ଟାଇଟଲ ଜିତି ସାରିଛନ୍ତି। ପଙ୍କଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ବିଲିୟାର୍ଡ୍ସରେ ଚତୁର୍ଥ ଥର ଗ୍ରାଣ୍ଡ ଡବଲ୍ ଜିତିବା ଦ୍ୱାରା ସେ ବିଶ୍ୱ ଶୀର୍ଷରେ ପହଞ୍ଚିପାରିଛନ୍ତି। ପ୍ରତିଯୋଗିତାରେ ତାଙ୍କୁ ଭାସ୍କର, କଜିଅର ଓ ରସେଲଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୧ଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ଦ୍ୱାରା ମୁଁ ରୋମାଞ୍ଚିତ। ଆସନ୍ତା ୧୦ ଦିନ ମଧ୍ୟରେ ସ୍ନୁକର ଟାଇଟଲ ବଜାୟ ରଖିବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ।

# ‘ମାନସିକ ଶକ୍ତିର ଲଢ଼େଇ ହେବ’

ଭୁବନେଶ୍ୱର, ୧୮।୧୧
(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ବର୍ଷ ଭାରତୀୟ ହକି ଦଳର ପ୍ରଦର୍ଶନ ମଧ୍ୟମ ଧରଣର ରହିଥିଲେ ମଧ୍ୟ ଆଗାମୀ ବିଶ୍ୱକପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଆମେ କଠିନ ଅଭ୍ୟାସ ଚଳାଇଛୁ ବୋଲି ଭାରତୀୟ ଦଳର ଉପଅଧିନାୟକ ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ କହିଛନ୍ତି।

‘ବିଶ୍ୱକପ୍‌ର ଗୁରୁତ୍ୱକୁ ନଜରରେ ରଖି ଗତ ୩ ମାସ ହେଲା ଟ୍ରେନିଂ ଆମ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଏହା ଆମେ ଜାଣିଛୁ ଯେ, ଫଳାଫଳ ଦୃଷ୍ଟିକୋଣରୁ ଚଳିତ ସିଜନରେ ଆହୁରି ଭଲ ପ୍ରଦର୍ଶନ କରିପାରିଥାନ୍ତୁ। କିନ୍ତୁ ପୂର୍ବର ତିକ୍ତ ଘଟଣାକୁ ଭୁଲି ହକି ବିଶ୍ୱକପ୍ ପରି ସମ୍ମାନଜନକ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିବାର ସମୟ ଏବେ ଆସିଛି’ ବୋଲି ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ୨୬ ବର୍ଷୀୟ ଏହି ମଣିପୁର ହକି ତାରକା ପ୍ରକାଶ କରିଛନ୍ତି।

ମଧ୍ୟକ୍ରମରେ ଅଧିନାୟକ ମନ୍‌ପ୍ରୀତ୍ ସିଂ, ଯୁବ ତାରକା ସୁମିତ୍ ଓ ନୀଳକଣ୍ଠ ଶର୍ମାଙ୍କ ସହ ଖେଳୁଥିବାରୁ ଦଳ ସଫଳତା ହାସଲ କରିବାର ସମ୍ଭାବନା



ହାର୍ଦ୍ଦିକ ସିଂ ଚିଙ୍ଗଲେନ୍‌ସାନା ସିଂ କାଙ୍ଗୁଜାମ

ରହିଛି। ପ୍ରତ୍ୟେକ ଖେଳାଳି ବହୁତ କଠିନ ପରିଶ୍ରମ କରୁଛନ୍ତି ଏବଂ ଏହାକୁ ଭଲ ରେଜଲ୍ଟରେ ପରିଣତ କରିବାର ଏବେ ସମୟ ଆସିଯାଇଛି। ମୁଁ ବିଶ୍ୱାସ କରୁଛି କି, ଫିଟ୍‌ନେସ ଓ ଟିମ୍ ରଣକୌଶଳ ଅପେକ୍ଷା ଆଗାମୀ ବିଶ୍ୱକପ୍‌ରେ ମାନସିକସ୍ତରରେ ଲଢ଼େଇ ହେବ। ସେହିଭଳି ହକି ଲିଗ୍ ସମୟରେ ଆମ ଦଳର ଅଧିକାଂଶ ଖେଳାଳି କଳିଙ୍ଗ ଷ୍ଟାଡିୟମରେ ଶୀର୍ଷସ୍ତରୀୟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରଖିଛନ୍ତି, ଯାହା ଆମକୁ ବିଶ୍ୱକପ୍‌ରେ ଏହା ଆମ ପାଇଁ ବେଶ୍ ସହାୟକ ହେବ ବୋଲି ଭାରତୀୟ ଦଳର ଏହି ଯୁବ ମିଡ୍‌ଫିଲ୍ଡର କହିଛନ୍ତି। ମୋଟ୍ ଉପରେ ୧୯୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଥିବା ଚିଙ୍ଗଲେନ୍‌ସାନା ଭୁବନେଶ୍ୱର ଦର୍ଶକଙ୍କ ଆଗରେ ୨୦୦ତମ ମ୍ୟାଚ୍ ଖେଳିବା ନେଇ ବେଶ୍ ଆଗ୍ରହୀ ରହିଛନ୍ତି। ବିଶ୍ୱରେ କଳିଙ୍ଗ ଷ୍ଟାଡିୟମ ମୋ ପାଇଁ ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମ। ବିଶ୍ୱକପ୍‌ରେ ଏଠାରେ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି ବୋଲି ସେ କହିଛନ୍ତି।

### କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ମୁଁ ବ୍ୟଗ୍ର : ହାର୍ଦ୍ଦିକ

କଳିଙ୍ଗ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଲେ ଆଶାତୀତ ଦର୍ଶକ ମ୍ୟାଚ୍ ଦେଖିବାକୁ ଆସନ୍ତି। ପୂର୍ବରୁ ଏଠାରେ ହକି ଇଣ୍ଡିଆ ଲିଗ୍, ଚାମ୍ପିୟନ୍ସ ଟ୍ରଫି ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଖେଳାଯାଇଛି। ଆଗକୁ ହକି ବିଶ୍ୱକପ୍ ଏଠାରେ ଆୟୋଜିତ ହେବ। ତେଣୁ କଳିଙ୍ଗ ଷ୍ଟାଡିୟମ ପରି ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମରେ ଖେଳିବାକୁ ମୁଁ ବ୍ୟଗ୍ର ରହିଛି ବୋଲି ଭାରତୀୟ ଦଳର ସଦସ୍ୟ ହାର୍ଦ୍ଦିକ ସିଂ କହିଛନ୍ତି। ରବିବାର ଏଠାରେ ଗଣମାଧ୍ୟମ ସହ ଆଲୋଚନା ସମୟରେ ପଞ୍ଜାବର ଏହି ଉଦୀୟମାନ ଡିଫେଣ୍ଡର କହିଛନ୍ତି, ୨୦୧୬ରେ ଉତ୍ତରପ୍ରଦେଶରେ ଆମେ ଜୁନିୟର ବିଶ୍ୱକପ୍ ଖେଳୁଥିବାବେଳେ ସେଠାରେ ମଧ୍ୟ ଦର୍ଶକଙ୍କ ଏଭଳି ମାହୋଲ ଦେଖିବାକୁ ମିଳିଥିଲା। ତେଣୁ ଜୁନିୟର ବିଶ୍ୱକପ୍‌ର ଅଭିଜ୍ଞତା ଏଠାରେ ନିଶ୍ଚିତରୂପେ କାମରେ ଆସିବ। ସେହିଭଳି ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଦଳର ଅଧିକାଂଶ ଖେଳାଳି ଏବେ ସିନିୟର ଦଳରେ ସ୍ଥାନ ପାଇଥିବାରୁ ବିଶ୍ୱକପରେ ଏହା ଆମ ପାଇଁ ସହାୟକ ହେବ। ଅପରପକ୍ଷରେ ପୂର୍ବରୁ ହକି ଇଣ୍ଡିଆ ଲିଗ୍ ସମୟରେ ଆମେ କିଛି ସିନିୟର ଖେଳାଳିଙ୍କ ସହ ଏକାଠି ମିଶି ଖେଳିସାରିଛୁ। ଆଗାମୀ ବିଶ୍ୱକପ୍‌ରେ ସେମାନଙ୍କ ସହ ଖେଳିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ୨୦ ବର୍ଷୀୟ ହାର୍ଦ୍ଦିକ ଏହି ଅବସରରେ ପ୍ରକାଶ କରିଛନ୍ତି। ଯେତେବେଳେ ମୁଁ ଖେଳ ଆରମ୍ଭ କରିଥିଲି ସେତେବେଳେ ମୋର ଲକ୍ଷ୍ୟ ଥିଲା ବିଶ୍ୱକପ୍ ଖେଳିବା। ଏବେ ଏହାପୂରଣ ହେବାକୁ ଯାଉଥିବାରୁ ବେଶ୍ ଆଗ୍ରହୀ ଅଛି ବୋଲି ହକି ପରିବାରରୁ ଆସିଥିବା ଏହି ପ୍ରତିଭାବାନ ପଞ୍ଜାବ ଖେଳାଳି କହିଛନ୍ତି। ହାର୍ଦ୍ଦିକଙ୍କ ପିତା ବରିନ୍ଦରପ୍ରୀତ୍ ସିଂ ହେଉଛନ୍ତି ଭାରତୀୟ ସିନିୟର ଦଳର ଜଣେ ପୂର୍ବତନ ଖେଳାଳି। ସେହିଭଳି ତାଙ୍କ ପରିବାରର ସଦସ୍ୟ ଯୁଗରାଜ ସିଂ, ଗୋଲ୍ଡେନ ଗାର୍ଲ ରାଜବୀର କୌର ଓ ଅଲିମ୍ପିଆନ ଗୁରୁମେଲ ସିଂ ମଧ୍ୟ ଜାତୀୟ ଦଳ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛନ୍ତି। ହାର୍ଦ୍ଦିକ ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଦଳର ଜଣେ ସଦସ୍ୟ ଥିଲେ।

### ଶ୍ରେଷ୍ଠଙ୍କୁ ୫ ଉଇକେଟ, ତ୍ରିପୁରା ୧୨୮ରେ ଅଲଆଉଟ

କଟକ ଅଫିସ,୧୮।୧୧

ଅଗରତାଲାର ପୋଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା-ତ୍ରିପୁରା ମ୍ୟାଚ୍ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ତ୍ରିପୁରା ୧୨୮ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ୩ ଉଇକେଟରେ ୯୧ରନ୍ କରିଛି। ଏଣୁ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ସ୍ପଷ୍ଟ ହୋଇଛି। ତ୍ରିପୁରା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୫ରନ୍‌ରେ ଦୁଇ ଉଇକେଟ ହରାଇ ତ୍ରିପୁରା ସଙ୍କଟରେ ପଡ଼ିଥିବା ବେଳେ ଏନ୍. ଚକ୍ରବର୍ତ୍ତୀ ଓ ଆନନ୍ଦ ଭୌମିକ ୩ୟ ଉଇକେଟ ଯୋଡ଼ିରେ ୬୩ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ। ମାତ୍ର ଚକ୍ରବର୍ତ୍ତୀ ଓ ଭୌମିକଙ୍କ ଉଇକେଟ ପତନ ପରେ ତ୍ରିପୁରା ଇନିଂସ୍ ଭୁଶୁଡ଼ି ପଡ଼ିଥିଲା। ଦଳ ୧୨୮ରେ ସୀମିତ ରହିଥିଲା। ତ୍ରିପୁରା ପକ୍ଷରୁ ଭୌମିକ ସର୍ବାଧିକ ୪୪ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଶ୍ରେଷ୍ଠ ସିଂ ସର୍ବାଧିକ ୫ଟି ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ବିଶ୍ୱବିଭବ ମୁଦୁଲିଙ୍କ ୪୯ରନ୍ ବଳରେ ଓଡ଼ିଶା ୩ ଉଇକେଟ ବିନିମୟରେ ୯୧ରନ୍ କରିଛି। ବିଶ୍ୱଜିତ ପାତ୍ର ୧୪ରନ୍‌ରେ, ଅଧିନାୟକ ସୂର୍ଯ୍ୟ ମହାପାତ୍ର ୨ ରନ୍‌ରେ ଆଉଟ ହୋଇଛନ୍ତି। ଆଶୁତୋଷ ସାହୁ ଓ ବିଭାଂଶୁ ରାୟ ୮ ରନ୍ ଲେଖାଏଁ କରି ଅପରାଜିତ ଅଛନ୍ତି ।



ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୧୮ର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଆୟୋଜକ କର୍ମକର୍ତ୍ତା ।

## ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ୨୨ରୁ

ଭୁବନେଶ୍ୱର, ୧୮।୧୧
(ସ୍ପୋର୍ଟ୍ସ ବ୍ୟୁରୋ)

ଆମେଚର ବ୍ୟାଡମିଣ୍ଟନ କ୍ଲବ ଭୁବନେଶ୍ୱର ଆନୁକୂଲ୍ୟରେ ୫ମ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ-୨୦୧୮ ଅନୁଷ୍ଠିତ ହେବାକୁ ଯାଉଛି। ଏହା ମଞ୍ଚେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଚଳିତ ମାସ ୨୨ରୁ ୨୫ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ସିନିୟର ବିଭାଗରେ ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସ, ଡବଲ୍ସ ଏବଂ ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ ପ୍ରତିଯୋଗିତା ହେବ। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳିକାରେ କେବଳ ସିଙ୍ଗଲ୍ସ ପ୍ରତିଯୋଗିତା ହେବ। ଏହାଛଡ଼ା ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଏବଂ ୪୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଭେଟେରାନ ଡବଲ୍ସ ମ୍ୟାଚ ଖେଳାଯିବ। ମୋଟ ୧୧ଟି ଇଭେଣ୍ଟ ଲାଗି ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନର ବ୍ୟବସ୍ଥା ରହିଛି। ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ ନିୟମାନୁସାରେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ସେମାନଙ୍କ ପ୍ରଦର୍ଶନ ଅନୁଯାୟୀ ର୍‍ୟାଙ୍କିଙ୍ଗ ପ୍ରଦାନ କରାଯିବ। ସିଙ୍ଗଲ୍ସ ଇଭେଣ୍ଟ ଓ ଡବଲ୍ସ ଇଭେଣ୍ଟ ଲାଗି ନାମ ପଞ୍ଜୀକରଣ ପାଇଁ ଯଥାକ୍ରମେ ୪୦୦ ଟଙ୍କା, ୮୦୦ ଟଙ୍କା ଫି’ ଧାର୍ଯ୍ୟ କରାଯାଇଛି। ଜଣେ ପ୍ରତିଯୋଗୀ କେବଳ ୨ଟି ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ ବୋଲି ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ ସାଧାରଣ ସମ୍ପାଦକ ଚଣ୍ଡୀ ପ୍ରସାଦ ଦାସ ଏଠାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

■ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ

## ଭାରତୀୟ ବୋଲର ନିରାଶ କଲେ, ନ୍ୟୁଜିଲାଣ୍ଡ ୪୫୮/୯

ମାଉଣ୍ଟ ମାଉନଗାନୁଇ
(ନ୍ୟୁଜିଲାଣ୍ଡ), ୧୮।୧୧(ପି.ଟି.)

ଘରୋଇ ନ୍ୟୁଜିଲାଣ୍ଡ-ଏ ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ବୋଲରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି। ଭାରତ-ଏ’ର ପ୍ରଥମ ଇନିଂସ ସ୍କୋର ୪୬୭ ରନ ଜବାବରେ ନ୍ୟୁଜିଲାଣ୍ଡ-ଏ ୯ ଉଇକେଟ୍‌ରେ ୪୫୮ ରନ କରି ପ୍ରଥମ ଇନିଂସ ଘୋଷଣା କରିଛି। ନ୍ୟୁଜିଲାଣ୍ଡ-ଏ ପକ୍ଷରୁ ହାମିଶ ରଦରଫୋର୍ଡ ସର୍ବାଧିକ ୧୧୪ ରନ କରିଥିବାବେଳେ ଅଧିନାୟକ ୱିଲି ୟଙ୍ଗ୍ (୪୯), ଡାନେ କ୍ଲେଭର (୫୩), ଡଗ୍ ବ୍ରାସୱେଲ (୪୮) ଉପଯୋଗୀ ବ୍ୟାଟିଂ କରିଥିଲେ। ନ୍ୟୁଜିଲାଣ୍ଡ-ଏ ଏକଦା ୯ ଉଇକେଟ୍ ହରାଇ ୩୭୫ ରନ କରିଥିବାବେଳେ ଅସମାପ୍ତ ୧୦ମ ଉଇକେଟ୍ ଯୋଡ଼ିରେ ସେଥ୍ ରେନ୍ସ (୬୯*) ଓ ଏଗାର ନମ୍ବର ବ୍ୟାଟ୍ସମ୍ୟାନ ବ୍ଲେୟର ଟିକନର (୩୦*) ୮୩ ରନ ଭାଗୀଦାରି କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଭାରତ-ଏ ପକ୍ଷରୁ କ୍ରିଷ୍ଣାପ୍ପା ଗୌଥମ ୩ଟି, ନବଦୀପ୍ ସାଇନ ଓ ଦୀପକ ଚହର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ମହମ୍ମଦ ସିରାଜ ଓ ବିଜୟ ଶଙ୍କର ଗୋଟିଏ ଲେଖାଏ ଉଇକେଟ୍ ପାଇଥିଲେ। ଜବାବରେ ୨ୟ ଇନିଂସ ଆରମ୍ଭ କରି ଭାରତ-ଏ ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା କୌଣସି ଉଇକେଟ୍ ନ ହରାଇ ୩୫ ରନ କରିଛି। ଯୁବ ଓପନର୍ ପୃଥ୍ୱୀ ଶ’ (୩୩ ରନ, ୨୬ ବଲ୍) ଓ ମୁରଲୀ ବିଜୟ (୨ ରନ) କ୍ରିଜରେ ଅପରାଜିତ ରହିଛନ୍ତି। ପୂର୍ବରୁ ପାର୍ଥିବ ପଟେଲ (୯୪), ହନୁମା ବିହାରୀ (୮୬), ମୟଙ୍କ ଅଗ୍ରୱାଲ (୬୫), ବିଜୟ ଶଙ୍କର (୬୨), ପୃଥ୍ୱୀ (୬୨)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ଇନିଂସରେ ୮ ଉଇକେଟ୍ ବିନିମୟରେ ୪୬୭ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା।

## ପାକିସ୍ତାନର ବିଜୟ ଲକ୍ଷ୍ୟ ୧୭୬

**ପ୍ରଥମ ଟେଷ୍ଟ**

ଆବୁଧାବି, ୧୮।୧୧(ଏଏଫପି)

ସ୍ଥାନୀୟ ସେକ ଜାୟେଦ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ପାକିସ୍ତାନ ବିଜୟୀ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ ନେଇ ପ୍ରଥମ ଇନିଂସରେ ୧୫୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୨୨୭ ରନରେ ଅଲଆଉଟ ହୋଇ ୭୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ୧୦୦.୪ ଓଭରରେ ୨୪୯ ରନ କରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ସମ୍ମୁଖରେ ୧୭୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୮ ଓଭରରେ କୌଣସି ଉଇକେଟ ନ ହରାଇ ୩୭ ରନ ସଂଗ୍ରହ କରିଛି। ଫଳରେ ଦୁଇ ଦିନ ବାକିଥିବା ବେଳେ ପାକିସ୍ତାନ ବିଜୟ ପାଇଁ ଆହୁରି ୧୩୯ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଇମାମ- ଉଲ୍-ହକ ୨୫ ଓ ମହମ୍ମଦ ହାଫିଜ୍ ୮ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୬/୧ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ରବିବାର ଅଲଆଉଟ ହୋଇଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ଜିତ ରାଭାଲ ୨୬ ଓ ଅଧିନାୟକ କେନ ୱିଲିୟମସନ ୧୭ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୪୬ ଓ ୩୭ ରନ କରି ପାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ବି.ଜେ. ୱାଟଲିଂ ୫୯, ହେନରୀ ନିକୋଲ୍ସ ୫୫, ଅଭିଜ୍ଞ ରସ ଟେଲର ୧୯, ଇଶ୍ ସୋଧୀ ୧୮ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ହାସନ ଅଲୀ ଓ ୟାସିର ଶାହ ୫ଟି ଲେଖାଏ ଉଇକେଟ ହାସଲ କରିଥିଲେ।


୫ ଉଇକେଟ ସଫଳତା ପାଇଥିବା ପାକିସ୍ତାନର ହାସନ ଅଲୀ ଓ ୟାସିର ଶାହ।

## ଉଦ୍‌ଘାଟନୀ ଉତ୍ସବ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ୨୦ରୁ

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ମାତ୍ର ଦୁଇ ସପ୍ତାହରୁ କମ୍ ସମୟ ବାକିଥିବା ବେଳେ ଟିକେଟ ବିକ୍ରି ନେଇ ହକି ଇଣ୍ଡିଆ ତରଫରୁ ସ୍ୱତନ୍ତ୍ର ଘୋଷଣା କରାଯାଇଛି। ପ୍ରଶଂସକ ଓ ଜନସାଧାରଣଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଓ ବିଶ୍ୱକପ୍ ଉତ୍ସବ ବା ସମାରୋହ ପାଇଁ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି ହେବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ଓ ଏହାର ଗୋଟିଏ ଦିନ ପରେ ୨୮ ତାରିଖରେ ବାରବାଟୀ ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ବିଶ୍ୱକପ୍ ଉତ୍ସବ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ୨୦ରୁ ଆରମ୍ଭ ହେବ। ପ୍ରଶଂସକମାନେ ଦିନ ୧୨ଟାରୁ ଟିକେଟ କ୍ରୟ କରିପାରିବେ ବୋଲି କୁହାଯାଇଛି। ପୁଣି ଏହି ଟିକେଟଗୁଡ଼ିକର ରିଡେମ୍ପଶନ ବା ବିମୋଚନ ୨୨ ତାରିଖ ଅପରାହ୍ଣ ୩ଟାରୁ କରାଯାଇପାରିବ ବୋଲି କୁହାଯାଇଛି। କଳିଙ୍ଗ ଆଥଲେଟିକ୍ ଷ୍ଟାଡିୟମର ୪ ନମ୍ବର ଗେଟ ସମେତ ସହର ବିଭିନ୍ନ ସ୍ଥାନରେ ଅନଲାଇନ୍ ଟିକେଟର ବିମୋଚନ ପ୍ରକ୍ରିୟା ଚାଲୁ ରହିବ।

ଅନ୍ୟପଟେ ବାରବାଟୀରେ ଆୟୋଜନ ହେବାକୁଥିବା ବିଶ୍ୱକପ୍ ଉତ୍ସବ ଲାଗି ଟିକେଟ କ୍ରୟ କରିବା ବେଳେ ପ୍ରଶଂସକମାନେ ଟିକେଟ ବିମୋଚନ ପାଇଁ କଟକରେ ଥିବା ବିଭିନ୍ନ କାଉଣ୍ଟର ବା ସ୍ଥାନକୁ ଅଗ୍ରାଧିକାର ଦେଇପାରିବେ। ଏହି ଟିକେଟ ବିମୋଚନ ପ୍ରକ୍ରିୟା ପାଇଁ ତାରିଖ ପରେ ଘୋଷଣା କରାଯିବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଏହି ଦୁଇଟି ମେଗା ଇଭେଣ୍ଟର ଟିକେଟ କେବଳ ଅନ୍‌ଲାଇନ୍‌ରେ କ୍ରୟ କରିହେବ ଓ ଏହା କୌଣସି କାଉଣ୍ଟରରେ ବିକ୍ରି ହେବ ନାହିଁ ବୋଲି ହକି ଇଣ୍ଡିଆ ତରଫରୁ ପୁଣିଥରେ ସ୍ପଷ୍ଟ କରାଯାଇଛି।

ଉଲ୍ଲେଖଥାଉ କି, ଗତ ୧୫ ତାରିଖ ଗୁରୁବାର ଉଦ୍‌ଘାଟନୀ ଉତ୍ସବର ଟିକେଟ ନ ପାଇ ପ୍ରଶଂସକ ମାନେ କଳିଙ୍ଗ ଷ୍ଟାଡିୟମର ୯ ନମ୍ବର ଗେଟ୍‌ରେ ଭଙ୍ଗାରୁଜା କରିଥିଲେ। ଟିକେଟ ବିକ୍ରି ହେବ ନାହିଁ ବୋଲି ଷ୍ଟାଡିୟମ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ପରେ ପ୍ରଶଂସକମାନେ ଉତ୍‌କ୍ଷିପ୍ତ ହୋଇ ଭଙ୍ଗାରୁଜା କରିବା ସହ ହୋର୍ଡିଙ୍ଗ୍‌ଗୁଡ଼ିକୁ ଭାଙ୍ଗି ଦେଇଥିଲେ। ଫଳରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ




ଗ୍ରହଣ କରିବାକୁ ପଡ଼ିଥିଲା। ଉଦ୍‌ଘାଟନୀ ଉତ୍ସବର ଟିକେଟ ୧୫ ତାରିଖରେ କାଉଣ୍ଟରରେ ବିକ୍ରି ହେବ ବୋଲି ପୂର୍ବରୁ ଘାଷଣା କରାଯାଇଥିବା କଥା ପ୍ରଶଂସକମାନେ ଦାବି କରିଥିଲେ। ଫଳରେ ବୁଧବାର ରାତିରୁ ଟିକେଟ କିଣିବା ପାଇଁ ପ୍ରଶଂସକମାନେ ଲମ୍ୱାଧାଡିରେ ଠିଆ ହୋଇଥିଲେ। ତେବେ ଟିକେଟ କାଉଣ୍ଟରରେ ବିକ୍ରି ହେବ ବୋଲି ଆମେ ଘୋଷଣା କରି ନ ଥିଲୁ ବୋଲି କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ଟିକେଟ କାଉଣ୍ଟରରେ ନୁହଁ, ଅନ୍‌ଲାଇନ୍‌ରେ ବିକ୍ରି ହେବ ବୋଲି ଆୟୋଜକମାନେ ସ୍ପଷ୍ଟ କରିଥିଲେ।

କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁଥିବା ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ଅଭିନେତା ଶାହରୁଖ ଖାଁ ଓ ଓସ୍କାର ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମାନ ଯୋଗ ଦେବେ। ସେହିପରି ବାରବାଟୀରେ ଆୟୋଜନ ହେବାକୁ ଥିବା ବିଶ୍ୱକପ୍ ଉତ୍ସବରେ ମଧ୍ୟ ଏ.ଆର. ରହମାନ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ଏ ନେଇ ଟୁଇଟ୍ କରି ରହମାନ ସ୍ପଷ୍ଟ କରିଥିଲେ। ବଲିଉଡର ଏକାଧିକ ସେଲିବ୍ରିଟି ଏହି ଦୁଇଟି ଉତ୍ସବରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ହକି ବିଶ୍ୱକପ୍‌ରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହି ମେଗା ଇଭେଣ୍ଟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। ଭାରତରେ ତୃତୀୟ ଓ ରାଜ୍ୟରେ ପ୍ରଥମଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ ହେବାକୁ ଯାଉଥିବାରୁ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଓ ଆୟୋଜକଙ୍କ ତରଫରୁ ପ୍ରୟାସ ଜାରି ରହିଛି। ବିଶ୍ୱକପ୍ ପ୍ରସ୍ତୁତି ପର୍ବ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି।

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷତି ୩.୫ଗୁଣା ବୃଦ୍ଧି

**ନୂଆଦିଲ୍ଲୀ,୧୮-୧୧:** ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୋଟ୍ କ୍ଷତିର ପରିମାଣ ପ୍ରାୟ ୩.୫ ଗୁଣ ବୃଦ୍ଧି ପାଇ ୧୪,୭୧୬.୨୦ କୋଟି ଟଙ୍କାରେ ପହଞ୍ଚିଯାଇଛି। ଅନାଦାୟ ଋଣ ଯୋଗୁ କ୍ଷତି ବଢ଼ିଥିବା କୁହାଯାଉଛି। ୨୦୧୭-୧୮ର ଜୁଲାଇ-ସେପ୍ଟେମ୍ବରରେ ଦେଶର ୨୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ନେଟ୍ କ୍ଷତିର ପରିମାଣ ୪,୨୮୪.୪୫ କୋଟି ଟଙ୍କା ରହିଛି। ତେବେ ତ୍ରୈମାସ ଆଧାରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆସିଛି। ସେମାନଙ୍କ କ୍ଷତିର ପରିମାଣ ଏପ୍ରିଲ-ଜୁନ୍ ତ୍ରୈମାସ ତୁଳନାରେ ପ୍ରାୟ ୨୦୦୦ କୋଟି ଟଙ୍କା କମିଛି। ଏହି ସମୟରେ ମୋଟ୍ କ୍ଷତିର ପରିମାଣ ୧୬,୬୧୪.୯୦ କୋଟି ଟଙ୍କା ଥିଲା। ଆର୍ଥିକ ଫଳାଫଳକୁ ବିଚାରକୁ ନେଲେ ଜଣାପଡୁଛି ଯେ, ଜୁଲାଇ-ସେପ୍ଟେମ୍ବରରେ ୪୫୩୨.୩୫ କୋଟି ଟଙ୍କାର ସର୍ବାଧିକ କ୍ଷତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ହୋଇଛି। ଗତ ବର୍ଷ ଏହି ଅବଧିରେ ଏହାର ୫୬୦.୫୮ କୋଟି ଟଙ୍କା ଲାଭ ହୋଇଥିଲା।

### ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟରେ ସ୍ଥିର ରହିବାକୁ ପାନଗାରିୟାଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୮-୧୧:** କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ଧାର୍ଯ୍ୟ କରିଥିବା ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟକୁ ଅପରିବର୍ତ୍ତିତ ରଖିବା ଉଚିତ ବୋଲି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ପରାମର୍ଶ ଦେଇଛନ୍ତି। ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟରେ କାଏମ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ପାନଗାରିୟା କହିଛନ୍ତି ଯେ, କେନ୍ଦ୍ର ସରକାର ଜିଏସ୍‌ଟି ଏବଂ ଆଇବିସି ଭଳି ଆଇନ ଆଣି ଆର୍ଥିକ ଢାଞ୍ଚାରେ ବିରାଟ ପରିବର୍ତ୍ତନ ଆଣିଛନ୍ତି। ଏ ଦିଗରେ ଭଲ ସଫଳତା ମିଳିଛି। ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା ଚଳିତ ସରକାରଙ୍କ ପ୍ରମୁଖ ଉପଲବ୍ଧି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆର୍ଥିକ ସଂସ୍କାର ଜାରି ରହିବା ଆବଶ୍ୟକ।

### ପିଏସ୍‌ୟୁରେ ଡାଇରେକ୍ଟର ନିଯୁକ୍ତି
### ପିଇଏସ୍‌ବିର ଭୂମିକା ହ୍ରାସ ପାଇଲା

**ନୂଆଦିଲ୍ଲୀ,୧୮-୧୧:** କେନ୍ଦ୍ର ସରକାର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ନିଜେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଚୟନ କରିପାରିବେ। ଏଥିପାଇଁ ସେମାନଙ୍କୁ କେନ୍ଦ୍ର ସରକାର ସ୍ୱାଧୀନତା ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ ଆଉ ପବ୍ଲିକ ଏଣ୍ଟରପ୍ରାଇଜେସ ସିଲେକ୍ସନ ବୋର୍ଡ(ପିଇଏସ୍‌ବି)ର ଅନୁମତି ନେବାକୁ ପଡିବ ନାହିଁ। ଏହାଛଡା ମନ୍ତ୍ରଣାଳୟଗୁଡିକୁ ନିଯୁକ୍ତି ସଂକ୍ରାନ୍ତୀୟ ନୋଡାଲ ଏଜେନ୍ସି ଡିପାର୍ଟମେଣ୍ଟ ଅଫ ପବ୍ଲିକ ଏଣ୍ଟରପ୍ରାଇଜେସ (ଡିପିଇ)ଠାରୁ ମଧ୍ୟ ଅନୁମତି ନେବାକୁ ପଡିବ ନାହିଁ। ଫଳରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ଏଣିକି ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ଅନ୍ୟ ନିର୍ଦ୍ଦେଶକମାନଙ୍କୁ ସିଧାସଳଖ ନିଯୁକ୍ତ କରିପାରିବେ। ଏଥିପାଇଁ ସେମାନଙ୍କୁ ପ୍ରଶାସନିକ କ୍ଷମତା ଦିଆଯାଇଛି।

### ଜାଣିଶୁଣି ଋଣଖିଲାପୀ ତାଲିକା ପ୍ରଦାନ
### ପୁଣି ଥରେ ପିଏମ୍‌ଓ, ଆର୍‌ବିଆଇକୁ ନୋଟିସ ଦେଲେ ସିଆଇସି

**ନୂଆଦିଲ୍ଲୀ,୧୮-୧୧:** ୱିଲଫୁଲ୍ ଡିଫଲ୍ଟର ବା ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରକାଶକୁ ନେଇ ସେଣ୍ଟ୍ରାଲ ଇନଫରମେଶନ କମିଶନ(ସିଆଇସି) ପୁନର୍ବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଓ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ କଟୁ ସମାଲୋଚନା କରିଛନ୍ତି। ଜାଣିଶୁଣି ଋଣଖିଲାପକାରୀଙ୍କ ସମ୍ପର୍କରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ଦ୍ୱାରା ପ୍ରଦତ୍ତ ତାଲିକାକୁ ତୁରନ୍ତ ପ୍ରକାଶ କରିବା ନେଇ ନୋଟିସ ଜାରି କରିଛନ୍ତି। ସିଆଇସିର ଇନଫରମେଶନ କମିଶନର ଶ୍ରୀଧର ଆଚାର୍ଯ୍ୟୁଲୁ ତାଙ୍କର ୬୬ ପୃଷ୍ଠାର ରାୟରେ ଏ ସଂକ୍ରାନ୍ତରେ ପୂର୍ବ ନିର୍ଦ୍ଦେଶ ଅମାନ୍ୟ କରିଥିବାରୁ ପିଏମ୍‌ଓକୁ ତୀବ୍ର ଭାଷାରେ କଟୁ ସମାଲୋଚନା କରିଛନ୍ତି। ତାଲିକା ପ୍ରକାଶ ନ କରିବା ନେଇ ପିଏମ୍‌ଓ ପକ୍ଷରୁ ଦିଆଯାଇଥିବା ଯୁକ୍ତିକୁ ମଧ୍ୟ ସେ ଅଗ୍ରାହ୍ୟ କରିଛନ୍ତି। ତାଲିକା ପ୍ରକାଶରେ ଅନିଚ୍ଛା ନେଇ ପିଏମ୍‌ଓ ଠିକ୍ ଭାବେ ନିଜର ମତ ଉପସ୍ଥାପନ କରିନାହାନ୍ତି ବୋଲି ଆଚାର୍ଯ୍ୟୁଲୁ ରାୟରେ ଦର୍ଶାଇଛନ୍ତି। ଆର୍‌ଟିଆଇ ଆଇନ ଅଧୀନରେ ସନ୍ଦିପ ସିଂ ନାମକ ଜଣେ ବ୍ୟକ୍ତିଙ୍କ ପକ୍ଷରୁ ଋଣଖିଲାପୀଙ୍କ ତାଲିକା ପ୍ରକାଶ କରିବା ନେଇ ଆବେଦନ କରାଯାଇଥିଲା। ଆର୍ଥିକ ବ୍ୟାପାର ସଂସଦୀୟ କମିଟି ଏ ସମ୍ପର୍କରେ ଆଲୋଚନା କରନ୍ତୁ ବୋଲି ଆଚାର୍ଯ୍ୟୁଲୁ କହିଛନ୍ତି। ରାୟର ଗୋଟିଏ ଲେଖାଏ କପି ବିଭିନ୍ନ ସଂସଦୀୟ କମିଟିକୁ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

---



“ ଡିସେମ୍ବର ମଧ୍ୟ ଭାଗ ସୁଦ୍ଧା ଦେଶରେ ଫିଲିପ୍ସ ବ୍ରାଣ୍ଡକୁ ପୁଣି ଥରେ ବଜାର ପ୍ରବେଶ କରାଇବା ନେଇ ଯୋଜନା ରଖିଛୁ।

**– ଅରୁଣ ମେନନ୍, କଣ୍ଟ୍ରି ବିଜନେସ୍ ହେଡ୍, ଫିଲିପ୍ସ ଟିଭି**



“ ଘରୋଇ ବଜାରରେ ଆମର ଡାଉନଷ୍ଟ୍ରିମ ୟୁନିଟଗୁଡିକର ମାନୁଫାକଚରିଂ କ୍ଷମତା ବୃଦ୍ଧି ଲାଗି ଅଧିକ ନିବେଶ ନେଇ ଯୋଜନା ରହିଛି।

**– ଶେଷାଗିରି ରାଓ, ଯୁଗ୍ମ ଏମ୍‌ଡି, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍**

---

## ଆର୍‌ବିଆଇ ବୋର୍ଡ ବୈଠକ ଆଜି
# ସରକାର ସମର୍ଥିତ ସଦସ୍ୟଙ୍କ ଉପରେ ନଜର

**ନୂଆଦିଲ୍ଲୀ,୧୮-୧୧**

କେନ୍ଦ୍ର ସରକାରଙ୍କ ସହ ମତଭେଦ ପଦାକୁ ଆସିବା ପରେ ସୋମବାର ରିଜର୍ଭ ବ୍ୟାଙ୍କର ବହୁଚର୍ଚ୍ଚିତ ବୋର୍ଡ ବୈଠକ ପ୍ରଥମଥର ବସିବାକୁ ଯାଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପାଇଁ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପ, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଙ୍କୁ ଋଣ ପ୍ରଦାନ ସର୍ତ୍ତକୁ କୋହଳ କରିବା ତଥା ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ଙ୍କ ନଗଦ ସଙ୍କଟ ଦୂର କରିବା ନେଇ ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ସୋମବାର ବୈଠକରେ ସରକାରଙ୍କ ମନୋନୀତ ତଥା ସମର୍ଥନ କରୁଥିବା ଡାଇରେକ୍ଟରମାନେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କ ଉପରେ ପ୍ରବଳ ଚାପ ପକାଇବେ ବୋଲି ମନେ କରାଯାଉଛି। ସେମାନଙ୍କ ପଦକ୍ଷେପ ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଅନ୍ୟପକ୍ଷରେ ନିଜ ନିଷ୍ପତ୍ତିରେ ଆର୍‌ବିଆଇ କାଏମ ରହିବେ ବୋଲି ଆଶା କରାଯାଉଛି। ଫଳରେ ବୋର୍ଡ ବୈଠକରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି।





- ନିଜ ନିଷ୍ପତ୍ତିରେ ଦୃଢ଼ ରହିପାରେ ରିଜର୍ଭ ବ୍ୟାଙ୍କ
- ପିସିଏ କୋହଳ କରିବା, ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ ମୁଖ୍ୟ ପ୍ରସଙ୍ଗ
- ଏନ୍‌ବିଏଫ୍‌ସିଙ୍କୁ ନଗଦ ଯୋଗାଣ ଉପରେ ଜୋର୍ ଦିଆଯିବ

ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଉପରେ ଚାପ ବଢ଼ାଇ ଦେଇଛନ୍ତି। ଆର୍‌ବିଆଇ ବୋର୍ଡ ଅଧିକ ଶକ୍ତିଶାଳୀ ହେଉ ଏହା ସରକାର ଚାହୁଁଛନ୍ତି। ନୀତିରେ ପରିବର୍ତ୍ତନ ପାଇଁ ସରକାରଙ୍କ ଦ୍ୱାରା ମନୋନୀତ ଡାଇରେକ୍ଟରମାନେ ଉର୍ଜିତଙ୍କ ଉପରେ ଚାପ ପକାଇବାକୁ ଯାଉଥିବା ନେଇ ଚର୍ଚ୍ଚା ହେଉଛି। ଇତିମଧ୍ୟରେ ଉର୍ଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପିଏମ୍‌ଓ ଅଧିକାରୀଙ୍କୁ ଭେଟିଛନ୍ତି। ବିବାଦ ଦୂର କରିବା ତାଙ୍କର ଉଦ୍ଦେଶ୍ୟ ବୋଲି ଜଣାପଡୁଛି। କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ ସହଜ କରିବା, ଋଣ ଓ ପାଣ୍ଠି ସମସ୍ୟାର ସମ୍ମୁଖୀନ ହେଉଥିବା ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଋଣ ପ୍ରଦାନ କରିବାକୁ ଅନୁମତି ଦେବା(ପିସିଏ କୋହଳ), ଏନ୍‌ବିଏଫ୍‌ସିଙ୍କୁ ନଗଦ ପ୍ରଦାନ କରିବା ଦିଗରେ ଆର୍‌ବିଆଇ ପଦକ୍ଷେପ ନେଉ ବୋଲି ସରକାର ଚାହୁଁଛନ୍ତି। ଏହାଦ୍ୱାରା ଋଣ ପ୍ରଦାନ ସହଜ ହେବ ଓ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। ସେହିପରି ଆର୍‌ବିଆଇ ନିକଟରେ ବଳକା ଥିବା ଅର୍ଥରୁ କିଛି ସରକାରଙ୍କୁ ଦେବା ଲାଗି ସରକାର କହୁଛନ୍ତି। ଏହି ଅର୍ଥକୁ ଗ୍ରାମାଞ୍ଚଳ ସହ ତୈଳ ସବସିଡି ଆଦି ଜନକଲ୍ୟାଣକାରୀ ଯୋଜନାରେ ବିନିଯୋଗ କରାଯିବ। ଅନ୍ୟପକ୍ଷରେ ସରକାରଙ୍କ ବ୍ୟବହାରରେ କେନ୍ଦ୍ରୀୟ ବ୍ୟାଙ୍କ ଅତିଷ୍ଠ ହୋଇ ଉଠିଛି। ସରକାର ରିଜର୍ଭ ବ୍ୟାଙ୍କର କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି ଏବଂ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତା ନଷ୍ଟ ହେଉଛି ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଖୋଲାଖୋଲି କହି ମତଭେଦକୁ ପଦାକୁ ଆଣିଛନ୍ତି। ସରକାରୀ ହସ୍ତକ୍ଷେପ ଯୋଗୁ ୨୦୧୦ରେ ଆର୍ଜେଣ୍ଟିନାର ଅର୍ଥନୀତି କିପରି ଭୁଶୁଡି ପଡିଥିଲା ଏ ସମ୍ପର୍କରେ ସେ ଉଦାହରଣ ଦେଇଥିଲେ। ତେବେ ଗଭର୍ନର ନିଜର ୪ ଜଣ ଡେପୁଟିଙ୍କୁ ସାଥିରେ ଧରି ସରକାରଙ୍କୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିଥିବା କୁହାଯାଉଛି। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା, ଅନାଦାୟ ଋଣ ସମସ୍ୟାର ସମାଧାନ ସହ ବ୍ୟାଙ୍କର କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ ତଥା ପାରଦର୍ଶୀ କରିବା ଉପରେ ଆର୍‌ବିଆଇ ଜୋର୍ ଦେଉଛି। ଏହାର ଦୀର୍ଘମିଆଦୀ ସୁଫଳ ଲୋକଙ୍କ ପାଖରେ ପହଞ୍ଚିବ ବୋଲି କୁହାଯାଉଛି। କିନ୍ତୁ ୨୦୧୯ ଲୋକ ସଭା ନିର୍ବାଚନ ଦୃଷ୍ଟିରୁ ସରକାର ଲୋକଙ୍କୁ ଆକର୍ଷିତ କରିବା ଭଳି ଯୋଜନା ଉପସ୍ଥାପନ ଉପରେ ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ସ୍ୱଳ୍ପମିଆଦୀ ଲକ୍ଷ୍ୟକୁ କେନ୍ଦ୍ରୀୟ ବ୍ୟାଙ୍କ ସମର୍ଥନ କରୁ ନ ଥିବାରୁ ମତଭେଦ ଉଗ୍ର ହୋଇଛି। ତେବେ ଉଭୟ ପକ୍ଷ ଦେଶ ହିତରେ ସାଲିସ ନ କଲେ ଅର୍ଥନୀତିକୁ ପ୍ରବଳ ଧକ୍କା ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଇତିମଧ୍ୟରେ ସରକାର ଆର୍‌ବିଆଇ ଆଇନର ଧାରା ୭ ବଳରେ ବିଭିନ୍ନ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କ ମତାମତ ଲୋଡି ସାରିଛନ୍ତି। ବିଶେଷଜ୍ଞଙ୍କ କହିବାନୁଯାୟୀ ଆର୍‌ବିଆଇ ବୋର୍ଡ ବୈଠକ କେବଳ ପରାମର୍ଶ ଏବଂ ଦିଗଦର୍ଶନ ଦେବା କାର୍ଯ୍ୟ କରିଥାଏ। କେନ୍ଦ୍ରୀୟ ବ୍ୟାଙ୍କର ନୀତି କ'ଣ ହେବ ଏହା ନିଷ୍ପତ୍ତି ନେଇ ନ ଥାଏ। ତେବେ ସରକାରଙ୍କ ମନୋନୀତ ସଦସ୍ୟ ସୁଭାଷ ଚନ୍ଦ୍ର ଗର୍ଗ, ରାଜୀବ କୁମାର ତଥା ସ୍ୱଦେଶୀ ଜାଗରଣ ମଞ୍ଚର ଏସ.ଗୁରୁମୂର୍ତ୍ତି ଏବଂ ସମର୍ଥିତ ଡାଇରେକ୍ଟରମାନେ ସରକାରଙ୍କ ନୀତିକୁ ଲାଗୁ କରିବା ଉପରେ ଜୋର୍ ଦେବେ ଏହା ନିଶ୍ଚିତ ହୋଇଯାଇଛି।

---

### ମାସକ ଭିତରେ ପେଟ୍ରୋଲ ୭.୩୯, ଡିଜେଲ ୩.୮୯ ଟଙ୍କା କମିଲା



**ନୂଆଦିଲ୍ଲୀ,୧୮-୧୧**

ରବିବାର ପେଟ୍ରୋଲ ଲିଟର ପିଛା ୨୦ ଓ ଡିଜେଲ ୧୮ ପଇସା ହ୍ରାସ ପାଇଛି। କ୍ରମାଗତ ୨୯ ଦିନ ହେଲା ଦେଶରେ ତେଲ ଦର କମିଚାଲିଛି ଏବଂ ଏହା ଅଗଷ୍ଟ ମଧ୍ୟଭାଗରେ ଥିବା ଦର ସହିତ ସମାନ ସ୍ତରକୁ ଆସିଛି। ରବିବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୬.୭୧ ଟଙ୍କା ଏବଂ ଡିଜେଲ ୭୧.୫୬ ଟଙ୍କା ରହିଛି। ଫଳରେ ମାସକ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୭.୨୯ଟଙ୍କା ଏବଂ ୩.୮୯ ଟଙ୍କା ହ୍ରାସ ପାଇଛି। ସୂଚନାଥାଉ କି, ଅକ୍ଟୋବର ୧୮ରୁ ଦେଶରେ ତେଲ ଦର କ୍ରମାଗତ କମିବାରେ ଲାଗିଛି। ତେବେ ପେଟ୍ରୋଲ ଅପେକ୍ଷା ଡିଜେଲ ଦର ସ୍ୱଳ୍ପ ପରିମାଣରେ ହ୍ରାସ ପାଇଛି। ଅକ୍ଟୋବର ୪ରେ ପେଟ୍ରୋଲ ଦର ଲିଟର ପିଛା ୮୪ ଟଙ୍କାର ରେକର୍ଡ ଦରରେ ପହଞ୍ଚିଯାଇଥିଲା। ସେହିପରି ଡିଜେଲ ଦର ମଧ୍ୟ ୭୫.୪୫ ଟଙ୍କାର ସର୍ବୋଚ୍ଚ ସ୍ତର ଛୁଇଁଥିଲା। ଅଗଷ୍ଟ ୧୬ରୁ ଦର ବଢ଼ିବା ଆରମ୍ଭ ହୋଇଥିଲା। ସେହି ଦିନ ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା କ୍ରମଶଃ ୭୭.୧୪ ଟଙ୍କା ଏବଂ ୬୮.୭୨ ଟଙ୍କା ଥିଲା।

---





## ବଜାରରେ ନୂଆ ଡେଷ୍ଟିନି ସ୍କୁଟର

**ଭୁବନେଶ୍ୱର,୧୮।୧୧**

ହିରୋ ମୋଟୋକର୍ପ ପକ୍ଷରୁ ଏହାର ନୂଆ ୧୨୫ ସିସି ସ୍କୁଟର ଡେଷ୍ଟିନି ବଜାରକୁ ଆସିଛି। ସ୍ଥାନୀୟ ଭାରତ ମୋଟର୍ସଠାରେ ଏହାକୁ ଉନ୍ମୋଚନ କରାଯାଇଥିଲା। ନୂଆ ମଡେଲଟି ପ୍ରିମିୟମ ଗ୍ରାହକଙ୍କୁ ନଜରରେ ରଖି କମ୍ପାନୀ ପ୍ରସ୍ତୁତ କରିଛି। ଏହା ଦୁଇ ଭାରିଆଣ୍ଟରେ ବଜାରକୁ ଆସିଛି। ଏଲ୍‌ଏକ୍ସ ଭାରିଆଣ୍ଟର ମୂଲ୍ୟ ୫୬,୯୫୦ ଟଙ୍କା ରହିଥିବା ବେଳେ ଭିଏକ୍ସର ମୂଲ୍ୟ ୬୦,୦୦୦ ଟଙ୍କା ରହିଛି। ଏଥିରେ ଗ୍ରାହକମାନେ ଷ୍ଟାଇଲ, ପାୱାର, ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ। ଏଥିରେ ଆଇ୩ଏସ୍ ଟେକ୍ନୋଲୋଜି ରହିଛି। ଏହା ନୋବଲ ରେଡ, ଚେଷ୍ଟନଟ୍ ବ୍ରୋଞ୍ଜ, ପାନ୍ଥର ବ୍ଲାକ, ପର୍ଲ ସିଲଭର ଭଳି ରଙ୍ଗରେ ଉପଲବ୍ଧ। ଏହାଦ୍ୱାରା ବଜାର ଦୃଢୀକରଣ କରିବାକୁ ସକ୍ଷମ ହେବୁ ବୋଲି କମ୍ପାନୀର ସେଲ୍‌ସ କଷ୍ଟମର କେୟାର ଏବଂ ପାର୍ଟ୍‌ସ ବିଜ୍‌ନେସ ମୁଖ୍ୟ ସଞ୍ଜୟ ଭାନ ସୂଚନା ଦେଇଛନ୍ତି।

### ଇଜ୍ ଅଫ୍ ଡୁଇଂ ବିଜନେସ
### ଆଜି ଶୀର୍ଷ ଉଦ୍ୟୋଗପତିଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୮-୧୧**

ଇଜ୍ ଅଫ୍ ଡୁଇଂ ବିଜନେସରେ ବିଶ୍ୱର ଶୀର୍ଷ ୫୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ପାଇବାକୁ ନେଇ ଆଲୋଚନା କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦେଶର ଶୀର୍ଷ ଉଦ୍ୟୋଗପତିଙ୍କୁ ଭେଟିବେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଔଦ୍ୟୋଗିକ ନୀତି ଏବଂ ପ୍ରୋତ୍ସାହନ ବିଭାଗ (ଡିଆଇପିପି) ପକ୍ଷରୁ 'ବ୍ୟବସାୟ ସୁଗମତା ଉପରେ ବିଚାର' ଶୀର୍ଷକରେ ଏକ ବୈଠକ ସୋମବାର ଆୟୋଜିତ ହେବାକୁ ଯାଉଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆସନ୍ତା ବର୍ଷ ଇଜ୍ ଅଫ୍ ଡୁଇଂ ବିଜନେସ ତାଲିକା ପ୍ରକାଶ କରାଯିବ। ଏଥିରେ ଶୀର୍ଷ ୫୦ ଟି ଦେଶ ଭିତରେ ଭାରତକୁ ଆଣିବା ଏବଂ ଦେଶରେ ନିବେଶ ବୃଦ୍ଧି ପାଇଁ ଉପାୟ ସ୍ଥିର କରାଯିବ। ଏହି ବୈଠକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ବଜାଜ, ଟାଟା ଭଳି ଶୀର୍ଷ କର୍ପୋରେଟ, ସିଆଇଆଇ, ଫିକି ଓ ଆସୋଚାମ୍ ଭଳି ଉଦ୍ୟୋଗ ଜଗତକୁ ପ୍ରତିନିଧିତ୍ୱ କରୁଥିବା ସଂଗଠନର ପ୍ରତିନିଧିମାନେ ଯୋଗ ଦେବେ ବୋଲି ଜଣାପଡିଛି।





## ନାଲ୍‌କୋର ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର,୧୮-୧୧**

ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ ତଥା ଭୁବନେଶ୍ୱରରୁ ପ୍ରାୟ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗଭର୍ନାନ୍ସ କ୍ଷେତ୍ରରେ ସତର୍କତାର ଆବଶ୍ୟକତା ରହିଥିବା ଚାନ୍ଦ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସମେତ କମ୍ପାନୀର ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ।

## ଆଇସିଏସ୍‌ଆଇର କଣ୍ଟାକ୍ଟ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୮-୧୧**

ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ପକ୍ଷରୁ ନୂଆ ସାର୍ଟିଫାଏଡ ସିଏସ୍‌ଆର୍ କୋର୍ସ ଆରମ୍ଭ ହୋଇଛି। ଏଥିଲାଗି ପ୍ରତିଷ୍ଠାନ ପକ୍ଷରୁ କଣ୍ଟାକ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଇସିଏସ୍‌ଆଇ ତାଲିମ ତଥା ନିଯୁକ୍ତି ନିର୍ଦ୍ଦେଶକ ଏସ୍.କେ. ଜେନା, ଆଇଓସିଏଲ୍ ଲିମିଟେଡ୍ ସିଏସ୍‌ଆର୍ ମୁଖ୍ୟ ବି.ଆର୍. ପ୍ରଧାନ, ଆଇସିଏସ୍‌ଆଇ ସଭାପତି ସିଏସ୍ ମାର୍କଣ୍ଡ ଲେଲେ, ସିଏସ୍‌ଆର୍ ଏବଂ ଗଭର୍ନାନ୍ସ ଆଡଭାଇଜର ଅଶୋକ ପାଭଡିଆ, ଅଫିସିଏଟିଂ ସେକ୍ରେଟାରୀ ଅଶୋକ ଦୀକ୍ଷିତ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

---

## ଏସ୍‌ବିଆଇ ମ୍ୟୁଚୁଆଲ୍ ଫଣ୍ଡର ନୂଆ ଶାଖା



**ଭୁବନେଶ୍ୱର,୧୮-୧୧**

ଏସ୍‌ବିଆଇ ମ୍ୟୁଚୁଆଲ୍ ଫଣ୍ଡ ଏହାର ନୂଆ ଶାଖା ଅନୁଗୋଳଠାରେ ଶୁଭାରମ୍ଭ କରିଛି। ଏସ୍‌ବିଆଇ ଭୁବନେଶ୍ୱରର କାର୍ଯ୍ୟାଳୟର ଚିଫ୍ ଜେନେରାଲ ମ୍ୟାନେଜର ପ୍ରବୀଣା କଲା ଏହି ଶାଖାକୁ ଉନ୍ମୋଚନ କରିଥିଲେ। ଏହି ଶାଖା ଗ୍ରାହକଙ୍କ ମଧ୍ୟରେ ମ୍ୟୁଚୁଆଲ୍ ଫଣ୍ଡ ସଂକ୍ରାନ୍ତ ସଚେତନତା ତଥା ମ୍ୟୁଚୁଆଲ ଫଣ୍ଡର ବିଭିନ୍ନ ପ୍ରଡକ୍ଟ ଅନୁଗୋଳ ତଥା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ଯୋଗାଇବାକୁ ସକ୍ଷମ ହେବ ବୋଲି କାଲା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର ଦେବୀ ଶଙ୍କର ମିଶ୍ର, ଜେନେରାଲ ମ୍ୟାନେଜର ଗୌତମ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କୁ ମିଳିଛି ୮୨ ହଜାର କୋଟି ରିଫଣ୍ଡ

**ନୂଆଦିଲ୍ଲୀ,୧୮-୧୧**

ଜିଏସ୍‌ଟି ଲାଗୁ ପରେ ବ୍ୟବସାୟୀଙ୍କୁ ଜିଏସ୍‌ଟି ରିଫଣ୍ଡ ବାବଦରେ ୮୨ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ଏହାର ସଦସ୍ୟ ଆର୍.କେ.ବର୍ଥୱାଲ କହିଛନ୍ତି। ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ମେଳାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା ପ୍ରକାଶ କରିଛନ୍ତି।

---

# ସଂଘର୍ଷ ଆଣି ଦେଇଛି ସଫଳତା

**ସଫଳ ମହିଳା ଉଦ୍ୟୋଗୀ**
## ରୀତା ସିଂ



ଦେଶର ଉଦ୍ୟୋଗ ବିକାଶ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ କିଛି କମ୍ ନୁହେଁ। ଭାରତରେ ଅନେକ ମହିଳା ଉଦ୍ୟୋଗୀ ରହିଛନ୍ତି, ଯେଉଁମାନେ ନିଷ୍ଠା ତଥା ସଂଘର୍ଷ ଦ୍ୱାରା ଶିଳ୍ପ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ଧାରାରେ ମେସ୍କୋ ଷ୍ଟିଲ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରୀତା ସିଂ ଅନ୍ୟତମ। ମେସ୍କୋ ବା ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିମିଟେଡ(ଏମ୍‌ଆଇଏସ୍‌ଏଲ୍) ଓଡ଼ିଶାରେ ପ୍ରତିଷ୍ଠା କରିବା ପରଠାରୁ ଏହାକୁ ସ୍ଥିତାବସ୍ଥାକୁ ଆଣିବାରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ଅନେକ ଘାତ ପ୍ରତିଘାତ ଏବଂ ସଂଘର୍ଷ ସତ୍ତ୍ୱେ ଏହା କରିବାରେ ସଫଳ ହୋଇଛନ୍ତି ରୀତା। ଅସୁବିଧା ତାଙ୍କ ରାସ୍ତାରେ କେବେ ପ୍ରତିବନ୍ଧକ ସାଜିପାରିନି। ଅନେକ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଛି। ଏମିତି ବି ସମୟ ଆସିଛି, ଯେଉଁଠାରେ ଆଗକୁ ବଢିବା ଅସମ୍ଭବ ବ୍ୟାପାର ହୋଇପଡିଥିଲା। ମାତ୍ର ଏପରି ସ୍ଥିତିରେ ମଧ୍ୟ ନିଜକୁ ଦୃଢ ରଖି ଆଗକୁ ବଢିଥିବା ସେ କହିଛନ୍ତି। ଆଜି ଯାହା କିଛି ବି ସମ୍ଭବ ହୋଇଛି ତାହା କେବଳ ନିରନ୍ତର ପ୍ରୟାସ ଏବଂ ସଂଘର୍ଷର ଫଳ ବୋଲି 'ମେକ୍ ଇନ୍ ଓଡ଼ିଶା-୨୦୧୮ କନ୍‌କ୍ଲେଭ'ରେ ଯୋଗଦେବା ଅବସରରେ ସେ ଏହା ପ୍ରକାଶ କରିଛନ୍ତି।

୪.୦ ବିଲିୟନ ଡଲାର ଏଣ୍ଟରପ୍ରାଇଜ ଭାଲ୍ୟୁ ବିଶିଷ୍ଟ ଏମ୍‌ଆଇଏସ୍‌ଏଲ୍‌କୁ ଗଢିବାରେ ତାଙ୍କର ନିରନ୍ତର ଚେଷ୍ଟା ବଜାୟ ରହିଛି। ଉତ୍ତର ପ୍ରଦେଶର ହାପୁର ଜିଲାରେ ଏକ ଚିନି କଳ ସ୍ଥାପନ ସହ ବାଣିଜ୍ୟ କ୍ଷେତ୍ରକୁ ସେ ଓହ୍ଲାଇଥିଲେ। ଏକ କ୍ଷୁଦ୍ର ବାଣିଜ୍ୟରୁ ଆସିଥିଲେ ମଧ୍ୟ ନିଷ୍ଠା ଯୋଗୁ ଜଣେ ସଫଳ ମହିଳା ଉଦ୍ୟୋଗୀ ହୋଇପାରିଛନ୍ତି। ଏହାପରେ ଜୋତା, ଚମଡା ଏବଂ ଫାର୍ମା ରପ୍ତାନି ଭଳି ଅନ୍ୟାନ୍ୟ ବାଣିଜ୍ୟ ସହ ମଧ୍ୟ ଯୋଡି ହୋଇଥିଲେ। ଶିଳ୍ପ କ୍ଷେତ୍ରରେ ଅବଦାନ ଲାଗି ତାଙ୍କୁ 'ବେଷ୍ଟ ଓମେନ ଏଣ୍ଟରପ୍ରିନିୟର ଅଫ୍ ଦି ଡିକେଡ' ପୁରସ୍କାର ମିଳିଛି। ସେହିଭଳି ବୋର୍ଡ ଅଫ୍ ଟ୍ରେଡର ସଦସ୍ୟ, ସ୍ନୁ' ଫେଡେରେଶନର ଅଧ୍ୟକ୍ଷ, ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନସ୍ଥ ଏଫ୍‌ଡିଡିଆଇ୍ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ବିଜ୍ଞାନରେ ସ୍ନାତକ ଥିବା ରୀତା ପଶୁ ଏବଂ ପରିବେଶପ୍ରେମୀ ଭାବେ ବେଶ୍ ଜଣାଶୁଣା। ପଶୁ ପକ୍ଷୀଙ୍କ ଲାଗି ସେ କ୍ରିଷ୍ଣା ଆଶ୍ରମ ପ୍ରତିଷ୍ଠା କରିଛନ୍ତି। ସେଠାରେ ଚିକିତ୍ସା ସୁବିଧା ଉପଲବ୍ଧ କରାଇବାକୁ ଡାକ୍ତର, ଟେକ୍ନିସିଆନ୍, ମେଡିସିନ, ଲ୍ୟାବ୍, ଅପରେଶନ ଥିଏଟର, ଲ୍ୟାବ ସୁବିଧା ରହିଛି। ଓଡିଶାରେ ଶିଳ୍ପର ବିକାଶ ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା 'ମେକ୍ ଇନ୍ ଓଡିଶା' ଭଳି ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି। ରାଜ୍ୟରେ ବ୍ରାଉନ ଫିଲ୍ଡ ପ୍ରକଳ୍ପଗୁଡିକର ଉନ୍ନତୀକରଣରେ ସରକାରଙ୍କ ସହଯୋଗ ନେଇ ଆଶାବାଦୀ ଥିବା କହିଛନ୍ତି। ଏମ୍‌ଆଇଏସ୍‌ଏଲ୍ ଏରୋସ୍ପେଶ କ୍ଷେତ୍ରରେ ସହଭାଗିତାରେ କାର୍ଯ୍ୟ କରୁଥିବା ବେଳେ ଯଦି ଓଡିଶାରେ କିଛି ସୁଯୋଗ ମିଳେ ଏକ୍ଷେତ୍ରରେ ନିବେଶ ନେଇ ବିଚାର କରିବେ ବୋଲି ସେ କହିଛନ୍ତି। କଳିଙ୍ଗନଗରରେ ରହିଥିବା କମ୍ପାନୀର ସମ୍ପ୍ରସାରଣକୁ କମ୍ପାନୀ ପ୍ରାଥମିକତାଭାବେ ଗ୍ରହଣ କରିଛି। ଏମ୍‌ଆଇଏସ୍‌ଏଲ୍‌କୁ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଷ୍ଟିଲ କମ୍ପାନୀ ଭାବେ ଗଢି ତୋଳିବାକୁ ତାଙ୍କର ଯୋଜନା ରହିଛି। ବର୍ତ୍ତମାନର ସମ୍ପ୍ରସାରଣ ଯୋଜନା ମୁତାବକ ୨ ପର୍ଯ୍ୟାୟରେ ଫିନିଶ୍‌ଡ ଷ୍ଟିଲ କ୍ଷମତାକୁ ୩.୫ ନିୟୁତ ଟନ୍ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସେ କହିଛନ୍ତି।

" ଦିବାରାତ୍ର ଟେଷ୍ଟ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ କାହିଁକି ପଛଘୁଞ୍ଚା ଦେଉଛି ତାହା ମୁଁ ବୁଝି ପାରୁନାହିଁ।
**–ମାଇକେଲ ବିୟର୍ଲି, ପୂର୍ବତନ ଇଂଲଣ୍ଡ ଅଧିନାୟକ**



" ଆଗାମୀ କ୍ରିକେଟ ସିରିଜରେ ଭାରତୀୟ କ୍ରିକେଟ ଦଳର ପ୍ରତ୍ୟେକ ବ୍ୟାଟ୍ସମ୍ୟାନ ପାଇଁ ଆମେ ପୃଥକ୍ ପୃଥକ୍ ଯୋଜନା କରିଛୁ।
**– ପ୍ୟାଟ କୁମିନ୍ସ, ଅଷ୍ଟ୍ରେଲୀୟ ପେସ୍ ବୋଲର**



## ସଂକ୍ଷେପରେ

### ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର

## ଟାଏକୋଣ୍ଡୋରେ ଏସ୍‌ଏସ୍‌ବିକୁ ଅଧିକ ପଦକ

**କଟକ ଅଫିସ,୧୮।୧୧:** ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପରେ ରବିବାର ଜୁଡ଼ୋ ଓ ଟାଇକୋଣ୍ଡୋ ପ୍ରତିଯୋଗିତା ଖେଳାଯାଇଛି । ରବିବାର ୨ଟି ଯାକ ପ୍ରତିଯୋଗିତାରେ ଓଡ଼ିଶା ପଦକଶୂନ୍ୟ ରହିଥିବା ବେଳେ ଅବଶିଷ୍ଟ ମ୍ୟାଚ୍ ସୋମବାର ଖେଳାଯିବ । ଜୁଡ଼ୋ ପୁରୁଷ ବର୍ଗର ୬୦ କେଜି ବିଭାଗରେ ସିଆଇଏସ୍‌ଏଫ୍, ୬୬ କେଜି ବିଭାଗରେ ପଞ୍ଜାବ ପୋଲିସ, ୭୩ କେଜି ବିଭାଗରେ ବିଏସ୍‌ଏଫ୍, ୮୧ କେଜି ବିଭାଗରେ ଏସ୍‌ଏସ୍‌ବି, ୯୦ କେଜି ବିଭାଗରେ ପଞ୍ଜାବ ପୋଲିସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ଜୁଡ଼ୋ ମହିଳା ବର୍ଗର ୪୮କେଜି ବିଭାଗରେ ମଣିପୁର ପୋଲିସ, ୫୨କେଜି ବିଭାଗରେ ଏସ୍‌ଏସ୍‌ବି, ୫୭ କେଜି ବିଭାଗରେ ସିଆରପିଏଫ୍, ୬୩ କେଜି ବିଭାଗରେ ମଣିପୁର ପୋଲିସ ଓ ୭୮ କେଜି ବିଭାଗରେ ଏସ୍‌ଏସ୍‌ବିକୁ ସ୍ୱର୍ଣ୍ଣ ମିଳିଛି । ଟାଏକୋଣ୍ଡୋ ପୁରୁଷ ବର୍ଗର ୫୪କେଜି ଓ ୫୮ କେଜି ବିଭାଗରେ ଏସ୍‌ଏସ୍‌ବି, ୬୮କେଜି ବିଭାଗରେ ପଞ୍ଜାବ, ୭୪ କେଜି ବିଭାଗରେ ବିଏସ୍‌ଏଫ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ଟାଇକୋଣ୍ଡୋ ମହିଳା ବର୍ଗର ୪୬ ଓ ୪୯ କେଜି ବିଭାଗରେ ଏସ୍‌ଏସ୍‌ବି, ୫୩କେଜି ବିଭାଗରେ ସିଆରଏସ୍‌ଏଫ୍, ୬୨ କେଜି ବିଭାଗରେ ଆସାମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମହାନଦୀ କୋଲ ଫିଲ୍ଡସ ଲିମିଟେଡ୍‌ର ଅଧକ୍ଷ ଓ.ପି ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.ପି କୋଚେ, ଆଇଜି ପି.ଏସ୍ ରଣପିସେ, ଡିସିପି ଅଖିଳେଶ୍ୱର ସିଂ ଅତିଥି ଭାବେ ଯୋଗ ଦେଇଥିଲେ ।

## ଅଙ୍କିତା-କର୍ମନ ଜିତିଲେ ଟାଇପେ ଓପନ୍

**ପୁଣେ, ୧୮।୧୧ (ପି.ଟି.):** ଅଙ୍କିତା ରାଇନା ଓ କର୍ମନ କୌର ଥାଣ୍ଡି ଯୋଡ଼ି ଡବ୍ଲ୍ୟୁଟିଏ ଟୁର୍‌ରେ ସେମାନଙ୍କ ପ୍ରଥମ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ୧୨୫,୦୦୦ ଡଲାର ପୁରସ୍କାର ବିଶିଷ୍ଟ ଟାଇପେ ଓସିଇ ଓପନ୍ ଫାଇନାଲରେ ରୁଷିଆର ଓଲେଗା ଡୋରୋସିନା ଓ ନାଟେଲା ଡିଜାଲାମିଜେଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚରେ ଭାରତୀୟ ଯୋଡ଼ି ପ୍ରଥମ ଗେମ୍‌ରେ ବିଜୟ ମଳାଭ କରିଥିଲେ, ମାତ୍ର ଦ୍ୱିତୀୟ ଗେମ୍‌ରେ ପରାଜିତ ହୋଇଥିଲେ। ପରେ ସୁପର ଟାଇବ୍ରେକର ୧୨-୧୨ରେ ଟାଇ ରହିଥିଲା। ସେତେବେଳେ ନାଟେଲାଙ୍କ ହାମଷ୍ଟ୍ରିଙ୍ଗ ଇଞ୍ଜୁରି ହୋଇଥିଲେ। ଫଳରେ ରୁଷୀୟ ଯୋଡ଼ି ମ୍ୟାଚରୁ ଓହରିଯିବାAକୁ ବାଧ ହୋଇଥିଲେ।

# ୧୭ ବର୍ଷ ପରେ ସିରିଜ ଜିତିଲା ଇଂଲଣ୍ଡ

କାଣ୍ଡି, (ଶ୍ରୀଲଙ୍କା), ୧୮।୧୧(ଏପି)

ସ୍ଥାନୀୟ ପାଲିକେଲ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌କୁ ଇଂଲଣ୍ଡ ୫୭ ରନରେ ଜିତି ନେଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଲକ୍ଷ୍ୟକୁ ପିଛା କରିଥିବା ଆଞ୍ଜେଲୋ ମାଥ୍ୟୁସଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଏଥିସହ ୩

### କାଣ୍ଡି ଟେଷ୍ଟ

ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଇଂଲଣ୍ଡ ୨-୦ରେ ଆଗୁଆ ଜିତିନେଇଛି। ସେହିପରି ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଶ୍ରୀଲଙ୍କା ମାଟିରେ ଇଂଲଣ୍ଡ ଟେଷ୍ଟ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଛି। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ନଭେମ୍ବର ୨୩ରୁ କଲମ୍ବୋରେ ଖେଳାଯିବ।

ଭ୍ରମଣକାରୀ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରିଥିବା ଶ୍ରୀଲଙ୍କା ଶନିବାର ୪ର୍ଥ ଦିବସ ଶେଷ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨ୟ ଇନିଂସରେ ୭ ଉଇକେଟ୍ ହରାଇ ୨୨୬ ରନ କରିଥିଲା। ରବିବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଶ୍ରୀଲଙ୍କାକୁ ଜିତିବାକୁ ୭୫ ରନ ଓ ପ୍ରତିପକ୍ଷ ଇଂଲଣ୍ଡକୁ ୩ ଉଇକେଟ୍ ଆବଶ୍ୟକ ହେଉଥିଲା। ତେବେ ଶ୍ରୀଲଙ୍କା ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୧୭ ରନ ଯୋଡ଼ି ୨୪୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ୩ଟି ଉଇକେଟ୍‌ରୁ ମୋଇନ ଅଲୀ ୨ଟି ଓ ଜ୍ୟାକ୍ ଲିଚ୍ ଗୋଟିଏ ଉଇକେଟ୍ ବାଣ୍ଟି ନେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମାଥ୍ୟୁସ ସର୍ବାଧିକ ୮୮ ରନ ଓ ଓପନର୍ ଦିମୁଥ କରୁଣାରତ୍ନେ ୫୭ ଓ ନିରୋଶାନ ଡିକ୍‌ୱେଲା ୩୫ ରନ କରିଥିଲେ। ସଫଳ ବୋଲରଭାବେ ବାମହାତୀ ସ୍ପିନର ଲିଚ୍ ୫ଟି ଏବଂ ମୋଇନ ୪ଟି ଉଇକେଟ୍ ଅକ୍ତିଆର କରି ଇଂଲଣ୍ଡକୁ ଏହି ସ୍ମରଣୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡର ୨ୟ ଇନିଂସରେ ଶତକୀୟ ଇନିଂସ ଖେଳିଥିବା ଅଧିନାୟକ ଜୋ ରୁଟ୍ (୧୨୪ ରନ) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଘାତ ସମସ୍ୟା ଲାଗି ୨ୟ ଟେଷ୍ଟରୁ ବାଦ୍ ପଡ଼ିଥିବା ଶ୍ରୀଲଙ୍କା ଅଧିନାୟକ ୩ୟ ଟେଷ୍ଟକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି।



ମ୍ୟାଚ ଜିତିବା ପରେ ଇଂଲଣ୍ଡର ଖେଳାଳିମାନେ ।

### ହାଇଲାଇଟ୍ସ

- ୧୭ ବର୍ଷ ପରେ ଶ୍ରୀଲଙ୍କା ମାଟିରେ ଟେଷ୍ଟ ସିରିଜ ଜିତିଲା ଇଂଲଣ୍ଡ।
- ୨୦୧୬ ଜାନୁୟାରୀ ପରେ ବିଦେଶରେ ଇଂଲଣ୍ଡର ଏହା ପ୍ରଥମ ଟେଷ୍ଟ ସିରିଜ ବିଜୟ।
- ମ୍ୟାଚ୍‌ରେ ମୋଟ୍ ୪୦ ଉଇକେଟ୍‌ରୁ ସ୍ପିନର ୩୮ଟି ହାସଲ କରିଛନ୍ତି।
- ୧୯୬୯ରେ ଭାରତ ଓ ପାକିସ୍ତାନ ମଧରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପିନରମାନେ ୩୭ଟି ଉଇକେଟ୍ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ- ୨୯୦/୧୦ (ସାମ କୁରାନ ୬୪, ଜୋଶ୍ ବଟ୍‌ଲର ୬୩, ଦିଲରୁୱାନା ପେରେରା ୪/୬୧)।
- ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୩୬/୧୦ (ରୋଶନ ସିଲ୍‌ଭା ୮୫, କରୁଣାରତ୍ନେ ୬୩, ଲିଚ୍ ୩/୭୦)।
- ଇଂଲଣ୍ଡ ୨ୟ ଇନିଂସ- ୩୪୬/୧୦ (ରୁଟ୍ ୧୨୪, ବେନ୍ ଫୋକ୍ସ ୬୫, ଅକିଲ ଧନଞ୍ଜୟ ୬/୧୧୫)।
- ଶ୍ରୀଲଙ୍କା ୨ୟ ଇନିଂସ- ୨୪୩/୧୦ (ମାଥ୍ୟୁସ ୮୮, ରୋଶନ ସିଲ୍‌ଭା ୩୭, ଲିଚ୍ ୫/୮୩)।

ଏଟିପି ଫାଇନାଲ୍ସ

## ଜୋକୋଭିଚ୍‌-–ଜେଭରେଭ ଫାଇନାଲ

ଲଣ୍ଡନ, ୧୮।୧୧(ଏଏଫ୍‌ପି)

ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ଏଟିପି ଫାଇନାଲ୍ସ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସର୍ବିୟା ତାରକା ଜୋକୋଭିଚ୍ ୬-୨, ୬-୨ ସିଧାସଳଖ ସେଟ୍‌ରେ ୪ର୍ଥ ସିଡ୍ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନଙ୍କୁ ହରାଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଜୋକୋଭିଚ୍‌ଙ୍କ



ନୋଭାକ ଜୋକୋଭିଚ୍

ମୁକାବିଲା ଜର୍ମାନୀର ୨୧ ବର୍ଷୀୟ ଉଦୀୟମାନ ଖେଳାଳି ଆଲେକ୍ସଜାଣ୍ଡର ଜେଭରେଭଙ୍କ ସହ ହେବ। ପୂର୍ବରୁ ଅନ୍ୟ ଏକ ସେମିଫାଇନାଲ ମ୍ୟାଚ୍‌ରେ ଜେଭରେଭ ୭-୫, ୭-୬ (୭/୫) ସେଟ୍‌ରେ କିମ୍ବଦନ୍ତୀ ସୁଇଜରଲାଣ୍ଡ ଖେଳାଳି ରୋଜର ଫେଡେରରଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ପୁରୁଷ ସିଙ୍ଗଲ୍ସ ତାଲିକାର ଶ୍ରେଷ୍ଠ-୮ ଖେଳାଳିଙ୍କୁ ନେଇ ସିଜନ ଶେଷରେ ଏଟିପି ଫାଇନାଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।

# ଓଡ଼ିଶା ମହିଳା କ୍ରିକେଟ୍ ଟିମ୍ ବିଜୟୀ

ବାଲେଶ୍ୱର ଅଫିସ, ୧୮।୧୧

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡ ମି' ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଓଡ଼ିଶା ମହିଳା କ୍ରିକେଟ୍ ଟିମ୍ ଏବଂ ପଶ୍ଚିମବଙ୍ଗ ମହିଳା କ୍ରିକେଟ୍ ଟିମ୍ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶା ମହିଳା କ୍ରିକେଟ୍ ଟିମ୍ ସହଜସାଧ ଭାବରେ ବିଜୟୀ ହୋଇଥିଲା। ଯୁବନେତା ଦୀପକ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଭାପତି ସତ୍ୟପଦ କର, ସମ୍ପାଦକ ବିଶ୍ୱଜିତ୍ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ଟସ୍ ଜିତି ପଶ୍ଚିମବଙ୍ଗ ମହିଳା କ୍ରିକେଟ୍ ଟିମ୍ ୨୦ ଓଭରରେ ୯ ଉଇକେଟ୍ ହରାଇ ୩୮ ରନ୍ କରିଥିଲା। ପଶ୍ଚିମବଙ୍ଗ ମହିଳା କ୍ରିକେଟ୍ ଟିମ୍ ତରଫରୁ ମାନବି ମହତା ୩୪ ବଲ୍‌ରୁ ସର୍ବାଧିକ ୬ ରନ୍ କରିଥିବା ବେଳେ ପାୟଲ ଶାହା ୩୩ ବଲ୍ ଖେଳି ମାତ୍ର ୫ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଓଡ଼ିଶା ମହିଳା କ୍ରିକେଟ୍ ଟିମ୍ ୪.୪ ଓଭର୍‌ରେ ୩ ଉଇକେଟ୍ ହରାଇ ୩୯ ରନ୍ କରି ବିଜୟୀ ହୋଇଥିଲା। ଦଳ ତରଫରୁ ସରୋଜିନି ଗିରି ୧୧ ବଲ୍‌ରୁ ୧୭ ରନ୍ ଏବଂ ସ୍ୱିଟ୍ ବେଉରା ୫ ବଲ୍‌ରେ ୭ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ମହିଳା କ୍ରିକେଟ୍ ଟିମ୍‌ର ଏସ୍.ବି. ଲୋରେନ୍ସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରାଜେଶ ମହାପାତ୍ର, ପ୍ରୀତିରଞ୍ଜନ, ବିଜୟ ସିଂ ଅମ୍ପାୟାର୍ ଭାବେ କାର୍ଯ୍ୟ କରୁଥିବା ବେଳେ ଅଶ୍ୱିନୀ ସାମଲ ଥାର୍ଡ଼ ଅମ୍ପାୟାର ଏବଂ ରଶ୍ମିରଞ୍ଜନ ପ୍ରଧାନ ସ୍କୋରର୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଆୟୋଜିତ ଦିବାରାତ୍ର ଫାଇନାଲ୍ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଏବଂ ତାମିଲନାଡୁ ଏଫ୍‌ଆଇସି ଏକାଡ଼େମୀ ମଧ୍ୟରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କ୍ରୀଡ଼ାବିତ୍ ଦୂତୀ ଚାନ୍ଦ ଏହାକୁ ଉଦ୍‌ଘାଟନ କରିଥିଲେ।



ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି୨୦ରେ ରବିବାର ଅନୁଷ୍ଠିତ ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳି ଅତିଥିଙ୍କ ସହ ପରିଚିତ ହେଉଛନ୍ତି।

# ଅଷ୍ଟ୍ରେଲିଆକୁ ହରାଇ ଶୀର୍ଷରେ ଭାରତ

ଗୁୟାନା, ୧୮।୧୧

ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଏବଂ ବୋଲରମାନଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଭାରତ ଏଠାରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପର ଏକ ଲିଗ୍ ମ୍ୟାଚରେ ଅଷ୍ଟ୍ରେଲିଆକୁ ୪୮ ରନରେ ହରାଇ ଦେଇଛି। ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ପକ୍ଷରୁ ଧାର୍ଯ୍ୟ ୧୬୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୧୯ ରନକରି ଅଲଆଉଟ ହୋଇଯାଇଥିଲା। ମନ୍ଧାନା ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

### ମହିଳା ଟି୨୦ ବିଶ୍ୱକପ

ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତ ଏହି ବିଜୟ ଫଳରେ ୮ ପଏଣ୍ଟ ସହିତ ଗ୍ରୁପ 'ବି'ରେ ଶୀର୍ଷସ୍ଥାନ ଅଧିକାର କରିଛି। ଅଷ୍ଟ୍ରେଲିଆ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଭାରତ କାର୍ଯ୍ୟସୂଚୀ ଅନୁସାରେ ଦ୍ୱିତୀୟ ସେମିଫାଇନାଲରେ ପୁଲ୍ 'ଏ'ର ଦ୍ୱିତୀୟ ସ୍ଥାନୀୟ ଦଳକୁ ଭେଟିବ। ଅଷ୍ଟ୍ରେଲିଆ ମହିଳା ଦଳ ପ୍ରଥମ ସେମିଫାଇନାଲରେ ପୁଲ୍ 'ଏ'ର ଶୀର୍ଷ ଦଳ ସହିତ ମୁକାବିଲା କରିବ। ୨ଟି ଯାକ ସେମିଫାଇନାଲ ୨୨ ତାରିଖରେ ଅନୁଷ୍ଠିତ ହେବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ରନରେ ତାନିଆ ଭାଟିଆଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସ୍ମୃତି ମନ୍ଧାନା ଦ୍ରୁତ ହାରରେ ରନ ସଂଗ୍ରହ କରିବା ସହ ଇନିଂସ ସଜାଡ଼ିବାରେ ମନୋନିବେଶ କରିଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ୪୪ ରନ ଯୋଗ ହେବାପରେ ଓ ଜେମିମା ରୋଡ୍ରିଗ୍ସେଜ ଆଉଟ ହୋଇ ଯାଇଥିଲେ। ଏହି ପାର୍ଟନରଶିପ୍‌ରେ ରୋଡ୍ରିଗ୍ସେଜଙ୍କ ଅବଦାନ ମାତ୍ର ୬ ରନର ରହିଥିଲା। ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ କୌର ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଭାରତକୁ ଏକ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ୩ୟ ଉଇକେଟ ଭାଗୀଦାରିରେ ୬୮ ରନ ଯୋଗ ହେବାପରେ ହରମନପ୍ରୀତ ଆଉଟ ହୋଇଥିଲେ। ୨୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଧିନାୟିକା ୩ ଚୌକା ଓ ୩ ଛକା ସହାତାରେ ଦ୍ରୁତ ୪୩ ରନ ସ୍କୋର କରିଥିଲେ। ପରେ ଭାରତର ଆଉ କୌଣସି ବ୍ୟାଟ୍ସଓମ୍ୟାନ ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ ହେଁ ମନ୍ଧାନା ସମସ୍ତ ଭାର ନିଜ ଉପରକୁ ନେଇ ଭାରତ ସ୍କୋରକୁ ୧୬୭ରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୫୫ ବଲ୍‌ରୁ ୯ ଚୌକା ଓ ୩ ଛକା ସହାୟତାରେ ୮୩ ରନ ସ୍କୋର କରିଥିଲେ। ନିଜ ଶତକ ହାସଲ ଉପରେ ଧ୍ୟାନ ନ ଦେଇ ଦ୍ରୁତ ହାରରେ ରନ ସଂଗ୍ରହ ଚକ୍କରରେ ସେ ୧୯ତମ ଓଭରର ପ୍ରଥମ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଅଷ୍ଟ୍ରେଲିଆ ମହିଳାଙ୍କ ମଧ୍ୟରେ ଏଲିଶ୍ ପେରୀ ସର୍ବାଧିକ ୩ଟି, ଡେଲିସା କିମିନ୍ସ ଓ ଅଶ୍‌ଲେଗ୍ ଗାର୍ଡନର ୨ଟି ଲେଖାଏ ଏବଂ ମେଗାନ ସ୍କୁଟ୍ ଗୋଟିଏ ଉଇକେଟ ନେଇଥିଲେ।

୧୬୮ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ୨୭ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିବାରୁ ବଡ଼ ଭାଗୀଦାରି ହୋଇ ପାରି ନ ଥିଲା। ଫଳରେ ମ୍ୟାଚକୁ ଅଷ୍ଟ୍ରେଲିଆର ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇ ନ ଥିଲା। ଦଳ ପକ୍ଷରୁ ଏଲିସ ପେରୀ ସର୍ବାଧିକ ୩୯ ରନ କରି ଅପରାଜିତ ରହିଥିଲେ ହେଁ ସାଥୀ ଖେଳାଳିଙ୍କଠାରୁ ଉପଯୁକ୍ତ ସହଯୋଗ ପାଇ ନ ଥିଲେ। ଦଳ ପକ୍ଷରୁ ଅଶଲେଗ ଗାର୍ଡନର ଦ୍ୱିତୀୟ ସର୍ବାଧିକ ୨୦ ଓ ବେଥ୍ ମୁନୀ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟିକା ମ୍ୟାଗ୍ ଲାନିଂ ମାତ୍ର ୧୦ ରନରେ ସନ୍ତୁଷ୍ଟ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅନୁଜା ପାଟିଲ ୩.୪ ଓଭରରେ ମାତ୍ର ୧୫ ରନ ଦେଇ ୩ଟି ଉଇକେଟ ନେଇଥିବାବେଳେ ଦୀପ୍ତି ଶର୍ମା, ରାଧା ଯାଦବ ଓ ପୁନମ ଯାଦବ ୨ଟି ଲେଖାଏ ଉଇକେଟ ପାଇଥିଲେ।



### ଭାରତ ମ୍ୟାଚ୍‌ର ଫଳାଫଳ

- ନ୍ୟୁଜିଲାଣ୍ଡ ବିପକ୍ଷରେ ୩୪ ରନରେ ବିଜୟୀ
- ପାକିସ୍ତାନକୁ ୭ ଉଇକେଟରେ ହରାଇଲା
- ଆୟର୍ଲାଣ୍ଡ ବିପକ୍ଷରେ ୫୨ ରନରେ ବିଜୟୀ
- ଅଷ୍ଟ୍ରେଲିଆକୁ ୪୮ ରନରେ ହରାଇଲା

ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଭାରତର ସ୍ମୃତି ମନ୍ଧାନା।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୧୬୭/୮ (ମନ୍ଧାନା-୮୩, ହରମନପ୍ରୀତ-୪୩, ପେରୀ-୩/୧୬, ଡେଲିସା-୨/୪୨, ଅଶଲେଗ୍-୨/୨୫, ମେଗାନ-୧/୩୦)। ଅଷ୍ଟ୍ରେଲିଆ ୨୦ ଓଭରରେ ୧୧୯/ଅଲଆଉଟ (ପେରୀ-୩୯*, ଅଶଲେଗ୍-୨୦, ମୁନୀ-୧୯, ଅନୁଜା-୩/୧୫, ଦୀପ୍ତି-୨/୨୪, ରାଧା-୨/୧୩, ପୁନମ-୨/୨୮)।

■ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍

# ଜୋର୍ଡାନଠାରୁ ହାରିଲା ଭାରତ

ଅମ୍ମାନ, ୧୮।୧୧(ପି.ଟି.)

ଜୋର୍ଡାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ମ୍ୟାଚ୍‌ରେ ଜୋର୍ଡନ ୨-୧ ଗୋଲରେ ବିଜୟଲାଭ କରିଛି। ଦୁଇଦେଶ ମଧ୍ୟରେ ଏହା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା।

ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ୨୫ତମ ମିନିଟ୍‌ରେ ଘରୋଇ ଜୋର୍ଡାନ ଦଳର ଅଧିନାୟକ ତଥା ଗୋଲକିପର ଅମର ଶାଫି ମହମ୍ମଦ ସବା ଏକ ଲମ୍ବା କିକ୍ ମାରି ଭାରତୀୟ ଗୋଲକିପର ଗୁରୁପ୍ରୀତ୍ ସିଂ ସାନ୍ଧୁଙ୍କୁ ଚକ୍‌ମା ଦେଖାଇବାରେ ସଫଳ ହୋଇଥିଲେ। ଶାଫିଙ୍କ ଏହି ଦର୍ଶନୀୟ ଲମ୍ବା ଶର୍ଟ ଗୁରୁପ୍ରୀତ୍‌ଙ୍କ ସାମ୍ନାରେ ବାଉନ୍ସ ହୋଇ ତାଙ୍କ ମୁଣ୍ଡ ଉପର ଦେଇ ଗୋଲପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଫଳରେ ଜୋର୍ଡାନ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧର ୫୮ତମ ମିନିଟ୍‌ରେ ଏହସାନ ହଦାଦ୍ ଆଉ ଏକ ଗୋଲ କରି ଦଳକୁ ୨-୦ରେ ଅଗ୍ରଣୀ ଦେଇଥିଲେ। ତେବେ ଏହାର ୩ ମିନିଟ୍ ପରେ ଭାରତ ଗୋଟିଏ ଗୋଲଦେବାରେ ସମର୍ଥ ହୋଇଥିଲା। ପଦାର୍ପଣକାରୀ ନିଶୁ କୁମାରଙ୍କ ଗୋଲବଳରେ ଭାରତ ମ୍ୟାଚ୍‌କୁ ୧-୨ ସ୍ଥିତିକୁ ଆଣିଥିଲା। ଶେଷ ପର୍ଯ୍ୟନ୍ତ ଏହି ସ୍ଥିତି ବରାବର୍ ରହିବାରୁ ଜୋର୍ଡାନ ୨-୧ରେ ବିଜୟଲାଭ କରିଥିଲା। ତାରକା ଖେଳାଳି ସୁନୀଲ ଛେତ୍ରୀଙ୍କ ବିନା ଭାରତ ଏହି ମ୍ୟାଚ୍ ଖେଳିଥିଲା।

ଉଲ୍ଲେଖଯୋଗ୍ୟ, କୁଏଟ୍ ସିଟି ବିମାନ ବନ୍ଦରରେ ପ୍ରବଳ ବର୍ଷା ଲାଗି ଭାରତୀୟ ଦଳର ୭ ଜଣ ଖେଳାଳି ଓ ଅଫିସିଆଲ ସେଠାରେ ଫସି ଯାଇଥିଲେ। ଫଳରେ ସେମାନେ ପରେ ଶୁକ୍ରବାର ବିଳମ୍ବିତ ରାତିରେ ଅମାନରେ ପହଞ୍ଚିଥିଲେ। ଏହାପରଦିନ ଅର୍ଥାତ ଶନିବାର ମ୍ୟାଚ୍ ଖେଳିବା ସମ୍ଭବପର ନ ଥିଲା। ତେଣୁ ପ୍ରଥମେ ଏହି ମ୍ୟାଚ୍‌କୁ ବାତିଲ୍ କରିଦିଆଯାଇଥିଲେ ମଧ ପରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଖେଳାଳିମାନେ କୁଏଟ୍ ବିମାନବନ୍ଦରରେ ସେମାନଙ୍କ କିଟ୍ ବ୍ୟାଗ୍ ଛାଡ଼ି ଆସିଥିବାରୁ ସମସ୍ତ ସଦସ୍ୟ ନୂତନ ଜୋତା ପିନ୍ଧି ଏହି ମ୍ୟାଚ୍ ଖେଳିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ନଭେମ୍ବର ୧୯/୨୦୧୮



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



# ପଶ୍ଚିମ ଓଡ଼ିଶାରେ ପଛେଇଛି ବିକାଶ

**୧୮ ବର୍ଷରେ ୧୮ଶହ କୋଟି ଅନୁଦାନ**
- ୩ ହଜାର ୨୧୧ ପ୍ରକଳ୍ପ ଅନୁମୋଦନ
- ଖର୍ଚ୍ଚ ନ ହୋଇ ପଡ଼ିରହିଛି ୩୫୫ କୋଟି
- ପ୍ରଶାସନିକ ଅବହେଳା, ରାଜନୈତିକ ହସ୍ତକ୍ଷେପ କାରଣ

**ସମ୍ବଲପୁର,୧୮।୧୧(ବ୍ୟୁରୋ)** ପଶ୍ଚିମ ଓଡ଼ିଶାର ୧୦ ଜିଲାରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଗଠନ ହୋଇଥିଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ। ଏହାର କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ୨୦୦୦ ମସିହାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ପ୍ରତି ଜିଲାର ସହର ଓ ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟକୁ କମିଟି ତର୍ଜମା କରି ରିପୋର୍ଟ ପ୍ରସ୍ତୁତ କରିଥିଲା। ସେଥିରେ ଗ୍ରାମାଞ୍ଚଳର ବିକାଶ ଦ୍ରୁତଗତିରେ ହୋଇପାରୁ ନ ଥିବା ଦର୍ଶାଯାଇଥିଲା। ଏଣୁ କମିଟିକୁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି କରିଥିଲେ। ତଦନୁଯାୟୀ, ଜିଲାଗୁଡ଼ିକରୁ ଅନୁମୋଦନ ହୋଇଆସୁଥିବା ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରତିବର୍ଷ ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିକୁ ଅନୁଦାନ ଦେଇଆସୁଛନ୍ତି। ଏପରି ସ୍ଥଳେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବରଗଡ଼, ନୂଆଁପଡ଼ା, ବୌଦ୍ଧ ଜିଲାକୁ ୧୮ ବର୍ଷରେ ୧୮ଶହ ୮୮କୋଟି ଟଙ୍କାର ଅନୁଦାନ ମିଳିଛି। ଶିକ୍ଷା, ପାନୀୟ ଜଳ, ବିଦ୍ୟୁତୀକରଣ, ସ୍ୱାସ୍ଥ୍ୟ, ଜଳସେଚନ, ରାସ୍ତାଘାଟ ନିର୍ମାଣ ପାଇଁ ୩ ହଜାର ୨୧୧ ଛୋଟ ବଡ଼ ପ୍ରକଳ୍ପ ଅନୁମୋଦିତ ହୋଇଛି। ହେଲେ ମଞ୍ଜୁର ହୋଇଥିବା ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହୁଛି। ଯେଉଁ ବିଭାଗକୁ ଅନୁଦାନ ପ୍ରଦାନ କରାଯାଇଛି, ସେଥିରେ ଅଯଥା ରାଜନୈତିକ ହସ୍ତକ୍ଷେପ ଓ ବିଭାଗୀୟ ଆନ୍ତରିକତାର ଅଭାବରୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖାଯାଇଛି। ଏପରି କି ମଞ୍ଜୁର ଅର୍ଥରେ ହୋଇଥିବା କାର୍ଯ୍ୟ ସଂକ୍ରାନ୍ତ ଉପଯୋଗ ବା ବିନିଯୋଗ ପ୍ରମାଣପତ୍ର ଦାଖଲ ହୋଇପାରୁନାହିଁ। ଅନୁଦାନ ମଞ୍ଜୁର ହେଲା ପରେ ଅନେକ ସ୍ଥାନରେ କାମକୁ ନେଇ ରାଜନୈତିକ ଚାପ ପଡୁଛି। ନେତାମାନେ ନିଜ ସମର୍ଥକମାନଙ୍କ ନାମରେ କାମ କରିବାକୁ ଜୋର୍ ଯାର୍ ମୁଳକ ତାର୍ ନୀତିକୁ ଆପଣେଇ ନେଉଛନ୍ତି। ଫଳରେ ପଶ୍ଚିମ ଓଡ଼ିଶାର ବିକାଶ ଧାରା ଧିମେଇ ପଡ଼ିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଏଠାରେ ସୂଚନାଯୋଗ୍ୟ, ପରିଷଦ ଗଠନ ପରେ ୧୦ ଜିଲାକୁ ପ୍ରଥମେ ବାର୍ଷିକ ୫୦ ଲକ୍ଷ ଟଙ୍କା ଅନୁଦାନ ସରକାର ଦେଉଥିଲେ। ପରେ ୧ କୋଟି ୫୦ ଲକ୍ଷ ଓ ଏବେ ବାର୍ଷିକ ୧୦୦ କୋଟି ଅନୁଦାନ ମଞ୍ଜୁର ହୋଇଛି। ଅର୍ଥାତ୍ ପ୍ରତି ଜିଲାକୁ ହାରାହାରି ପ୍ରାୟ ୧୦ କୋଟିର ପ୍ୟାକେଜ୍ ଦିଆଯାଉଛି। ମୁଖ୍ୟତଃ ଶିକ୍ଷା, ସଂସ୍କୃତି ଓ ଲୋକଙ୍କ ଅତ୍ୟାବଶ୍ୟକ ସମସ୍ୟା ଦିଗରେ ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ମାତ୍ର ୩୫୫ କୋଟି ଖର୍ଚ୍ଚ ହୋଇ ନ ପାରି ପଡ଼ିରହିଛି। ଅନ୍ୟପଟେ ଯେଉଁ ଟଙ୍କା ଖର୍ଚ୍ଚ ହୋଇଛି ସେ ସମ୍ପର୍କିତ ଉପଯୋଗ ପ୍ରମାଣପତ୍ର (ୟୁସି) କାହିଁକି ଦାଖଲ କରାଯାଇନାହିଁ ସନ୍ଦେହ ସୃଷ୍ଟି କରିଛି।

୧୮ ବର୍ଷରେ ସମ୍ବଲପୁର ଜିଲାକୁ ୧୯୪ କୋଟି ୬୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ୧୭୦ କୋଟି ଅନୁଦାନ ମିଳିଛି। ହେଲେ ଜିଲାର ବିଭିନ୍ନ ବ୍ଲକରେ ୪୦ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି। ଆର୍ଥିକ ବର୍ଷ ୨୦୦୧-୦୨, ୨୦୦୨-୦୩, ୨୦୦୪-୦୫, ୨୦୦୫-୦୬ରେ ମିଳିଥିବା ଅନୁଦାନ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଅନ୍ୟ ବର୍ଷମାନଙ୍କରେ କିନ୍ତୁ ବ୍ୟତିକ୍ରମ ଘଟିଛି। ଏ ସମ୍ପର୍କରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତିଙ୍କୁ ପଚାରିବାରେ ଅନୁଦାନ ଖର୍ଚ୍ଚ କରି ୟୁସି ଦାଖଲ କରିବାକୁ ବାରମ୍ବାର ଜିଲାପାଳମାନଙ୍କୁ କୁହାଯାଉଛି। ଯେଉଁ ବିଭାଗରେ କାମ ଅସମ୍ପୂର୍ଣ୍ଣ ରହିଛି, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିର୍ଦ୍ଦେଶ ଦିଆହୋଇଛି ବୋଲି ସେ କହିଛନ୍ତି।

# ଆଖିବୁଜିଲା ଅସୁସ୍ଥ ଦନ୍ତା

**ଟାଙ୍ଗୀ (କଟକ), ୧୮।୧୧(ଡି.ଏନ୍.ଏ):** କଟକ ବନଖଣ୍ଡ ଡାଳିଯୋଡା ରେଞ୍ଜ ସଫା ସେକ୍ସନ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ହଳଦୀବସନ୍ତ ଗ୍ରାମ ନିକଟରେ ଚିକିତ୍ସାଧୀନ ଏକ ଦନ୍ତାହାତୀର ରବିବାର ଭୋର ସମୟରେ ମୃତ୍ୟୁ ଘଟିଛି। ଖବରପାଇ ସହକାରୀ ବନଖଣ୍ଡ ଅଧିକାରୀ ଶରତ ସାହୁ, ରେଞ୍ଜ ଅଫିସର ମନୋରଞ୍ଜନ ସ୍ୱାଇଁ ଓ ବନ ବିଭାଗର ବହୁ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ବ୍ୟବଚ୍ଛେଦ କରାଇ ଉକ୍ତ ସ୍ଥାନରେ ପୋତି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ରାତିରେ ଏକ ହାତୀପଲ ସ୍ଥାନୀୟ ପ୍ରମୋଦ ଉଦ୍ୟାନ ପରିସରରୁ ବାହାରି ହଳଦୀବସନ୍ତ ଗ୍ରାମର ଧାନବିଲରେ ପଶିଥିଲେ। ରାତି ପାହିଲା ବେଳକୁ ସମସ୍ତେ ଫେରିଯାଇଥିଲେ ମଧ୍ୟ ଉକ୍ତ ହାତୀଟି ବିଲ ମଝିରେ ରହିଯାଇଥିଲା। ଚାଷୀମାନେ ଶୁକ୍ରବାର ଦିନତମାମ୍ ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶନିବାର ସକାଳୁ ହାତୀଟି ଗୁରୁତର ହୋଇ ବିଲ ନିକଟ ଗଛ ତଳେ ପଡିଯାଇଥିଲା। ହାତୀ ପାଟିରେ ଘା' ସୃଷ୍ଟିହୋଇ ସେଥିରେ ପୋକ ଚାଲୁଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀ ଓ ବିଶେଷଜ୍ଞ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ହାତୀର ଚିକିତ୍ସା କରିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଖାଦ୍ୟାଭାବରୁ ହାତୀର ସ୍ୱାସ୍ଥ୍ୟାବସ୍ଥା ସଂପୂର୍ଣ୍ଣ ବିଗିଡ଼ିଥିବା ଜାଣି ଚିକିତ୍ସା ଆରମ୍ଭ କରାଯାଇଥିଲେ ହେଁ ଶେଷରେ ହାତୀର ମୃତ୍ୟୁ ଘଟିଥିଲା।



## ■ ରାଜ୍ୟ ଯୁବ ମହୋତ୍ସବର ଫଳାଫଳ

# ଲୋକଗୀତରେ ପୁରୀ, ଲୋକନୃତ୍ୟରେ ବରଗଡ଼ ପ୍ରଥମ

**ଯାଜପୁର ଅଫିସ,୧୮।୧୧:** ଯାଜପୁର ଜିଲାରେ ପ୍ରଥମ କରି ଅନୁଷ୍ଠିତ ହୋଇଥିବା ୨୪ତମ ରାଜ୍ୟ ଯୁବ ମହୋତ୍ସବର ରବିବାର ଫଳାଫଳ ପ୍ରକାଶ ପାଇଛି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଲୋକସଂଗୀତରେ ପୁରୀ ଜିଲାର ସାଂସ୍କୃତିକ ଦଳ ଲକ୍ଷ୍ମୀପୁରାଣ ଗାନ କରି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଲୋକନୃତ୍ୟରେ ବରଗଡ ଦଳ ବାଜି ମାରିଛି। ଏହି ଉତ୍ସବରେ ପ୍ରାୟ ୨୫୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ୪ ଦିନ ଧରି ଅନୁଷ୍ଠିତ ଏହି ଯୁବ ମହୋତ୍ସବକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ରାଜ୍ୟ ଯୁବ ମହୋତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଜାତୀୟ ଯୁବ ମହୋତ୍ସବରେ ଭାଗ ନେଇପାରିବେ।

| | |
|---|---|
| **ଲୋକ ସଂଗୀତ** | |
| ପୁରୀ | ପ୍ରଥମ |
| ସମ୍ବଲପୁର ଓ ଗଞ୍ଜାମ | ଦ୍ୱିତୀୟ |
| ବଲାଙ୍ଗୀର/ଯାଜପୁର | ତୃତୀୟ |
| **ଲୋକନୃତ୍ୟ** | |
| ବରଗଡ | ପ୍ରଥମ |
| ମୟୂରଭଞ୍ଜ | ଦ୍ୱିତୀୟ |
| ବଲାଙ୍ଗୀର ଓ କଳାହାଣ୍ଡି | ତୃତୀୟ |
| **ଏକକ ଅଭିନୟ** | |
| ନୟାଗଡ | ପ୍ରଥମ |
| ଖୋର୍ଦ୍ଧା | ଦ୍ୱିତୀୟ |
| ଗଞ୍ଜାମ | ତୃତୀୟ |
| **କ୍ଲାସିକାଲ ଇନଷ୍ଟ୍ରୁମେଣ୍ଟ ଫ୍ଲୁଏଟ (ବଂଶୀ)** | |
| ମନିଷା ପଣ୍ଡା, ଯାଜପୁର | ପ୍ରଥମ |
| ଲକ୍ଷ୍ମୀପ୍ରସାଦ ମଲ୍ଲିକ, ପୁରୀ | ଦ୍ୱିତୀୟ |
| ତନ୍ମୟ ମହାନନ୍ଦା, ବଲାଙ୍ଗୀର | ତୃତୀୟ |
| **ବାକ୍‌ପଟୁତା** | |
| ପ୍ରତ୍ୟୁଷା ଅମନ୍ତ, ଅନୁଗୋଳ | ପ୍ରଥମ |
| ଶର୍ମିଷ୍ଠା ବେହେରା, ନୟାଗଡ | ଦ୍ୱିତୀୟ |
| ତାନଭି ଅଗ୍ରୱାଲ, ରାୟଗଡା ଓ ଗୀତାଞ୍ଜଳି ସୁଆର, ଭଦ୍ରକ | ତୃତୀୟ |
| **ହାରମୋନିୟମ** | |
| ଲିପ୍‌ସା ନାୟକ, ଯାଜପୁର | ପ୍ରଥମ |
| ଧନେଶ୍ୱର ଓଝା, ଭଦ୍ରକ | ଦ୍ୱିତୀୟ |
| ଶାନ୍ତନୁ ମାଝୀ, କଳାହାଣ୍ଡି | ତୃତୀୟ |
| **ଭୋକାଲ କର୍ନାଟକୀ ଗୀତ** | |
| ଏଲାନ ପଧାନ, ଗଜପତି | ପ୍ରଥମ |
| ଭି. କାମେଶ୍ୱର, ଗଞ୍ଜାମ | ଦ୍ୱିତୀୟ |
| ରାଧାରାଣୀ ପଟ୍ଟନାୟକ, ଜଗତସିଂପୁର | ତୃତୀୟ |
| **ହିନ୍ଦୁସ୍ତାନୀ ଭୋକାଲ** | |
| ଅଙ୍କିତା ପଣ୍ଡା, ଢେଙ୍କାନାଳ | ପ୍ରଥମ |
| ସୁମନ୍ତ ମହାରଣା, ଖୋର୍ଦ୍ଧା ଓ ଗୋପାଳକୃଷ୍ଣ ସାହୁ, କଟକ | ଦ୍ୱିତୀୟ |
| ଶୁକଦେବ ପ୍ରଧାନ, ମୟୂରଭଞ୍ଜ | ତୃତୀୟ |
| **ମୃଦଙ୍ଗ** | |
| ଶ୍ୟାମଘନ ବେହେରା, ଗଞ୍ଜାମ | ପ୍ରଥମ |
| ପବିତ୍ର ସାହୁ, ପୁରୀ | ଦ୍ୱିତୀୟ |
| ମାନସରଞ୍ଜନ ସାହୁ, କଳାହାଣ୍ଡି | ତୃତୀୟ |
| **ଓଡ଼ିଶୀ** | |
| ଦୀପାସି ପଟ୍ଟନାୟକ, ପୁରୀ | ପ୍ରଥମ |
| ହରେକୃଷ୍ଣ ଧଳ, ଖୋର୍ଦ୍ଧା | ଦ୍ୱିତୀୟ |
| ପିନାକୀ ଦାସ, ଅନୁଗୋଳ | ତୃତୀୟ |
| **କଥକ ନୃତ୍ୟ** | |
| ପ୍ରିୟଦର୍ଶିନୀ ଦାସ, ଗଞ୍ଜାମ | ପ୍ରଥମ |
| ସ୍ନେହାସିନୀ ନାୟକ, ଯାଜପୁର | ଦ୍ୱିତୀୟ |
| ସୁଇଟି ସିହ୍ନା, ଭଦ୍ରକ | ତୃତୀୟ |
| **ଭାରତନାଟ୍ୟମ୍** | |
| ରାଧେଶ୍ୟାମ ତରାଇ, ଗଞ୍ଜାମ | ପ୍ରଥମ |
| ସୃଷ୍ଟି ସାହୁ, ରାୟଗଡା | ଦ୍ୱିତୀୟ |
| ପ୍ରତୀକ୍ଷା ମହାନ୍ତି, ଯାଜପୁର | ତୃତୀୟ |
| **ମଣିପୁରୀ ନୃତ୍ୟ** | |
| ଲଳିତ କୁମାର ଦାସ, କେନ୍ଦ୍ରାପଡା | ପ୍ରଥମ |
| ବିକ୍ରମ ବାରିକ, ଭଦ୍ରକ | ଦ୍ୱିତୀୟ |
| **କୁଚିପୁଡି ନୃତ୍ୟ** | |
| ଉର୍ମିଳା ପଟ୍ଟନାୟକ, ଗଜପତି | ପ୍ରଥମ |
| ଏନ. ବୈଷ୍ଣବ ରାଉଳ, ପୁରୀ | ଦ୍ୱିତୀୟ |
| ସୁଶ୍ରୀ ମୋନାଲିସା ଦାସ, ଗଞ୍ଜାମ | ତୃତୀୟ |
| **ତବଲା ବାଦ୍ୟ** | |
| ଗଣେଶ ରାଉତ, ଅନୁଗୋଳ | ପ୍ରଥମ |
| ପ୍ରଜ୍ୟୋତିକା ମିଶ୍ର, ବଲାଙ୍ଗୀର | ଦ୍ୱିତୀୟ |
| ବୀରଭଦ୍ର ଜେନା, କେନ୍ଦୁଝର | |
| ମାତୃପ୍ରସାଦ ପଣ୍ଡା, କଟକ | ତୃତୀୟ |
| **ଗୀଟାର** | |
| ପିନାକୀ ପ୍ରସାଦ ସିଂ, ଅନୁଗୋଳ | ପ୍ରଥମ |
| ଓମ୍‌କାର ଦାସ, ଯାଜପୁର | ଦ୍ୱିତୀୟ |
| କାଳୁଚରଣ ମହାରଣା, ଗଞ୍ଜାମ | ତୃତୀୟ |
| **ସିତାର** | |
| ଶିବାନୀ ଚାନ୍ଦ, ସମ୍ବଲପୁର | ପ୍ରଥମ |
| ସତ୍ୟବାନ ସେଠୀ, ପୁରୀ | ଦ୍ୱିତୀୟ |
| ବଂସିତା ସାହୁ, ଖୋର୍ଦ୍ଧା | ତୃତୀୟ |
| **କଲ୍‌ଚରାଲ ରାଲି** | |
| ବରଗଡ ଦଳ | ପ୍ରଥମ |
| ଝାରସୁଗୁଡା ଦଳ | ଦ୍ୱିତୀୟ |
| ଯାଜପୁର ଦଳ | ତୃତୀୟ |

## ■ ଚର୍ଚ୍ଚାରେ ଢେଙ୍କାନାଳ ଜିଲା ଚିକିତ୍ସାଳୟ

# ୪ର୍ଥ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା

- ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା
- ଦୀର୍ଘ ସମୟ ଧରି ଅଧିକାରୀଙ୍କ ଦେଖାମିଳିଲାନି

**ଢେଙ୍କାନାଳ ଅଫିସ, ୧୮।୧୧** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଛି। ସ୍ୱାସ୍ଥ୍ୟକେନ୍ଦ୍ରର ୪ର୍ଥ ମହଲାରେ ଥିବା ମେଡିସିନ ୱାର୍ଡ କରିଡର ଝରକାରୁ ଡେଇଁ ଜଣେ ରୋଗୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭାପୁର ଫାଣ୍ଡି ଅଧୀନ ହରିଡ଼ାପଶି ଗ୍ରାମର ଖଗେଶ୍ୱର ଭୋଳ (୩୮)। ଘଟଣା ପରେ ଚିକିତ୍ସାଳୟ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ଗ୍ୟାସ୍ଟ୍ରିକ୍ ରୋଗରେ ଆକ୍ରାନ୍ତ ଖଗେଶ୍ୱର ଚିକିତ୍ସା ଲାଗି ପ୍ରଥମେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରୁ ରେଫର ହୋଇ ଶନିବାର ପୂର୍ବାହ୍ନ ୧୧ଟାରେ ସେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଆଟେଣ୍ଡାଣ୍ଟ ଭାବେ ତାଙ୍କ ମା' ଖୁଲଣ ଭୋଳ ଏବଂ ଅନ୍ୟଜଣ ସମ୍ପର୍କୀୟ ପାଖରେ ଥିଲେ। ବିଳମ୍ବିତ ରାତିରେ ସେ ଝରକା ତଳକୁ ଡେଇଁ ପଡ଼ିଥିଲେ। ପ୍ରଚଣ୍ଡ ଶବ୍ଦ ଶୁଣି ସୁରକ୍ଷା କର୍ମୀ ଆସି ଦେଖିବାବେଳକୁ ଖଗେଶ୍ୱର କ୍ଷତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଆଉଟ୍‌ଡୋରକୁ ନିଆଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ପ୍ରଚାରିତ ହେବା ପରେ ରବିବାର ଚିକିତ୍ସାଳୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ଦୀର୍ଘ ସମୟ ଧରି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ସୂଚନାପାଇ ଟାଉନ ଥାନା, ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ଏ ନେଇ ନଂ. ୨୮/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଏସ୍ଆଇ କ୍ଷୀତିଶ ପାତ୍ର ସୂଚନା ଦେଇଛନ୍ତି

ଏ ସଂକ୍ରାନ୍ତରେ ସିଡିଏମ୍ଓ ଦାୟିତ୍ୱରେ ଥିବା ବରିଷ୍ଠ ଚିକିତ୍ସକ ଜଗଦାନନ୍ଦ ତ୍ରିପାଠୀ କୁହନ୍ତି, ଝରକା ପଟେ ଡେଇଁ ପଡ଼ିବାରୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ଏ ନେଇ ଉପଜିଲାପାଳ ପୀତାମ୍ବର ସାମଲ କୁହନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସହାୟତା ରାଶି ଯୋଗାଇ ଦେବାକୁ ସରପଞ୍ଚଙ୍କୁ କୁହାଯାଇଛି। ଯୋଗ୍ୟତା ଅନୁଯାୟୀ ଜାତୀୟ ପରିବାର ସୁରକ୍ଷା ଯୋଜନା ଆନୁକୂଲ୍ୟରେ ମଧ୍ୟ ସହାୟତା ପ୍ରଦାନ କରାଯିବ।

DADLS-181



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ
୧୯ ନଭେମ୍ବର ୨୦୧୮

ସାଧାରଣ ସଭା
ସମୟ - ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ - ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ
ସମ୍ମାନିତ ଅତିଥି - ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା
ମୁଖ୍ୟବକ୍ତା - ପ୍ରଫେସର ରାଜକିଶୋର ମିଶ୍ର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସାଂସ୍କୃତିକ କାର୍ଯ୍ୟକ୍ରମ - ସୀତାଂଶୁ ଶେଖର ରାଉତ, ବଶିଷ୍ଠ କୁମାର, ପ୍ରେମ୍ କୁମାର, ଅଞ୍ଜନି ରାଉତରାୟ, ତପସ୍ୱିନୀ ଓ ଶ୍ୱେତପଦ୍ମାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0400/1819




# ନରସିଂହଙ୍କ ଉପରେ ବର୍ଷିଲେ କୃଷ୍ଣ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)** ବିଧାୟକ ପଦରୁ କୃଷ୍ଣ ସାଗରିଆ ଇସ୍ତଫା ଦେବା ନେଇ ବିଧାନସଭାର ଶୀତକାଳୀନ ଅଧିବେଶନ ପାଇଁ ବସିଥିବା କଂଗ୍ରେସ ବିଧାୟକ ଦଳ ବୈଠକରେ ଆଲୋଚନା ହୋଇଥିଲା। କିଛି ନେତାଙ୍କ କଥାରେ ପ୍ରଭାବିତ ହୋଇ କୃଷ୍ଣ ନିଜ ପଦରୁ ଇସ୍ତଫା ଦେଇଥିବା ସମ୍ପର୍କରେ ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଥିଲେ। ଯାହାକୁ ନେଇ କୃଷ୍ଣ ବିରୋଧୀ ଦଳ ନେତାଙ୍କ ଉପରେ ବର୍ଷିଛନ୍ତି। ଏହି ପ୍ରସଙ୍ଗରେ ନରସିଂହଙ୍କୁ ଏକ ଚିଠି ଲେଖି କୃଷ୍ଣ କଡା ସମାଲୋଚନା କରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ନରସିଂହଙ୍କ ଆଭିମୁଖ୍ୟ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ତାଙ୍କର ଥିବା ସମ୍ପର୍କ କଥା ଦର୍ଶାଇ କୃଷ୍ଣ ସମାଲୋଚନା କରିଛନ୍ତି। କୃଷ୍ଣ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଶୀତ ଅଧିବେଶନ ପାଇଁ ବସିଥିବା ବିଧାୟକ ଦଳ ବୈଠକରେ ତାଙ୍କ ଇସ୍ତଫା ସମ୍ପର୍କରେ ବିରୋଧୀ ଦଳ ନେତା କିଛି ମତ ରଖିଥିଲେ, ତାଙ୍କ ଦୃଷ୍ଟିକୁ ଆସିଛି। କେତେଜଣ ଦଳୀୟ ନେତା ପ୍ରଭାବିତ କରିବାରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିବା ନରସିଂହ କହିଥିଲେ। ଯାହା ତାଙ୍କୁ ନିନ୍ଦିତ କରିବା ପାଇଁ ଏହା ଏକ ପ୍ରୟାସ। ନିଜ ବିବେକର ଆହ୍ୱାନରେ ସେ ଇସ୍ତଫା ଦେଇଥିବା କହିଛନ୍ତି। ଯଦି ଏହା ଦଳୀୟ ବିଶୃଙ୍ଖଳାରେ ଯାଉଛି ତେବେ ଏଭଳି ଭୁଲ୍ ସେ ବାରମ୍ବାର କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ବହୁବାର ଦଳିତ ଓ ଆଦିବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। କିନ୍ତୁ କେବେହେଲେ ନରସିଂହ ସେହି କଥାକୁ ଗୁରୁତ୍ୱ ଦେଇନାହାନ୍ତି। ଦଳିତ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାରେ (ମେଡିକାଲ, ଇଞ୍ଜିନିୟରିଂ) ସଂରକ୍ଷଣ ଦାବି ସମ୍ପର୍କରେ ବିଧାନସଭା ଭିତରେ ଆମେ ପ୍ରଶ୍ନ ଉଠାଇଥିଲୁ। ହେଲେ ସେତେବେଳେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଦଧରି ଅନୁରୋଧ କରିବାକୁ ନରସିଂହ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ନରସିଂହ ନିଜେ ଚୁପ୍‌ଚାପ୍ ହୋଇ ବସି ରହିଲେ ବୋଲି କୃଷ୍ଣ କହିଛନ୍ତି। ଦଳିତ ଓ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ଦୃଷ୍ଟିରୁ ବିରୋଧୀ ଦଳ ନେତା ଭାବେ କିଛି ଭୂମିକା ନ ଥିଲା କି ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସହ ନରସିଂହଙ୍କ ଭଲ ସମ୍ପର୍କ ଥିବାରୁ ଦଳିତ ଓ ଆଦିବାସୀଙ୍କ ପାଇଁ ସେ କିଛି କରିବେ ବୋଲି ଭାବିଥିଲି। ହେଲେ ଏହା ବଦଳରେ ତାଙ୍କୁ କେବଳ ଅପମାନ ମିଳିଥିଲା ବୋଲି କୃଷ୍ଣ କହିଛନ୍ତି।

DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୧୯/୨୦୧୮ Sambalpur, Monday, November 19/ 2018

# ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

**ବଙ୍ଗୋମୁଣ୍ଡା, ୧୮।୧୧ (ଡି.ଏନ୍.ଏ.)** ଜମି ବିବାଦକୁ କେନ୍ଦ୍ରକରି ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଡଙ୍ଗିଆ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଟିକେରଥ ପୋଡ଼ ଧନିରାମ ପୋଡ଼ ନାମକ ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଧନିରାମଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ରବିବାର ଟିକେରଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜମି ବିବାଦ


ଗିରଫ ଅଭିଯୁକ୍ତ।

ଅଭିଯୋଗ ମୁତାବକ, ଧନିରାମଙ୍କ ଜେଜେବାପାଙ୍କ ସମୟରେ ଟିକେରଥଙ୍କ ପରିବାରର ଜଣେ ବ୍ୟକ୍ତି ତାଙ୍କ ଘରେ ଶ୍ରମିକ ଭାବେ କାମ କରୁଥିଲେ। ସେତେବେଳେ ଧନିରାମଙ୍କ ଜେଜେବାପା ଉକ୍ତ ଶ୍ରମିକଙ୍କୁ କିଛି ଜମି ଉପହାର ରୂପେ ପ୍ରଦାନ କରିଥିଲେ। ଉକ୍ତ ଜମିରେ ଟିକେରଥଙ୍କ ପରିବାର ଲୋକେ ଗୋବର, ଅଳିଆ ଆବର୍ଜନା ଆଦି ପକାଉଥିଲେ। ଏନେଇ ଧନିରାମ ଓ ଟିକେରଥଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଶୁକ୍ରବାର ସକାଳେ ଧନିରାମ ଘରୁ ବାହାରୁଥିବା ବେଳେ ଟିକେରଥଙ୍କ ପରିବାର ଲୋକଙ୍କ ସହ ତାଙ୍କର ଗଣ୍ଡଗୋଳ ଓ ହାତାହାତି ହୋଇଥିଲା। ଏଥିରେ ଟିକେରଥ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ଧନିରାମଙ୍କୁ ଆକ୍ରମଣ କରିଥିଲେ। ଫଳରେ ଧନିରାମ ଗୁରୁତର ଆହତ ହୋଇଥିଲେ। ପରିବାରର ଲୋକେ ତାଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଓ ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଶନିବାର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଟିକେରଥଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି।

# ଶମ୍ବର ଶିକାର: ଜଣେ ଗିରଫ, ୩ ଫେରାର

**ଭଟଲି,୧୮।୧୧(ଡି.ଏନ.ଏ)** ଶମ୍ବର ଶିକାର ଅଭିଯୋଗରେ ବରଗଡ଼ ଜିଲା ଭଟଲି ରେଞ୍ଜ ନଳିଚୁଆଁରୁ ବନ ବିଭାଗ ରବିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଭିମନ୍ୟୁ ଭୁଏ (୫୦)। ତାଙ୍କଠାରୁ ୬ କେଜି ଶମ୍ବର ମାଂସ ଜବତ ହୋଇଛି। ଏ ନେଇ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୩୦/୧୮) ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଯାଇଥିବା ବନ ବିଭାଗ ପ୍ରକାଶ କରିଛି। ତେବେ ବିଦ୍ୟୁତ ତାର ବିଛାଯାଇଥିବା ଯୋଗୁ ଶମ୍ବରର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶମ୍ବର ଶିକାର ହୋଇଥିବା ଖବର ପାଇ ରେଞ୍ଜର ରାଜେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଫରେଷ୍ଟର ସୁଦାମ ଜଗଦଲ୍ଲା, ରମେଶ ପଧାନ ଏବଂ ପାରା ଫରେଷ୍ଟ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯିବା ବାଟରେ ସେମାନେ ଅଭିମନ୍ୟୁଙ୍କୁ ଦେଖି ସେ ଧରିଥିବା ଏକ ମୁଣାକୁ ଯାଞ୍ଚ କରିବାରୁ ସେଥିରୁ ଶମ୍ବର ମାଂସ ବାହାରିଥିଲା। ପରେ ଅଧିକାରୀମାନେ ନଳିଚୂଆଁ ନିକଟ ଭାଲୁବୁଦେରରେ ଶମ୍ବର ମାଂସ କଟାଯାଇଥିବା ଖୁଣ୍ଟକୁ ଜବତ କରିଥିଲେ।


ଜବତ ମାଂସ ସହିତ ଅଭିମନ୍ୟୁ।

# ଟ୍ରକ୍‌–ବାଇକ୍‌ ଧକ୍କା: ୨ ମୃତ

**ଡୁଙ୍ଗୁରିପାଲି,୧୮।୧୧(ଡି.ଏନ୍.ଏ.)** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରଠାରୁ ବରପାଲି ଦେଇ ଯାଇଥିବା ରାସ୍ତାର ସାରସମାଲ ଆନନ୍ଦ ବଜାର ବୁଲାଣି ନିକଟରେ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମାୟାବର୍ହା ଗ୍ରାମର ସୁରେଶ ପଧାନ (୪୮) ଓ ସାହାଜବାହାଲ ଗ୍ରାମର ଅଧିକାରୀ ଦୀପ (୪୨)। ସୁରେଶ ପମ୍ପ ଚାଳକ ତଥା ଏଏସ୍‌ଏମ୍ ଭାବେ କାମ କରୁଥିବାବେଳେ ଅଧିକାରୀ ଗାଁ ସାଥୀ ଭାବେ କାମ କରନ୍ତି। ଉଭୟ ଓଡି୧୭–ଏ୪୦୨୪ନଂ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସିଜି୦୬–ଜିକେ୩୫୮୪ନଂ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ୍ ଚାଳକ ଗାଡ଼ି ନେଇ ପଳାଇଯିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଇଞ୍ଜିନ୍ ବନ୍ଦ ହୋଇଯିବାରୁ ଗାଡ଼ି ଅଟକି ଯାଇଥିଲା। ତେବେ ଚାଳକ ଗାଡ଼ିରୁ ଡେଇଁ ଫେରାର ହୋଇଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଥିଲେ। ଡୁଙ୍ଗୁରିପାରି ଥାନାଧିକାରୀ ଅମରେନ୍ଦ୍ର ଷାଣ୍ଢରେ, ରାମପୁର ଥାନାଧିକାରୀ ଗୋକୁଳ ରାଉଳ, ରାମପୁର ତହସିଲଦାର ପଞ୍ଚାନନ ପାତ୍ର, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର, ଆର୍‌ଡବ୍ଲୁଏସ୍‌ଏସ୍ ପକ୍ଷରୁ ୧୦ ହଜାର ଓ ବ୍ଲକ ଅଧ୍ୟକ୍ଷ ୧୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଥିଲେ ମଧ୍ୟ ଲୋକେ ରାସ୍ତାରୋକୋରୁ ଓହରି ନ ଥିଲେ। ଯେ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଟ୍ରକ୍ ମାଲିକ ନ ପହଞ୍ଚିଛନ୍ତି, ସେ ପର୍ଯ୍ୟନ୍ତ ମୃତଦେହ ରାସ୍ତା ଉପରୁ ହଟାଯିବ ନାହିଁ ବୋଲି ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

## ଉତ୍ତେଜନା, ରାସ୍ତା ଅବରୋଧ


ଦୁର୍ଘଟଣାଗ୍ରସ୍ତ ବାଇକ୍।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୯ ନଭେମ୍ବର, ୨୦୧୮



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ଗୁରୁତର

**ପାଇକମାଳ, ୧୮।୧୧ (ଡି.ଏନ.ଏ):** ପାଇକମାଳ ବ୍ଲକ ଭେଙ୍ଗରାଜପୁର ଧାନ ମଣ୍ଡିକୁ ବିଦ୍ୟୁତ ଲାଇନ ନେବା ପାଇଁ ହୁକ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ରୋହିତ ଭୋଇ (୪୦) । ପ୍ରଥମେ ତାଙ୍କୁ ପଦ୍ମପୁର ଡାକ୍ତରଖାନା ପଠାଯାଇଥିଲା । ସେଠାରୁ ବରଗଡ଼ ଓ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।



### ବିପଦସଙ୍କୁଳ ଝାଉଁଯୋର ବ୍ରିଜ୍

**ଅତାବିରା, ୧୮।୧୧ (ଡି.ଏନ.ଏ);** ଅତାବିରା ଓ ଭେଡେନ ବ୍ଲକକୁ ସଂଯୋଗ କରୁଥିବା ଝାଉଁଯୋର ବ୍ରିଜ୍‌ରେ ଏକ ବଡ ଫାଟ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ଏହି ବ୍ରିଜ ଉପରେ ନିର୍ଭର କରୁଥିବା ଛାତ୍ରୀଛାତ୍ର, ବାଟୋଇ, ଗାଈଗୋରୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁ ଫାଟ ହୋଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ବରପାଲି, ୧୮।୧୧ (ଡି.ଏନ.ଏ):** ବରପାଲି ବ୍ଲକ ରେମତା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିହାରୀ ପ୍ରଧାନ (୮୪)ଙ୍କ ଶନିବାର ତାଙ୍କ ବାସଭବନରେ ପରଲୋକ ହୋଇଛି । ୧୯୫୫ ମସିହାରେ ଶିକ୍ଷକତା ଆରମ୍ଭ କରି ୧୯୯୨ ମସିହାରେ ସେ ବରପାଲି ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ। ସେ ତାଙ୍କ ପଛରେ ସ୍ତ୍ରୀ ଓ ପୁଅ ଝିଅଙ୍କୁ ଛାଡି ଯାଇଛନ୍ତି । ଖବର ପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ବଡ ପୁଅ ସରୋଜ ପ୍ରଧାନ ମୁଖାଗ୍ନି ଦେଇଥିଲେ ।

# ଦୋ ଛକିରେ କଂସ ଅଭିନେତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍, ୧୮।୧୧

୨୦୧୯ ଜାନୁୟାରୀ ୧୧ରୁ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ । ଏହା ଯେତେ ନିକଟତର ହେଉଛି ବିବାଦୀୟ ପ୍ରସଙ୍ଗ ନେଇ ମହୋତ୍ସବ ସେତିକି ଚର୍ଚ୍ଚିତ ହେଉଛି । ବିଗତବର୍ଷ ଭଳି ଏଥର ମଧ୍ୟ କଂସ ବିବାଦ ଉପୁଜିଛି । କଂସ ବଦଳି ନେଇ କେତେକ ଦାବି କରୁଛନ୍ତି । ଗତବର୍ଷ ଚୟନ ହୋଇଥିବା ଯୋଗୁ ସାମ୍ପ୍ରତିକ ସ୍ଥିତିରେ କଂସ ବଦଳି ଆଦୌ ସମୀଚୀନ ନୁହେଁ ବୋଲି ଅନେକ ମତ ଦେଇଛନ୍ତି । ଏଭଳି ବିବାଦରୁ ଫାଇଦା ନେବାକୁ କଂସ ଭୂମିକା ପାଇଁ ଆଶାୟୀ ଏକ ପ୍ରକାର ଲବି ଆରମ୍ଭ କରିଦେଇଥିବା ଆଲୋଚନା ଚାଲିଛି । ଏ ନେଇ ବୈଠକ ବସିଥିଲେ ମଧ୍ୟ ଧନୁଯାତ୍ରା ମହୋତ୍ସବ ସମିତିର କଳାକାର ସମନ୍ୱୟ କମିଟି କୌଣସି ନିଷ୍କର୍ଷରେ ପହଞ୍ଚି ପାରି ନାହିଁ। ଏହି ନିଷ୍ପତ୍ତି ସମିତିର କାର୍ଯ୍ୟକାରୀ ପରିଷଦ ଉପରେ ଲଦି ଦିଆଯାଇଛି । ଆସନ୍ତା ୨୪ତାରିଖରେ ପରିଷଦର ବୈଠକ ବସିବ । ସେହି ବୈଠକରେ କଂସ ବଦଳି ନେଇ ପରିଷଦ କି ନିଷ୍ପତ୍ତି ନେବ, ସେଥିପ୍ରତି ଏବେ ସର୍ବିଙ୍କ ନଜର ରହିଛି ।

## ଆସୁଛି ବରଗଡ଼ ଧନୁଯାତ୍ରା



"ବରଗଡ଼ ଧନୁଯାତ୍ରା ବିଶ୍ୱପ୍ରସିଦ୍ଧ ବୋଲି ନାମାଙ୍କିତ ହୋଇଛି । କଂସ ଦରବାର କିମ୍ବା ମୀନା ବଜାର ପାଇଁ ଏହା ବିଶ୍ୱପ୍ରସିଦ୍ଧ ନୁହେଁ । ମହୋତ୍ସବର କଂସକୁ ନେଇ ଏହା ବିଶ୍ୱବିଖ୍ୟାତ ହୋଇପାରିଛି । ଫଳରେ ବରଗଡ଼ ଧନୁଯାତ୍ରା ମଞ୍ଚ ଏବେ ମଧ୍ୟ ବିଶ୍ୱପ୍ରସିଦ୍ଧ କଂସ ମହାରାଜଙ୍କୁ ଖୋଜୁଛି । ଏବେ ବି ମୋର ଶିରା, ପ୍ରଶିରାରେ ରକ୍ତର ଖରସ୍ରୋତା । ସୁଯୋଗ ମିଳିଲେ ନିଶ୍ଚୟ ଅଭିନୟର ପରାକାଷ୍ଠା ଦେଖାଇବି ।

**-ଗୋପାଳ ସାହୁ(ଏଲି), ପୂର୍ବତନ କଂସ ଅଭିନେତା**



"ଯେହେତୁ ଗତବର୍ଷ କଂସ ଚୟନ ହୋଇଥିଲା । ମନୋନୀତ କଳାକାର ୩ବର୍ଷ ଅଭିନୟ କରି ପାରିବେ ବୋଲି ଧନୁଯାତ୍ରା ମହୋତ୍ସବ ସମିତିର ପ୍ରାବଧାନ ରହିଛି । ସେ ବିଗତ ଏକବର୍ଷ ମଧ୍ୟରେ ଧନୁଯାତ୍ରା ମହୋତ୍ସବର କୌଣସି ନିୟମ ଉଲ୍ଲଂଘନ କରି ନାହାନ୍ତି । ଫଳରେ କାହା ସ୍ୱାର୍ଥରେ ଏହାର ବ୍ୟତିକ୍ରମ କରାଯାଉଛି । ଏହା ଆଦୌ ଗ୍ରହଣୀୟ ନୁହେଁ ।

**-ପ୍ରଶାନ୍ତ ମହାପାତ୍ର, ସମ୍ପାଦକ, ସମଲେଶ୍ୱରୀ ସଂଘ**



"ସାଧାରଣ ପରିଷଦ ବୈଠକରେ କେତେକ କଂସ ବଦଳି କଥା ଉଠାଇଥିଲେ। ଫଳରେ ସେ ନେଇ ନିଷ୍ପତ୍ତି ନେବା ପାଇଁ କଳାକାର ସମନ୍ୱୟ କମିଟିକୁ ଦାୟିତ୍ୱ ଦିଆଯାଇଥିଲା । ସେହି କମିଟି କିଛି ନିଷ୍ପତ୍ତି ନେଇ ପାରିଲେନାହିଁ ଏବଂ କାର୍ଯ୍ୟକାରୀ ପରିଷଦ କମିଟିକୁ ଦାୟିତ୍ୱ ଦେଇଛନ୍ତି । ଆସନ୍ତା ୨୪ତାରିଖରେ କାର୍ଯ୍ୟକାରୀ ପରିଷଦ ବୈଠକ ଡକାଯାଇଛି ଏବଂ ସେଥିରେ ସେ ଦିଗରେ ଯାହା କିଛି ନିଷ୍ପତ୍ତି ନିଆଯିବ ।

**-ସୁରେଶ୍ୱର ଶତପଥୀ, ଆବାହକ, ଧନୁଯାତ୍ରା ମହୋତ୍ସବ ସମିତି**



"ଗତବର୍ଷ ସାକ୍ଷାତକାରରେ ୨୨ଜଣ କଳାକାରଙ୍କୁ ପଛରେ ପକାଇ ମୁଁ କଂସ ମନୋନିତ ହୋଇଥିଲି । କମିଟି ମୋତେ ୩ବର୍ଷ କଂସ ଅଭିନୟ କରିବାର ସୁଯୋଗ ଦେଇଛି । କମିଟିର ନିଷ୍ପତ୍ତିକୁ କେବେ ଉଲ୍ଲଂଘନ କରି ନାହିଁ । ଯଦିଓ ଗତବର୍ଷ ମୋର ଅଭିନୟ କାହାକୁ ଭଲ ଲାଗି ନାହିଁ । ଏବର୍ଷ ମୁଁ ନିଶ୍ଚୟ ସେହି ଦର୍ଶକଙ୍କୁ ଖୁସି କରିବି। କାରଣ ଦୀର୍ଘ ୧୭ବର୍ଷର ବ୍ୟବଧାନ ପରେ ମୁଁ ଗତବର୍ଷ ବରଗଡ଼ ଧନୁଯାତ୍ରା ଦରବାରକୁ ଓହ୍ଲାଇଥିଲି ।

**-ଭୁବନେଶ୍ୱର ପ୍ରଧାନ, କଂସ ଅଭିନେତା, ବରଗଡ଼**

# ବିଛୁଆଁରେ ଶୀତବସ୍ତ୍ର ବଣ୍ଟନ

**ଭଟଲି, ୧୮।୧୧(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବିଛୁଆଁ ଗ୍ରାମରେ ଧୂସରବାହାଲ ସ୍ଥିତ ଜନ ପ୍ରଗତିଶୀଳ ଆଧ୍ୟାତ୍ମିକ ସଂଘ ପକ୍ଷରୁ ଚତୁର୍ଦ୍ଦଶ ବାର୍ଷିକ ଶୀତବସ୍ତ୍ର ବିତରଣ ନୃଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୌନ୍ତିଆ ନିଗମାନନ୍ଦ ଦାଶ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସଂଘ ସମ୍ପାଦକ ଶ୍ୟାମ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିବରଣୀ ପଠନ କରିଥିଲେ । ପରେ ପ୍ରକୃତି ବନ୍ଧୁ ଦୟାନିଧି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଅବହେଳିତ ବର୍ଗଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ମୁଖରେ ହସ ଫୁଟାଇ ପାରିଲେ ତାହା ପ୍ରକୃତ ମାନବସେବା ବୋଲି ମତବ୍ୟକ୍ତ କରିଥିଲେ। ବରଗଡ଼ ଆରସିଏମ୍‌ଏସ୍ ସଭାପତି ହେମନ୍ତ ପଣ୍ଡା, ହାରାଧନ ପଟେଲ, ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଭଟଲି ବ୍ଲକ ନାରଙ୍ଗପୁର ପଞ୍ଚାୟତ ଅଧୀନ ୧୫ଟି ଗ୍ରାମରୁ ୧୫୦ ଜଣ ହିତାଧିକାରୀଙ୍କୁ ଉପଢ଼ୌକନ ଏବଂ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ଶକ୍ତି ବିଶ୍ୱାଳ, ଅଶୋକ ସାହୁ, ଦିଲୀପ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ଧାନର ଆର୍ଦ୍ରତା ପରୀକ୍ଷା ନାଁରେ ଚାଷୀଙ୍କୁ ଶୋଷଣ



କାଦୋବାହାଲ ମଣ୍ଡିରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି ।

**ଅତାବିରା, ୧୮।୧୧ (ଡି.ଏନ.ଏ)**

ଧାନର ଆଦ୍ରତା ପରୀକ୍ଷା କରିବା ନାଁରେ ଶୋଷଣ କରାଯାଉଥିବା ଅଭିଯୋଗ କରି ବରଗଡ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନ କାଦୋବାହାଲ ମାର୍କେଟ ୟାର୍ଡ ପରିସରରେ ଚାଷୀମାନେ ରବିବାର ଆନ୍ଦୋଳନ କରିଛନ୍ତି। ମିଲର୍ସମାନେ ମଣ୍ଡିରେ ଧାନର ଆଦ୍ରତା ପରୀକ୍ଷା ନ କରି ମିଲ୍‌ରେ ଆଦ୍ରତା ପରୀକ୍ଷା କରୁଥିବାରୁ ଚାଷୀମାନେ ଏହାର ତୀବ୍ର ବିରୋଧ କରିଛନ୍ତି । ମଣ୍ଡିରେ ଧାନର ଆଦ୍ରତା ପରୀକ୍ଷା ବ୍ୟବସ୍ଥା କରା ନ ଗଲେ ଗୋଟିଏ ବସ୍ତା ଧାନ ବିକ୍ରି କରାଯାଇ ପାରିବ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ମିଲର୍ସମାନେ କେତେକ ତଥାକଥିତ ନେତା ଓ କର୍ମଚାରୀଙ୍କୁ ହାତ କରି ଧାନର ଆଦ୍ରତା ମଣ୍ଡିରେ ନ ଦେଖି ମିଲ୍‌ରେ କରୁଥିବାରୁ ଚାଷୀ ହଜାର ହଜାର ଟଙ୍କା ଠକେଇର ଶିକାର ହେଉଛି ବୋଲି ଚାଷୀ ଉପେନ୍ଦ୍ର ଡନସନା କହିଥିଲେ । ଏ ନେଇ ମଣ୍ଡି ଇନ୍‌ଚାର୍ଜ ସୁଦାମ ପାଣିଗ୍ରାହୀ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନେ ଅମଳ କରିଥିବା ଧାନକୁ ଭଲ ଭାବେ ଖଳାରେ ଶୁଖାଇ ଆଣିଲେ ଚାଷୀମାନେ ଯେଉଁ ଠକେଇର ଶିକାର ହେଉଛନ୍ତି ବୋଲି କହୁଛନ୍ତି ସେଭଳି ହେବ ନାହିଁ । ଶତକଡା ୧୭ ଭାଗ ଆଦ୍ରତା ଧାନର ଗ୍ରହଣୀୟ ଅଟେ । ଉତ୍ପାଦିତ ଧାନକୁ ଭଲ ଭାବେ ଶୁଖାଇ ମଣ୍ଡିକୁ ଆଣିଲା ପରେ ମଣ୍ଡିରେ ହିଁ ଆଦ୍ରତା ପରୀକ୍ଷା କରାଯିବ ଏବଂ ରାଇସ ମିଲକୁ ଧାନ ଯିବ ବୋଲି ମଣ୍ଡି ଇନଚାର୍ଜ ପାଣିଗ୍ରାହୀ କହିଥିଲେ । ତେବେ ମିଲର୍ସ ଇଛାରେ ଧାନ କିଣାବିକା ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚାଷୀ ଉପେନ୍ଦ୍ର ଡନସନା, ସୁବା ରାଓ, ରାମ ବାବୁ, ଅମିନର ଦାଶ, ରମାକାନ୍ତ କର୍ଣ୍ଣ, ଜି. ମୁରଲି, କେ. ସୁବାରାଓ ପ୍ରମୁଖ କହିଛନ୍ତି ।

# ପାଇକମାଳରେ ଗଡ଼ିଲା ସ୍ୱଚ୍ଛ ଭାରତ ରଥ



ବରଗଡ଼ ଜିଲା ପାଇକମାଳ ବ୍ଲକରେ ସ୍ୱଚ୍ଛ ଭାରତ ରଥ ଶୁଭାରମ୍ଭ କରାଯାଉଛି ।

**ପାଇକମାଳ, ୧୮।୧୧ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକରେ ରବିବାର ସ୍ୱଚ୍ଛ ଭାରତ ରଥର ଶୁଭାରମ୍ଭ ହୋଇଛି । ଏହାକୁ ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ ପତାକା ଦେଖାଇ ଆରମ୍ଭ କରିଛନ୍ତି । ଆରଡବ୍ଲ୍ୟୁଏସଏସ୍ ଜେଇ ସତ୍ୟବ୍ରତ ମାଝୀ, ସହ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ଏସଏସଜି ମହିଳାମାନେ ଉପସ୍ଥିତ ଥିଲେ । ଏହି ରଥ ପାଇକମାଳ ବ୍ଲକ ୨୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକମାନଙ୍କୁ ସ୍ୱଚ୍ଛତା ଉପରେ ବାର୍ତ୍ତା ଦେବ ବୋଲି ସେଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ।

# ଶିକ୍ଷକ ସଂଘ ଗଠିତ

**ପଦ୍ମପୁର, ୧୮।୧୧ (ଡି.ଏନ.ଏ)**

ରାଜବୋଡାସମ୍ବର ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ଏକ ମିଳିତ ବୈଠକ ଶନିବାର ପୁରୋହିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ନେହେରୁ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୃଥ୍ୱିରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମିଳିତ ଶିକ୍ଷକ ସଂଘ ଗଠନ କରାଯାଇଥିଲା। ସଭାପତି ସଦାନନ୍ଦ ପୁରୋହିତ, ଉପସଭାପତି ଅଭିଷେକ ମହାନ୍ତି, ସାଧାରଣ ସମ୍ପାଦକ ତରଣୀସେନ ବରିହା, ଯୁଗ୍ମ ସମ୍ପାଦକ ଜଗବନ୍ଧୁ ବାବୁ ଓ ସୁବାଷିନୀ କଣ୍ଟା, ଅଡିଟର ସରୋଜ ପ୍ରସାଦ ଷଡଙ୍ଗୀ, କୋଷାଧ୍ୟକ୍ଷ ସୁବାଷ ଚନ୍ଦ୍ର ନାଥ ଓ ଉପଦେଷ୍ଟା କମିଟିକୁ ଶିବ ପ୍ରସାଦ ଯୋଶୀ, ନବୀନ ତ୍ରିପାଠୀ, ଅଖିଳ ପୁରୋହିତ, ବିଶ୍ୱନାଥ ଯୋଶୀ, ଲଳିତ ଦାଶ, ଅମୃତଲାଲ ତାଣ୍ଡ ଏବଂ ଓଁକାର ସେଠଙ୍କୁ ମନୋନୀତ କରାଯାଇଥିଲା ।



ବରଗଡ଼ ଜିଲା ଭେଡେନ ବ୍ଲକ ଭାଙ୍ଗକୁଦରେ ଚରଦେଇ ଯାତ୍ରା ଅବସରରେ ମଞ୍ଚାସୀନ ଅତିଥିଗଣ ।

# ଚରଦେଇ ଯାତ୍ରା ସମ୍ପନ୍ନ

**ଭେଡ୍ଡେନ, ୧୮।୧୧(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ୍ଡେନ ବ୍ଲକ ଅନ୍ତର୍ଗତ ଭାଙ୍ଗକୁଦ ଗ୍ରାମ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଥିବା ମାଁ ଚରଦେଇ ମନ୍ଦିରରେ ବାର୍ଷିକ ଯାତ୍ରା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ମନ୍ଦିରର ପୂଜକ ଅଜିତ ଥନାପତି ପୂଜାର୍ଚ୍ଚନା କରିଥିବା ବେଳେ ମାଁଙ୍କ ବରୁଆ ଆବିର୍ଭାବ ହୋଇ ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ହୋଇଥିବା ସାଧାରଣ ସଭାରେ ସମାଜ ସୁରକ୍ଷା ସଂଗ୍ରାମ ସମିତିର ସଭାପତି ତଥା ଉଜ୍ଜ୍ୱଳ ସ୍ୱେଚ୍ଛାସେବୀ ସଂସ୍ଥାର ଉପଦେଷ୍ଟା ଗୋବିନ୍ଦ ନାଗ ମୁଖ୍ୟ ଅତିଥି, ରବିନ୍ଦ୍ର ମେଘ, ଚଣ୍ଡି ଚରଣ ଦେହେରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

# ରାଜବୋଡାସମ୍ବର ଫଟୋଗ୍ରାଫି ସଂଘର ବାର୍ଷିକୋତ୍ସବ

**ପଦ୍ମପୁର, ୧୮।୧୧ (ଡି.ଏନ.ଏ)**

ପଦ୍ମପୁର ପୁରୋହିତ କଲ୍ୟାଣ ମଣ୍ଡପଠାରେ ରାଜବୋଡାସମ୍ବର ଫଟୋଗ୍ରାଫି ସଂଘର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ପଦ୍ମପୁର ଏନଏସିର ନିର୍ବାହୀ ଅଧିକାରୀ ଅଶୋକ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ନାଟ୍ୟକାର ଅଶୋକ କୁମାର ବହିଦାରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସଂଘ ସଭାପତି ସୁବାଷ ଚନ୍ଦ୍ର ଚୋପଦାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ତ୍ରିବିକ୍ରମ ପ୍ରଧାନ ବିବରଣୀ ପଠନ କରିଥିଲେ । ବୟୋଜ୍ୟେଷ୍ଠ ଫଟୋଗ୍ରାଫର ଯଶୋବନ୍ତ ନାରାୟଣ ସିଂ ଦିବଂଗତ ଫଟୋଗ୍ରାଫର ସ୍ୱର୍ଗତ ବୀରବର ସାହୁ, ଯୋଗେନ୍ଦ୍ର ନାଥ ସିଂ ଓ ରାମନାରାୟଣ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ରମେଶ କୁମାର ବାଲି, ଦୀପକ କୁମାର ପୁରୋହିତ, ଗୋଲାପ ଚନ୍ଦ୍ର ଦାଶ, ତ୍ରିନାଥ କୁମାର ପତି ଏବଂ ରାମକୃଷ୍ଣ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ସୁଅକ୍ଷ ଫେସନ୍ ଫଟୋଗ୍ରାଫର ତଥା ସୋନିର ବ୍ରାଣ୍ଡ ଆମ୍ବାସଡର ବୀରେନ ପଟ୍ଟନାୟକ ଯୋଗଦେଇ ଫଟୋଗ୍ରାଫିର ଜଗତିକରଣ ଉପରେ ଆଲୋକପାତ କରିଥିଲେ । ଆର୍ଟ ଗ୍ୟାଲେରୀରେ ଅଂଶ ଗ୍ରହଣ କରିଥିବା ଫଟୋଗ୍ରାଫର ରାକେଶ କୁମାର ମହାଲିକ, ଶ୍ରେୟାଂଶ ପାଣିଗ୍ରାହୀ, ଆଦେଶ ଶର୍ମା, ପିସି ଚୌପଦାର, ରୂପେଶ କୁମାର ସିଂ, ଅଙ୍କିତ କୁମାର ସାହୁ ଏବଂ ଆଭାସ ପାଣିଗ୍ରାହୀଙ୍କୁ ମୁଖ୍ୟଅତିଥି ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ଏହାପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଶେଷରେ ରାଜେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜିଲା ତଥା ଜିଲା ବାହାରର ବହୁ ଫଟୋଗ୍ରାଫର ଅଂଶ ଗ୍ରହଣ କରିଥିଲେ ।

# ଚିକିତ୍ସା ଅଭାବୁ ନରକ୍ ପାଲ୍‌ଟିଛେ ଜୀବନ୍

**ଅତାବିରା, ୧୮।୧୧ (ଡି.ଏନ.ଏ)**

କାହାର ଭାଏଗ୍‌ରେ କାଣା ଅଛେ କହେବାର ଗହନ୍ ବେପାର ଆଏ। ହେଲେ ଆଜିର ଧନୀ ସଖାଲ ପାଏଲେ ଗରିବ୍ ହେଉଛେ ତ କେନ୍‌ନେ ଦୁଖି ଦରିଦର ବି ଭାଏଗ୍ ବଲେ କୋଟିପତି ହେଉଛେ । ଏନ୍‌ତା ଝନେ ଅସାହା ଫଟାକପାଲିଆ ଲୋକ୍‌କେ ଦେଖିବାକେ ମିଳିଛେ ବରଗଡ ଜିଲା ଅତାବିରା ବ୍ଲକ୍ ଟାମ୍ପରସରା ପଁଚେତ ଟାମ୍ପରସରା ଗାଁରେ। ଇ ଗାଁର ବାସିନ୍ଦା ହେଉଛନ୍ ନବୀନ ପଣ୍ଡା(୬୦)। ସେ ମାନ୍‌ସିକ୍ ରୋଗ୍‌ରେ ଆକ୍ରାଁତ୍ ଅଛନ୍। ମା'ବାପ୍ ବହୁତ୍ ଦିନୁ ଆରପାରକେ ଚାଲିଗଲେନ। ମା'ବାପ୍ ଗଲା ଉତାରୁ ସେ ଅସାହା ହେଇ ଏକ୍‌ଲିଆ ଜୀବନ୍ ବିତଉଛନ୍। ନବୀନ ନିଜେ ବିହାତୁରା ବି ନାଇଁହେଇ। ଏହେଦେ ଦେଖିରେଖି, ଚିକିତ୍ସା କରାବାକେ କେହି ନାଇଁ କହେଲେ ଚଲେ। ଯେନ୍ କେତେ ଲାଗେଲେସର ଅଛନ୍, ସେମାନେ କେହି ନବୀନକୁଁ ନାଇଁ ଗୁଚିର୍‌ବାର। ଯେନ୍‌ଥିରଲାଗି ମାନ୍‌ସିକ୍ ସଁତୁଲନ୍ ବଢ଼େ ବିଗିଡି ଯାଇଛେ। ଚିକିତ୍ସା ଆର୍ ଯତନ୍ ଅଭାବୁ ଅବହେଳିତ୍ ହେଇ ବାହାରେ ବୁଲୁଛନ୍। ଯେନ୍‌ନେ ପାରଲେ ସେନେ ଖାଉଛନ୍, କାହାର ପିଁଢ଼ା, ରାସ୍‌ତା ତରେ ଶୁଆବସା କରୁଛନ୍। ଏହେଦେ ନବୀନ ପଣ୍ଡାକଁର ଟାମ୍ପରସରାରେ ଥିବାର ମାଏଟ୍ ଘରଟା ଦେଖିରେଖି ଅଭାବୁ ଭାଂଗି ଯାଇଛେ, ଯେନ୍‌ଥିରଲାଗି ସେ ଘରକେ ନାଇଁ ଆଏବାର। ସେ ସବୁବେଲେ ବାହାରେ ବୁଲାବୁଲି କରୁଛନ୍ ଆର୍ ଦୁକାନ୍ ବଜାର, ବସ୍‌ଷ୍ଟାଣ୍ଡ, ହୋଟେଲମାନ୍‌କେ ମାଗି ନିଜର ପେଟ୍ ପାଲୁଛନ୍। ସେ ଯେନ୍ ହିସାବେ ରାସ୍‌ତା ଘାଟେ ବୁଲାବୁଲି କରୁଛନ୍ କେତେବେଲେ ଯେ କେନ୍ ଦୁର୍‌ଘଟନା ଘଟ୍‌ବା କହି ନାଇଁହୁଏ। ତାକର ମାନ୍‌ସିକ୍ ସଁତୁଲନ୍ ଠିକ୍ ନାଇଁଥିଲେ ବି ସେ କାହାରନେ ଗାଲିଝଗଡ଼୍ କି ହୁଡାକୁଦା ନାଇଁକରବାର। ବାଲ୍‌ଦାଢ଼ି ନାଇଁ କାଟ୍‌ବାର ଲାଗି ଏହେଦେ ସେ ଗୁଟେ ବାବାଜି ମିତାନ୍ ଦିଶୁଛନ୍। ଗୋଡ଼ଭଗା-ତୁରୁମ-ସୋନପୁର ୫୪ ନମ୍ବର ରାଜ୍‌ପଥ୍ ତରେ ଥିବାର ଦୁକାନ୍ ବଜାର ଏହେଦେ ତାକର ଠିକ୍‌ନା ଆର୍ ଆଶ୍‌ରେ ଥଲ୍ ପାଲ୍‌ଟିଛେ।



କାଦୋବାହାଲ ବସ୍‌ଷ୍ଟାଣ୍ଡରେ ନବୀନ ପଣ୍ଡା ବୁଲୁଛନ୍।

୫୦ ବଛର୍‌ରୁ ଅଧିକା ହେଲା ସେ ଏନ୍‌ଥେଇ ଅଯତନ୍ ହେଇ ବୁଲାବୁଲି କରୁଛନ୍। ଏହେଦେ ତାକର ବଏସ୍ ପାଖାପାଖି ୬୦ରୁ ଅଧିକା ହେବା। ହେଲେ ଏତେ ଲାଗେଲେସର ଥିଲେ ବି କେହି ତାକର ଚିକିତ୍ସା ଦିଗେ ଧିଆନ୍ ନାଇଁ ଦେବାରଟା ନିହାତି ଗୁଟେ ଦୁଖର ବିଷେ ବଲି ଲୋକ୍ ଚର୍‌ଚା କରୁଛନ୍। ଜିଲା ପର୍‌ଶାସନ, ସ୍ୱେଚ୍ଛାସେବୀ ସଂଗଠନ୍ ମାନ୍‌ସିକ୍ ସଁତୁଲନ୍ ହରେଇଥିବାର ନବୀନ ପଣ୍ଡାକଁର ଉପ୍‌ରେ ଦୁରୁଷ୍‌ଟି ଦେଇ ତାହାକୁ ଉଧାର କରବାର ସଂଗେ ଚିକିତ୍ସା ସେବା ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।

# ଫୁଟବଲ: କଦଳୀପାଲି ଚାମ୍ପିୟନ

**ଗାଇସିଲେଟ, ୧୮।୧୧(ଡି.ଏନ୍.ଏ)**

ଗାଇସିଲେଟ୍ ବ୍ଲକ ବୁରୋମୁଣ୍ଡା ଠାରେ ପୂର୍ବତନ ବିଧାୟକ ତଥା ଗୌନ୍ତିଆ ବିରେନ୍ଦ୍ର କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଲ୍ଲିଶ୍ରୀ ଯୁବକ ସଂଘ ତରଫରୁ ୧୩ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଅଦ୍ୟାପନୀ ଉତ୍ସବରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବରଗଡ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ ସାହୁ, ସମିତି ସଭ୍ୟ ସଂଘ ସଭାପତି ଦେବେନ୍ଦ୍ର ଯୋଶୀ, ପଦ୍ମପୁର ବାର୍ ଆସୋସିଏଶନ ସଭାପତି ଯୋଗେନ୍ଦ୍ର ଭୋଇ, ବିଜେଡି ବ୍ଲକ ସଭାପତି ମନୋଜ ପଣ୍ଡା, ଅଭିଜିତ ପାଣିଗ୍ରାହୀ, ସରପଞ୍ଚ ପ୍ରଦୀପ ସାହୁ, ନରେନ୍ଦ୍ର ଟଟଙ୍ଗ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପଦ୍ମପୁର ଓକିଲ ସଂଘ ସଭାପତି ଯୋଗେନ୍ଦ୍ର ଭୋଇ ଯୋଗ ଦେଇଥିଲେ । ଆଜି ରାଉର୍‌କେଲା ବନାମ କଦଳୀପାଲି ଓ ବୁରୋମୁଣ୍ଡା ବନାମ ପଦ୍ମପୁର ମଧ୍ୟରେ ସେମି ଫାଇନାଲ ମ୍ୟାଚ୍ ହୋଇଥିଲା। ପଦ୍ମପୁର ଓ କଦଳୀପାଲି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ । ଫାଇନାଲ୍‌ରେ କଦଳୀପାଲି ଦଳ ପଦ୍ମପୁରକୁ ୧-୦ରେ ହରାଇ ଚାମ୍ପିୟନ ହୋଇଥିଲା। ଯୁବକ ସଂଘ ସଂପାଦକ ଅଶ୍ୱିନୀ ପାଣ୍ଡେ ବିବରଣୀ ପଠନ କରିଥିଲେ । ଏହି ଅବସରରେ ବୁରୋମୁଣ୍ଡା ଦଳ ତରଫରୁ ଖେଳିଥିବା ଝୁଣ୍ଟପାଲି ଗ୍ରାମର ନୀଳମଣି ବରିହାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଧାୟିକା ଚାମ୍ପିୟନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ସୁଧାଂଶୁ ସେଠ୍, ଅଶ୍ୱିନୀ ବେରିହା, ଅରୁଣ ଭୋଇ, ସାଲେଗ୍ରାମ୍ ମାଝୀ, ସତାର୍ସେନ୍ ପଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ସିଦ୍ଧେଶ୍ୱର ଛତର ସ୍କୋରର ଥିବା ବେଳେ ରବିରତନ ସାହୁ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ ।



ଅତିଥିମାନଙ୍କ ଗହଣରେ ଖେଳାଳିମାନେ ।



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ତେଲନଦୀରେ ବୁଡ଼ି ବାଳକ ମୃତ

**ସୋନପୁର,୧୮।୧୧(ନି.ପ୍ର.):** ତେଲନଦୀର ସୁବର୍ଣ୍ଣମେରୁ ମନ୍ଦିର ନିକଟସ୍ଥ ଗଡ଼ଗଡିଆ ଘାଟରେ ବୁଡି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋନପୁର ଧୀବରପଡ଼ାର ସୁରେଶ ନାଏକଙ୍କ ପୁଅ ଅଜାମ୍ବିଲ(୧୫)। ରବିବାର ଅପରାହ୍ନରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ନଦୀଗର୍ଭରୁ ପଥରକଡରେ ଲାଗି ରହିଥିବା ମୃତଦେହକୁ ଉଦ୍ଧାର କରିଥିଲେ। ଶନିବାର ନଦୀକୁ ଗାଧୋଇବାକୁ ଯାଇ ଅଜାମ୍ବିଲ ନିଖୋଜ ଥିଲେ । ବହୁ ଖୋଜାଖୋଜି ପରେ ମଧ ମୃତଦେହକୁ ଠାବ କରାଯାଇ ପାରି ନ ଥିଲା । ରବିବାର ଶବ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ବାଇକ୍ ଦୁର୍ଘଟଣାରେ କଳାକାରଙ୍କ ମୃତ୍ୟୁ

**କନ୍ଧମାଳ,୧୮।୧୧(ଡି.ଏନ.ଏ):** କନ୍ଧମାଳ ଡାକଘରେ କାର୍ଯ୍ୟରତ ପୋଷ୍ଟମ୍ୟାନ ତଥା ଜଣାଶୁଣା କଳାକାର ପ୍ରସାଦ ଖଟୁଆ ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ସେ ତାଙ୍କ ବନ୍ଧୁ ବଶିଷ୍ଠ ସାହୁଙ୍କ ସହିତ ବାଇକ ଯୋଗେ ମଲିକୁଦ ଆଡକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ବାଇକଟି ପାର୍ଶ୍ୱରେ ଥିବା ଖୁଣ୍ଟରେ ପିଟି ହୋଇଯାଇଥିଲା । ଫଳରେ ପ୍ରସାଦ ଛିଟିକି ପଡି ଗଭୀର ଭାବେ ଆଘାତ ପାଇଥିଲେ । ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ସୋନପୁର ଡାକ୍ତରଖାନା ନିଆଯାଉଥିବା ବେଳେ ବାଟରେ ପ୍ରସାଦଙ୍କ ମୃତ୍ୟୁ ହୋଇଥିଲା ।

### ୩ ବାଇକ୍ ଚୋରି

**ବଙ୍ଗୋମୁଣ୍ଡା,୧୮।୧୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଗାୟତ୍ରୀ ମନ୍ଦିର ନିକଟ ଏକ ଭଡା ଘରୁ ଶନିବାର ରାତିରେ ୩ଟି ବାଇକ୍ ଚୋରି ହୋଇଛି। ମିଳିଥିବା ସୂଚନା ମୁତାବକ, ଭଡା ଘରେ ରହୁଥିବା ଲୋକେ ଶନିବାର ରାତିରେ ସେମାନଙ୍କ ବାଇକ୍ ଲକ୍ କରି ତାଙ୍କ ଘର ସମ୍ମୁଖରେ ପ୍ରତ୍ୟେକ ଦିନ ପରି ରଖିଥିଲେ। ହେଲେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଲକ୍ ଭାଙ୍ଗି ୩ଟି ବାଇକ୍ ଚୋରି କରି ନେଇଥିଲେ। ବାଇକ୍‌ଗୁଡିକ ଯଥାକ୍ରମେ ଟଙ୍କିଆ ତାଣ୍ଡି, ରାଜେଶ ଭୋଇ, ରାଜାରାମ ସାହୁଙ୍କର ବୋଲି ଜଣାପଡିଛି।

■ଖଲିଆପାଲିରେ ଭୀମଭୋଇଙ୍କ ସିଦ୍ଧି ଦିବସ

# ଭିତ୍ତିଭୂମି ବିକାଶ, ଇକୋ ଟୁରିଜମ୍ ଉପରେ ଗୁରୁତ୍ୱ

**ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭୀମଭୋଇଙ୍କ ଚେୟାର ପାଇଁ ପ୍ରସ୍ତାବ**

**ସୋନପୁର,୧୮।୧୧(ନି.ପ୍ର.)**

ସନ୍ଥକବି ଭୀମଭୋଇଙ୍କର ପବିତ୍ର ସିଦ୍ଧି ଦିବସ ସୁବର୍ଣ୍ଣପୁର ଜିଲା ଖଲିଆପାଲିସ୍ଥିତ କବିଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ରବିବାର ପାଳିତ ହୋଇଯାଇଛି । ଭୀମଭୋଇ ସମାଧି ପୀଠ ଟ୍ରଷ୍ଟ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲାପାଳ ତଥା ଟ୍ରଷ୍ଟର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ସନ୍ଥ କବି ଜଣେ ମହାନ ସନ୍ଥ ଓ ସମାଜ ସଂସ୍କାରକ ବୋଲି ଅବିହିତ କରିଥିଲେ। ଭୀମଭୋଇଙ୍କ ସମ୍ପର୍କରେ ଆହୁରି ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି। ସନ୍ଥକବିଙ୍କ ନାମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଚେୟାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ ମିଶ୍ର କହିଥିଲେ।



ସିଦ୍ଧି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

ସେହିପରି ପୀଠରେ ଏକ ଗ୍ରନ୍ଥାଗାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଭିତ୍ତିଭୂମିର ବିକାଶ ସହ ନିକଟସ୍ଥ ଅଙ୍ଗନଦୀ କୂଳ ଜଙ୍ଗଲର ବିକାଶ ଓ ଇକୋ ଟୁରିଜିମ୍ ସକାଶେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଭୀମଭୋଇ ବିଶ୍ୱ ବିଦିତ। ତେଣୁ ଏହି ପୀଠ ପାଇଁ ସୁବର୍ଣ୍ଣପୁର ଜିଲାର ସୁନାମ ବଢିଥିବା କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଭୀମଭୋଇଙ୍କ ସାହିତ୍ୟ ସାଧନା ଓ ଶୋଷଣ ମୁକ୍ତ ସମାଜ ଗଠନର ସଙ୍କଳ୍ପ ସମ୍ପର୍କରେ ବୁଝାଇଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ସାଧୁସନ୍ଥଙ୍କ ବାଣୀ ଓ ମହିମା ଧର୍ମ ବିଷୟରେ ଆଲୋଚନା କରିଥିଲେ। କୋସଲବାଦୀ ନେତା ତଥା ଗବେଷକ ଗୋରେଖନାଥ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଆଜିର ଦିନରେ ଶୂନ୍ୟବ୍ରହ୍ମରୁ ଭୀମଭୋଇଙ୍କୁ କବିତା ଶକ୍ତି ମିଳିଥିଲା। କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ କବି ତାଙ୍କର ପ୍ରଥମ କବିତା ଲେଖିଥିଲେ ବୋଲି କହିଥିଲେ। କବିଙ୍କ ବାଣୀର ଗୁରୁତ୍ୱ ଦୃଷ୍ଟିରୁ ଜାତିସଂଘର କାନ୍ଥରେ ସ୍ଥାନିତ ପାଇଛି। ତେଣୁ ପୀଠର ବିକାଶ ଓ ଭୀମଭୋଇଙ୍କ ଦ୍ୱାରା ଲିଖିତ ସମସ୍ତ ପାଣ୍ଡୁଲିପିଗୁଡିକୁ କମ୍ପ୍ୟୁଟରୀକରଣ କରିବା ଉପରେ ସାହୁ ଗୁରୁତ୍ୱ ଦେଇଥିଲେ। ସୋନପୁର ଉପଜିଲାପାଳ ତଥା ସମାଧି ପୀଠର ଉପାଧ୍ୟକ୍ଷ ବଳରାମ ମଲ୍ଲିକ ସଭାରେ ଅଧ୍ୟକ୍ଷତା କରି ଭୀମଭୋଇଙ୍କ ସମ୍ପର୍କରେ ଜାଣିବାକୁ ଚାହୁଁଥିବା ଲୋକ ମହିମା ଧର୍ମ ସମ୍ପର୍କରେ ଜାଣିବାକୁ କହିଥିଲେ। କବିଙ୍କ ଧର୍ମାନ୍ଧତା ଓ ସମାଜରୁ କୁସଂସ୍କାର ଦୂର କରିବା ପାଇଁ ସାହିତ୍ୟ ସାଧନା ବିଷୟରେ ବିଶଦ ଆଲୋଚନା କରିଥିଲେ। ବାବା ପ୍ରଣବାନନ୍ଦ ଦାସ ସନ୍ଥ କବିଙ୍କ ଜୀବନୀ ବିଷୟରେ କହିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଟ୍ରଷ୍ଟର ଆଭିମୁଖ୍ୟ ଓ ଭୀମଭୋଇଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ପୂର୍ବରୁ ସନ୍ଥକବିଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲେ। ଟ୍ରଷ୍ଟର ବରିଷ୍ଠ ସଭ୍ୟ ମହାଦେବ ବରର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚାରଭଟା କଲେଜରେ ଚକ୍ଷୁ ଚିକିତ୍ସା ଶିବିର





ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ତରଭା,୧୮।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ପଞ୍ଚାୟତ କଲେଜ ଚାରଭଟାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରୀଛାତ୍ର ଚକ୍ଷୁ ପରୀକ୍ଷା କରାଇଥିଲେ । ଯୁବ ରେଡକ୍ରସ ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । କଲେଜ ଅଧ୍ୟକ୍ଷ ମହମ୍ମଦ ମୁସେଲମିନ ସଭାରେ ଅଧ୍ୟକ୍ଷତା କରିଥିଲେ । ପ୍ରମିଳା ପଣ୍ଡା, ପ୍ରଦୀପ ପୂଜାରୀ, ଚନ୍ଦ୍ରମା ମିଶ୍ର, ଭରତ ବିଶ୍ୱାଳ, ଦୁତିଆ ମହାନନ୍ଦ ଓ ତାରାଶଙ୍କର ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ ।

■କଣ୍ଟାବାଞ୍ଜିରେ ଜିଲା ଦାବି ପ୍ରସଙ୍ଗ

# ଦ୍ୱିତୀୟ ଦିନରେ ତହସିଲ ସମ୍ମୁଖରେ ଧାରଣା

**କଣ୍ଟାବାଞ୍ଜି,୧୮।୧୧ (ଡି.ଏନ୍.ଏ.)**

କଣ୍ଟାବାଞ୍ଜିକୁ ନୂତନ ଜିଲା ଦାବି ନେଇ ଜିଲା ସଂଘର୍ଷ ସମିତି ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଧାରଣା ରବିବାର ଦ୍ୱୀତିୟ ଦିନରେ ପହଞ୍ଚିଛି। ଧାରଣାରେ ଓକିଲ ସଂଘ ସଭାପତି ବ୍ରଜଶ୍ୟାମ ଗୁରୁ, ସଭ୍ୟ ଅରୁଣ ବାଗ, ସଦାନନ୍ଦ ମେହେର, ଉପସଭାପତି ଅଭିମନ୍ୟୁ ନାଗ, ଶୈଳେନ୍ଦ୍ର ବେହେରା, ସମିମ ଖାନ, ସତ୍ୟନାରାୟଣ ରାଏ, ଅବସରପ୍ରାପ୍ତ କର୍ମଚାରୀ ସଂଘର ନରେନ୍ଦ୍ର ସୁନା, ରସିଆ ନନ୍ଦ ରାଏ, ଘନଶ୍ୟାମ ଗହିର, ଡା. ଆୟାଜ ଖାନ ପ୍ରମୁଖ ଧାରଣାରେ ବସିଛନ୍ତି। କଣ୍ଟାବାଞ୍ଜି ଜିଲା ଗଠନ ନ ହେବା ଯାଏ ଆନ୍ଦୋଳନ ଯାରି ରହିବା ବୋଲି ଜିଲା ସଂଘର୍ଷ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

# କାର୍ତ୍ତିକ ପୂର୍ଣ୍ଣିମାରେ ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା

**ମହାନଦୀର ସୁରକ୍ଷା ବାର୍ତ୍ତା**
- ■ଭାଗନେବେ ୧୫ ଜିଲାର ୧୦୦ ପ୍ରତିଯୋଗୀ
- ■ରାମେଶ୍ୱର ତଳମୁଣ୍ଡରେ ବନ୍ଧ ନିର୍ମାଣ ପାଇଁ ଦାବି

**ସୋନପୁର,୧୮।୧୧(ନି.ପ୍ର.)**

ମହାନଦୀର ସୁରକ୍ଷା ବାର୍ତ୍ତା ନେଇ ସୁବର୍ଣ୍ଣପୁରରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଆୟୋଜିତ ହେଉଛି ନୌଚାଳନା ପ୍ରତିଯୋଗିତା। ସହରସ୍ଥିତ ମହାନଦୀର ଲଙ୍କେଶ୍ୱର ଗଣ୍ଡ ନିକଟରେ ବିନା ସରକାରୀ ପ୍ରୋତ୍ସାହନରେ ଗତ ୫୪ ବର୍ଷ ଧରି ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ରାଜ୍ୟର କୌଣସିଠାରେ ନୌଚାଳନା ପ୍ରତିଯୋଗିତା ହେଉ ନ ଥିଲା ବେଳେ ସ୍ଥାନୀୟ ଭାଗବତ ପାଠାଗାର ତେନ୍ତୁଳିଘାଟ୍ ପକ୍ଷରୁ ଏହି ପୁରାତନ ପରମ୍ପରାକୁ ବଞ୍ଚାଇ ରଖାଯାଇଛି । ଆସନ୍ତା ୨୩ ତାରିଖ ପ୍ରତିଯୋଗିତାରେ କଟକ, ନୟାଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ଅନୁଗୋଳ ଓ ଢେଙ୍କାନାଳ ଭଳି ୧୫ଟି ଜିଲାର ୧୦୦ ପ୍ରତିଯୋଗୀ ଭାଗନେବେ ବୋଲି ରବିବାର ଆୟୋଜକ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ନୌଚାଳନା ଭଳି ଓଡ଼ିଆ ଜାତିର ପୁରାତନ ପରମ୍ପରାକୁ ବଞ୍ଚାଇ ରଖିବା ସହ ମହାନଦୀକୁ ସ୍ୱଚ୍ଛ ଓ ଜୀବନ୍ତ ରଖିବାର ପ୍ରୟାସ ନେଇ ଏହା ଆୟୋଜିତ ହୋଇ ଆସୁଥିବା ପାଠାଗାରର ସଭାପତି ଶଙ୍ଖନିଧି ରାଏଗୁରୁ କହିଛନ୍ତି। ତେବେ ମହାନଦୀରେ ବ୍ଲାଷ୍ଟିଂ ଯୋଗେ ମାଛ ମାରିବାକୁ ଜିଲା ପ୍ରଶାସନ ବନ୍ଦ କରିବା ପାଇଁ ପାଠାଗାର ପକ୍ଷରୁ ଦାବି ହୋଇଛି । ସେହିଭଳି ସମୁଦ୍ରକୁ ବହି ଯାଉଥିବା ପାଣିକୁ ଅଟକ ରଖିବା ପାଇଁ ମହାନଦୀ ଓ ତେଲ ନଦୀର ତଳମୁଣ୍ଡରେ ଏକ ଆନିକଟ ନିର୍ମାଣ ପାଇଁ କମିଟି ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ବନ୍ଧ ନିର୍ମାଣ ହେଲେ ଜମିକୁ ଜଳସେଚନ ସହିତ, ମତ୍ସ୍ୟଜୀବୀମାନେ ମାଛ ମାରି ଜୀବିକା ନିର୍ବାହ କରିପାରିବେ । ଜଳ ପର୍ଯ୍ୟଟନର ମଧ୍ୟ ବିକାଶ ହୋଇପାରିବ । ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଥିବାରୁ ଏହି କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି କମିଟି ଅଶା ରଖିଛି । ଅନ୍ୟପକ୍ଷେ ଉକ୍ତଦିନ ସକାଳେ ପାଠାଗାରରେ ମଙ୍ଗଳ ଆରତୀ ଓ ମଧ୍ୟାହ୍ନରେ ବାଳକ ଭୋଜନ ସମାରୋହ ଭଗବତ୍ ପାଠାଗାର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ବୋଲି ପାଠାଗାର ପକ୍ଷରୁ ସୂଚନା ଦିଆଯାଇଛି । ସମ୍ପାଦକ ପବିତ୍ର କୁମାର ସାହୁ, ଉପସଭାପତି ସୂର୍ଯ୍ୟନରାୟଣ ବେହେରା, ଆଇନ ପରାମର୍ଶଦାତା ଗଙ୍ଗାଧର ମାହାନା, ଷଷ୍ଠି କୁମାର ବଡମାଳି ଓ ନନ୍ଦକିଶୋର ତ୍ରିପାଠୀ ସମ୍ମିଳନୀରେ ଉପସ୍ଥିତ ଥିଲେ।





ଭାଗବତ ପାଠାଗାର ତେନ୍ତୁଳିଘାଟ ପକ୍ଷରୁ ଖବରଦାତା ସମ୍ମିଳନିରେ ସୂଚନା ଦିଆଯାଉଛି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ବାଲି ଚୋରା ଚାଲାଣ ବେଳେ ଧରାପଡ଼ିଲା ୭ ଟ୍ରାକ୍ଟର

■୮୦ ହଜାର ଟଙ୍କା ଜରିମାନା ଆଦାୟ

**ବୀରମହାରାଜପୁର, ୧୮।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତି ମହାନଦୀର ଟିଁଠିପାଲି ଘାଟରୁ ବାଲି ଚୋରାଚାଲାଣ ବେଳେ ୭ ଟାକ୍ଟର ଧରା ପଡିଛି। ବୀରମହାରାଜପୁର ତହସିଲଦାର ପୋଲିସ ସହ ସଦଳବଳେ ମହାନଦୀ ପଠାରେ ଚଢାଉ କରିଥିଲେ। ଏହି ସମୟରେ ଟାକ୍ଟରଗୁଡିକ ଇତସ୍ତତଃ ଫେରାର ମାରୁଥିବା ବେଳେ ପୋଲିସ ସେମାନଙ୍କୁ ଜବତ କରିଥିଲା। ଜବତ ଟାକ୍ଟର ମାଲିକଙ୍କଠାରୁ ସମୁଦାୟ ୮୦ ହଜାର ଟଙ୍କା ଅସୁଲି କରାଯାଇଛି। ବୀରମହାରାଜପୁର ଥାନା ଏଏସ୍‌ଆଇ ସମ୍ଭୁଭୂଷଣ ଦେହୁରିଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଷ୍ଟାଫ୍ ଉକ୍ତ ଚଢାଉରେ ସାମିଲ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବୀରମହାରାଜପୁର ତହସିଲ ଅନ୍ତଗତ ଏହି ନଦୀପଠାରୁ ବାଲି ଉଠାଣକୁ ନିଷେଧ କରାଯିବା ସହ ପ୍ରଶାସନ ପକ୍ଷରୁ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ସୁଦ୍ଧା ଚୋରାଚାଲାଣକାରୀ ଅମାନ୍ୟ କରି ବାଲି ଉଠାଉଥିବା ଅଭିଯୋଗ ହୋଇ ଆସୁଥିଲା।





ମହାନଦୀର ଟିଁଠିପାଲି ଘାଟରୁ ବାଲି ଚୋରାଚାଲାଣ ବେଳେ ଧରା ପଡିଥିବା ଟ୍ରାକ୍ଟର।

■ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

# କୁଞ୍ଜାପାଲି ଚାମ୍ପିୟନ

**ବୀରମହାରାଜପୁର, ୧୮।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଉପାନ୍ତ ଦୁର୍ଜନଟୈଲା ପଞ୍ଚାୟତ ବ୍ରାହ୍ମଣୀପାଲି ଖେଳପଡ଼ିଆରେ ରବିବାର ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ବିଜୁ ଯୁବବାହିନୀ ଦ୍ୱାରା ଆୟୋଜିତ ଏହି ପଞ୍ଚାୟତସ୍ତରୀୟ ଟୁର୍ନାମେଣ୍ଟରେ ମସିଣାପାଲି, ବ୍ରାହ୍ମଣୀପାଲି, ବରଘାଟ, କୁଞ୍ଜାପାଲି, ଦାଦରପାଲି, ସାଗରକୁରି, ଦୁର୍ଜନଟୈଲା ଓ ଗୋଘାଟ ଦଳ ଅଂଶଗ୍ରହଣ କରିଥିଲେ। ବରଘାଟ ଏବଂ କୁଞ୍ଜାପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୁଞ୍ଜାପାଲି ଚାମ୍ପିୟନ ହୋଇଛି। ବରଘାଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ୩ ଓଭରରେ ୫ ୱିକେଟ ହରାଇ ଦଳ ୨୪ ରନ୍ ସଂଗ୍ରହ କରିଥିଲା। ଜବାବରେ କୁଞ୍ଜାପାଲି ଦଳ ମାତ୍ର ୮ଟି ବଲ୍‌ରେ ୨୫ ରନ୍‌ର ବିଜୟ ଲକ୍ଷ୍ୟରେ ହାସଲ କରିନେଇଥିଲା। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ରଣଜିତ କ୍ଷେତି, ଯୁବ ବିଜେଡି ବ୍ଲକ ସଭାପତି ନାରାୟଣ ଲୁହା, ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଦେବରାଜ ମିଶ୍ର ଓ ସଭାପତି ଚିତ୍ତରଞ୍ଜନ କମ୍ପ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜୁ ଯୁବବାହିନୀ ସଂଯୋଜକ ଦେବରାଜ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଚାମ୍ପିୟନ, ରନର୍ସଅପ୍ ଦଳ ସହ ଶ୍ରେଷ୍ଠ ବିବେଚିତ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଦକ୍ଷ ଝାଙ୍କର ଶ୍ରେଷ୍ଠ ବୋଲର ଓ ପିଣ୍ଟୁ ଝାଙ୍କର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ ହୋଇଥିଲେ। ରବି ଭୋଇ ଓ ନାରାୟଣ ପଧାନ ଖେଳ ପରିଚାଳନା କରିଥିବାବେଳେ ଘନଶ୍ୟାମ ନାୟକ ସ୍କୋର ଶିଟ୍ ପରିଚାଳନା କରିଥିଲେ। ପ୍ରେମାନିଧି ନାଏକ ଓ ସୀତାକାନ୍ତ ପାଢ଼ୀ ଧାରାବିବରଣୀ ପ୍ରଦାନ କରିଥିଲେ।

## CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇତ୍ୟାଦି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
7409020316

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village- Mahammadpur, Tehsil- Gogawa, Dist- Khargone, MP - 451335

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ରୁଷଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଅରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି, ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
-ଆରିଷ୍ଟଟଲ୍

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍,୧୮।୧୧:** ବରଗଡ଼ ଜିଲା ସୋହେଲା-ପଦ୍ମପୁର ରାସ୍ତାର ଭେଟେନଡୁଙ୍ଗୁରୀରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ବିର୍ଜାମ ପଞ୍ଚାୟତ ଘୁମୁନିପାଲିର ରାଧେଶ୍ୟାମ ମୁନା ବୋଲି ଜଣାପଡ଼ିଛି । ସେ ଏକ ବାଇକ୍ ଯୋଗେ ରାସ୍ତାରେ ଆସୁଥିବାବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଚୋରାମଦ ବନ୍ଦ ଦାବିକଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୧୮।୧୧:** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ବୁଗବୁଗା, ପାଲି ବୁଗବୁଗା ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ଚାଲୁଥିବା ଅଭିଯୋଗ ହୋଇଛି । ଏଥିପାଇଁ ଅଞ୍ଚଳରେ ବିଭିନ୍ନ ବିଶୃଙ୍ଖଳା ଉପୁଜିବା ସହିତ ଯୁବପୀଢ଼ି ପଥଭ୍ରଷ୍ଟ ହେଉଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ଦମନ ପାଇଁ ଅବକାରୀ କିମ୍ବା ପୋଲିସ କିଛି ପଦକ୍ଷେପ ନେଉ ନାହାନ୍ତି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସୋମବାରରୁ ବୁଗବୁଗାରେ କଳାସୀ ଯାତ୍ରା ଏବଂ ଏହାପରେ ବାଲିଯାତ୍ରା ଆସୁଥିବା ଯୋଗୁ ଅଞ୍ଚଳରେ ଚାଲିଥିବା ଚୋରାମଦ କାରବାରକୁ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ଗ୍ରାମବାସୀ ଅତାବିରା ଥାନା ଆଇଆଇସିଙ୍କୁ ଲିଖିତ ଭାବେ ଜଣାଇ ଥିବାବେଳେ ବରଗଡ଼ ଏସପିଙ୍କୁ ମଧ୍ୟ ଫେରାଦ ହୋଇଥିବା ସୂଚନା ମିଳିଛି ।



### ଟ୍ରକ୍ ଧକ୍କାରେ ଟ୍ରାନ୍ସଫର୍ମର ଜଳିଗଲା

**ବରଗଡ଼ ଅଫିସ,୧୮।୧୧:** ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନିକଟ ଶନି ମନ୍ଦିର ପାଖରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ନିକଟରେ ଥିବା ଏକ ଖୁଣ୍ଟକୁ ରବିବାର ରାତ୍ରି ପ୍ରାୟ ୯ଟାରେ ଏକ ମାଲବାହୀ ଟ୍ରକ୍ (ନଂ.ଏମ୍‌କେ୧୪ଜିଡି/୭୦୬୩) ଧକ୍କା ଦେବାରୁ ସଟ୍ ସର୍କିଟ୍ ହୋଇ ବିଦ୍ୟୁତ ଟ୍ରାନ୍ସଫର୍ମରଟି ଜଳିଯାଇଛି । ଟ୍ରାନ୍ସଫର୍ମର ଜଳିବା ପରେ ପାଖାପାଖି ଅଞ୍ଚଳରେ ଅଗ୍ନି ପିଣ୍ଡୁଳା ଛିଟିକି ପଡ଼ିଥିଲା । ଫଳରେ ଡାକ୍ତରଖାନାରେ ଥିବା ରୋଗୀମାନେ ଭୟଭୀତ ହୋଇପଡ଼ିଥିଲେ। ଏଥିପାଇଁ ଘଟଣାସ୍ଥଳରେ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲେ । ସେଠାରେ ପୋଲିସ ପହଞ୍ଚି ଉତ୍ତେଜନାକୁ ସାମାନ୍ୟ ପ୍ରଶମିତ କରିଥିବାବେଳେ ଅଗ୍ନିଶମ ବିଭାଗ ନିଆଁ ଲିଭେଇଛି । ଏହି ଘଟଣାକୁ ନେଇ ରାତି ୯ଟାରୁ ବରଗଡ଼ ସହରରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ରହିଛି । ଖବର ଲେଖାହେବା ସୁଦ୍ଧା(ରାତି ୧୦ଟା) ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇ ପାରିନାହିଁ ।

### କୀର୍ତ୍ତନଗୁରୁଙ୍କ ବିୟୋଗରେ ଶୋକ

**ଘଣ୍ଟାପଡା, ୧୮।୧୧ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ରଘୁନାଥ ନାଟ୍ୟ ସଂସଦ ଦ୍ୱାରା ସ୍ୱର୍ଗତ କୀର୍ତ୍ତନଗୁରୁ ଡିଙ୍ଗର କଅଁରଙ୍କ ବିୟୋଗରେ ସ୍ଥାନୀୟ ରଘୁନାଥ ମଣ୍ଡପରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେ ଦୀର୍ଘ ୨୦ ବର୍ଷ ହେବ ଘଣ୍ଟାପଡାର କୀର୍ତ୍ତନ ଗୁରୁ ଭାବେ ଶିକ୍ଷାଦାନ କରୁଥିଲେ। ସେ ଆକାଶବାଣୀ ସମ୍ବଲପୁରର ଜଣେ ନିୟମିତ ତବଲା ବାଦକ ଥିଲେ। ଶୋକସଭାରେ କିଶୋର ବିଶି, ଶେଷଦେବ ମହାଲିକ, ରାଜେନ୍ଦ୍ର ପାଣିଗ୍ରାହୀ, ଆରତ ବାଇ, ତ୍ରିଲୋଚନ ସାହୁ, ପରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

■ ପୂର୍ତ୍ତ ବିଭାଗର ଠିକାଦାର ପ୍ରୀତି

# ବିନା ଟେଣ୍ଡରରେ କାମ ଆରମ୍ଭ

**ବୌଦ୍ଧ,୧୮।୧୧(ସ୍ୱ.ପ୍ର)**

ବୌଦ୍ଧ ପୂର୍ତ୍ତ ବିଭାଗର ଠିକାଦାର ପ୍ରୀତି ଏବେ ଲୋକଲୋଚନକୁ ଆସିଛି । ଜିଲାରେ ଇଭିଏମ ବା ଭିଭିଟି ମେଶିନ ଆସି ଅସ୍ଥାୟୀ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ଇଭିଏମ ବା ଭିଭିଟି ମେଶିନ ରଖିବା ପାଇଁ ଏକ ଷ୍ଟ୍ରଙ୍ଗରୁମ୍‌ର ଆବଶ୍ୟକତା ଥିବାରୁ ସେଥିପାଇଁ ୧ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୃହ ନିର୍ମାଣ କରିବାକୁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି। ବୌଦ୍ଧ ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏତେ ଟଙ୍କାର ଗୃହ ନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ଟେଣ୍ଡର କରା ନ ଯାଇ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କ ଜରିଆରେ କରାଯାଉଛି । ଏତେ ଟଙ୍କାର କାର୍ଯ୍ୟକୁ କିପରି ଟେଣ୍ଡର ନ କରି ନିର୍ମାଣ ଆରମ୍ଭ କରାଯାଇଛି, ସେ ନେଇ ଚର୍ଚ୍ଚା ଚାଲିଛି । ଏ ନେଇ ବୌଦ୍ଧ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ତ୍ରିପାଠୀଙ୍କ ଯୁକ୍ତି କିନ୍ତୁ ଭିନ୍ନ । ନିର୍ବାହୀ ଯନ୍ତ୍ରୀ ତ୍ରିପାଠୀଙ୍କ କହିବା ଅନୁଯାୟୀ, ସାଧାରଣ ନିର୍ବାଚନକୁ ମାତ୍ର ଆଉ କିଛି ମାସ ବାକି ରହିଛି । ଏଣୁ ଗୃହର ଆବଶ୍ୟକତା କାରଣରୁ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ପୂର୍ବତନ ଜିଲାପାଳଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ଆରମ୍ଭ କରାଯାଇଛି । ଯଦି ଟେଣ୍ଡର କରାଯାଏ, ତାର ପ୍ରକିୟା ଯୋଗୁ କାର୍ଯ୍ୟରେ ବିଳମ୍ବ ହେବା ଦୃଷ୍ଟିରୁ ଏପରି କରାଯାଇଥିବା ସେ ପ୍ରକାଶ କରିଥିଲେ । ଉକ୍ତ କାମକୁ ଛୋଟ ଛୋଟ କରି ୪୩ଟି କରାଯାଇଛି। ସେ ନେଇ ଉପରିସ୍ଥ ଅଧିକାରୀଙ୍କ ସୁପାରିଶ ପାଇଁ ପତ୍ର ମାଧ୍ୟମରେ ଜଣାଯାଇଥିବା ତ୍ରିପାଠୀ କହିଥିଲେ । ଏପେଟ କିନ୍ତୁ ବିଭାଗର ଏପରି କାର୍ଯ୍ୟକୁ ସାଧାରଣରେ ଏହା ରାଜନୈତିକ ନେତାଙ୍କ ଇଙ୍ଗିତରେ କିଛି ଠିକାଦାରଙ୍କୁ ଦିଆଯାଇଥିବା ଆଲୋଚନା ହେଉଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଆଗକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ବନ୍ଧାପଥରରେ ଆମ ପୋଲିସ କାର୍ଯ୍ୟକ୍ରମ



ଆମ ପୋଲିସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବୌଦ୍ଧ,୧୮।୧୧(ସ୍ୱ.ପ୍ର)**

ବୌଦ୍ଧ ମଡେଲ ଥାନା ପକ୍ଷରୁ ବନ୍ଧାପଥର ଗ୍ରାମରେ ରବିବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ଓକିଲ ସଂଘ ସଭାପତି ନବ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ପୂର୍ବରୁ ରହିଥିବା ପୋଲିସ ବିଭାଗର କାର୍ଯ୍ୟକାରିତା ଓ ବର୍ତ୍ତମାନ ସମୟରେ ପୋଲିସର ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ସମାଜରେ ଶୃଙ୍ଖଳା ରକ୍ଷା କରିବା ପୋଲିସର ଦାୟିତ୍ୱ । ପୋଲିସ ଜନସାଧାରଣଙ୍କ ବନ୍ଧୁ ବୋଲି ସେ ମତବ୍ୟକ୍ତ କରିଥିଲେ । ତେଣୁ ସାଧାରଣ ଲୋକ ପୋଲିସ ପ୍ରତି ଭୟଭୀତ ନ ହୋଇ ଆବଶ୍ୟକ ସମୟରେ ସହଯୋଗ ନେବା ସହିତ ନିଜର ଅଧିକାର ସାବ୍ୟସ୍ତ କରି ଭୟମୁକ୍ତ ଜୀବନ ବଞ୍ଚିବାକୁ ମିଶ୍ର ପରାମର୍ଶ ଦେଇଥିଲେ । ଥାନା ଅଧିକାରୀ ତପସ୍ୱିନୀ କହଁର ପୋଲିସର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଆମ ପୋଲିସ ସମିତିର ସଦସ୍ୟ ଆଇନଜୀବୀ ତାରେଣୀ ମହାପାତ୍ର, ଅଭିମନ୍ୟୁ ପ୍ରଧାନ, ଗୌତମ ପ୍ରଧାନ, ସୌମିତ୍ରୀ ପଲିଆ, ପୁଷ୍ପିତା ପ୍ରଧାନ, ଅସିତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ସଦସ୍ୟ ଆଦିତ୍ୟ କୁମାର ଦାସ ମଞ୍ଚ ପରିଚାଳନା ଓ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଅଭିମନ୍ୟୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମଚାରୀଙ୍କୁ ହରାଇ ମର୍ଯ୍ୟାଦପୁର ଚାମ୍ପିୟନ

**ଜହ୍ନାପଙ୍କ, ୧୮।୧୧ (ଡି.ଏନ.ଏ)**



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

ବୌଦ୍ଧ ବ୍ଲକ ବୁରକଟା ଗଦବସା ପଡିଆରେ ଗତ ୧୧ ତାରିଖରୁ ଚାଲିଥିବା ମାଁ ମାହେଶ୍ୱରୀ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଛି । ଫାଇନାଲ ଖେଳ ବ୍ରହ୍ମଚାରୀ ଓ ମର୍ଯ୍ୟାଦପୁର ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ମର୍ଯ୍ୟାଦପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୨୧ ରନ କରିଥିଲେ । ଏହାର ଜବାବରେ ବ୍ରହ୍ମଚାରୀ ଦଳ ୧୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୦ ରନ କରିଥିଲେ। ଫଳରେ ମର୍ଯ୍ୟାଦପୁର ଦଳ ୫୧ ରନରେ ଜିତି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ ମୁଖ୍ୟଅତିଥି, ସମିତି ସଭ୍ୟ ଯୁଧିଷ୍ଠିର ବାରିକ, ଖବରଦାତା ସୁଧାଂଶୁ ଶେଖର ମିଶ୍ର, ମାରୁତି ଯୁବକ ସଂଘର ସମ୍ପାଦକ ଜଗଦୀଶ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଟୁର୍ନାମେଣ୍ଟରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ବସନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଦୀପକ ବେହେରାଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରିଥିଲେ। ଉପବିଜେତା ବ୍ରହ୍ମଚାରୀ ଦଳ ଓ ଚାମ୍ପିୟନ ମର୍ଯ୍ୟାଦପୁର ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା । ସଭାପତି ସମୀର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱଜିତ ପୁରୋହିତ ସଭା ପରିଚାଳନା କରିଥିବା ବେଳେ ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଫାଇନାଲ ମ୍ୟାଚକୁ ବିଶ୍ୱଜିତ ପୁରୋହିତ ଓ ସ୍ୱାଧିନ ପ୍ରଧାନ ପରିଚାଳନା କରିଥିବା ବେଳେ ସିକୁନ ପଣ୍ଡା ସ୍କୋରର ଦାୟିତ୍ୱ ତୁଲାଇଥିଲେ । ୮ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ସିଦ୍ଧାର୍ଥ କର୍ମୀ, ସଲିଲ ପ୍ରଧାନ, ସ୍ୱରାଜ ପ୍ରଧାନ, ସୁଶାନ୍ତ ଭୋଇ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ବାଉଁଶୁଣୀରେ ଜନ ପରାମର୍ଶ ପଦଯାତ୍ରା

**ମନମୁଣ୍ଡା, ୧୮।୧୧ (ଡି.ଏନ.ଏ)**

ଭାଜପାର ଜନ ପରାମର୍ଶ ପଦଯାତ୍ରାର ରବିବାର ଥିଲା ତୃତୀୟ ଦିବସ । ଏହି କ୍ରମରେ ଦଳୀୟ ନେତା ଓ କର୍ମୀମାନେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବାଉଁଶୁଣୀ ଅଞ୍ଚଳରେ ପଦଯାତ୍ରା କରିଥିଲେ । ପଦଯାତ୍ରା ଡିମିରିପାଲି, ଗଡଭିତର, ମାଳିସାହି, ଟିକ୍ରାପଡା, ମାଉଲିମୁଣ୍ଡା, ବୈଦ୍ୟନାଥପୁର, ଜମାଘାଟି, ପତ୍ରାପାଲି, ଛେଲିବାହାଲ, ପଞ୍ଚୁପାଲି, କରଡାପଡା, ଟାଲୁପାଲି, ଗୋଛାପଡା, ମଙ୍ଗଳାମୁଣ୍ଡା ଦେଇ ଉସବିଲକାରେ ପହଞ୍ଚି ସେଠାରେ ରାତ୍ରି ଯାପନ କରିଥିଲା । ପ୍ରାୟ ପ୍ରତ୍ୟେକ ଗ୍ରାମରେ ଲୋକମାନେ ତୋରଣ ଓ କଳସ ବସାଇ ପଦଯାତ୍ରୀ ଦଳକୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇଚରଣ ଡାଙ୍ଗ, ସୁଧାଂଶୁ ଡାଙ୍ଗ, ଓବିସି ମୋର୍ଚ୍ଚା ସଭାପତି ସରୋଜ ମେହେର, ବାଉଁଶୁଣୀ ମଣ୍ଡଳ ସଭାପତି ପଞ୍ଚମନ ଜଗଦଲା, ଧର୍ମେନ୍ଦ୍ର ଉର୍ମା, ଦାମୋଦର ମିଶ୍ର, ଅବିନାଶ ମିଶ୍ର, ଶୈଳେନ୍ଦ୍ର ଦନ୍ତା ପ୍ରମୁଖ ସାମିଲ ହୋଇଥିଲେ ।

## ଜିଲାସ୍ତରୀୟ ସମବାୟ ସପ୍ତାହ ପାଳିତ



ସମବାୟ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିଗଣ ।

**ବୌଦ୍ଧ,୧୮।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ସମବାୟ ସଂଘ ପକ୍ଷରୁ ୬୫ ତମ ଜିଲାସ୍ତରୀୟ ସମବାୟ ସପ୍ତାହ ରବିବାର ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଗୃହରେ ପାଳିତ ହୋଇଛି । ସମବାୟ ସଙ୍ଗଠକ ସତ୍ୟଜିତ କୁମାର ପଣ୍ଡାଙ୍କ ସଂଯୋଜନାରେ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ କନ୍ଧମାଳ ସମବାୟ ସମିତିର ଉପ ନିବନ୍ଧକ ପ୍ରମୋଦ କୁମାର ସାହୁ ଯୋଗ ଦେଇ ସମବାୟ ସମିତି ମାନଙ୍କୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଫୁଲବାଣୀ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପବିତ୍ର ପ୍ରସାଦ ବେହେରା, ବୌଦ୍ଧ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ହାଡିବନ୍ଧୁ ମହାକୁଡ, ତିଲେଶ୍ୱର ସେବା ସମବାୟ ସମିତିର ସଭାପତି ଦୁଃଖୀଶ୍ୟାମ ପ୍ରଧାନ, ସଙ୍ଗଠନ ସଭାପତି ବିଘ୍ନପ୍ରସାଦ କ୍ଷେତୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରରେ ବରିଷ୍ଠ ସମବାୟବିତ୍ ଅକ୍ଷୟ କୁମାର ସାହୁ, ପରେଶ୍ୱର ପ୍ରଧାନ, ଉଛେଇ ବାରିକ, ଶଶୀଭୂଷଣ ଦେଓ ଓ ଗୋବର୍ଦ୍ଧନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଜିଲାର ସମସ୍ତ ସମବାୟ ସମିତି ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇଥିଲେ ।

## ୧୯ରୁ ଆଇସିଟି କମ୍ପ୍ୟୁଟର ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ପୁରୁଣାକଟକ,୧୮।୧୧(ଡି.ଏନ.ଏ.)**

ବୌଦ୍ଧ ଜିଲା ଆଇସିଟି ବିଦ୍ୟାଳୟ ସଂଯୋଜକ/କମ୍ପ୍ୟୁଟର ଶିକ୍ଷକ ସଂଘ ଆସନ୍ତା ୧୯ରୁ ବିଧାନସଭା ସମ୍ମୁଖରେ ରାଜ୍ୟ ସଂଘ ଆନ୍ଦୋଳନରେ ସାମିଲ ହେବାକୁ ସ୍ଥିର କରିଛି । ସରକାର ଏହି ଶିକ୍ଷକ ମାନଙ୍କ ପ୍ରତି ଅବିଚାର ଓ ପ୍ରତାରଣା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ । ଶିକ୍ଷକଙ୍କୁ ନିୟମିତ କରିବା ଦାବିରେ ଏହି ଆନ୍ଦୋଳନ ହେବ । ଜିଲାର ସମସ୍ତ ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ ହେବା ନେଇ ଜିଲା ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏ ନେଇ ଜିଲା ସଭାପତି ସୁନୀଲ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତିଙ୍କ ସହ ସମ୍ପାଦକ ଆଶିଷ କୁମାର ସାହୁ, ସ୍ୱାଧୀନ ରାଜହଂସ, ତପନ ସାହୁ, ତପନ ମହାକୁଡ, ମୀନାକ୍ଷି ଷଡଙ୍ଗୀ, ପ୍ରମୋଦ ବାଘ, ହିମାଂଶୁ ବାରିକ, ସନ୍ତୋଷ ହାତୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପତ୍ରାପାଲି ଦଳ ଚାମ୍ପିୟନ



ରେମଣ୍ଡା ଫୁଟବଲ ମହୋତ୍ସବ ଫାଇନାଲ ମ୍ୟାଚ୍‌ରେ ଅତିଥି ଓ ଖେଳାଳି ।

**ଭେଡ଼େନ,୧୮।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ରେମଣ୍ଡା ଖେଳ ପଡ଼ିଆରେ ଅନୁଷ୍ଠିତ ଫୁଟବଲ ମହୋତ୍ସବରେ ପତ୍ରାପାଲି ଦଳ ଚାମ୍ପିୟନ ହୋଇଛି । ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପତ୍ରାପାଲି ଦଳ ଜାଙ୍ଗେଡ଼ ଏକାଦଶକୁ ଟାଇବ୍ରେକର ଯୋଗେ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ହୋଇଛି । ବିଜୟୀ ଦଳର ସାମ୍ବା ଦୀପଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି, ଜାଙ୍ଗେଡ଼ର ରାଜେଶ ଭୁଏଁଙ୍କୁ ଶ୍ରେଷ୍ଠ ଗୋଲ କିପର, ଜାଙ୍ଗେଡ଼ର ଜିତେନ ସେଠଙ୍କୁ ଶ୍ରେଷ୍ଠ ଖେଳାଳି, ଚିଚିଣ୍ଡା ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ପ୍ରିତମ ବିଶ୍ୱାଳ ମୁଖ୍ୟ ଅତିଥି, ଡ଼ି. ମୁରଲିକ୍ରୀଷ୍ଣା, ୟେଲେଡ଼ି ରାଜା, ହରଦୀପ ସିଂହ, ଯୁଗଳ ପ୍ରସାଦ ସିଂ, ଉର୍କୁଲୁ ତାଣ୍ଡି, ରାମେଶ୍ୱରୀ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଖେଳକୁ ରେଫରୀ ଶିବାନନ୍ଦ ଦାଶ, ନିରଞ୍ଜନ ମହାକୁର ଏବଂ ଅନିଲ ବାଗ ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ବରିଷ୍ଠ ନାଗରିକ ସୁରକ୍ଷା ସେଲ କାର୍ଯ୍ୟକ୍ରମ

**ପୁରୁଣାକଟକ, ୧୮।୧୧(ଡି.ଏନ.ଏ.)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ପରିସରରେ ଥିବା ଅଭ୍ୟର୍ଥନା ପ୍ରକୋଷ୍ଠ ଏବଂ ମହିଳା ଓ ଶିଶୁ ଡେସ୍କ କକ୍ଷ ପ୍ରାଙ୍ଗଣରେ ରବିବାର ଥାନା ଅଧିକାରୀ ଅକ୍ଷୟ ଘଡେଇଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଡିଆଇବି ବି. ବି ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ମାନଙ୍କୁ ପୋଲିସ କିଭଳି ସୁରକ୍ଷା ପ୍ରଦାନ କରେ ଓ ଜନସାଧାରଣଙ୍କ ପ୍ରତି ପୋଲିସର କଣ କର୍ତ୍ତବ୍ୟ ରହିଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ୪୨ ଜଣ ବରିଷ୍ଠ ମହିଳାପୁରୁଷଙ୍କୁ ନାଗରିକ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ ।

## ଫୁଟବଲ: ଟିପିଲିମା ଚାମ୍ପିୟନ

**ସରଣ୍ଡା,୧୮।୧୧(ଡ଼ି.ଏନ.ଏ)**



ଫାଇନାଲ ଖେଳର ଖେଳାଳିଙ୍କ ସହ ଅତିଥି ।

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ହାଇସ୍କୁଲ ପଡ଼ିଆରେ ଚକୁଳି ତୃତୀୟ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିପିଲିମା ଦଳ ସୋଡ଼ାପାଲିକୁ ଟାଇବ୍ରେକରରେ ୩-୧ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାରେ ବରମୁଣ୍ଡା, ବରଗଡ଼, ରୂପାପାଲି, ସୋଡ଼ାପାଲି, ମାନପୁର, ଟିପିଲିମା, ମାନେଶ୍ୱର ଓ ବରମ୍ପୁରା ଫୁଟବଲ ଏକାଦଶ ଭାଗ ନେଇଥିଲେ । ସୋଡ଼ାପାଲି ଦଳ ପ୍ରଥମ ସେମିଫାଇନାଲରେ ବରମୁଣ୍ଡାକୁ ଏବଂ ଟିପିଲିମା ଦଳ ଦ୍ୱିତୀୟ ସେମିଫାଇନାଲରେ ବରମ୍ପୁରାକୁ ପଛରେ ପକାଇ ଫାଇନାଲ ମ୍ୟାଚ୍ ଖେଳିଥିଲେ । ନିର୍ଦ୍ଧାରିତ ସମୟ ସୀମା ମଧରେ କେହି କାହାକୁ ଗୋଲ ସ୍କୋର କରି ନ ପାରିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଟିପିଲିମା ଦଳ ୩-୧ ଗୋଲ ଦେଇ ଚାମ୍ପିୟନ ହୋଇଥିଲେ । ଖେଳଗୁଡ଼ିକୁ ରେଫରୀ ରେହିତ ବାଗ, ପ୍ରିପ କୁମାର ଭୋଇ ଏବଂ ପୁରୁ ପଧାନ ପରିଚାଳନା କରିଥିଲେ । ଏହି ଅବସରରେ ଖବରଦାତା ଯୁଧିଷ୍ଠିର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଚକୁଳି ନାଏବ ସରପଞ୍ଚ ନନ୍ଦକିଶୋର ମେହେର, ସରପଞ୍ଚ ସୁଲତା ପ୍ରଧାନଙ୍କ ପ୍ରତିନିଧି କୈଳାସ ପ୍ରଧାନ, ପୂର୍ବତନ କ୍ରୀଡ଼ାବିତ୍ ରାମରତ୍ନାକର ପ୍ରଧାନ, ଚକୁଳି ଗ୍ରାମ କମିଟି ସଭାପତି ଧିରେନ୍ଦ୍ରଲାଲ ସିଂହଦେଓ, ଶଙ୍କର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ସରଣ୍ଡା ହାଇସ୍କୁଲ ପରିଚାଳନା କମିଟି ସଭାପତି ଆନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋହେଲାକୁ ହରାଇ ବରଡ଼ୋଲ ଚାମ୍ପିୟନ

**ବରଗଡ଼ ଅଫିସ୍,୧୮।୧୧**

ପ୍ରଦୀପ ସ୍ମାରକୀ ଫୁଟବଲ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳିମାନେ।

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଗ୍ରାମରେ ୭ଦିନ ଧରି ଚାଲିଥିବା ପ୍ରଦୀପ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି। ବରଡ଼ୋଲ ଏବଂ ସୋହେଲା ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ବରଡ଼ୋଲ ୩-୨ ଗୋଲରେ ଚାମ୍ପିୟନ ହୋଇଥିଲା। ଅନୀଲ ସେଠ ମୁଖ୍ୟଅତିଥି, ଉମେଶ ଅଗ୍ରୱାଲ, ପ୍ରକାଶ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ କ୍ରୀଡ଼ାବିତ ସନ୍ତୋଷ ପ୍ରଧାନଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଇନାଲ ମ୍ୟାଚକୁ ପଞ୍ଚାନନ ପାତ୍ର ପରିଚାଳନା କରିଥିବାବେଳେ ନାରାୟଣ ପଣ୍ଡା, ଯୋଗେଶ୍ୱର ପ୍ରଧାନ ଏବଂ ଅଶ୍ୱିନୀ ମେହେର ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଧାନକ୍ରୟ ପ୍ରଶିକ୍ଷଣ ଶିବିର

**ପୁରୁଣାକଟକ,୧୮।୧୧(ଡି.ଏନ.ଏ.)**

ହରଭଙ୍ଗା ବ୍ଲକ ବଡବନ୍ଧ ମାର୍କେଟ ୟାର୍ଡଠାରେ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ବ୍ଲକସ୍ତରୀୟ ଧାନକ୍ରୟ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବ୍ଲକର ସମସ୍ତ ସୋସାଇଟିର ସମ୍ପାଦକ, ସଭାପତି ଏବଂ ଚାଷୀ ଉପସ୍ଥିତ ରହି ଟ୍ରେନର ମାନଙ୍କ ଠାରୁ ଧାନ କ୍ରୟ ପ୍ରଶିକ୍ଷଣ ନେଇଥିଲେ । ଏଆରସିସି ପୂର୍ଣ୍ଣ ଚରଣ ସାହୁ, କୃଷି ବିଭାଗ ନିରୀକ୍ଷକ ଗୁନୁ ଚରଣ ଦାସ, ଏମ୍‌ଆଇ ବିପିନି ବିହାରୀ ମହାପାତ୍ର ଉପସ୍ଥିତ ଥିଲେ ।

## ଶ୍ୟାମ ବାଟିକାରେ ପୋଷ୍ୟତା ସଂସ୍ଥା ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୧୮।୧୧**

ବରଗଡ଼ ସହର ଉପକଣ୍ଠ ଅମ୍ବାପାଲି ନିକଟ ଶ୍ୟାମ ବାଟିକା ଗୃହ ନଂ-୨୪ରେ ଏକ ସ୍ୱତନ୍ତ୍ର ପୋଷ୍ୟତା ସଂସ୍ଥା ରବିବାର ଉଦ୍‌ଘାଟିତ ହୋଇଯାଇଛି । ପାଇକମାଳ କସ୍ତୁରବା ଗାନ୍ଧୀ ମାତୃ ନିକେତନର ସଭାପତି ନିରୂପମା ମହାପାତ୍ର ଉଦଘାଟନ କରିଥିଲେ । ସଭ୍ୟା ଶୈବାଳିନୀ କର, ଗହଳ ବାରିକ, ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଓଡ଼ିଶା ରେଡ୍‌କ୍ରସ ସୋସାଇଟିର କର୍ମକର୍ତ୍ତାମାନେ ଏଥିରେ ଯୋଗଦାନ କରିଥିଲେ ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ

## ସଂକ୍ଷେପରେ

### ବଙ୍ଗୋମୁଣ୍ଡାରୁ ୩ ବାଇକ୍ ଚୋରି

**ବଙ୍ଗୋମୁଣ୍ଡା,୧୮।୧୧(ଡି.ଏନ୍.ଏ.)-** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଗାୟତ୍ରୀ ମନ୍ଦିର ନିକଟ ଏକ ଭଡା ଘରୁ ଶନିବାର ରାତିରେ ୩ଟି ବାଇକ୍ ଚୋରି ହୋଇଛି। ମିଳିଥିବା ସୂଚନା ମୁତାବକ, ଭଡା ଘରେ ରହୁଥିବା ଲୋକେ ଶନିବାର ରାତିରେ ସେମାନଙ୍କ ବାଇକ୍ ଲକ୍ କରି ତାଙ୍କ ଘର ସମ୍ମୁଖରେ ପ୍ରତ୍ୟେକ ଦିନ ପରି ରଖିଥିଲେ। ହେଲେ ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଲକ୍ ଭାଙ୍ଗି ୩ଟି ବାଇକ୍ ଚୋରି କରି ନେଇଥିଲେ। ବାଇକ୍‌ଗୁଡିକ ଯଥାକ୍ରମେ ଟଙ୍କିଆ ତାଣ୍ଡି, ରାଜେଶ ଭୋଇ, ରାଜାରାମ ସାହୁଙ୍କର ବୋଲି ଜଣାପଡିଛି। ଏନେଇ ଥାନାରେ ଏକ ଅଭିଯୋଗ ହୋଇଥିବା ଜଣାପଡିଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ବଙ୍ଗୋମୁଣ୍ଡା,୧୮।୧୧(ଡି.ଏନ୍.ଏ.)-** ବଙ୍ଗୋମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ସଂଘ ସଭାପତି କପିଳ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଅମୂଲ୍ୟ କୁମାର ଖମାରୀ ବୈଠକର ବିବରଣୀ ପାଠ କରିଥିଲେ। ସଭ୍ୟ ଯୁଗଳ କିଶୋର ମେହେର, ଲଳିତ ମୋହନ ମେହେର, ହରିବନ୍ଧୁ ବିଶ୍ୱାଳ, ଲେଖାରାମ ସାହୁ, ସତ୍ୟବାନ ସାହୁ ପ୍ରମୁଖ ମତ ବ୍ୟକ୍ତ କରିଥିଲେ। ସଭ୍ୟ ଦିବାକର ମେହେର ବରିଷ୍ଠ ନାଗରିକଙ୍କ ନିମନ୍ତେ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜକିଶୋର ତ୍ରିପାଠୀ ସ୍ୱରଚିତ କବିତା ପାଠ କରିଥିଲେ। ସହସମ୍ପାଦକ ବିପିନ ବିହାରି ସାହୁ ସଭା ପରିଚାଳନା କରିଥିଲେ। ସଭ୍ୟ ରାହାସ ଥନାପତି, ବିଷ୍ଣୁପ୍ରସାଦ ସାହୁ, ନରସିଂହ ପାତ୍ର, ତ୍ରିବିକ୍ରମ ପଟ୍ଟନାୟକ, କୋଷାଧକ୍ଷ ସୀତାରାମ ପୁଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଲୋଇସିଂହା କପ୍ ଫୁଟବଲ: ସେମିରେ ଲୋଇସିଂହା

ଲୋଇସିଂହା,୧୫।୧୧(ଡି.ଏନ.ଏ.)- ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିମରେ ଚାଲିଥିବା ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ପଞ୍ଚମ ଦିବସ। ଏହି ଅବସରରେ ଗ୍ରୁପର ବି' ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ କୁଟିଣ୍ଡା ବିଏଫ୍ଏସ୍ ଏବଂ ଲୋଇସିଂହା ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଲୋଇସିଂହା ଏକାଦଶ ବିଜୟୀ ହୋଇଛି। ବି' ଗ୍ରୁପରୁ ଦ୍ୱିତୀୟ ଦଳଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସୋମବାର ଲୋଇସିଂହା ଏକାଦଶ ଏବଂ ଇଲେଭେନ୍‌ଷ୍ଟାର ବଲାଙ୍ଗୀର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ରୁଗ୍‌ଣ ଅବସ୍ଥାରେ ଦେଓଗାଁ ଛେଳିଫାର୍ମ

- ସରକାରୀ ନିଷ୍କ୍ରିୟତା
- ହେଉନି ପୁନରୁଦ୍ଧାର
- ପ୍ରଜନନ କେନ୍ଦ୍ରରେ ସୀମିତ

**ଦେଓଗାଁ,୧୮।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅଧୀନ ସଇଁନ୍ତଲା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବଙ୍ଗଳାଛକ ନିକଟରେ ୧୯୭୦ମସିହାରେ ସରକାରଙ୍କ ପକ୍ଷରୁ ଗଢ଼ି ଉଠିଥିଲା ମେଣ୍ଢା ପ୍ରଜନନ କେନ୍ଦ୍ର ବା ମେଣ୍ଢା ଫାର୍ମ। ଏହା ୨ଶହ ଛେଳି ରଖାଯିବାର ଏକ ପ୍ରଜନନ କେନ୍ଦ୍ର। ପ୍ରାରମ୍ଭରୁ ଏହି ମେଣ୍ଢାଫାର୍ମ ଅଞ୍ଚଳ ପାଇଁ ଦର୍ଶନୀୟ ତଥା ଶିକ୍ଷଣୀୟ ସ୍ଥାନ ପାଲଟିଥିଲା। ଏଠାରେ ମେଣ୍ଢାଙ୍କ ଯତ୍ନ ନିଆଯାଉଥିବା ବେଳେ ଅନେକ ଉନ୍ନତ କିସମର ଲୋମଧାରୀ ମେଣ୍ଢା ରହୁଥିଲେ। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଅନେକଙ୍କୁ ମେଣ୍ଢା ରପ୍ତାନୀ କରାଯାଉଥିଲା। ଏ ନେଇ ଫାର୍ମକୁ ସଫାସୁତୁରା ରଖିବା ସହ ମେଣ୍ଢା ମାନଙ୍କପାଇଁ ଉନ୍ନତମାନର ଘାସଚାଷ ମଧ୍ୟ କରାଯାଉଥିଲା। ଏକ ଜଙ୍ଗଲ ପରିବେଷ୍ଟିତ ପରିବେଶ ମଧ୍ୟରେ ସରକାରୀ କୋଠରିମାନଙ୍କରେ ଫାର୍ମର କର୍ମଚାରୀ ନିଜ ପରିବାର ସହ ରହୁଥିଲେ। ପ୍ରତ୍ୟହ ଫାର୍ମରେ ଗହଳି ରହୁଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ମେଣ୍ଢାଚାଷ ପ୍ରଶିକ୍ଷଣ ପାଇଁ ଚାଷୀ ପରିଦର୍ଶନରେ ଆସୁଥିଲେ। ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ମେଣ୍ଢାପାଳନ ଉପରେ ଶିକ୍ଷାଦାନ ନିମନ୍ତେ ଶିକ୍ଷକମାନେ ପରିଦର୍ଶନରେ ଆସୁଥିଲେ। ସମୟର ପରିବର୍ତ୍ତନରେ ଏହି ଫାର୍ମ ବର୍ତ୍ତମାନ ଏକ ଉନ୍ନତମାନର ଫାର୍ମ ହୋଇ ଅଞ୍ଚଳ ତଥା ରାଜ୍ୟପାଇଁ ଏକ ଉଦାହରଣ ସାଜିବା କଥା। ହେଲେ ବିଡମ୍ବନାର ବିଷୟ ଏହି ଫାର୍ମ ଆଜି ସରକାରୀ ଦୃଷ୍ଟି



ଅବହେଳିତ ଅବସ୍ଥାରେ ରହିଥିବା ପୂର୍ବର ମେଣ୍ଢା ଫାର୍ମ ତଥା ବର୍ତ୍ତମାନର ଛେଳି ପ୍ରଜନନ କେନ୍ଦ୍ର।

### ଏମାନେ ଯାହା କୁହନ୍ତି...



"ବିଭାଗୀୟ ଓ ରାଜନୈତିକ ଆନ୍ତରିକତା ଅଭାବ ଯୋଗୁ ଏକ ଶିକ୍ଷଣୀୟ ତଥା ଦର୍ଶନୀୟ ପ୍ରକଳ୍ପ ବିଲୁପ୍ତ ହେବାକୁ ବସିଛି।
**- ମନୋରଞ୍ଜନ ସାହୁ, ଦେଓଗାଁ କଛାରପାଲି**



"ଦେଓଗାଁ ମେଣ୍ଢା ଫାର୍ମ ଦିନେ ଅଞ୍ଚଳର ଆକର୍ଷଣର କେନ୍ଦ୍ର ସାଜିଥିଲା। ଏଭଳି ଏକ ପ୍ରକଳ୍ପକୁ ଅଣଦେଖା କରିବା ଦୁର୍ଭାଗ୍ୟର ବିଷୟ।
**- ଲକ୍ଷ୍ମଣ କୁମାର ମେହେର, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି**



"ଏହି ପ୍ରକଳ୍ପର ବିକାଶ ହେଲେ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶ ହୋଇପାରନ୍ତା।
**- ଅନ୍ତର୍ଯ୍ୟାମୀ ଭୋଇ, ପୂର୍ବତନ ସରପଞ୍ଚ**



"ଏହି ପ୍ରକଳ୍ପର ବିକାଶ କ୍ଷେତ୍ରରେ ସମସ୍ତେ ସ୍ୱତନ୍ତ୍ର ଧନ ଦେବାସହ ଦାବି ହେବା ଜରୁରୀ।
**- କରୁଣାକର ମେହେର, ଜରାସିଂହା**

ଆଢୁଆଳକୁ ଚାଲି ଯାଇଛି। ୨୦ବର୍ଷତଳୁ ଏହି ଫାର୍ମକୁ ବିଭାଗୀୟ ତଥା ସରକାରଙ୍କ ଅବହେଳା ଆରମ୍ଭ ହୋଇଯାଇଥିଲା। ଏଠାରେ ମେଣ୍ଢା ପାଳନ ଚାଷୀଙ୍କ ପାଇଁ ଲାଭଜନକ ନହେବାରୁ କାଳକ୍ରମେ ବିଭାଗୀୟ ଅଧିକାରୀମାନେ ଏହି ଫାର୍ମକୁ ବନ୍ଦ କରି ଦେଇଥିଲେ। ଫଳରେ ମଧ୍ୟବର୍ତ୍ତି ସମୟରେ ଏହି ଫାର୍ମରୁ ସମସ୍ତ କର୍ମଚାରୀ ଅନ୍ୟତ୍ର ପଳାଇବା ସହ ଏକ ଭୂତକୋଠି ପାଲଟିଥିଲା। ୬ରୁ ୭ ବର୍ଷହେଲା କେତେକ ବିଭାଗୀୟ କର୍ମଚାରୀ ଯାଆସ କରୁଥିବା ବେଳେ ବର୍ତ୍ତମାନ ଏହି ଫାର୍ମରେ ଛେଳି ଚାଷ ଆରମ୍ଭ କରାଯାଇଛି। ଏଠାରେ କିଛି କର୍ମଚାରୀ ମଧ୍ୟ ରହୁଛନ୍ତି। ତଥାପି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଜାରି ରହିଛି। ସୂଚନାଯୋଗ୍ୟ ଯେ, ୨୦୧୦ ମେ ମାସରେ ଏହି ଫାର୍ମକୁ ତତ୍କାଳୀନ ମତ୍ସ୍ୟ ଓ ପଶୁ ସମ୍ପଦ କମିଶନର ବି.ମୋହନ କୁମାର ଅଚାନକ ପରିଦର୍ଶନରେ ଆସି ଫାର୍ମର ଦୁରାବସ୍ଥା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ସେ ସମୟରେ ତାଙ୍କ ସହ ଥିବା ତତ୍କାଳୀନ ପିଡି ଫାର୍ମର ଉନ୍ନତିକରଣ ପାଇଁ ଡିଆର୍‌ଡିଏରୁ ୫୨ଲକ୍ଷ ଟଙ୍କା ରିଲିଜ ହୋଇଥିବା ପ୍ରକାଶ କରିବା ସହ ଫାର୍ମକୁ ଏକ ଛେଳି ପ୍ରଜନନ କେନ୍ଦ୍ର କରାଯିବ ବୋଲି ସୂଚନା ଦେଇଥିଲେ। ଛେଳି ପ୍ରଜନନ କେନ୍ଦ୍ର ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସେପରି କୌଣସି ଆଖିଦୃଶିଆ ଉନ୍ନତିକରଣ ନଜରକୁ ଆସୁ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ତଥ୍ୟ ଅନୁସାରେ ବର୍ତ୍ତମାନ ଫାର୍ମରେ ଗଞ୍ଜାମ ବ୍ରିଡର ୧୪୫ଟି ଛେଳି ଅଛନ୍ତି। ଏଠାରେ ପରିଚାଳନା ପାଇଁ ମ୍ୟାନେଜରଙ୍କ ସମେତ ଜଣେ ପ୍ରାଣୀଧନ ନିରୀକ୍ଷକ ଓ ଜଣେ ଆଟେଣ୍ଡାଣ୍ଟ ରହିଛନ୍ତି। ଆବଶ୍ୟକ ଚତୁର୍ଥ କର୍ମଚାରୀ, କିରାଣି, ଆଟେଣ୍ଡାଣ୍ଟ ତଥା ଘାସ ଚାଷ ପାଇଁ କେହି ନ ଥିବାରୁ ପ୍ରକଳ୍ପର ବିକାଶ ହୋଇପାରୁ ନାହିଁ। ଉନ୍ନତ ଭିତ୍ତିଭୂମି ଥାଇ ମଧ୍ୟ ଆବଶ୍ୟକ କର୍ମଚାରୀ ଓ ପ୍ରଶାସନିକ ତଥା ରାଜନୈତିକ ଅଭାବ ହେତୁ ପ୍ରକଳ୍ପ ଦିନକୁ ଦିନ ବିଲୁପ୍ତ ହେବାକୁ ବସିଛି। ଏ ସମ୍ପର୍କରେ ଫାର୍ମ ମ୍ୟାନେଜର ଅନିରୁଦ୍ଧ ବିଶ୍ୱାଳଙ୍କୁ ପଚାରିବାରୁ ୨୦୧୧ରୁ ଏଠାରେ ଛେଳି ପ୍ରଜନନ କେନ୍ଦ୍ର ଚାଲିଛି। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ ଚାଲିଥିବା କହିଥିଲେ।

ରିପୋର୍ଟ: **କୃଷ୍ଣପ୍ରସାଦ ପାଣିଗ୍ରାହୀ**

### ବାଲି ଚୋରା ଚାଲାଣ ବେଳେ ଧରା ପଡିଲା ୭ ଟ୍ରାକ୍ଟର

୮୦ ହଜାର ଟଙ୍କା ଜରିମାନା ଆଦାୟ

**ବୀରମହାରାଜପୁର, ୧୮।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତି ମହାନଦୀର ଟିଠିପାଲି ଘାଟରୁ ବାଲି ଚୋରାଚାଲାଣ ବେଳେ ୭ ଟାକ୍ଟର ଧରା ପଡିଛି। ବୀରମହାରାଜପୁର ତହସିଲଦାର ପୋଲିସ ସହ ସଦଳବଳେ ମହାନଦୀ ପଠାରେ ଚଢାଉ କରିଥିଲେ। ଏହି ସମୟରେ ଟାକ୍ଟରଗୁଡିକ ଇତସ୍ତତଃ ଫେରାର ମାରୁଥିବା ବେଳେ ପୋଲିସ ସେମାନଙ୍କୁ ଜବତ କରିଥିଲା। ଜବତ ଟାକ୍ଟର ମାଲିକଙ୍କଠାରୁ ସମୁଦାୟ ୮୦ ହଜାର ଟଙ୍କା ଅସୁଲି କରାଯାଇଛି। ବୀରମହାରାଜପୁର ଥାନା ଏଏସ୍‌ଆଇ ସମ୍ଭୁଭୂଷଣ ଦେହୁରିଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଷ୍ଟାଫ୍ ଉକ୍ତ ଚଢାଉରେ ସାମିଲ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବୀରମହାରାଜପୁର ତହସିଲ ଅନ୍ତଗତ ଏହି ନଦୀପଠାରୁ ବାଲି ଉଠାଣକୁ ନିଷେଧ କରାଯିବା ସହ ପ୍ରଶାସନ ପକ୍ଷରୁ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ସୁଦ୍ଧା ଚୋରାଚାଲାଣକାରୀ ଅମାନ୍ୟ କରି ବାଲି ଉଠାଉଥିବା ଅଭିଯୋଗ ହୋଇ ଆସୁଥିଲା।

କଣ୍ଟାବାଞ୍ଜିରେ ଜିଲା ଦାବି ପ୍ରସଙ୍ଗ

## ଦ୍ୱିତୀୟ ଦିନରେ ତହସିଲ ସମ୍ମୁଖରେ ଧାରଣା

**କଣ୍ଟାବାଞ୍ଜି,୧୮।୧୧ (ଡି.ଏନ୍.ଏ.)**

କଣ୍ଟାବାଞ୍ଜିକୁ ନୂତନ ଜିଲା ଦାବି ନେଇ ଜିଲା ସଂଘର୍ଷ ସମିତି ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଧାରଣା ରବିବାର ଦ୍ୱୀତିୟ ଦିନରେ ପହଞ୍ଚିଛି। ଧାରଣାରେ ଓକିଲ ସଂଘ ସଭାପତି ବ୍ରଜଶ୍ୟାମ ଗୁରୁ, ସଭ୍ୟ ଅରୁଣ ବାଗ, ସଦାନନ୍ଦ ମେହେର, ଉପସଭାପତି ଅଭିମନ୍ୟୁ ନାଗ, ଶୈଳେନ୍ଦ୍ର ବେହେରା, ସମିମ ଖାନ, ସତ୍ୟନାରାୟଣ ରାଏ, ଅବସରପ୍ରାପ୍ତ କର୍ମଚାରୀ ସଂଘର ନରେନ୍ଦ୍ର ସୁନା, ରସିଆ ନନ୍ଦ ରାଏ, ଘନଶ୍ୟାମ ଗହିର, ଡା. ଆୟାଜ ଖାନ ପ୍ରମୁଖ ଧାରଣାରେ ବସିଛନ୍ତି। କଣ୍ଟାବାଞ୍ଜି ଜିଲା ଗଠନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବା ବୋଲି ଜିଲା ସଂଘର୍ଷ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।




ଦ୍ୱିତୀୟ ଦିନ ଧାରଣାରେ ବସିଥିବା ସଂଘର୍ଷ ସମିତିର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

## ଟିକ୍ରାପଡ଼ାରେ ମରୁଡ଼ି ସର୍ବେକ୍ଷଣ

**ଟିକ୍ରାପଡା,୧୮।୧୧ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡ଼ାଠାରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷେତ୍ର ସର୍ବେକ୍ଷଣ ଓ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। କୃଷି ବିଭାଗ ଓ ରାଜସ୍ୱ ବିଭାଗର ଏକ ଯୁଗ୍ମ ସର୍ବେକ୍ଷଣ ଟିମ୍ ଟିକ୍ରାପଡ଼ା ରାଜସ୍ୱ ନୀରିକ୍ଷକ ଅଞ୍ଚଳ ଅଧୀନସ୍ଥ କ୍ଷେତମାନଙ୍କୁ ଯାଇ କ୍ଷେତ୍ର ସର୍ବେକ୍ଷଣ କରିଥିଲେ। ପରେ ଟିକ୍ରାପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତି କାର୍ଯ୍ୟ କରିଥିଲେ। କୃଷି ଅଧିକାରୀ ସୋମନାଥ ମିଶ୍ର ଗ୍ରାମ୍ୟ କୃଷି କର୍ମୀ କଲ୍ୟାଣୀ ବାଗ କୃଷକ ସାଥୀ କାମେଶ୍ୱର ଖର୍ସେଲ, ରାଜସ୍ୱ ବିଭାଗର ସରୋଜ ଜାଲ, ଆଶିଷ ନାୟକ, ବାଲକୃଷ୍ଣ ଭୋଇ, ତ୍ରିନାଥ ବଗର୍ତ୍ତୀ, ମନୋଜ କୁମାର ସା ଏଥିରେ ସାମିଲ ହୋଇଥିଲେ।



ଟିକ୍ରାପଡ଼ାଠାରେ ଯୁଗ୍ମ ସର୍ବେକ୍ଷଣ ଟିମ୍ ମରୁଡି କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ କରୁଛନ୍ତି।

## ଗ୍ରାମାଞ୍ଚଳ କ୍ରିକେଟ: କେଓମାଲ ଚାମ୍ପିୟନ

**ଟିକ୍ରାପଡ଼ା,୧୮।୧୧(ଡି.ଏନ୍.ଏ.)** ସଇଁନ୍ତଲା ବ୍ଲକ ଯୁରାବନ୍ଧଠାରେ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆମୁଣ୍ଡାକୁ ହରାଇ କେଓମାଲ ଦଳ ଚାମ୍ପିୟନ ବିବେଚିତ ହୋଇଛି। ନୂଆମୁଣ୍ଡା ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ବିନିମୟରେ ୬୭ ରନ୍ କରିଥିଲା। ଜବାବରେ କେଓମାଲ ୮ ଓଭରରେ ୨ ଉଇକେଟ ହରାଇ ୬୮ ରନ୍ କରି ବିଜୟୀ ହୋଇଥିଲା। ଜ୍ୟୋତିରଞ୍ଜନ ପଧାନ, ରୂପଧର ଅଡସୁଲିଆ, ହରିବନ୍ଧୁ ସୁନାନୀ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ରବିନାରାୟଣ ମହାକୁର ଅଧକ୍ଷତା କରିଥିଲେ। ସମିତି ସଭ୍ୟ ଗଙ୍ଗାଧର ବାରିକ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁକେଶଚନ୍ଦ୍ର ଠାକୁର ଅତିଥି ପରିଚୟ ଓ ସୁରେଶ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋର ପଞ୍ଚାୟତ କୋଶଲ ପଞ୍ଚାୟତ

**ପାଟଣାଗଡ଼,୧୮।୧୧ (ଡି.ଏନ୍.ଏ.)**

ପାଟଣାଗଡ ବ୍ଲକ ଅଧୀନ ବଥର୍ଲା ପଞ୍ଚାୟତ ବିଲାଇସାଥି ଗ୍ରାମରେ ରବିବାର ମୋର ପଞ୍ଚାୟତ କୋଶଲ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋଶଲ ରାଜ୍ୟ ସମନ୍ୱୟ ସମିତି ଆବାହକ ତଥା ସଂଗ୍ରାମୀ ନେତା ପ୍ରମୋଦ ମିଶ୍ର ଯୋଗଦେଇ କୋଶଲ ରାଜ୍ୟର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନୀୟ ଅତିଥି ଭାବେ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘର ମହାସଚିବ ନିରଞ୍ଜନ ବିଶି ଯୋଗଦେଇ କୋଶଲ ରାଜ୍ୟ ଗଠନ ପାଇଁ ପ୍ରତିଗ୍ରାମରୁ କୋଶଲ ସଂଗ୍ରାମୀ ବାହାରି ଆନ୍ଦୋଳନକୁ ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ଡିସେମ୍ବର ୧୭ତାରିଖରେ କୋଶଲ ମହାବନ୍ଦ ରୂପେ ପାଳନ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମନ୍ୱୟ ସମିତି ବିଭୁଦତ୍ତ ମିଶ୍ର, ପ୍ରିତମ ଠାକୁର, ବନମାଲୀ ନାଏକ, ଗିରିରାଜ ଭୋଇ, ବୁଦ୍ଧଦେବ ସାହୁ, ରଞ୍ଜିତ ସାହୁ, ରିଙ୍କୁ ପୁରୋହିତ ପ୍ରମୁଖ ଯୋଗଦେଇ କୋଶଲ ରାଜ୍ୟର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶେଷରେ କୋଶଲ ରାଜ୍ୟ ସମନ୍ୱୟ ସମିତି ପାଟଣାଗଡ଼ ସଭାପତି ବିମଳ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।




ମୋର ପଞ୍ଚାୟତ କୋଶଲ ପଞ୍ଚାୟତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ସୁରେନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

## ନୂଆଁପଡ଼ା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଚାମ୍ପିୟନ

**ଦେଓଗାଁ,୧୮।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ୪ର୍ଥ ସୁରେନ୍ଦ୍ର ମେହେର ମୋମୋରିଆଲ ଅଲ୍ ଓଡିଶା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଜରାସିଂହା ବିଏନଏଏ ଓ ନୂଆଁପଡା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆଁପଡା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କ୍ଲବ ୧-୦ ଗୋଲରେ ଜରାସିଂହା ବିଏନଏଏ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ଖେଳର ପ୍ରଥମାର୍ଦ୍ଧରେ ମିଥୁନ ନାଏକ ଗୋଲଦେଇ ଦଳକୁ ବିଜୟୀ କରାଇଥିଲେ। ଶ୍ରୀବତ୍ସ ମେହେର ଖେଳ ପରିଚାଳନା କରିଥିବା ବେଳେ ଲାଇନ ମ୍ୟାନଭାବେ କୁନ୍ତେ ମେହେର, ପ୍ରଶାନ୍ତ ଥନାପତି ଓ କୈଳାସ କର୍ଣ୍ଣ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ତଥା କମିଟି ସମ୍ପାଦକ ସୁନ୍ଦରମଣି ଦଣ୍ଡସେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ବିଡିସିସି ଏଜିଏମ ରବୀନ୍ଦ୍ର କୁମାର ସାହୁ, ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ରାଜୁ ମେହେର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୧୧୧୧ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୭୭୭୭ ନଗଦ ଟଙ୍କା ପୁରସ୍କୃତ କରିଥିଲେ। ଏହି ଅବସରରେ ବରିଷ୍ଠ ଖେଳାଳି ଭାବେ ଦେବ ପ୍ରସାଦ ମେହେର, ପଙ୍କଜ ପୁଟେଲ ଓ ମରୋଣତ୍ତର ସମ୍ମାନରେ ସ୍ୱର୍ଗତ ଜମିଦାର ପର୍ଶୁରାମ ସିଂଦେଓଙ୍କ ତରଫରୁ ତାଙ୍କ ନାତି ଦୁର୍ଗା ପ୍ରସାଦ ସିଂ ଦେଓଙ୍କ ସମ୍ମାନୀତ କରାଯାଇଥିଲା। ଏହି ଦିନ ଫାଇନାଲ ମ୍ୟାଚ ପୂର୍ବରୁ ଅପରାହ୍ନ ୨ଟାରେ ବିଶେଷ ଆକର୍ଷଣ ଭାବେ ସମ୍ବଲପୁର ଓ ବରଗଡ ମଧ୍ୟରେ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଖେଳ ୧-୧ ଗୋଲରେ ବରାବର ରହିଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜରାସିଂହା ପ୍ରାକ୍ସ ନିର୍ଦ୍ଦେଶିକା ଯଶୋଦା ମେହେର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଲକ୍ଷ୍ମୀ ମହାନ୍ତି ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ନିଲୁ ସିଂ, ପ୍ରମୋଦ କୁମାର ବହିଦାର, ଜିତୁ ତ୍ରିପାଠୀ ତଥା ବିଏନ୍‌ଏଏର ସମସ୍ତ କର୍ମକର୍ତ୍ତା ଓ ସୁରେନ୍ଦ୍ର ମେହେର ମେମୋରିଆଲ ପରିଚାଳନା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।




ଜରାସିଂହାରେ ସୁରେନ୍ଦ୍ର ମେହେର ମେମୋରିଆଲ ଅଲ ଓଡିଶା ଫୁଟବଲ ଫାଇନାଲ ଅବସରରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ବୋଡେନ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

ବୋଡେନ,୧୮।୧୧(ଡି.ଏନ.ଏ.) ନୂଆପଡ଼ା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିରର ବିଂଶତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବୋଡେନ ତହସିଲଦାର ନାବ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଖେଳ ଦ୍ୱାରା କିଭଳି ଉପକାର ମିଳେ ତାହା ବୁଝାଇଥିଲେ। ମା' ଦ୍ୱାରଶନୀ ପୀଠରୁ ମଶାଲ ଯାତ୍ରା ଛାତ୍ରମାନଙ୍କ ଦ୍ୱାରା ଅଣାଯାଇ ପଡିଆରେ ପହଞ୍ଚିଥିଲା। ମଶାଲ ସ୍ୱାଗତ ପରେ ୫୪ ପ୍ରକାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନୂଆପଡା ବିଭାଗ ପ୍ରମୁଖ ଗୟାଧର ମହାନ୍ତ, ପରିଚାଳନା ସମିତି ସମ୍ପାଦକ ରୋହିତ ଦଣ୍ଡସେନା ଓ ସହ ସମ୍ପାଦକ ଅରିଗଞ୍ଜନ ବେହେରା ଉପସ୍ଥିତ ଥିଲେ। ପ୍ରଧାନ ଗୁରୁଜୀ ତ୍ରିନାଥ ନାଗ ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଟିକେଶ୍ୱର ନାଗ ଧନ୍ୟବାଦ ଦେଇଥିଲେ। ରଞ୍ଜନ ହଂସ ଖେଳ ପରିଚାଳନା କରିଥିଲେ।

### ରାସ୍ତା ଉପରକୁ ମାଡି ଗଲାଣି ଅମରି ବଣ

କିର୍ମିରା, ୧୮।୧୧ (ଡି.ଏନ.ଏ)- ଝାରସୁଗୁଡା ଅର୍ଡା ଗ୍ରାମରୁ ଠାକୁରପଡା ଗୌଡପାନପାଲି ଦେଇ ବାଗଡିହି ଯାଇଥିବା ରାସ୍ତାରେ ଅମରି ବଣ ବ୍ୟାପିଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧୦ରୁ ୧୨ ଫୁଟ ଉଚ୍ଚର ଅମରି ଗଛ ରାସ୍ତା ଉପରକୁ ୫ଫୁଟ ପର୍ଯ୍ୟନ୍ତ ମାଡି ଯାଇଛି। ଗାଡି ଚାଳକଙ୍କୁ ଅସୁବିଧା ଭୋଗ କରିବାକୁ ପଡିଥାଏ । ଏହା ବ୍ୟତିତ ରାସ୍ତା ଖରାପ ଥିବାରୁ ସମସ୍ୟା ବଢ଼ିଯାଇଛି ।




ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

### ସାହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

# ବିଶ୍ୱାୟନ କବିତା ଜୀବନକୁ ପ୍ରଭାବିତ କରିଛି

**ବଲାଙ୍ଗୀର ଅଫିସ, ୧୮।୧୧**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ବଲାଙ୍ଗୀର ସହରରେ ତିନୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୂର୍ବାହ୍ନରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟଠାରେ ବିଶ୍ୱାୟନ ଓ ଓଡ଼ିଆ କବିତା ଶୀର୍ଷକ ଆଲୋଚନାଚକ୍ର, ଅପରାହ୍ନରେ ସ୍ଥାନୀୟ ତ୍ରିବେଣୀ ହୋଟେଲରେ କବିସନ୍ଧି ଓ ସନ୍ଧ୍ୟାରେ ଲୋକ ଗଣର ସ୍ୱର ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହିଳା କଲେଜଠାରେ ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ପରିଷଦ ଆବାହକ ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କବି ଭାଗୀରଥି ମିଶ୍ର, ପ୍ରହ୍ଲାଦ ଶତପଥୀ, ସଞ୍ଜୟ ମିଶ୍ର ଓ ଅଧ୍ୟାପିକା ସୁଷମା ମଞ୍ଜରୀ ନାୟକ ଆଲୋଚକ ଭାବେ ଯୋଗଦାନ କରିଥିଲେ । ଉପଦେଷ୍ଟା ପରିଷଦ ସଭ୍ୟ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ । ବିଶ୍ୱାୟନ ଏବଂ ଓଡ଼ିଆ କବିତା ଶୀର୍ଷକ ଆଲୋଚନାଚକ୍ରରେ ଆଲୋଚକମାନେ ସୁଚିନ୍ତିତ ମତାମତ ପ୍ରଦାନ କରି ବିଶ୍ୱାୟନ ଓଡିଆ କବିତା ଓ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଛି। ସକରାତ୍ମକ ଓ ନକରାତ୍ମକ ପ୍ରଭାବଭିତରେ କବିତା ଓ ଜୀବନ ଉଭୟ ଜୀବନ୍ତ ହୋଇଉଠିଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ବିଶ୍ୱାୟନର ପ୍ରଭାବ ଓଡ଼ିଆ କବିତାକୁ ପୁଷ୍ଟ କରିଛି ବୋଲି କହିଥିଲେ। ସଭା ଶେଷରେ ଅଧ୍ୟାପକ ହେମନ୍ତ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସଭାରେ ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ ସନାତନ ଠାକୁର, ନିମାଇଁ ପାଣିଗ୍ରାହୀ, ସନ୍ଦୀପ କୁମାର କୁଅଁର, ଡା. ଜ୍ୟୋତି ସାହୁ ଓ କଲେଜର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଅପରାହ୍ନରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ କବିସନ୍ଧି ତ୍ରିବେଣୀ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଡ. ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିସନ୍ଧି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଖ୍ୟାତ୍ ଓଡ଼ିଆ, ହିନ୍ଦୀ ଓ କୋଶଲୀ କବି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଯୋଗ ଦେଇଥିଲେ । କବି ଉଦ୍‌ଗାତା ବକ୍ତବ୍ୟ ରଖି ସାହିତ୍ୟ ଓ ସାହିତ୍ୟିକ କିଭଳି ଅମର ରହେ କହିଥିଲେ । ବାଲ୍ମିକୀ, ବ୍ୟାସ ମରିନାହାନ୍ତି ଓ ସେ ନିଜେ ମଧ୍ୟ ମରିବେ ନାହିଁ ସେଇ ବିଶ୍ୱାସ ତାଙ୍କର ରହିଛି ବୋଲି ସେ କହିଥିଲେ । ଏହି ଅବସରରେ ତାଙ୍କ ଦୀର୍ଘ ସାହିତ୍ୟ ସାଧାନା ଜୀବନ ଉପରେ ଆଲୋଚନା କରି ନିଜସ୍ୱ କବିତା ପାଠ କରିଥିଲେ । ପରେ ସନ୍ଧ୍ୟାରେ ଏକାଡେମୀ ପକ୍ଷରୁ ଲୋକ ଗଣର ସ୍ୱର ଶୀଷର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଘୁବକୁଡୁ ନୃତ୍ୟର ଗବେଷକ ଡ. ପବିତ୍ର ଦଣ୍ଡସେନା ଘୁବକୁଡୁ ବାଦ୍ୟ ଉପରେ ଆଲୋଚନା କରିଥିଲେ । ପରେ ସାଥୀଙ୍କ ସହ ଦଣ୍ଡସେନା ଘୁବକୁଡୁ ନୃତ୍ୟ ପରିବେଷଣ କରିଥିଲେ । ଏହି ସଭାରେ ଏକାଡେମୀ ଆବାହକ ସିଂ ସ୍ୱାଗତ ବକ୍ତବ୍ୟ ଦେଥିଲେ । ଶେଷରେ ଗୁରୁଶ୍ରୀ ଘାସିରାମ ମିଶ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁଜେଷ୍ଟି ମେହେର, ରଞ୍ଜିତ ମିଶ୍ର, ମୃତ୍ୟୁଞ୍ଜୟ ସାହୁ, ପଞ୍ଚାନନ ମିଶ୍ର ଓ ଅନ୍ୟମାନେ ସହଯୋଗ କରିଥିଲେ ।

## ଫଟୋରେ ଖବର



ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଥିବା ଜିଲା ସଂସ୍କୃତି କାର୍ଯ୍ୟାଳୟ କାନ୍ଥ ଫାଟି ଆଁ କରିଥିଲେ ବି ମରାମତି କରାଯାଉନାହିଁ ।



କୋଟି କୋଟି ଟଙ୍କା ଖର୍ଚ୍ଚ କରି ମେଡିକାଲ କଲେଜ ହସ୍ପିଟାଲ ତିଆରି ହୋଇଥିଲେ ମଧ୍ୟ ଡ୍ରେନ୍ ନ ଥିବାରୁ ପାଇଖାନା, ପରିସ୍ରାଗାର ପାଣି ହସ୍ପିଟାଲ ଭିତର ରାସ୍ତା ଉପରେ ଯାଉଛି।



ବଲାଙ୍ଗୀର ମ୍ୟୁନିସିପାଲିଟି ଟ୍ରାକ୍ଟରରେ ଖୋଲାରେ ଆବର୍ଜନା ସ୍ଥାନାନ୍ତରଣ କରାଯାଉଥିବାରୁ ଅନେକ ସମୟରେ ଏହା ଉଡି ଯାତ୍ରୀଙ୍କୁ ହଇରାଣରେ ପକାଉଛି।

# ରୋହିଦାସ ସଂଘର ଆଞ୍ଚଳିକ କମିଟି ଗଠନ

**ଝାରସୁଗୁଡା ଅଫିସ,୧୮।୧୧**

ଝାରସୁଗୁଡ଼ା ଜିଲା ରୋହିଦାସ ସେବା ସଂଘର ଆଞ୍ଚଳିକସ୍ତରୀୟ ବୈଠକ ରବିବାର ଝାରସୁଗୁଡା ବ୍ଲକ୍ ଦଲକିଠାରେ ହୋଇଯାଇଛି। ସଭାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ନିଶା ନିବାରଣ, ନାରୀ ସଶକ୍ତିକରଣ ଭଳି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହାପରେ ଏକ ଆଞ୍ଚଳିକ ସ୍ତରୀୟ କମିଟି ଗଠନ କରାଯାଇଛି। ନୂତନ କର୍ମକର୍ତ୍ତା କୈଳାଶ ରୋହିଦାସ, ସୁରେନ୍ଦ୍ର ମିରିଗ, ନରେଶ ରୋହିଦାସ, ରମେଶ ରୋହିଦାସ, ଲୋକନାଥ ରୋହିଦାସ ପ୍ରମୁଖଙ୍କୁ ସଂଘ ସଭାପତି ଛବିଳ ସା ଶପଥ ପାଠ କରାଇଥିଲେ।

# ଜେଜେମା ଜେଜେବାପା ସମ୍ମିଳନୀ

**ନୂଆପଡା ଅଫିସ,୧୮।୧୧**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେମା ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ କନ୍ଦର୍ପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମଶ୍ୱର ମୁଣ୍ଡ ମୁଖ୍ୟଅତିଥି, ହରିପୁର ଆଶ୍ରମରୁ ଆଚାର୍ଯ୍ୟ ମନୁଦେବ ଆର୍ଯ୍ୟ ମୁଖ୍ୟବକ୍ତା, ଗଜେନ୍ଦ୍ର ମିଶ୍ର, ମନୁଦେବ ଆର୍ଯ୍ୟ, ହେମନ୍ତ କୁମାର ଦଣ୍ଡସେନା, ବିଜୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜେଜେମା ଜେଜେବାପାମାନେ ସେମାନଙ୍କ ପୁରୁଣା ଅନୁଭୂତି ବଖାଣିଥିବା ବେଳେ ଆଜିର ଶିଶୁମାନେ କିପରି ପରିବାର ଏବଂ ବିଦ୍ୟାଳୟରେ ଶିଷ୍ଟାଚାର ଆଚରଣ କରି ବିଦ୍ୟା ଗ୍ରହଣ କରିପାରିବେ ସେ ଉପରେ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକ୍ଷତ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

### ସମର୍ଥ ଭାରତ, ସୁରକ୍ଷିତ ଭାରତ ଉପରେ ସେମିନାର

# ବ୍ୟକ୍ତି ନିର୍ମାଣ ହେଲେ ରାଷ୍ଟ୍ର ଗଠନ ସମ୍ଭବ

**ନୂଆପଡା ଅଫିସ,୧୮।୧୧**

- ଟ୍ରଷ୍ଟ ତରଫରୁ ଶୀତ ବସ୍ତ୍ର ବଣ୍ଟନ
- ପତୋରା ଆବାସିକ ବିଦ୍ୟାମନ୍ଦିର

ବ୍ୟକ୍ତି ନିର୍ମାଣ ହେଲେ ରାଷ୍ଟ୍ର ନିର୍ମାଣ ସ୍ୱତଃ ଭାବରେ ହୋଇଥାଏ । ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ସବୁ ବେଳେ ବ୍ୟକ୍ତି ନିର୍ମାଣକୁ ଗୁରୁତ୍ୱ ଦେଇଆସିଛି । ତେଣୁ କରି ବ୍ୟକ୍ତିର ସାମୁହିକ ବିକାଶ ସହ ରାଷ୍ଟ୍ରୀୟ ବିଚାରଧାରା ଲୋକଙ୍କ ମଧ୍ୟରେ ଉଭାଷିତ କରିବା ଦରକାର ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ପତୋରାସ୍ଥିତ ଆଦିବାସୀ ଆବାସିକ ବିଦ୍ୟାଳୟ (ଶିଶୁ ମନ୍ଦିର)ରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବକ୍ତାମାନେ ଯୋଗଦେଇ ଏହି ମତ ରଖିଛନ୍ତି । ଅଭ୍ୟୁଦୟ ଚେରିଟେବଲ ଟ୍ରଷ୍ଟ ତରଫରୁ ସମର୍ଥ ଭାରତ, ସୁରକ୍ଷିତ ଭାରତ ଶୀର୍ଷକ ଏକ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଥିଲେ । ଶିକ୍ଷା ବିକାଶ ପରିଷଦ ଦ୍ୱାରା ପରିଚାଳିତ ସ୍ଥାନୀୟ ପତୋରାସ୍ଥିତ ଆଦିବାସୀ ଆବାସିକ ଶିଶୁ ମନ୍ଦିରରେ ଆୟୋଜିତ ସେମିନାରରେ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରଶାନ୍ତ କୁମାର ସଭାପତିତ୍ୱ କରିଥିବା ବେଳେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ନୂଆପଡା ନଗର ସଂଘ ଚାଳକ ଡା. ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଚେରିଟେବଲ ଟ୍ରଷ୍ଟର ସମ୍ପାଦକ ପ୍ରଣବ କୁମାର ଶତପଥୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏଥିରେ ଜିଲା ତଥା ଜିଲା ବାହାରୁ ବହୁ ପ୍ରତିଭାବାନ ବକ୍ତାମାନେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏଥିରେ ବ୍ୟକ୍ତି ନିର୍ମାଣକୁ ସମସ୍ତ ବକ୍ତା ଗୁରୁତ୍ୱ ଦେଇଥିଲେ । ବ୍ୟକ୍ତିଙ୍କ ଶାରିରୀକ, ମାନସିକ ତଥା ବୈଚାରିକ ପରିବର୍ତ୍ତନ ଦରକାର ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ଟ୍ରଷ୍ଟ ତରଫରୁ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ କମ୍ବଳ ଆଦି ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଚାରକ ମୋହନ ପ୍ରଧାନ, ଏମ.ଏସ.ଏସ. ସୁର ମନ୍ଦିରର ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ଶତପଥୀ, ସ୍ଥାନୀୟ ସିଆରପିଏଫର ଅଧିକାରୀ ଅରୁଣ ମିଞ୍ଜ, ବିଦ୍ୟାଳୟର କୋଷାଧ୍ୟକ୍ଷ ସନ୍ତରାମ ସାହୁ ପ୍ରମୁଖ ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ବିଦ୍ୟାଳୟର ଛାତ୍ରୀଛାତ୍ର ବୃନ୍ଦ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers: 7409020316з

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadpur, Village-Mahammadpur, Tehsil- Gogawa, Dist- Khargone, MP - 451335

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9897499698
Goudunipokhari, Pharsibandha, Bhadrak, Odisha - 756132

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର

## ସଂକ୍ଷେପରେ

### ଚାରଭଟା କଲେଜରେ ଚକ୍ଷୁ ଚିକିତ୍ସା ଶିବିର

ତରଭା,୧୮।୧୧(ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ପଞ୍ଚାୟତ କଲେଜ ଚାରଭଟାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରୀଛାତ୍ର ଚକ୍ଷୁ ପରୀକ୍ଷା କରାଇଥିଲେ । ଯୁବ ରେଡକ୍ରସ ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । କଲେଜ ଅଧକ୍ଷ ମହମ୍ମଦ ମୁସେଲମିନ ସଭାରେ ଅଧକ୍ଷତା କରିଥିଲେ । ପ୍ରମିଳା ପଣ୍ଡା, ପ୍ରଦୀପ ପୂଜାରୀ, ଚନ୍ଦ୍ରମା ମିଶ୍ର, ଭରତ ବିଶ୍ୱାଳ, ଦୁତିଆ ମହାନନ୍ଦ ଓ ତାରାଶଙ୍କର ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ ।

# ପଞ୍ଜୀକରଣ, ପ୍ରମାଣପତ୍ର ନାଁରେ ଶୋଷଣ

- ୧୦ କୋଟିର କାରବାର
- ସୁଧୁରୁନି ନିର୍ମାଣ ଶ୍ରମିକଙ୍କ ଅବସ୍ଥା
- ଦେଶାନ୍ତର ମୁହାଁ ଜିଲାର ଦାଦନ ଶ୍ରମିକ

ବଲାଙ୍ଗୀର ଅଫିସ,୧୮।୧୧

ନିର୍ମାଣ ଶ୍ରମିକ ନିଜ ନାମକୁ ପଞ୍ଜୀକୃତ କରାନ୍ତୁ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା ନିଅନ୍ତୁ ବୋଲି ରାଜ୍ୟ ସରକାର ନାରା ଦେଇଛନ୍ତି। ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଜରିଆରେ ପଞ୍ଜୀକୃତ ଶ୍ରମିକମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେଉଥିବା ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ବିଭିନ୍ନ ଜିଲାରେ ଶ୍ରମିକମାନେ ସେମାନଙ୍କ ନାଁ ପଞ୍ଜୀକରଣ ଓ ୯୦ ଦିନିଆ ଶ୍ରମ ନିୟୋଜନ ପ୍ରମାଣପତ୍ର ଯୋଗାଡ କରିବାରେ ଲାଗିଛନ୍ତି। ତେବେ ଶ୍ରମିକ ପଞ୍ଜୀକରଣ ଓ ୯୦ ଦିନିଆ ଶ୍ରମ ନିୟୋଜନ ପ୍ରମାଣ ପତ୍ର ଯୋଗାଡ କରିବାରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ଶୋଷଣ ଚାଲିଥିବା ଜଣାପଡିଛି। ନାମ ପଞ୍ଜୀକରଣ ଓ ନିୟୋଜନ ପ୍ରମାଣ ପତ୍ର ଯୋଗାଡ ପ୍ରକ୍ରିୟାରେ ଶ୍ରମିକମାନଙ୍କୁ ଶୋଷଣ କରାଯାଉଛି। ଏହି ପ୍ରକ୍ରିୟାରେ ଶ୍ରମ କାର୍ଯ୍ୟାଳୟର ବାବୁମାନେ ଓ କିଛି ଶ୍ରମିକ ସଂଗଠନର କର୍ମକର୍ତ୍ତା ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ହେଲେ ବିଭାଗୀୟ ଉଚ୍ଚ ଅଧିକାରୀ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଭିଜିଲାନ୍ସ ଓ ପୋଲିସ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏହା ଏବେ ଚିରାଚରିତ ପ୍ରଥାରେ ପରିଣତ ହୋଇଛି। ଦାଦନ ପ୍ରବଣ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ସମସ୍ୟା ଓ ନିର୍ଯାତନା ଘଟଣାକୁ ନେଇ ଗତ ପ୍ରାୟ ୪ ଦଶନ୍ଧି ହେଲା ରାଜ୍ୟ, ଜାତୀୟ, ଆନ୍ତର୍ଜାତିକସ୍ତରରେ ଚର୍ଚ୍ଚା ଜାରି ରହିଛି। ଜିଲାର ବେଆଇନ୍ ଦାଦନ ଶ୍ରମିକ ଚାଲାଣ ରୋକିବା ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଦାଦନ ଶ୍ରମିକ ସମସ୍ୟାର ସମାଧାନ ଆଶା କରିଛନ୍ତି । ତେବେ ସେସବୁ ଫଁରସ ଫାଟି ଯାଇଛି। ପ୍ରତିବର୍ଷ ରାଜ୍ୟ ବାହାରକୁ ସ୍ଥାନାନ୍ତର ହେଉଥିବା ଜିଲାର ଲକ୍ଷାଧିକ ଦାଦନ ଶ୍ରମିକମାନଙ୍କୁ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଜରିଆରେ ସହାୟତା ପ୍ରଦାନ କରିବା ପାଇଁ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଜିଲା ଶ୍ରମ ବିଭାଗ ସୂଚନା ମୁତାବକ, ଗତବର୍ଷ ୩୭ ହଜାର ଦାଦନ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଇଥିଲା । ଚଳିତବର୍ଷ ସମଗ୍ର ଜିଲାରେ ୭୦ ହଜାର ନିର୍ମାଣ ଓ ଦାଦନ ଶ୍ରମିକ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ନିର୍ମାଣ ଶ୍ରମିକ ୨୦ ଟଙ୍କା ଓ ଅସଂଗଠିତ ଶ୍ରମିକ ୩୦ ଟଙ୍କା ଦେଇ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବା ନିୟମ ରହିଛି। ନାମ ପଞ୍ଜୀକରଣ ପରେ ସେମାନେ ବାର୍ଷିକ ୫୦ ଟଙ୍କା ଲେଖାଏ ଦେଇ ସଦସ୍ୟତା ନବୀକରଣ କରିପାରିବେ। ଏହି କାମ ଜିଲା ଶ୍ରମ ଅଫିସକୁ ଆସି ସିଧାସଳଖ କରିପାରିବେ। ତେବେ କଲ୍ୟାଣ ବୋର୍ଡ ପକ୍ଷରୁ ସହାୟତା ପାଇବାକୁ ହେଲେ ନିର୍ମାଣ ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରିଥିବା ଯେକୌଣସି ଠିକାଦାର କିମ୍ବା କୌଣସି ଶ୍ରମିକ ସଂଗଠନଠାରୁ ୯୦ ଦିନିଆ ଶ୍ରମ ନିୟୋଜନ ପ୍ରମାଣପତ୍ର ଯୋଗାଡ଼ କରିବା ନିୟମ ରହିଛି। ବଲାଙ୍ଗୀର ଶ୍ରମ କାର୍ଯ୍ୟାଳୟରେ ଯୋଡି ହୋଇଥିବା ୨୨ଟି ଶ୍ରମିକ ସଂଗଠନ ଜିଲାର ବିଭିନ୍ନ ବ୍ଲକର ନିର୍ମାଣ ଶ୍ରମିକମାନଙ୍କୁ ଶ୍ରମ ନିୟୋଜନ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି। ଏନେଇ ଶ୍ରମିକମାନଙ୍କଠାରୁ କିଛି ଦଲାଲ ଟଙ୍କା ଅସୁଲ କରୁଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଶ୍ରମିକ ନାମ ପଞ୍ଜୀକରଣ, ବାର୍ଷିକ ନବୀକରଣ ଓ ଶ୍ରମ ନିୟୋଜନ ପ୍ରମାଣପତ୍ର ବାବଦରେ ଜିଲାରେ ୧୦ କୋଟି ଟଙ୍କାର କାରବାର ଚାଲିଛି। ଏଥିରେ ବିଭିନ୍ନ ଶ୍ରମିକ ସଂଗଠନର କିଛି ଦଲାଲ, କିଛି ସରକାରୀ ବାବୁ ସାମିଲ ଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ଜିଲାରେ ବେଆଇନ୍ କାମରେ ସକ୍ରିୟ ଥିବା କିଛି ଶ୍ରମିକ ନେତା ଗତ ୪ରୁ ୫ ବର୍ଷରେ କୋଟିପତି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଦିଗରେ ଲୋକେ ଖୋଲାଖୋଲି ଅଲୋଚନା କଲେ ମଧ୍ୟ ଜିଲା ପ୍ରଶାସନ, ଭିଜିଲାନ୍ସ ବିଭାଗ, ଓଡ଼ିଶା ରାଜ୍ୟ କୋଠାବାଡି, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ କିଛି ବି ଆଖିଦୃଶିଆ ପଦକ୍ଷେପ ନ ନେଇ କେବଳ ଆଖି ବୁଜି ଦେଖୁଥିବା ଅଭିଯୋଗ ହେଉଛି। ଏନେଇ ଜିଲା ଶ୍ରମ ଅଧିକାରୀ ସୁରେଶ କୁମାର ବେହେରାଙ୍କୁ ପଚାରିବାରୁ ନିର୍ମାଣ ଶ୍ରମିକ ସହାୟତା ଓ ସଚେତନତା ନେଇ ଜିଲାରେ ବ୍ୟାପକ କାର୍ଯ୍ୟକ୍ରମ ଚାଲିଛି । ତା ସତ୍ତ୍ୱେ କିଛି ଶ୍ରମିକ ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଉଛି।

### ଝାରସୁଗୁଡା ଜିଲାର ମଦ ଦୋକାନ ସିଲ୍

ଝାରସୁଗୁଡା ଅଫିସ,୧୮।୧୧

ଛତିଶଗଡ ବିଧାନସଭା ନିର୍ବାଚନ ପାଇଁ ଓଡ଼ିଶାର ସୀମାନ୍ତ ଜିଲାରେ ହାଇଆଲର୍ଟ ଜାରି ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଛତିଶଗଡ ସୀମାନ୍ତରେ ଥିବା ଓଡ଼ିଶାର ୮ଟି ଜିଲାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ନିର୍ବାଚନକୁ ପ୍ରଭାବିତ କରିବାରେ ସହାୟକ ସାମଗ୍ରୀ ଯଥା ମଦ, ଗଞ୍ଜେଇ ଭଳି ନିଶାଦ୍ରବ୍ୟ, କଳାଟଙ୍କା, ଗୁଳିଗୋଳା, ଗୁଣ୍ଡା, ମାଫିଆଙ୍କ ଯାତାୟତ ଏବଂ ପରିବହନ ଉପରେ କଟକଣା ଲଗାଯାଇଛି। ଛତିଶଗଡ ସୀମାନ୍ତରେ ଥିବା ଓଡ଼ିଶାର ୮ଟି ଜିଲା ମଧ୍ୟରୁ ଝାରସୁଗୁଡା ଅନ୍ୟତମ। ଏହା ପଡୋଶୀ ଛତିଶଗଡର ରାୟଗଡ ଜିଲାକୁ ସଂଯୋଗ କରୁଛି। ନଭେମ୍ବର ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଏହାର ୪୮ ଘଣ୍ଟା ଆଗରୁ ଅର୍ଥାତ ରବିବାର ଝାରସୁଗୁଡା ଜିଲାର ସମସ୍ତ ମଦ ଦୋକାନ ବନ୍ଦ କରାଯାଇଛି। ୯୦ ଆସନ ବିଶିଷ୍ଟ ଛତିଶଗଡ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଜାରି ରହିଛି।

## ଡେଲି ମାର୍କେଟର ଉନ୍ନତୀକରଣ
# ୯୭ ଲକ୍ଷ ଟଙ୍କାର ଅନୁମୋଦନ ପତ୍ର ଆସିଲା

ବଲାଙ୍ଗୀର ଅଫିସ, ୧୮।୧୧

ବଲାଙ୍ଗୀର ଡେଲି ମାର୍କେଟ୍ ଉନ୍ନତୀକରଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୯୭ ଲକ୍ଷ ୧୦ ହଜାର ଟଙ୍କା ଅନୁମୋଦନ ପତ୍ର ପ୍ରଦାନ କରାଯାଇଛି । ଅନୁମୋଦନ ପତ୍ର ଆସିବା ନେଇ ସ୍ଥାନୀୟ ଡେଲି ମାର୍କେଟ ପରିସରରେ ଅନୁଷ୍ଠିତ ସଭାରେ ଏହି ସୂଚନା ଦିଆଯାଇଛି। ଡେଲି ମାର୍କେଟ୍ ପରିବା ବିକାଳୀ ସଂଘ ପକ୍ଷରୁ ସଭାପତି ଅମିତାଭ ନାଗଙ୍କ ପରିଚାଳନା କ୍ରମେ ଅନୁଷ୍ଠିତ ସଭାରେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ସନ୍ତୋଷିନୀ ବେହେରା, ବିଜେଡି ଯୁବନେତା ଅର୍କେଶ ସିଂଦେଓ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଦୈନିକ ବଜାର ମାର୍କେଟ ବିଲଡିଂ ନିର୍ମାଣ ଓ ଉନ୍ନତିକରଣ ପାଇଁ ଅନୁଦାନ ମଞ୍ଜୁର ନେଇ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥୀ, ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି, ସମାଜସେବୀ ବିକ୍ରମାନନ୍ଦ ବହିଦାର, ଶ୍ରମିକ ନେତା ଲଳିତ କୁମାର ନାୟକ ଯୋଗ ଦେଇଥିଲେ। ୨୦୧୬ରେ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ଓ ଯୁବନେତା ଅର୍କେଶ ସିଂଦେଓ ବନଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ । ସେତେବେଳେ ଡେଲିମାର୍କେଟ୍ ବ୍ୟବସାୟୀ ସଂଘ ପକ୍ଷରୁ ଦୈନିକ ବଜାରର ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇ ଏଠାରେ ମାର୍କେଟ ବିଲ୍ଡିଂ ନିର୍ମାଣ ପାଇଁ ଦାବି କରାଯାଇଥିଲା। ଏହି ଦାବିଗୁଡିକ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୯୭ଲକ୍ଷ ୧୭ହଜାର ଟଙ୍କା ଅନୁମୋଦନ ପରେ ଉଭୟ ତତ୍କାଳୀନ ରାଜ୍ୟ ସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ଓ ଯୁବନେତା ଅର୍କେଶଙ୍କୁ ଧନ୍ୟବାଦ ଜଣାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଯୁବ ସଭାପତି ଲୋଟସ ଷଡଙ୍ଗୀ, ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, କାଉନସିଲର ଇର୍ଶାଦ୍ ଖାନ, କୈଳାସ ମହାନ୍ତି, ଉପେନ୍ ଦୀପ, ଅରୁଣ ବେହେରା, ଦେବାଶିଷ ପୁରୋହିତ, ପୂର୍ବତନ ମ୍ୟୁନସିପାଲଟି ଅଧ୍ୟକ୍ଷ ପ୍ରଦୀପ ସାହୁ, ପ୍ରଦ୍ୟୁତ୍ ମିଶ୍ର, ଅଜିତ ପଲ, ସଞ୍ଜୀବ ମିଶ୍ର, ଧ୍ରୁବ ଜୁଏଡ୍, ଧୀରେନ୍ଦ୍ର ବନ୍‌ଛୋର, ଶିବ ବେହେରା, ମନୀଷ ମିଶ୍ର, ଅମୋଦ ଡାଙ୍ଗ, ନୂତନ ସେଠ୍, ମନୁ ପଟ୍ଟନାୟକ, ଆଇନ୍‌ଜୀବୀ ଜୟରାମ ମିଶ୍ର, ଦୈନିକ ବଜାର ପରିବା ବିକାଳୀ ସଂଘ ଉପସଭାପତି ବିଭାସ ଚନ୍ଦ୍ର ସାହୁ, ସମ୍ପାଦକ ରମେଶ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ଅଡିଟର ବିଭୁ ସାହୁଙ୍କ ସହ ବହୁବ୍ୟକ୍ତି ଉପସ୍ଥିତ ଥିଲେ।



ବଲାଙ୍ଗୀର ଡେଲି ମାର୍କେଟ୍‌ଠାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

### ଯୁବକଙ୍କୁ ନିସ୍ଥୁକ ମାଡ, ଲୁଟ୍ ଅଭିଯୋଗ

ବଲାଙ୍ଗୀର ଅଫିସ, ୧୮।୧୧

ସଇଁତଲା ଯିବା ପାଇଁ ବଲାଙ୍ଗୀର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଛକ ରାସ୍ତାକଡରେ ଠିଆ ହୋଇ ଯାତ୍ରୀବାହୀ ବସ୍‌କୁ ଅପେକ୍ଷାରତ ଜଣେ ଯୁବକଙ୍କୁ କୌଶଳ କ୍ରମେ ବାଇକ୍‌ରେ ନେଇ ଲୁଟ୍ କରାଯିବା ସହ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଆମ୍‌ପାଲି କେଁଛୋବାହାଲ ଗାଁର ପ୍ରଦୀପ ବାଗ(୩୯) ଗାଁକୁ ଯିବା ପାଇଁ ରବିବାର ସନ୍ଧ୍ୟାରେ ଶିଶୁ ଉଦ୍ୟାନ ସମ୍ମୁଖ ଛକରେ ଯାତ୍ରୀବାହୀ ବସ୍‌କୁ ଅପେକ୍ଷା କରିଥିଲେ। ସେତିକିବେଳେ ୨ଜଣ ଯୁବକ ୨ଟି ବାଇକ୍‌ରେ ଆସି ସେମାନେ ସଇଁତଲା ଯାଉଥିବା କହିଥିଲେ। ଏନେଇ ପ୍ରଦୀପଙ୍କୁ ବାଇକ୍‌ରେ ବସି ଯିବାକୁ କହିଥିଲେ । ବାଇକ୍‌ରେ ଥିବା ୨ଯୁବକ ଅପରିଚିତ ଥିବାରୁ ପ୍ରଦୀପ ସେମାନଙ୍କ ସହ ଯିବାକୁ ମନା କରିଥିଲେ । ହେଲେ ଯୁବକ ଦ୍ୱୟ ତାଙ୍କୁ ଚିହ୍ନି ଥିବା କହି ଗାଁରେ ଛାଡି ଦେବାକୁ କହିଥିଲେ। ପ୍ରଦୀପ ବାଇକ୍‌ରେ ବସି ଯାଇଥିଲେ । ତେବେ ଜିତୁ ଢ଼ାବା ନିକଟ ଚମଡ଼ା ଗୋଦାମ ପାଖରେ ପହଞ୍ଚିବା ପରେ ରାସ୍ତାକଡକୁ ପ୍ରଦୀପଙ୍କୁ ନେଇ ଲୁଟ୍‌ପାଟ ଆରମ୍ଭ କରିଥିଲେ ।



ଅତିଥିମାନେ ମହିଳାମାନଙ୍କୁ ଋଣ ପ୍ରଦାନ କରୁଛନ୍ତି।

# ଭଇଁଷାରେ ସମବାୟ ସପ୍ତାହ ପାଳନ

ପାଟଣାଗଡ଼,୧୮।୧୧(ଡି.ଏନ୍.ଏ.)

ପାଟଣାଗଡ଼ ବ୍ଲକ ଭଇଁଷା ଗ୍ରାମରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଉପଖଣ୍ଡସ୍ତରୀୟ ସମବାୟ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ଭଇଁଷା ଖେଳପଡ଼ିଆଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ସମ୍ମାନୀୟ ଅତିଥି ଭାବେ ଦେଓଗାଁ ବ୍ଲକ ଅଧ୍ୟକ୍ଷା ତଥା ଜିଲା ସମବାୟ ବ୍ୟାଙ୍କ ନିର୍ଦ୍ଦେଶିକା ରୀନା ମେହେର, ବ୍ୟାଙ୍କ ନିର୍ଦ୍ଦେଶକ ତଥା ଚାଷି ନେତା ଜତି ପଧାନ, ବଲାଙ୍ଗୀର ସମବାୟ ବ୍ୟାଙ୍କ ମ୍ୟାନେଜର ଜୟନ୍ତ ମହାନ୍ତି, ଭଇଁଷା ସମବାୟ ସଭାପତି ସୁରେଶ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ସମବାୟ ସପ୍ତାହ ପାଳନ ଅବସରରେ ମୁଖ୍ୟଅତିଥି ଉପସ୍ଥିତ ଜନସାଧାରଣଙ୍କୁ ସମବାୟ ପରିବାରରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପଖଣ୍ଡର ୧୯ଟି ଜେଏଲ୍‌ଜ ଗୋଷ୍ଠିର ୭୯ଜଣ ମହିଳାଙ୍କୁ ୧ ପ୍ରତିଶତ ସୁଧରେ ୫୦ ହଜାର ଟଙ୍କା ଲେଖାଏ ଋଣ ପ୍ରଦାନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଜିଲା ସମବାୟ ବ୍ୟାଙ୍କ ୨୮ କୋଟି ଟଙ୍କା ଲାଭ କରିଥିବା ଯାହାକି ବିଗତ ବର୍ଷମାନଙ୍କଠାରୁ ସର୍ବାଧିକ ବୋଲି କହିଥିଲେ। ଏହା କେବଳ ସମବାୟ ପରିବାରର ସଦଶ୍ୟମାନଙ୍କ ଦ୍ୱାରା ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ସଭାକୁ ସମବାୟ ବ୍ୟାଙ୍କ ମ୍ୟାନେଜର ତଥା କଳାକାର ରବୀନ୍ଦ୍ର ସାହୁ ପରିଚାଳନା କରିଥିଲେ।

# ଧଣ୍ଡାମୁଣ୍ଡା କପ୍ ଫୁଟବଲ : ଅଇଁଠାପାଲି ଚାମ୍ପିୟନ

ଖପ୍ରାଖୋଲ,୧୮।୧୧ (ଡି.ଏନ୍.ଏ.)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଖେଳ ପଡ଼ିଆରେ ଡିସିସି ପକ୍ଷରୁ ଟାଟା ସ୍ପଞ୍ଜ ଓ ଆଇରନ୍ ସୌଜନ୍ୟରେ ଆୟୋଜିତ ଧଣ୍ଡାମୁଣ୍ଡା କପ୍ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଅଇଁଠାପାଲି ଏବଂ ଜରାସିଂହା ଦଳ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ଅଇଁଠାପାଲି ଦଳ ୧-୦ ଗୋଲରେ ଜରାସିଂହା ଦଳଠାରୁ ବିଜୟୀ ହୋଇଥିଲା। ରେଫରି ଦେବକାନ୍ତ ନାହାକ ଖେଳ ପରିଚାଳନା କରିଥିବା ବେଳେ ଲାଇନ୍‌ମ୍ୟାନ ଭାବେ ଦୋଳଗୋବିନ୍ଦ ମୁଣ୍ଡା, ସୁଶାନ୍ତ ରଣା ରହିଥିଲେ। ସେହିପରି ଫୋର୍ଥ ଅମ୍ପାୟର ଭାବେ ସୁକୁମାର ଭୋଇ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କ୍ଲବ ସଭାପତି ଦେବକାନ୍ତ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓ , ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ପ୍ରବୋଧାନନ୍ଦ ପାଣିଗ୍ରାହୀ, ଆଦିବାସୀ ନେତା ରଘୁନାଥ ସିଂ ବରିହା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୬ ହଜାର ୧ ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ୪ ହଜାର ୧ ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଧାରାବିବରଣୀ ସୁବ୍ରତ ସାହୁ, ସାଇରାମ ସାହୁ, ଦେବଦତ୍ତ ଭୋଇ ପ୍ରମୁଖ ପ୍ରଦାନ କରିଥିବା ବେଳେ ଅଚ୍ୟୁତାନନ୍ଦ ପୁରୋହିତ, ମଣ୍ଟୁ ମିଶ୍ର, ପ୍ରଶାନ୍ତ ମିଶ୍ର, ଦୟା ସାହୁ ପ୍ରମୁଖ କ୍ଲବ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମ୍ୟାଚ ୧୧ ଦିନ ଧରି ଚାଲିଥିବା ବେଳେ ୧୨ଟି ଦଳ ଭାଗ ନେଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

### ତେଲନଦୀରେ ବୁଡି ବାଳକ ମୃତ

ସୋନପୁର,୧୮।୧୧(ନି.ପ୍ର.)

ତେଲନଦୀର ସୁବର୍ଣ୍ଣମେରୁ ମନ୍ଦିର ନିକଟସ୍ଥ ଗଡ଼ଗଡିଆ ଘାଟରେ ବୁଡି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋନପୁର ଧୀବରପଡ଼ାର ସୁରେଶ ନାଏକଙ୍କ ପୁଅ ଅଜାମିଳ(୧୫)। ରବିବାର ଅପରାହ୍ନରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ନଦୀଗର୍ଭରୁ ପଥରକଡରେ ଲାଗି ରହିଥିବା ମୃତଦେହକୁ ଉଦ୍ଧାର କରିଥିଲେ। ଶନିବାର ନଦୀକୁ ଗାଧୋଇବାକୁ ଯାଇ ଅଜାମିଳ ନିଖୋଜ ଥିଲେ । ବହୁ ଖୋଜାଖୋଜି ପରେ ମଧ୍ୟ ମୃତଦେହକୁ ଠାବ କରାଯାଇ ପାରି ନ ଥିଲା ।

# ଡିସିସି ବ୍ୟାଙ୍କର ଏଟିଏମ୍ କାଉଣ୍ଟର ଉଦ୍‌ଘାଟିତ

କଣ୍ଟାବାଞ୍ଜି,୧୮।୧୧ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଚତୁର୍ଥ ଏଟିଏମ୍ କାଉଣ୍ଟର କଣ୍ଟାବାଞ୍ଜି ଶାଖା ପରିସରରେ ରବିବାର ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ବ୍ୟାଙ୍କ ପରିଚାଳନା ସଭାପତି ଲକ୍ଷ୍ମଣ ମେହେର, ସମ୍ମାନିତ ଅତିଥିଭାବେ ପରିଚାଳନା ସମିତି ସଭ୍ୟା ତଥା ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସଭ୍ୟ ପବିତ୍ର ମୋହନ ଦାସ, ଏଜିଏମ୍ ରବୀନ୍ଦ୍ର ସାହୁ, ବରିଷ୍ଠ ପରିଚାଳକ ଗୌରିଶଙ୍କର ସାହୁ, ତୁରେକେଲା ପ୍ୟାକ୍ସ ସଭାପତି ବାୟାମନ ସଗରିଆ, ସୁପର ଭାଇଜର ତପନ କୁମାର ମେହେର, ଦକ୍ଷରାଜ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ସଭାରେ କଣ୍ଟାବାଞ୍ଜି ଶାଖା ପରିଚାଳକ ଯୋଗେଶ୍ୱର ମାଝି ସଭାର ସଭାପତିତ୍ୱ କରିଥିଲେ। ଏହି ଅବସରରେ ସେ ନିକଟରେ ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ୨ଟି ନୂତନ ଶାଖା ଖୋଲାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏପରି କି ସଇଁତଲା, ଜରାସିଂହାଠାରେ ମଧ୍ୟ ୨ଟି ନୂତନ ଏଟିଏମ୍ କାଉଣ୍ଟର ଖୋଲିବାର ସମ୍ଭାବନା ରହିଥିବା କହିଥିଲେ। ସୂଚନା ଯୋଗ୍ୟ, ସଭାପରେ ସଭାପତି ମେହେର ଉପସ୍ଥିତ ୨୦ଟି ପ୍ୟାକ୍ସର ସଭାପତି, ସମ୍ପାଦକ, ମହିଳା, ଏସ୍‌ଏଚ୍‌ଜି ସଭ୍ୟାମାନଙ୍କୁ କଣ୍ଟାବାଞ୍ଜି ପରିବର୍ତ୍ତେ ଅନ୍ୟ ଜିଲା ଗଠନ ପାଇଁ ସମର୍ଥନ କରିବା ସହିତ ନଭେମ୍ବର ୨୨ତାରୀଖ ଆନ୍ଦୋଳନରେ ସାମିଲ ହେବା ପାଇଁ ଆମନ୍ତ୍ରଣ କରିବାରୁ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ ବିରୋଧ କରାଯାଇଛି।

## ସାନଟିକାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍‌ନୀତି ଘଟ୍‌ନା
# ଅଭିଯୋଗ୍‌କେ ବଛ୍‌ରେ ପୁର୍‌ଲା: ତଦଁତ୍ ବାଟ୍‌ବନା

ଲୋଇସିଂହା,୧୮।୧୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ନଅଗାଁ(ଖ) ପଁଚେତ୍‌ର ସାନଟିକା ଗାଁରେ ଏମଜିଏନଆରଇଜିଏସ୍ ଯୋଜ୍‌ନାରେ ୨୦୧୨ରୁ ୨୦୧୬ ଆର୍ଥିକ୍ ବଛର୍‌ରେ ବଡ଼ଭାରି ଦୁର୍‌ନୀତି ହେଇଥିବାର ଗାଁବାସୀ ଜିଲା ପରଶାସନନେ ଅଭିଯୋଗ୍ କରିଥିଲେ। ଇ ଦୁର୍‌ନୀତିରେ ସାମିଲ ଥିବାର ଗାଁସାଥୀ ବିରୋଧ୍‌ନେ କଡ଼ା ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଥିଲେ। ପର୍‌ଶାସନକେ ଅଭିଯୋଗ୍ କରବାର ଆଏଜ୍‌କେ ବଛରେ ବିତିଯାଇଛେ, ହେଲେ ଇ ଦିଗେ ପର୍‌ଶାସନ୍ ତରଫୁ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇ।

ଅଭିଯୋଗ୍ ଅନ୍‌ସାରେ, ନଅଗାଁ(ଖ) ପଁଚେତ୍ ଅଧିନ୍ ସାନଟିକା ଗାଁରେ ଗାଁସାଥୀକଁର ଜରିଆରେ ୨୦୧୨ରୁ ୨୦୧୬ ଭିତ୍‌ରେ ୩ଟା ପ୍ରକଳ୍ପ–ବାଗବାହାଲି–ବିଞ୍ଝାଲଡୁଙ୍ଗରୀ ରାସ୍‌ତା ଉନ୍‌ନତିକରନ୍ ସଂଗେ ପଥରକଟା ଆର୍ ମଲ୍ଲିକମୁଣ୍ଡା ମାଟି କାମ୍ ହେଇଥିଲା। ଇଥିରେ ବଡ଼ଭାରି ଦୁର୍‌ନୀତି ହେଇଥିବାର ଗାଁବାସୀ ସଁଧେ କରିଥିଲେ। ଗାଁବାସୀ ଆର୍ ଗାଁର ଆୟାଥୟୁଥ କ୍ଲବ୍ ତରଫୁ କାମ୍ ବାବ୍‌ଦେ ସୂଚନା ଅଧିକାର ଆଇନ୍ ଜରିଆରେ ତଥ୍ୟ ମାଗିଥିଲେ। ମିଳିଥିବାର ସୂଚ୍‌ନା ଅନ୍‌ସାରେ ୩ଟା ପ୍ରକଳ୍ପ ଲାଗି ୮୦ ଲକ୍ଷ ଟଁକା ଖରଚ୍ ଅଟ୍‌କଲ କରାଯାଇଥିଲା। ଇ କାମ୍‌ରେ ଘରୋଇ, ସରକାରୀ ସଂସ୍ଥା ଆର୍ ରୋଗ୍‌ରେ ଖଟେ ପଡ଼ିଥିବାର ଗାଁର କେତେ ଲୁକ୍‌କର ନାଁରେ ଜାଲ୍ ମାଷ୍ଟରରୁଲ ତିଆର କରି ଟଁକା ଉଠା ଯାଇଥିବାର ଗାଁବାସୀ ସେ ସମିଆରେ ଅଭିଯୋଗ୍ କରିଥିଲେ। ୨୦୧୪ ଆର୍ଥିକ୍ ବଛର୍‌ରେ ବାଗବାହାଲି–ବିଞ୍ଝାଲଡୁଙ୍ଗୁରୀ କାମକରାଯାଇଥିଲା। ଇ କାମ୍‌ରେ ଗାଁର ଦିବ୍ୟ ବଗର୍ତ୍ତି ଯେ ବଲାଙ୍ଗୀରରେ ଥିବାର ମହିନ୍ଦ୍ରା ଶୋ'ରୁମ୍‌ରେ କାମ୍ କରୁଛନ୍। ଇତାକର ନାଁରେ କାମ୍ ଦେଖେଇ ଟଁକା ହଡ଼ପ୍ କରାଯାଇଥିଲା। ସେନ୍‌ତା କରୁଣା ବିଶ୍ୱାଳ, ଢ଼େକଲ ଜୁଏଡ, ଖଟେ ପଡିଥିବାର ବୁଈ ବରିହା ଆର୍ ପକ୍ଷାଘାତ୍‌ରେ ପୀଡ଼ିତ୍ ପାର୍ବତୀ ବାଗକଁର ନାଁରେ ଟଁକା ହଡ଼ପ କରାଯାଇଥିଲା। ସେନ୍‌ତା ଗାଁର ଅଙ୍ଗନୱାଡିରେ ସବୁଦିନିଆଁ ରାଁଧିନି ଥିବାର ଶ୍ରୀମତୀ ସୁନାନୀ ବି କାମ୍ କରିଥିବାର କାଗଜ୍‌ପତର୍‌ରେ ଦେଖେଇ ଟଁକା ହଡପ୍ କରାଯାଇଥିବାର ଲେଖେଁ ତଥ୍ୟ ସୂଚ୍‌ନା ଅଧିକାର ଆଇନ୍‌ରେ ମିଳିଥିଲା। ତା'ପରେ ଗାଁବାସୀ ପଁଚେତନୁ ଜିଲା ପର୍‌ଶାସନତକ୍ ଲିଖିତ ଜନାବାର ସଂଗେ ତଦଁତ୍ କରି କଡ଼ା ପଦକ୍ଷେପ ନେବାକେ ଦାବି କରିଥିଲେ। ହେଲେ ଅଭିଯୋଗ୍ କରବାର ଆଏଜ୍‌କେ ବଛ୍‌ରେ ବିତିଯାଇଥିଲେ ବି ତଦଁତ୍ ବାବ୍‌ଦେ ଗାଁବାସୀ କିଛି ଜାନି ନାଇଁପାରଲେ। ପର୍‌ଶାସନ ତରଫୁ ଦୁର୍‌ନୀତିଖୋର୍ ଲୁକ୍‌କୁ ସୁରକ୍ଷା ଦେବାର ସଂଗେ ଘଟ୍‌ନାକେ ଚପେଇଦେବାର ଚେଷ୍ଟା କରାଯାଉଥିବାର ଗାଁବାସୀ ଅଭିଯୋଗ୍ କରିଛନ୍। ଜିଲାପର୍‌ଶାସନର ଏନ୍‌ତା କାମ୍‌କେ ଗାଁବାସୀ ନାପସନ୍ କରିଛନ୍। ଜିଲା ପର୍‌ଶାସନ ତରଫୁ ଦୁଷିକର ବିରୋଧ୍‌ନେ କଡ଼ା ପଦକ୍ଷେପ ନାଇଁ ନେଲେ ପଁଚେତ୍ କାର୍ଯ୍ୟାଳୟକେ ଅଚଳ କରିଦିଆଯିବା ବଲି ଗାଁର ରବୀନ୍ଦ୍ର ପଧାନ, ଲଛମନ ପଧାନ, ସୌକିଲାଲ ପଧାନ, ଦୁର୍ଗାମାଧବ ଘିବେଲା, ଗୋପାଳ ସାହୁ, ବାହାନ ସାହୁ ସମେତ ଆୟାଦ ଯୁଥ କ୍ଲବ୍‌ର ସଦସିଅମାନେ କହିଛନ୍।



ପିତାମାତାଙ୍କର ସ୍ନେହ, ସନ୍ତାନ ପାଇଁ ସବୁଠାରୁ ମୂଲ୍ୟବାନ ବସ୍ତୁ।

- ଶାରଳା ଦାସ



## ସଂକ୍ଷେପରେ

### ଅଶୋକ ସିଂଘଲ ହିନ୍ଦୁତ୍ୱ ପାଇଁ ସମର୍ପିତ ଥିଲେ

**ରାଉରକେଲା ଅଫିସ,୧୮।୧୧**-ଲାଠିକଟା ବ୍ଲକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାକ୍ତନ ଅଧକ୍ଷ ସ୍ୱର୍ଗତ ଅଶୋକ ସିଂଘଲଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ଶାନ୍ତନୁ କୁସୁମ ଅଧକ୍ଷତା କରି କହିଥିଲେ ଯେ ଦୀର୍ଘ ୨ଶହ ବର୍ଷ ଇଂରେଜ ଶାସନ ଭିତରେ ରହି ହିନ୍ଦୁ ସଂପ୍ରଦାୟ ପେଶି ହୋଇଯାଇଥିଲେ। ଆଜି ବି ଦୁଃଖ ଶେଷ ହୋଇ ନାହିଁ। ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ହିନ୍ଦୁ ସଂପ୍ରଦାୟ ଦୟାର ପାତ୍ର ହୋଇ ଦିନ ବିତାଉଛନ୍ତି। ସଂସଦଠାରୁ ନେଇ ଅନ୍ୟ ସମସ୍ତ ସ୍ଥାନରେ ହିନ୍ଦୁ ସଂପ୍ରଦାୟ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଇଛି। ଏହାକୁ ଅନୁଭବ କରି ସ୍ୱର୍ଗତ ସିଂଘଲ ନିଜ ଜୀବନକୁ ହିନ୍ଦୁ ହିତରେ ସମର୍ପିତ କରିଥିଲେ। ତାଙ୍କ ତ୍ୟାଗ ଓ ସମର୍ପିତ ମନୋଭାବ ଚିର ସ୍ମରଣୀୟ ହୋଇ ରହିବ ବୋଲି କୁସୁମ ଏଥିରେ ମତ ପ୍ରକାଶ କରିଥିଲେ। ଗଗନ ବିହାରୀ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଭୋଳେଶ୍ୱର ସାହୁ, ଚମ୍ପାବତୀ ବେହେରା, ପୂର୍ଣ୍ଣିମା ସାହୁ, ସସ୍ମିତା ମହାନ୍ତି, ଲକ୍ଷ୍ମୀ ମହାକୁଡ, ସଂଜୁ ନାୟକ, ଉମାକାନ୍ତ ଗିରି, ମହାଲକ୍ଷ୍ମୀ ମହାକୁଡ, ବିନ୍ଦୁଶ୍ରୀ ରାଉତରାୟ, ଛବି ମହାକୁଡ, ଜିଜ୍ଞାସା ରାଉତରାୟ, ଦିବାକର କାରା, ମହେନ୍ଦ୍ର ବେହେରା, କିଶୋର ଭୂମିଜ ଓ ବୁଦ୍ଧେଶ୍ୱର ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

### ତିହାଡି ବନ୍ଧ ସଫେଇ

**ଝାରସୁଗୁଡା ଅଫିସ,୧୮।୧୧**-ବେହେରାମାଲ ତିହାଡି ବନ୍ଧର ଚତୁଃପାର୍ଶ୍ୱ ରାଧାମାଧବ ସଂଘ ତରଫରୁ ରବିବାର ସଫେଇ କରାଯାଇଛି। ନଗରପାଳ ହରିଶ ଗଣତ୍ରା, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଓମପ୍ରକାଶ ତ୍ରିପାଠି, ପ୍ରମୋଦ ମିଶ୍ର, ସୁନିଲ ବାରିକ, ମୋହନ କର୍ତ୍ତା, ଶୈଳେନ୍ଦ୍ର ନାୟକ, ରମେଶ ରାଉତ ପ୍ରମୁଖ ସଫେଇ କରିବାରେ ନେତୃତ୍ୱ ନେଇଥିଲେ।



ରବିବାର ଉଦିତନଗର ନେତାଜୀ ପାର୍କଠାରେ ଆୟୋଜିତ ବୈଠକରେ ରନ୍ଧନ ଗ୍ୟାସ ସିଲିଣ୍ଡର ଡେଲିଭରି ବୟ ଓ ମେକାନିକ ଆସୋସିଏଶନର କର୍ମକର୍ତ୍ତା।

■ ରନ୍ଧନ ଗ୍ୟାସ ସିଲିଣ୍ଡର ଡେଲିଭରି ବୟଙ୍କୁ ଶୋଷଣ କରୁଛନ୍ତି ଏଲପିଜି ବିତରକ

# ହକ୍ ହାସଲ ପାଇଁ ଏକାଠି ହେଲେ କର୍ମଚାରୀ

**ରାଉରକେଲା ଅଫିସ,୧୮।୧୧**

ଷ୍ଟିଲସିଟିରେ କାର୍ଯ୍ୟରତ ରନ୍ଧନ ଗ୍ୟାସ ସିଲିଣ୍ଡର ଡେଲିଭରି ବୟ ଓ ମେକାନିକ ଆସୋସିଏସନ ପକ୍ଷରୁ ଘରୋଇ ଗ୍ୟାସ ବିତରକ (ଏଲପିଜି) ଏଜେନ୍ସି କର୍ତ୍ତୃପକ୍ଷଙ୍କ ମନମାନିକୁ ନାପସନ୍ଦ କରାଯାଇଛି। ଗତ ପୂଜା ବୋନସ ନେଇ ଏମାନେ ଯେଉଁଭଳି ଟାଳଟୁଳ ନୀତି ଆପଣାଇଲେ ତାହାକୁ କେବେ ଗ୍ରହଣ କରାଯାଇ ପାରିବନି। ଯେ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମଜୁରି ଓ ଅନ୍ୟ ଭତ୍ତା ପ୍ରଦାନ କରିବାରେ ଏଜେନ୍ସି କର୍ତ୍ତୃପକ୍ଷ ଠିକ ନିଷ୍ପତ୍ତି ନ ନେବେ ସେ ଯାଏ ସଂଗଠନର ବିରୋଧ ଜାରି ରହବ। ଏ ନେଇ ରବିବାର ଉଦିତନଗର ନେତାଜୀ ପାର୍କଠାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମହେନ୍ଦ୍ର ବାଗଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସହରର ସମସ୍ତ ଡେଲିଭରି ବୟ ଓ ମେକାନିକ ଯୋଗ ଦେଇଥିଲେ। ଏହି ଅବସରରେ ସାଧାରଣ ସଂପାଦକ ତଥା ଅଇନଜୀବୀ ରମେଶ ବଳ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଛନ୍ତି ଯେ, ପାର୍ବଣ ଋତୁ ସରିଗଲା। ତଥାପି ଶ୍ରମିକଙ୍କୁ ବୋନସ ଦେବାରେ ଆଗ୍ରହ ପ୍ରକାଶ କଲେନି ଗ୍ୟାସ ଏଜେନ୍ସି ମାଲିକ। ଆସୋସିଏସନ ଦାବି ମୁତାବକ ୮.୩୩ ପ୍ରତିଶତ ବୋନସ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ମାଲିକ ଗୋଷ୍ଠି ଏକ ତରଫା ନିଷ୍ପତ୍ତି ନେଲେ। ସର୍ବମୋଟ ୨ ହଜାର ଟଙ୍କା ଦେଇ ଶ୍ରମିକଙ୍କୁ ସନ୍ତୁଷ୍ଟ କରିବାକୁ ଭିତିରି ନଷ୍ପତ୍ତି ନେଲେ। ଏହାକୁ ଶ୍ରମିକଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି କର୍ତ୍ତବ୍ୟ ଶେଷ କରିବାକୁ ଚାହିଁଛନ୍ତି। ଏହାକୁ କେବେ ସଂଘ ଗ୍ରହଣ କରିବ ନାହିଁ ବୋଲି ବଳ ଏଥିରେ ରୋକଠୋକ କହିଥିଲେ। ଯେ ପର୍ଯ୍ୟନ୍ତ ନିୟମାନୁସାରେ ବୋନସ ଦାବି ଓ ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ଦରମା ପ୍ରଦାନ କରା ନ ଯାଇଛି ବିରୋଧ ଜାରି ରହିବ ବୋଲି ବଳ ପ୍ରକାଶ କରିଥିଲେ। ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଡେଲିଭରି ବୟ ଓ ମେକାନିକଙ୍କୁ ଶୋଷଣ ଶେଷ ନ ହେବା ଯାଏ ପ୍ରୟାସ ଜାରି ରହିବ ବୋଲି ଉପଦେଷ୍ଟା ବ୍ୟାସଦେବ ନାଥ ନିଜ ବକ୍ତବ୍ୟରେ କହିଥିଲେ। ସଂପାଦକ ସାମୁଏଲ ହରିପାଲ କହିଥିଲେ ଯେ, ବାରମ୍ବାର ତାଗିଦ ସତ୍ତ୍ୱେ କର୍ମଚାରଙ୍କୁ ଇଏସଆଇ କିମ୍ବା ଇପିଏଫ ଅନ୍ତର୍ଭୁକ୍ତ କରାଯାଉନି। କେତେ କର୍ମଚାରୀ ରାଉରକେଲାରେ ଏ କ୍ଷେତ୍ରରେ କାମ କରୁଛନ୍ତି ତାହା ମଧ୍ୟ ଏଜେନ୍ସି ସଂଘ ସ୍ପଷ୍ଟ କରିବାକୁ ଚାହୁଁନି। ଏଥିରୁ ସେମାନଙ୍କ ଅସହଯୋଗ ମନୋଭାବ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ହରିପାଲ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଜେନା ଓ ବାବୁଲ ହରିପାଲ ବକ୍ତବ୍ୟ ପ୍ରଦାନ କରି ବିଭିନ୍ନ ସମସ୍ୟା ସଂପର୍କରେ ଆସୋସିଏସନ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବୈଠକରେ କାର୍ତ୍ତିକ ବାଗ, ବିପିନ ବାରିକ, ଯୁଗଳ ବେହେରା, ଅଜୟ ପାତ୍ର, ରାମୁଲା ପାତ୍ର, ବିପିନ ସୁନା, ଜିତେନ୍ଦ୍ର ହରିପାଲ, ଦିଲ୍ଲୀପ ତାଣ୍ଡି, କୃଷ୍ଣ ପାତ୍ର, କୃଷ୍ଣ ରାଉତ, ରାଜୁ ବଡାଇକ ଓ କୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଏଥର ଦଶହରା ବୋନସ ମିଳିନି**

- ■୮.୩୩ ପ୍ରତିଶତ ବୋନସ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା
- ■୨ ହଜାର ଟଙ୍କା ଦେଇ ସନ୍ତୁଷ୍ଟ କରିବାକୁ ଉଦ୍ୟମ
- ■ମାଲିକଙ୍କ ଭିତିରି ନିଷ୍ପତ୍ତିକୁ ଗ୍ରହଣ କରିବାକୁ ନାରାଜ ଆସୋସିଏଶନ

## ମୋ ରାଉରକେଲା

### ବିଭିନ୍ନତାକୁ ନେଇ ସମୃଦ୍ଧ ଇସ୍ପାତ ସହର



ପଣ୍ଡିତ ହରିହର ବେହେରା।

**ଗୋ**ଟିଏ ପଟେ ଧୂମ୍ର ଧୂଷରିତ ଇସ୍ପାତ କାରଖାନା। ଅନ୍ୟ ପାର୍ଶ୍ୱରେ ସବୁଜ ବନାନୀ। ତା ସାଙ୍ଗକୁ ଷ୍ଟିଲ ସିଟି ରାସ୍ତା କଡରେ ସବୁଜ ସୁନ୍ଦର ମାଳ ମାଳ ବୃକ୍ଷରାଜି। ଚକ ଚକ ପିଚୁ ରାସ୍ତା ମୋ ମନକୁ ଆନ୍ଦୋଳିତ କରେ। ଏଭଳି ଅବସ୍ଥାରେ ସଂଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଗୀତ ରାଉରକେଲାର ଗୁରୁତ୍ୱକୁ ପ୍ରତିପାଦନ କରେ। ଯିବି ପଛେ ଚାକିରି କରି ରାଉରକେଲା.. ବେଶ୍ ଭଲ ଲାଗେ। ତା ସାଙ୍ଗକୁ ଲୋକ କଥାଟି ରହିଛି ହେଲେ ହେଲା ନ ହେଲେ ଚାଲ ରାଉରକେଲା। ଏଇତ ଏ ସହରବାସୀଙ୍କ ପାଇଁ ବଡ ଉପମା। ଥରେ ଯିଏ ଏ ମାଟିରେ ପାଦ ଥାପିଛି ସେ କେବେ ଏହାକୁ ଭୁଲିନି। ଷ୍ଟିଲ ସିଟିରେ ବର୍ଷ ଭରି ଲାଗି ରହୁଥିବା ରୂପର ମେଳା ମନ ମୋହିନିଏ। ଏହା ଏକ ସର୍ବଭାରତୀୟତାର ପ୍ରତୀକ ରୂପି ମହାନଗର ଓ ସ୍ମାର୍ଟ ସିଟି। ବିଭିନ୍ନତାକୁ ନେଇ ସମୃଦ୍ଧ ଇସ୍ପାତ ସହର ସବୁବେଳେ ଶ୍ରୀମଣ୍ଡିତ ହୋଇ ରହିଛି। ଏଠାକାର ଜନଜାତି ଓ ସେମାନଙ୍କ ଆଦିମ ଭାଷା, ସଂସ୍କୃତି ଓ ପରମ୍ପରା ମୋତେ ଖୁବ ପ୍ରଭାବିତ କରିଛି। ଓଡିଶାର ସବୁ ଜିଲାର ପର୍ବ ପର୍ବାଣୀ ବେଶ ଧୂମଧାମରେ ପାଳିତ ହୁଏ ଏଠି। ଦୁଃଖ ଶୋକରେ ଲୋକେ କାନ୍ଧ ମିଳାନ୍ତି, ଆପଣା ପଣିଆ ଦେଖାନ୍ତି। ଏ ହେଉଛି କଳା, କଳାକାର, ସାହିତ୍ୟ ଓ ସାହିତ୍ୟିକଙ୍କ ସହର। ଧନୀ ନିର୍ଦ୍ଧନ ନିର୍ବିଶେଷରେ ସମସ୍ତଙ୍କ ପ୍ରିୟ ଷ୍ଟିଲ ସିଟି। ପ୍ରାକୃତିକ ପ୍ରାଚୁର୍ଯ୍ୟରେ ମଣ୍ଡିତ। ସାମାଜିକ ସଦଭାବନା ଓ ଶୃଙ୍ଖଳିତ ଜୀବନ ଏଠି ବେଶ ନିଆରା। ଏଣୁ ସଦାକାଳେ ରାଉରକେଲିଆ ହୋଇ ରହିବାକୁ ମୋର ଇଚ୍ଛା।

■ ଦୁଇ ଦିନିଆ କବାଡି ଉଦ୍‌ଯାପିତ

# ୩୩ ପଏଣ୍ଟରେ ଡିଏଭି ଏ ଦଳ ବିଜୟୀ

**ରାଉରକେଲା ଅଫିସ,୧୮।୧୧**

ସେକ୍ଟର- ୭ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଆନ୍ତଃ ରାଉରକେଲା ବିଦ୍ୟାଳୟସ୍ତରୀୟ କବାଡି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲ ଖେଳ ଡିଏଭି ଏ ଏବଂ ଡିଏଭି ବି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏଭି ଏ ଦଳ ୩୩ ପଏଣ୍ଟ ପାଇ ବିଜେତା ଘୋଷିତ ହୋଇଥିବା ବେଳେ ଡିଏଭି ବି ୨୮ ପଏଣ୍ଟ ହାସଲ କରି ଉପ ବିଜେତା ହୋଇଥିଲା। ଖେଳରେ ସେକ୍ଟର-୧୬ ଏନଏସସି ହାଇସ୍କୁଲ ୩ୟ ସ୍ଥାନ ଅଧିକାର କରିଥିଲା। ସମସ୍ତ ୩ଟି ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜେତାଙ୍କୁ ୪ ହଜାର ଟଙ୍କା, ଉପ ବିଜେତାଙ୍କୁ ୩ ହଜାର ଟଙ୍କା ଓ ୩ୟ ଦଳକୁ ୫ଶହ ଟଙ୍କା ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା।

ଏଥିରେ ସଂଗଠନ ଉପସଭାପତି ଅଜୟ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଶାନ୍ତନୁ ପରିଚ୍ଛା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଡାକ୍ତର ଜ୍ଞାନରଞ୍ଜନ ଗିରି ଓ ଡିଏଭି ସ୍କୁଲ ଅଧକ୍ଷା ଜଶମିନ୍ଦର କୌର ମଞ୍ଚାସୀନ ଥିଲେ। ଏଥିରେ ସଂଗଠନର ଅନ୍ୟତମ ଉପସଭାପତି ଦିବାକର ମହାନ୍ତି, ରଶ୍ମିରଂଜନ ବୋଇତାଇ ଓ ଅଜୟ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ କରି କବାଡି ଭଳି ଅତି ଲୋକପ୍ରିୟ ଓ ପାରମ୍ପରିକ ଖେଳର ପ୍ରଚାର ପ୍ରସାର ନେଇ ସଂଘ କର୍ମକର୍ତ୍ତାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ପ୍ରତିଯୋଗିତାକୁ ଆନ୍ତର୍ଜାତୀୟ ରେଫରୀ ଅରବିନ୍ଦ ପାତ୍ରଙ୍କ ସମେତ ବିକ୍ରମ ପ୍ରଧାନ, ଆକାଶ ସିନ୍ଦ୍ରିଆ ଓ ବଜରଙ୍ଗ ବାଗ ପରିଚାଳନା କରିଥିଲେ। ଏଥିରେ ଅନୁଷ୍ଠାନ କର୍ମକର୍ତ୍ତା ଘନଶ୍ୟାମ ଧଳ, ରାଧାମୋହନ ନାୟକ, ଇନ୍ଦ୍ରମଣି ମହାପାତ୍ର, ଅଯୋଧ୍ୟା ଦାସ, ଶୁଭ୍ରାଂଶୁ ମହାପାତ୍ର, ପ୍ରସନ୍ନ ମହାନ୍ତି, ବିପିନ ପଟ୍ଟନାୟକ, ରବୀନ୍ଦ୍ର ପଣ୍ଡା, ପରୀକ୍ଷିତ ଗୁରୁ, ବରୁଣ ନାହାକ, ନୀରଞ୍ଜନ ପଣ୍ଡା, ଅଶୋକ ରାଉତ, ମିନତୀ ପାତ୍ର, ସସ୍ମିତା ଜେନା, ଅଶ୍ୱିନୀ ପରିଡା, ରତିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ଆନ୍ତଃ ମହାବିଦ୍ୟାଳୟ ହକି ଉଦ୍‌ଯାପିତ

# ସୀମାନ୍ତ ମହାବିଦ୍ୟାଳୟ ଚାମ୍ପିୟନ

**ରାଉରକେଲା ଅଫିସ,୧୮।୧୧**

ମ୍ୟୁନିସିପାଲ ମହାବିଦ୍ୟାଳୟ ଅନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟ ଯୁକ୍ତ ୨ ହକି ପ୍ରତିଯୋଗିତା (ବାଳିକା, ବାଳକ) ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୫ ତାରିଖରୁ ୧୮ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ବାଳକ ବିଭାଗରେ ବୀର ବିର୍ଶା ମୁଣ୍ଡା ସୀମାନ୍ତ ମହାବିଦ୍ୟାଳୟ ଓ ବଲାଣିପାଟ ମହାବିଦ୍ୟାଳୟ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ୧-୦ ଗୋଲ ବ୍ୟବଧାନରେ ସୀମାନ୍ତ ମହାବିଦ୍ୟାଳୟ ଚମ୍ପିୟନ ହୋଇଥିଲା। ସହିଭଳି ବାଳିକା ବିଭାଗରେ ବୀର ବିର୍ଶା ମୁଣ୍ଡା ସୀମାନ୍ତ ମହାବିଦ୍ୟାଳୟ ୨-୦ ଗୋଲ ବ୍ୟବଧାନରେ କିଞ୍ଜିରିକେଲା କନିଷ୍ଠ ମହାବିଦ୍ୟାଳୟକୁ ପରାସ୍ତ କରି ଚମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସହକାରୀ ସଂପାଦକ ଯଶୋବନ୍ତ ସାମଲ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କାର ତଥା ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ମ୍ୟୁନିସିପାଲ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ହକି ପ୍ରତିଯୋଗିତା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିବାରୁ ପରିଷଦ ଅଧିକାରୀ ସାମଲ ପ୍ରଶଂସା କରିଥିଲେ। ମ୍ୟୁନିସିପାଲ କଲେଜ ଅଧକ୍ଷ ପ୍ରଫେସର ବିଜୟ ମହାନ୍ତି ଉଦ୍‌ଯାପନୀ ଦିବସରେ ଅଧକ୍ଷତା କରି ଏଭଳି କ୍ରୀଡା ଦ୍ୱାରା ପ୍ରତିଭାବାନ ଖେଳାଳି ନିଜ ଦକ୍ଷତା ପ୍ରତିପାଦନ କରିବା ନେଇ ସୁଯୋଗ ସୃଷ୍ଟି ହେବ ବୋଲି ମତ ପ୍ରକାଶ କରିଥିଲେ। କଲେଜ ମୁଖ୍ୟ କିରାଣି ହେମନ୍ତ ପୁହାଣ ଏଥିରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରତିଯୋଗିତା ଶେଷରେ ଉଭୟ ବାଳିକା ଓ ବାଳକ ବିଭାଗରୁ ୧୮ଜଣ କରି ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏମାନେ ଆସନ୍ତା ଡିସେମ୍ବରରେ ପଞ୍ଜାବର ଅମୃତସରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବିଦ୍ୟାଳୟ ହକି ପ୍ରତିଯୋଗିତାରେ ଭାଗ ନେବେ ବୋଲି କୁହାଯାଇଛି। ମନୋନୟନ କାର୍ଯ୍ୟରେ କୋଚ ରାଜୁକାନ୍ତ ସାଇନି, ସୁବାଶ ବଳ, ସତ୍ୟରଂଜନ ପଣ୍ଡା ଓ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁମନ ଚୌଧୁରୀ, ଗଗନ ନାୟକ, ସୁରଜ ତନ୍ତି ଓ ବିକନ ବଳ ସହଯୋଗ କରିଥିଲେ।




ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ଯୁକ୍ତ ୨ ହକି ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।



ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଜନଜାତି କ୍ରୀଡା ମହୋତ୍ସବରେ ମଞ୍ଚାସୀନ ଅତିଥି।

■ ରାଜ୍ୟସ୍ତରୀୟ ବନବାସୀ କଲ୍ୟାଣ ଆଶ୍ରମ କ୍ରୀଡ଼ା ଶେଷ

# ଦକ୍ଷତା ଦେଖାଇଲେ ୩୫୨ ପ୍ରତିଯୋଗୀ

**ରାଉରକେଲା ଅଫିସ,୧୮।୧୧**

ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଇସ୍ପାତ ଷ୍ଟାଡିୟମରେ ଶନିବାର ଓ ରବିବାର ଦୁଇ ଦିନ ଧରି ଆୟୋଜିତ ୨ ଦିନିଆ ରାଜ୍ୟସ୍ତରୀୟ ଜନଜାତି କ୍ରୀଡା ମହୋତ୍ସବ ଉଦ୍‌ଯାପିତ ହୋଇ ଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୧୯ଟି ଜିଲାରୁ ୩୫୨ ପ୍ରତିଯୋଗୀ ଯୋଗ ଦେଇ ଦକ୍ଷତା ପ୍ରତିପାଦନ କରିଥିଲେ। ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଥିଲେ ଯେ, ବନବାସୀ ଛାତ୍ରୀଛାତ୍ର ଅନ୍ୟମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି। ସେମାନଙ୍କ ମଧ୍ୟରେ ଦକ୍ଷତା ଭରି ରହିଛି। ସୁବିଧା ସୁଯୋଗ ମିଳିଲେ ସେମାନେ ଖୁବ ଉଚ୍ଚକୁ ଯାଇ ପାରିବେ ବୋଲି କହିଥିଲେ। ଏଥିରେ ସମ୍ମାନୀତ ଅତିଥି ରୂପେ ଅଧ୍ୟାପକ ଡଃ ସନାତନ ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦାଶଙ୍କର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ସଭାପତି ରାଘବ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଅନ୍ୟତମ ଅତିଥି ରୂପେ କେକେ ଜୈନ ଉପସ୍ଥିତ ଥିଲେ। ପବିତ୍ର କହଁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱାମିତ୍ର ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୁରୁ ନାନକ ଜୟନ୍ତୀରେ ବାହାରିଲା ଆକର୍ଷଣୀୟ ଶୋଭାଯାତ୍ରା

**ରାଉରକେଲା ଅଫିସ,୧୮।୧୧**

ଷ୍ଟିଲ ସିଟିରେ ବସବାସ କରୁଥିବା ଶିଖ ସଂପ୍ରଦାୟଙ୍କ ପକ୍ଷରୁ ରବିବାର ଗୁରୁ ନାନକ ଜୟନ୍ତୀ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ରାଉରକେଲା ରେଳ ଷ୍ଟେଶନ ଗୁରୁଦ୍ୱାରା ନିକଟରୁ ଏହି ଶୋଭାଯାତ୍ରା ବାହାରି ରିଂ ରୋଡ ଦେଇ ଉଦିତନଗର ବାଟେ ଗୁରୁଦ୍ୱାରା ଫେରିଥିଲା। ଏହି ଅବସରରେ ଆକର୍ଷଣୀୟ ସମର କଳା ପ୍ରଦର୍ଶନ କରାଯିବା ସହ ଚକ୍ରି ଖେଳ ଦେଖିବାକୁ ପ୍ରବଳ ସମାଗମ ପରିଲକ୍ଷିତ ହୋଇଥିଲା। ଗୁରୁ ନାନକଜୀଙ୍କ ଫଟୋ ଥାଇ ଏକ ଭବ୍ୟ ରଥ ସହର ପରିକ୍ରମା କରିଥିଲା। ରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ କରସେବା ବେଶ ଆକର୍ଷଣୀୟ ହୋଇଥିଲା। ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଶେଷ କରାଯିବା ନେଇ ରାଉରକେଲା ପୋଲିସ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇଥିଲା। ହରିହର ରାଉତରାୟ, ରମେଶ ବଳ, ଇରଶାଦ ଖାଁ, ବ୍ୟାସଦେବ ନାଥ, ରଞ୍ଜିତ ନାୟକ, ନରେଶ ଅଗ୍ରୱାଲ, ବାବଲୁ ଚୌରାସିଆ, ଜିତୁ ପାତ୍ର, ବିଟୁ ଚୌରାସିଆ, ପ୍ରିତମ ସିଂ, ପି ବାନାର୍ଜୀ, ବିକ୍ରମ ଜୟସ୍ୱାଲ ଓ ପ୍ରଦୀପ ସିଂ ପ୍ରମୁଖ ଯୋଗଦେଇ ଜିଟି ଲେନ ଠାରେ ବିସ୍କୁଟ, ଫଳ ଆଦି ବଣ୍ଟନ କରିବା ସହ ପୁଷ୍ପ ସିଞ୍ଚନ କରି ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିଥିଲେ।





ରବିବାର ରାଉରକେଲାରେ ଗୁରୁ ନାନକଙ୍କ ଜୟନ୍ତୀ ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରାର ଝଲକ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର। - ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପାଣିପମ୍ପ ଚୋରି କରି ୨ ଗିରଫ

**ଝାରସୁଗୁଡା ଅଫିସ,୧୮।୧୧-** ପାଣିପମ୍ପ ଚୋରି ଅଭିଯୋଗରେ ବଡମାଲ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଅଗସ୍ତି ସୁହୁରା ଓ ପ୍ରଫୁଲ୍ଲ ସୁହୁରା। ଅକ୍ଟୋବର ମାସରେ ବଡମାଲ ଥାନା ପତ୍ରାପାଲିର ଶ୍ରୀକାନ୍ତ ସାହୁଙ୍କ କ୍ଷେତରୁ ଏକ ପାଣିପମ୍ପ ଚୋରି ହୋଇଥିଲା। ଏହି ଚୋରି ଘଟଣା ସମ୍ପର୍କରେ ଶ୍ରୀକାନ୍ତ ବଡମାଲ ଥାନାରେ ଅଭିଯୋଗ କରିଥିଲେ। ରବିବାର ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ୧୬ ପଞ୍ଚାୟତରେ ପାଇଖାନା ଦିବସ

**କୁତ୍ରା, ୧୮।୧୧ (ଡି.ଏନ.ଏ)-** କୁତ୍ରା ବ୍ଲକର ୧୬ଟି ଯାକ ପଞ୍ଚାୟତରେ ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି। ବ୍ଲକର ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତରେ ସରପଞ୍ଚ ଆଶା ନିର୍ମଳା ଡାଙ୍ଗ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତନୟ କୁମାର ନନ୍ଦ, ସ୍ୱଚ୍ଛଗ୍ରାହୀ- ପ୍ରମିଳା ଲୁଗୁନ ଉପସ୍ଥିତିରେ ଓ କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତରେ ସରପଞ୍ଚ ବିମଳା ବାର୍ଲା କାର୍ଯ୍ୟନିର୍ବାହୀ ଅଧିକାରୀ ତନୟ କୁମାର ନନ୍ଦ ସ୍ୱଚ୍ଛଗ୍ରାହୀ କୁନ୍ତଳା ଲାକ୍ରାଙ୍କ ଉପସ୍ଥିତିରେ ଉଭୟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଉପସ୍ଥିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟାସଭ୍ୟ ତଥା ସରକାରଙ୍କ ତରଫରୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଇଖାନା ହିତାଧିକାରୀ, ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସ୍ୱଚ୍ଛଗ୍ରାହୀ ବିଶ୍ୱ ପାଇଖାନା ଦିବସର ମହତ୍ତ୍ୱ ଉପରେ ବୁଝାଇଥିଲେ। ଏହା ଛଡା ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା ହେଉଥିବା କ୍ଷତି ତଥା ପାଇଖାନାର ମଳ ତ୍ୟାଗ କଲେ ହେଉଥିବା ଉପକାରିତା ବିଷୟରେ ବୁଝାଇଥିଲେ ।

# ବାଗଡିହିରେ ଏକ୍ସପ୍ରେସ ରହୁନି, ତେଜୁଛି ଜନଅସନ୍ତୋଷ

**କିର୍ମିରା,୧୮।୧୧ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ମାନଚିତ୍ରରେ ନିଜ ବିବିଧତା ପାଇଁ ବାଗଡିହି ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ପୂର୍ବରୁ ଏକ ବୈବସାୟିକ ପେଣ୍ଠସ୍ଥଳି ଭାବେ ପରିଚିତ ବାଗଡିହି ବର୍ତ୍ତମାନ ଭାରତର ଦ୍ୱିତୀୟ ମହାକାଳେଶ୍ୱର ମନ୍ଦିର ପାଇଁ ପ୍ରସିଦ୍ଧି ଲାଭ କରିଛି । ଏଠାରେ ମାରୱାଡି, ବିହାରିଙ୍କ ସହିତ ଓଡିଆ ଲୋକଙ୍କ ସମାଗମ ଦେଖିବାକୁ ମିଳେ । ବ୍ୟବସାୟିକ ପେଣ୍ଠସ୍ଥଳି ଭାବେ ପରିଚିତ ଏହି ଗ୍ରାମରେ ଭାରତ ସ୍ୱାଧୀନତା ପୂର୍ବରୁ ରେଳ ସେବା ଆରମ୍ଭ ହୋଇଥିଲା । ତେବେ ସ୍ୱାଧୀନତାର ୭୦ ବର୍ଷ ବିତିଯାଇଥିଲେ ମଧ ଏହି ଷ୍ଟେଶନର କୌଣସି ଉନ୍ନତି ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଷ୍ଟେଶନ ଉପରେ କିର୍ମିରା ସମେତ ଲଇକେରା, କୋଲାବିରା ବ୍ଲକ ଏବଂ ସୁନ୍ଦରଗଡ ଜିଲାର ଅନେକ ଗ୍ରାମ ସଂପୂର୍ଣ୍ଣ ନିର୍ଭରଶୀଳ। ଏହି ଅଞ୍ଚଳର ଜନସଂଖ୍ୟା ୨ଲକ୍ଷରୁ ଅଧିକ ଥିବାବେଳେ ପ୍ରତ୍ୟହ ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଯିବା ଆସିବା କରିଥାନ୍ତି । ତେବେ ଏଠାରୁ ଛିତଶଗଡ ମଧ୍ୟପ୍ରଦେଶ ସମେତ ଦିଲ୍ଲୀ ରୁଟ୍ ପାଇଁ କୌଣସି ଏକ୍ସପ୍ରେସ ରହଣୀ ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇପାରିନାହିଁ। ଏଠାକାର ବ୍ୟବସାୟୀ ବାହାର ରାଜ୍ୟକୁ ବାଣିଜ୍ୟ ଲାଗି ଯାଉଥିବା ବେଳେ ବାହାର ରାଜ୍ୟରୁ ମଧ ବ୍ୟବସାୟୀ ଏଠାକୁ ଆସିଥାନ୍ତି । ଏହା ସହ ଏଠାରେ ଭାରତର ଦ୍ୱିତୀୟ ମହାକାଳେଶ୍ୱର ମନ୍ଦିର ଥିବାରୁ ବାହାର ରାଜ୍ୟର ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ତେବେ ଏକ୍ସପ୍ରେସ ରହୁ ନ ଥିବାରୁ ସମସ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଏବଂ ସାଉଥ ବିହାର ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ଗ୍ରାମବାସୀ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବି କରିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲୋକଙ୍କ ସମସ୍ୟା ଅନୁଭବ କରି ୨୦୧୬ ଏପ୍ରିଲ ୨୭ରେ ଏବଂ ପୁଣିଥରେ ନଭେମ୍ବର ୨୮ରେ କେନ୍ଦ୍ର ରେଳମନ୍ତ୍ରୀ ଙ୍କୁ ଏକ୍ସପ୍ରେସ ରହଣୀ ସମ୍ବନ୍ଧରେ ଚିଠି ଲେଖିଥିଲେ । ତେବେ ଧର୍ମେନ୍ଦ୍ରଙ୍କ ସୁପାରିସ ଉପରେ ମଧ କୌଣସି ପଦକ୍ଷେପ ନିଆଯାଇନି। ଏଣୁ ରାଧେଶ୍ୟାମ ମିଶ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ଚକ୍ରଧରପୁର ଡିଆରଏମଙ୍କୁ ୭ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏକ୍ସପ୍ରେସ ରହଣୀ ସହ ଫ୍ଲାଇ ଓଭରରେ ଛାଉଣି, ଲମ୍ବା ପ୍ଲାଟଫର୍ମ, ଥଣ୍ଡା ପାନୀୟ ଜଳ ବ୍ୟସ୍ଥା, ମାଜିଷ୍ଟ୍ରେଟଙ୍କ ଦ୍ୱାରା ଟିକେଟ ଚେକିଂ, ୧ ଓ ୨ ନଂ ପ୍ଲାଟଫର୍ମରେ ଛାଉଣି କରିବାକୁ ଦାବି ରହିଛି। ଏବେ ଏଠାରେ ଏକ୍ସପ୍ରେସ ନ ରହିଲେ ଜନ ଅସନ୍ତୋଷ ବିସ୍ଫୋରଣର ରୂପ ନେବ ବୋଲି ପରୋକ୍ଷରେ ଅଞ୍ଚଳବାସୀ ରେଳବିଭାଗକୁ ଚେତାବନୀ ଦେଇଛନ୍ତି।

**ଲୋକଙ୍କ ଦାବିକୁ ଅଣଦେଖା**

- ଚକ୍ରଧରପୁର ଡିଆରଏମଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ
- ରେଳ ରହଣି ଲାଗି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୁପାରିସ କରିଛନ୍ତି
- ତଥାପି କାର୍ଯ୍ୟକାରି ହୋଇ ପାରିନାହିଁ
- ଭାରତର ଦ୍ୱିତୀୟ ମହାକାଳେଶ୍ୱର ମନ୍ଦିରକୁ ଟ୍ରେନରେ ଭକ୍ତ ଆସନ୍ତି

### ରୋହିଦାସ ସଂଘର ଆଞ୍ଚଳିକ କମିଟି ଗଠନ

**ଝାରସୁଗୁଡା ଅଫିସ,୧୮।୧୧**

ଜିଲା ରୋହିଦାସ ସେବା ସଂଘର ଆଞ୍ଚଳିକସ୍ତରୀୟ ବୈଠକ ରବିବାର ଝାରସୁଗୁଡା ବ୍ଲକ୍ ଦଲକିଠାରେ ହୋଇଯାଇଛି। ସଭାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ନିଶା ନିବାରଣ, ନାରୀ ସଶକ୍ତିକରଣ ଭଳି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହାସହ ଆଖପାଖ ଅଞ୍ଚଳରେ ନିଶାଦ୍ରବ୍ୟର କାରବାର ବନ୍ଦ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଏକ ଆଞ୍ଚଳିକ ସ୍ତରୀୟ କମିଟି ଗଠନ କରାଯାଇଛି। ନୂତନ କର୍ମକର୍ତ୍ତା କୈଳାଶ ରୋହିଦାସ, ସୁରେନ୍ଦ୍ର ମିରିଗ, ନରେଶ ରୋହିଦାସ, ରମେଶ ରୋହିଦାସ, ଲୋକନାଥ ରୋହିଦାସ ପ୍ରମୁଖଙ୍କୁ ସଂଘ ସଭାପତି ଛବିଳ ସା ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସନାତନ ରୋହିଦାସଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

# ସୁସ୍ଥ ପରିବେଶ ପାଇଁ ପାଇଖାନା ବ୍ୟବହାର କରିବାକୁ ଆହ୍ୱାନ

**କିର୍ମିରା, ୧୮।୧୧ (ଡି.ଏନ.ଏ)**

ଖୋଲାରେ ମଳତ୍ୟାଗ କରିବା ପରିବେଶ ପ୍ରଦୂଷଣର ଅନ୍ୟ ଏକ ପ୍ରଧାନ କାରଣ ହେଉଛି। ଖାଲି ପରିବେଶ ପ୍ରଦୂଷଣ ହେଉନି ବରଂ ଏହା ଦ୍ୱାରା ରୋଗ ସଂକ୍ରମଣ ମଧ ହେଉଛି। ମଳରେ ବସୁଥିବା ମାଛି ଖାଦ୍ୟରେ ବସୁଥିବାରୁ ଏହା ଆମ ପେଟକୁ ଯାଇ ରୋଗ ସୃଷ୍ଟି କରୁଛି। ଖୋଲାରେ ଶୌଚ ଯିବା ଦ୍ୱାରା ଝିଅବୋହୂଙ୍କ ସମ୍ମାନରେ ମଧ ଆଞ୍ଚ ଆସୁଛି। ଏଣୁ ସମସ୍ତେ ସଚେତନ ହେବା ଜରୁରି। ଖୋଲାରେ ପାଇଖାନା ନ ଯାଇ ପାଇଖାନା ବ୍ୟବହାର କଲେ ପରିବେଶ ପ୍ରଦୂଷଇ ହେବନି। ରୋଗ ପାଖ ମାଡିବନି। ଆମ ଝିଅ ବୋହୂ ଆଉ ସମସ୍ତଙ୍କ ସମ୍ମାନ ରହିବ। ସରକାର ପାଇଖାନା ନିର୍ମାଣ ପାଇଁ ଏବେ ସହାୟତା ଦେଉଛନ୍ତି। ଏଣୁ ଲୋକେ ଚାହିଁଲେ ଏହାର ସହଯୋଗ ନେଇପାରିବେ। କିର୍ମିରା ବ୍ଲକରେ ବିଶ୍ୱ ଶୌଚାଳୟ ଦିବସ ଅବସରରେ ଏହି ପରାମର୍ଶ ଓ ଆହ୍ୱାନ ଦିଆଯାଇଛି। ଏଥିରେ ଜିଲାପାଳ ବିଭୂତିଭୂଷଣ ପଟ୍ଟନାୟକ ଯୋଗ ଦେଇଥିଲେ। ଉପସ୍ଥିତ ଜନତା, କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ସେ ସ୍ୱଚ୍ଛ କିର୍ମିରା ପାଇଁ ଆହ୍ୱାନ ଦେଇଥିଲେ । ଆରତୀ ସ୍ୱାଇଁ ସଭାରେ ଅଧକ୍ଷତା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ଜିଲା ଜଳ ଓ ପରିମଳ ଯନ୍ତ୍ରୀ ଶିବରାମ ପ୍ରଧାନ, ବ୍ଲକ ଅଧକ୍ଷ ତେଜରାଜ ସାହୁ, ବିଡିଓ ଜୟନ୍ଦ୍ର ସେଠୀ, ସିଡିପିଓ ଜଶୋବନ୍ତି ପୁରୋହିତ, ଅତିରିକ୍ତ ତହସିଲଦାର କୁନ୍ତିରାଣୀ ନାଏକ, ଏଇ ଧନଞ୍ଜୟ ସେଠୀ, ଜେଇ ସୁରେଶ ପଟେଲ, କମଳ ଲାଠୋର, ଜିପିଓ ଭୋପାଳ ଚନ୍ଦ୍ର ଜୟପୁରିଆଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ଓ ଜନପ୍ରତିନିଧି ଯୋଗ ଦେଇଥିଲେ । ଏହି ଅଭିଯାନରେ ନିଜକୁ ସାମିଲ କରିଥିବା ଆଶା, ଅଙ୍ଗନୱାଡି କର୍ମି, ବିଜୁ ଯୁବବାହିନୀ, ସ୍ୱୟ ସହାୟକ ଗୋଷ୍ଠି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଜିଲାପାଳ ସାଧୁବାଦ ଜଣାଇଥିଲେ। ଜେଇ ବିଜୟ ଡନସନାଙ୍କ ସମେତ ବ୍ଲକ ଓ ଜିଲା ଜଳ ପରିମଳ ବିଭାଗ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ଅର୍ଡା ଆଶ୍ରମ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ଏକ କ୍ଷୁଦ୍ର ନାଟିକା ପରିବେଷଣ କରାଯାଇଥିଲା।




କିର୍ମିରା ବ୍ଲକରେ ବିଶ୍ୱ ଶୌଚାଳୟ ଦିବସ ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ଉପସ୍ଥିତ ଅତିଥି।

# ନିଖୋଜ ସୁପରଭାଇଜରଙ୍କ ମୃତଦେହ ମିଳିଲା

**ଲଖନପୁର,୧୮।୧୧(ଡି.ଏନ୍.ଏ.)**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପାଉଁଶ ପୋଖରୀରେ କାର୍ଯ୍ୟରତ ଠିକା ସୁପରଭାଇଜର ନିରୋଜବନ୍ଧୁ ଭୋଇ (୬୦) ଗତ ଶୁକ୍ରବାର ରାତିରୁ ନିଖୋଜ ଥିଲେ। ରବିବାର ଅପରାହ୍ନ ୩ଟାରେ ମେଶିନ ଦ୍ୱାରା ପାଉଁଶ ଖୋଳାଯାଇ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହା ଦୁର୍ଘଟଣା ନୁହେଁ ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା, ଠିକାସଂସ୍ଥା ଓ ସହଯୋଗୀ ଶ୍ରମିକଙ୍କ ନାମରେ ୩୦୨ ଦଫାରେ ମାମଲା, ମୃତକଙ୍କ ପରିବାର ଜଣଙ୍କୁ ଚାକିରି ଆଦି ଦାବି କରାଯାଇଥିଲା। ଓପିଜିସି ଅଧିକରୀ ଦିଲୀପ କୁମାର ପଣ୍ଡା ଓ ବିଜୟ ମିଶ୍ର ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ଏସ୍‌ଡିପିଓ ରାମପ୍ରସାଦ ସାହୁ, ବନହରପାଲି ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ, ବ୍ରଜରାଜନଗର ଥାନା ଆଇଆଇସି ବିଶ୍ୱାମିତ୍ର ହରିପାଲ, ବେଲପାହାଡ ଥାନା ଆଇଆଇସି ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ଠଣସୁନ୍ଦର ସାହୁ, ପାର୍ବତୀ ବେହେରା, ବାସୁଦେବ ଭୋଇ, ରମେଶ ତ୍ରିପାଠୀ, ରଘୁନନ୍ଦନ ପଣ୍ଡା, ଶ୍ରୀନିବାସ ନାୟକ, ବେଦବ୍ୟାସ କୁଅଁର, ଅଶୋକ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। କ୍ଷତିପୂରଣ ବାବଦକୁ ୧୬ଲକ୍ଷ ଟଙ୍କା, ଶୁଦ୍ଧିକ୍ରିୟା ପାଇଁ ୫୦ହଜାର ଟଙ୍କା ଓ ପରିବାର ଜଣଙ୍କୁ ଠିକାସଂସ୍ଥା ଅଧୀନରେ ଚାକିରି ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଲା ପରେ ରାତି ୯ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ବନହରପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ଭିଆର୍ ଟାଟା ନାମକ ଠିକାସଂସ୍ଥାର ୬ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# ଲଇକେରାରେ ବୀର୍ସାମୁଣ୍ଡା ଜୟନ୍ତୀ

**ଲଇକେରା, ୧୮।୧୧ (ଡି.ଏନ.ଏ)**

ଲଇକେରା ସମଲେଶ୍ୱରୀ ମନ୍ଦିର ସମ୍ମୁଖ ଅପେରା ପଡିଆଠାରେ ରବିବାର ଜିଲା ଓ ବ୍ଲକ ବୀର୍ସା ମୁଣ୍ଡା ଜୟନ୍ତୀ କମିଟି ଆନୁକୂଲ୍ୟରେ ୧୪୩ତମ ବୀର୍ସାମୁଣ୍ଡା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାର ବିଭିନ୍ନ ଗ୍ରାମମାନଙ୍କରୁ ଆସିଥିବା ମହିଳା ପୁରୁଷଙ୍କୁ ନେଇ ଏକ ଶୋଭାଯାତ୍ରା ଗାଁ ପରିକ୍ରମା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ବିଶାଳ ଦାସ ଯୋଗ ଦେଇଥିଲେ। କମିଟିର ସଭାପତି ଭୋଳାନାଥ ମୁଣ୍ଡା ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜଗାଙ୍ଗପୁରର ହରନ କୁମାର ବାଗେ, ପୂର୍ବତନ ସରପଞ୍ଚ ଟଙ୍କଧର ନାଏକ, ଜିଲା ପରିଷଦ ଉପାଧ୍ୟକ୍ଷ ଭୂପାଳ ଚନ୍ଦ୍ର ବେହେରା, ମୁଣ୍ଡା ସମାଜର ସଭାପତି ବରଜୁ ମୁଣ୍ଡା, ଆଇନଜୀବୀ ଆଲବର୍ଟ କିଣ୍ଡୋ, ଶିକ୍ଷକ ସନ୍ତୋଷ କିଶାନ ଯୋଗ ଦେଇଥିଲେ । ଏହି ଅବସରରେ ନୃତ୍ୟ ଗୀତର ଆସ ଜମିଥିଲା।

ଛତିଶଗଡ ନିର୍ବାଚନ

# ଝାରସୁଗୁଡା ଜିଲାର ମଦ ଦୋକାନ ସିଲ୍

**ଝାରସୁଗୁଡା ଅଫିସ,୧୮।୧୧**

ଛତିଶଗଡ ବିଧାନସଭା ନିର୍ବାଚନ ପାଇଁ ଓଡ଼ିଶାର ସୀମାନ୍ତ ଜିଲାରେ ହାଇଆଲର୍ଟ ଜାରି ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଛତିଶଗଡ ସୀମାନ୍ତରେ ଥିବା ଓଡ଼ିଶାର ୮ଟି ଜିଲାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ନିର୍ବାଚନକୁ ପ୍ରଭାବିତ କରିବାରେ ସହାୟକ ସାମଗ୍ରୀ ଯଥା ମଦ, ଗଞ୍ଜେଇ ଭଳି ନିଶାଦ୍ରବ୍ୟ, କଳାଟଙ୍କା, ଗୁଳିଗୋଳା, ଗୁଣ୍ଡା, ମାଫିଆଙ୍କ ଯାତାୟତ ଏବଂ ପରିବହନ ଉପରେ କଟକଣା ଲଗାଯାଇଛି। ଛତିଶଗଡ ସୀମାନ୍ତରେ ଥିବା ଓଡ଼ିଶାର ୮ଟି ଜିଲା ମଧ୍ୟରୁ ଝାରସୁଗୁଡା ଅନ୍ୟତମ। ଏହା ପଡୋଶୀ ଛତିଶଗଡର ରାୟଗଡ ଜିଲାକୁ ସଂଯୋଗ କରୁଛି। ନଭେମ୍ବର ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଏହାର ୪୮ ଘଣ୍ଟା ଆଗରୁ ଅର୍ଥାତ ରବିବାର ଝାରସୁଗୁଡା ଜିଲାର ସମସ୍ତ ମଦ ଦୋକାନ ବନ୍ଦ କରାଯାଇଛି।

୯୦ ଆସନ ବିଶିଷ୍ଟ ଛତିଶଗଡ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ନଭେମ୍ବର ୧୨ ତାରିଖରେ ୧୮ଟି ଆସନ ପାଇଁ ଭୋଟ ଗ୍ରହଣ ଶେଷହୋଇଛି। ଅବଶିଷ୍ଟ ୭୨ଟି ଆସନ ପାଇଁ ନଭେମ୍ବର ୨୦ ତାରିଖରେ ଭୋଟ ଗ୍ରହଣ ହେବ। ଭୋଟବେଳେ ରାଜନୈତିକ ଦଳଗୁଡିକ ମଦ, ଟଙ୍କା ସହ ଭୟଭୀତ କରାଇ ଭୋଟରଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହୁଛି। ତେଣୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରବିବାର ଜିଲାର ୧୪ଟି ଦେଶୀମଦ ଭାଟି, ୩୩ଟି ଶାଖା ଦୋକାନ, ୩୪ଟି ବିଦେଶୀ ମଦଦୋକାନ(ଅଫ) ଏବଂ ୮ଟି ଅନସପ୍ ସିଲ୍ କରାଯାଇଛି ବୋଲି ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ମେହେର କହିଛନ୍ତି।

## ଫଟୋରେ ଖବର



କରାଟେ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କ ସହ ଅତିଥି ଓ ଆୟୋଜକ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers: 74090203163

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village- Mahammadpur, Tehsil- Gogawa, Dist- Khargone, MP - 451335

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଳା, ବନ୍ଧୁକ ଦ୍ୱାରା ନୁହେଁ, କେବଳ ନୈତିକତା ବଳରେ ହିଁ ଶତ୍ରୁଙ୍କୁ ଜୟ କରିପାରିବା ସମ୍ଭବ।
- କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବାଲିଶଙ୍କରା ବ୍ଲକରେ ବିଜେଡିର ମହିଳା କର୍ମୀ ସମ୍ମିଳନୀ

**ବାଲିଶଙ୍କରା, ୧୮।୧୧ (ଡି.ଏନ.ଏ)-** ବାଲିଶଙ୍କରା ବ୍ଲକର ତିଳେଇକନା ଗ୍ରାମପଞ୍ଚାୟତରେ ମହିଳା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତଳସରା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକ ମିନତି ଦେବତା ନିଜର ମନ୍ତବ୍ୟରେ କହିଥିଲେ ରାଜ୍ୟ ସରକାର ମହିଳାଙ୍କର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରି ମହିଳାଙ୍କୁ ଆଜି ସ୍ୱାବଲମ୍ବୀ କରିପାରିଛନ୍ତି। ମହିଳାଙ୍କ ପାଇଁ ଜନନୀସୁରକ୍ଷା ଯୋଜନା, ମମତା ଯୋଜନା, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ ପ୍ରତିଶତ ସୁଧରେ ଋଣ ଦେଇ ନିଜ ଗୋଡରେ ଠିଆ କରାଇପାରିଛନ୍ତି। ଏହି ସଭାରେ ତଳସରା ନିର୍ବାଚନ ମଣ୍ଡଳୀର ନାରୀନେତ୍ରୀ ତଥା ପୂର୍ବତନ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତିରିଆ କହିଥିଲେ ବିଭିନ୍ନ ଦଲାଲମାନେ ଏହି ଅଞ୍ଚଳରେ ଯୁବତୀ ଚାଲାଣରେ ସକ୍ରିୟ ରହି ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବାହାର ରାଜ୍ୟକୁ ପଠାଉଛନ୍ତି। କିନ୍ତୁ ସେମାନେ ପଛେ ପ୍ରତାରିତ ହୋଇ ଫେରୁଛନ୍ତି । ସେହି ଯୁବତୀ ଓ ମହିଳାଙ୍କୁ ପରାମର୍ଶ ଦେଇ ରାଜ୍ୟ ସରକାରଙ୍କ ଯୋଜନାରେ ସାମିଲ ହୋଇ ନିଜ ଗୋଡରେ ଠିଆ ହେବାକୁ ପରାମର୍ଶ ଦେଇଥିଲେ ।

### ସୁନା ଅଳଙ୍କାର ସମେତ ଲକ୍ଷାଧିକ ଟଙ୍କା ଚୋରି

**ବେଦବ୍ୟାସ, ୧୮।୧୧ (ଡି.ଏନ.ଏ)-** ବ୍ରାହ୍ମଣୀତରଙ୍ଗ ଥାନା ବିଶ୍ୱକର୍ମା ବିହାର ନିବାସୀ ପପୁରାମଙ୍କ ଘର ସ୍କାଏ ଲାର୍କ ଭାଙ୍ଗି ସୁନା ଅଳଙ୍କାର ସମେତ ଲକ୍ଷାଧିକ ଟଙ୍କା ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଲିଖିତ ଅଭିଯୋଗ ହୋଇଛି। ଶୋଇଥିବାବେଳେ ଚୋରମାନେ ଆଲମାରି ଭାଙ୍ଗି ଭିତରେଥିବା ସୁନା ଓ ଲକ୍ଷାଧିକ ଟଙ୍କା ଚୋରି କରିନେଇଥିଲେ।



କଣ୍ଟିଆମୁରାରୁ ଚାରପାଲି ଗାଁ ପର୍ଯ୍ୟନ୍ତ ସ୍ୱଚ୍ଛତା ଓ ମଦ ବିରୋଧୀ ରାଲିରେ ମହିଳା ।

■ ମହିଳାମାନଙ୍କ ମଧ୍ୟରେ ବଢୁଛି ସଚେତନତା

# ମଦ ବିରୋଧୀ ଶୋଭାଯାତ୍ରା ସଭା

**ବଡ଼ଗାଁ, ୧୮।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାମାନେ ରବିବାର ବିଶ୍ୱ ପାଇଖାନା ଦିବସ ଉପଲକ୍ଷେ ସଭା ଓ ମଦ ବିରୋଧି ସଚେତନତା ଶୋଭାଯାତ୍ରା କରିଥିଲେ। ପରେ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ସ୍କୁଲ ନିକଟରେ ମହିଳାମାନେ ସମବେତ ହେଲା ପରେ ସଭା ହୋଇଥିଲା। ସଭାରେ ଏସ୍‌ଏଚଜି କର୍ମକର୍ତ୍ତାମାନେ ବାହାରେ ଶୌଚ ନ ଯାଇ ପାଇଖାନା ବ୍ୟବହାର କରିବା, ରାସ୍ତା ପାର୍ଶ୍ୱ, କୂଅ, ପୋଖରୀ ପାର୍ଶ୍ୱ ସଫା ରଖିବା ଉପରେ ବୁଝାଇ ଶ୍ରମ ଦ୍ୱାରା ଯାହା ହୋଇପାରୁଛି ସେଥିପାଇଁ ସରକାରଙ୍କ ସହାୟତା ଉପରେ ନିର୍ଭର ନକରି ନିଜେ ମଧ କିଛି କରିବାକୁ ଆହ୍ୱାନ ଦେଇଥିଲେ। ଗାଁ ପରିମଳ ବିଭିନ୍ନ କାରଣରୁ ଦୂଷିତ ହୋଇ ରୋଗବ୍ୟାଧିର କାରଣ ହେଉଛି। ଗାଁର ଦୂଷିତ ପରିମଳ, ଅପରିଷ୍କାର ସଂସ୍କାର ପାଇ ନ ଥିବା ଗ୍ରାମର ପ୍ରତୀକ ବୋଲି କହି ଏଥିପ୍ରତି ସମସ୍ତେ ସଚେତନ ହେବାକୁ ବୁଝାଇଥିଲେ । ମା'ମାନେ ଘରେ ମଦ ହାଣ୍ଡିଆ ରାନ୍ଧୁଥିବାରୁ ମଦ ବିକ୍ରି ଚାଲିଛି । ଏହାକୁ ମା'ମାନେ ବନ୍ଦ କଲେ ମଦ ବିକ୍ରି ସ୍ୱତଃ ବନ୍ଦ ହୋଇଯିବ। ମା'ମାନେ ସାମାଜିକ ଓ ପାରିବାରିକ ସମସ୍ତ ଦାୟୀତ୍ୱ ତୁଲାଉଥିଲେ ମଧ ମଦ୍ୟପ ସ୍ୱାମୀଙ୍କ ତାଡନା ପିଲାଛୁଆଙ୍କ ଉପରେ ନିର୍ଯ୍ୟାତନା ବନ୍ଦ ହେଉନାହିଁ। ନାରୀ ଶକ୍ତି ଜାଗ୍ରତ ହେବାକୁ ପଡିବ। ଆମେ ଆଗାମୀ ପିଢ଼ି ପାଇଁ କିଛି କରିବାର ଆବଶ୍ୟକତା ଉପରେ ଦୃଷ୍ଟି ଦେବାକୁ ପଡିବ। ନଚେତ ମଦ ରାକ୍ଷସର କବଳରେ ସମାଜର ଅଧୋପତନ ନିଶ୍ଚିତ ବୋଲି ଏସଏଚଜି କର୍ମକର୍ତ୍ତାମାନେ ବୁଝାଇଥିଲେ। ସଭାରେ ମଦ ବିରୋଧି ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏଥିରେ ତିଲେଶ୍ୱରୀ ନାଏକ ସଭାନେତ୍ରୀ, ମମତା କିଷାନ ଉପସଭାନେତ୍ରୀ, ହରିପ୍ରିୟା କିଷାନ ସମ୍ପାଦିକା ଓ ଉଷାରାଣୀ ବାରା ସହ ସମ୍ପାଦିକା ଚୟନ କରାଯାଇଥିଲା। ଇନ୍ଦ୍ରମଣି କିଷାନ, କପିଳେଶ୍ୱର ମାଝୀ, ତୁଳାରାମ ହୋତା, ଅଦ୍ୱୈତ କୁମାର ନାୟକ, ସୁନିଲ କିଷାନ, ରାଜେଶ କିଷାନ, ଜୟଚନ୍ଦ୍ର କିଷାନଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀର କର୍ମକର୍ତ୍ତାମାନେ ନିଜ ଘର, ଘର ଚାରିପଟ ଗାଁକୁ ସ୍ୱଚ୍ଛ ରଖିବା ଓ ମଦ ବିରୋଧି ଅଭିଯାନକୁ ବଳବତ୍ତର ରଖିଲେ ନିଶ୍ଚୟ ମଦ ବିକ୍ରିକୁ ବନ୍ଦ କରାଯାଇ ପାରିବ ଓ ଏଥିରେ ଆମେ ପୂର୍ଣ୍ଣ ସହଯୋଗ ଦେବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମର ୧୩ଟି ଏସଏଚଜିର କର୍ମକର୍ତ୍ତା ଜନନୀ ବାଡା, ପଦ୍ମା ଧରୁଆ, ସୂର୍ଯ୍ୟ କିଷାନ, ସବିତା ଧାନ, ସୁନିତା ଚାରଡିଆ, ଯଶୋବନ୍ତି ଖଡିଆ, ଯାମୁନୀ ଖଡିଆ ପ୍ରମୁଖ ଯୋଗଦେଇଥିଲେ ।

# ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା

■ନ୍ୟାୟ ପାଇଁ ଯୁବତୀ ପୋଲିସର ଦ୍ୱାରସ୍ଥ
■ଏସ୍‌ଓଜିରେ ଚାକିରି କରୁଥିବା ଯୁବକ କହିଥିଲେ

**ସୁନ୍ଦରଗଡ଼, ୧୮।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଶଙ୍କରା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ବର୍ଷ ଧରି ପ୍ରେମ ସମ୍ପର୍କ ରଖି ପରେ ଯୁବକ ଜଣକ ପ୍ରତାରିତ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ରଙ୍ଗାଢିପା ଅଞ୍ଚଳରେ ବିୟୁଟି ପାର୍ଲର ଦେଇଥିବା ଏହି ଯୁବତୀ ଜଣକ ଯୁକ୍ତ ୨ପାସ ପରେ ସାର୍ଟିଫିକେଟ ଆଣିବା ପାଇଁ ଭୁବନେଶ୍ୱର ଯାଇଥିବାବେଳେ ଏହି ଯୁବକଙ୍କ ସହିତ ପରିଚୟ ହୋଇଥିଲା। ପରିଚୟ ପରେ ଯୁବକ ଜଣକ ଏସ୍‌ଓଜିରେ ଚାକିରି କରୁଥିବା ଓ ତାଙ୍କ ଘର ସୁନ୍ଦରଗଡ ହେମଗିର ଅଞ୍ଚଳର ବୋଲି କହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଗତ ୨୦୧୫ରୁ ଧୀରେ ଧୀରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସେତେବେଳେ ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହେବା ପରେ ଯୁବକ ଜଣକ ତାଙ୍କର ଗର୍ଭପାତ କରାଇଥିଲେ। ବିଶ୍ୱାସ ଜନ୍ମାଇ ଯୁବକ ଜଣକ ୨୦୧୬ରୁ ଯୁବତୀଙ୍କ ଏଟିମ୍ କାର୍ଡ ନିଜ ପାଖରେ ରଖି ତାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟ କ୍ରମେ ୭ଲକ୍ଷ ଟଙ୍କା ଠକି ନେଇ ଫେରାର୍ ହୋଇଯାଇଥିଲେ। ଫଳରେ ଯୁବତୀ ଜଣକ ନ୍ୟାୟ ପାଇଁ ପୋଲିସର ସହାୟତା ଲୋଡିଛନ୍ତି। ଶନିବାର ଟାଉନ ଥାନା ପୋଲିସ ଯୁବତୀଙ୍କ ଏତଲା ପରେ ଏକ ମାମଲା (ନଂ.୨୫୧ /୨୦୧୮) ରୁଜୁ କରି ତଦନ୍ତ ଚଳାଇଛି।


ଲୋକଙ୍କୁ ପାଇଖାନା ବ୍ୟବହାର କରିବା ପାଇଁ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ପରାମର୍ଶ ଦେଉଛନ୍ତି।

ପାଇଖାନା ବ୍ୟବହାର ପାଇଁ ଲୋକଙ୍କୁ ବୁଝାଇଲେ ଉପଜିଲାପାଳ

# ଜଲଙ୍ଗବିରା ପଞ୍ଚାୟତରେ ସଚେତନତା ସୃଷ୍ଟି

**କୁଆଁରମୁଣ୍ଡା, ୧୮।୧୧ (ଡି.ଏନ.ଏ)**

ଆଜି ବିଶ୍ୱ ପାଇଖାନା ଦିବସ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଯେପରି ଖୋଲାରେ ଶୌଚ ନ ହେବେ, ସେଥିପାଇଁ ସରକାରୀସ୍ତରରେ ପ୍ରତିବର୍ଷ ଜନସଚେତନା ସୃଷ୍ଟି କରାଯାଉଛି। ଏହି ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲା ପାନପୋଷ ଉପଖଣ୍ଡର କୁଆଁରମୁଣ୍ଡା ବ୍ଲକ ଜଲଙ୍ଗବିରା ପଞ୍ଚାୟତର ପ୍ରତ୍ୟେକ ପରିବାର କିଭଳି ପାଥଖାନା ବ୍ୟବହାର କରିବେ ସେ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ର ରବିବାର ଅପରାହ୍ନରେ ଜଲଙ୍ଗବିରା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା ନିର୍ମିତ ପାଇଖାନାଗୁଡିକୁ ବୁଲି ଦେଖିଥିଲେ। ଏହା ସହ ସମସ୍ତଙ୍କୁ ପାଇଖାନା ବ୍ୟବହାର କରିବା ପାଇଁ ଘରକୁ ଘର ବୁଲି ଲୋକଙ୍କୁ ବୁଝାଇଛନ୍ତି। ଶେଷରେ ଜଲଙ୍ଗବିରା ପଞ୍ଚାୟତ ନିକଟରେ ଏକ ସଚେତନତା ସଭା କରାଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଉପଜିଲାପାଳ ମହାପାତ୍ର ଅବଗତ କରାଇଛନ୍ତି। ଉପସ୍ଥିତ ଗ୍ରାମବାସୀ ଏଣିକି ଆଉ ଖୋଲାରେ ଶୌଚ ନ ହୋଇ ପାଇଖାନା ବ୍ୟବହାର କରିବେ ବୋଲି ଶପଥ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର,ଜଲଙ୍ଗବିରା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ସରପଞ୍ଚ ମଗନ ସଏ ପ୍ରମୁଖ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନେଇଛନ୍ତି।

■ରାଜଗାଙ୍ଗପୁର ରେଳଷ୍ଟେଶନରୁ ଚୋରି ବାଇକ ଉଦ୍ଧାର

# ବିଭିନ୍ନ ରେଳଷ୍ଟେଶନରେ ଚାଲିଛି ବାଇକ୍ ଚୋରି

**ରାଜଗାଙ୍ଗପୁର, ୧୮।୧୧ (ଡି.ଏନ.ଏ)**

ସୁନ୍ଦରଗଡ– ସମ୍ବଲପୁର ଦେଇ ଯାଇଥିବା ରେଳପଥରେ ଥିବା କଲୁଙ୍ଗା, ପାନପୋଷ, କାଂଶବାହାଲ, ରାଜଗାଙ୍ଗପୁର, ଗଡପୋଷ ଭଳି ବିଭିନ୍ନ ରେଳଷ୍ଟେଶନରେ ଯାତ୍ରୀମାନେ ଛାଡି ଯାଉଥିବା ବାଇକ୍ ବିଭିନ୍ନ ସମୟରେ ଚୋରି ହେଉଥିବା ଅଭିଯୋଗ ହେଉଛି। ଏଣୁ ବାଇକ ଚାଳକମାନେ ସାବଧାନ ହୋଇ ଷ୍ଟେଶନ ବାହାରେ ରଖୁଥିବା ବାଇକଗୁଡିକରେ ଡବଲ ଲକ୍ ଲଗାଇବା ପାଇଁ ରାଜଗାଙ୍ଗପୁର ରେଳୱେ ପୋଲିସ ପକ୍ଷରୁ ନିବେଦନ କରାଯାଇଛି। ଶୁକ୍ରବାର ଚୋରି ହୋଇଥିବା ବାଇକ୍ ଶନିବାର ଉଦ୍ଧାର କରାଯାଇଥିବା ଜଣାପଡିଛି। ଘଟଣାରୁ ଜଣାଯାଏ ଯେ, ଶୁକ୍ରବାର ରାଜଗାଙ୍ଗପୁର ଥାନା ଅଧିନ ଜରେଇକେଲା ଗ୍ରାମ ପଞ୍ଚାୟତର କହତୁଆଁ ଗ୍ରାମର ବିରଜ ଗୁଡିଆ (୨୮) ନିଜ ବାଇକ୍ ନଂ. ଓଡି୧୬ଡି– ୨୦୧୮ରେ ରାଜଗାଙ୍ଗପୁର ଆସି ଷ୍ଟେସନ ବାହାରେ ନିଜ ବାଇକକୁ ରଖି କୌଣସି କାମରେ ରେଳ ଯୋଗେ ରାଉରକେଲା ଯାଇଥିଲେ। ସେ ଅପରାହ୍ନରେ ରାଉରକେଲାରୁ ଫେରି ଦେଖିଲା ବେଳକୁ ସେ ରଖିଥିବା ସ୍ଥାନରେ ତାଙ୍କ ବାଇକ ନାହିଁ। ସେ ନିଜ ବାଇକକୁ ଖୋଜାଖୋଜି କରି ନ ପାଇବାରୁ ରାଜଗାଙ୍ଗପୁର ରେଳୱେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଜଗାଙ୍ଗପୁର ରେଳୱେ ପୋଲିସ ପକ୍ଷରୁ ବାଇକକୁ ଖୋଜା ଯାଇଥିଲା। ହେଲେ ବାଇକ ରେଳୱେ ଷ୍ଟେସନ ପାଖ ହନୁମାନ ମନ୍ଦିର ପାଖରେ ଏକ ପରିତ୍ୟକ୍ତ ସ୍ଥାନରେ ପଡିଥିବା ଖବରପାଇ ବାଇକ୍ ଜବତ କରି ଶନିବାର ଗାଡି ମାଲିକଙ୍କୁ ହସ୍ତାନ୍ତରିତ କରିଥିଲେ। ବାଇକର ତାଲା ଭାଙ୍ଗି ଗାଡିକୁ ଚୋରି କରିବାକୁ ପ୍ରୟାସ କରାଯାଇଥିବା ବେଳେ ଗାଡିରେ ତେଲ ନଥିବାରୁ ବାଧ ହୋଇ ଗାଡିଟିକୁ ଛାଡି ଦେଇ ଚୋରମାନେ ଚାଲି ଯାଇଥିଲେ। ରାଜଗାଙ୍ଗପୁର ରେଳୱେ ଥାନା ଅଧିକାରୀ ଖଗେଶ୍ୱର ରାଉଳ ପ୍ରକାଶ କରିଥିଲେ। ଏହାଛଡା ଅଳ୍ପଦିନ ତଳେ ଗଡପୋଷ ଓ କାଂସବାହାଲ ରେଳ ଷ୍ଟେସନରୁ ଗାଡି ଚୋରି ହୋଇଥିବା ବେଳେ ଗଡପୋଷରେ ଗାଡି ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଉନବିଂଶତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ

# ଦୁଇଶହ ଛାତ୍ରୀଛାତ୍ର ପୁରସ୍କୃତ

**ଲହୁଣୀପଡା, ୧୮।୧୧ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ଅନ୍ତର୍ଗତ ବରସୁଆଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନବିଂଶତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏହି ଦୁଇ ଦିନିଆ କ୍ରୀଡା ଉତ୍ସବ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବରସୁଆଁ ସେଲର ଭ୍ୟାଲି ଇନ୍‌ଚାର୍ଜ ମୃତ୍ୟୁଞ୍ଜୟ କୁମାର ଏବଂ ସମ୍ମାନିତ ଅତିଥି ଭାବେ ବରସୁଆଁ ସେଲର ବରିଷ୍ଠ କାର୍ଯ୍ୟକର୍ତ୍ତା ନାରାୟଣ ମୁର୍ମୁ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଦୁଇ ଦିନିଆ କ୍ରୀଡା ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ଦୁଇଶହରୁ ଉର୍ଦ୍ଧ୍ୱ ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇ ଦିନରେ ମୋଟ ୬୭ଟି ଖେଳ ଆୟୋଜନ କରାଯାଇଥିଲା। ଶନିବାର ଏହାର ଉଦ୍‌ଯାପନୀ ଉତ୍ସବରେ ଶଶ୍ୟକଳା ପଞ୍ଚାୟତ ସରପଞ୍ଚ ପ୍ରିୟା କଚ୍ଛପ, ରେଣମା ଲାକ୍ରା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ରମେଶ ରାମ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ମାହାନ୍ତ, ପ୍ରତିମା ପାତ୍ର, ଫୁଲେଶ୍ୱରି ପାତ୍ର, ଉମାରାଣୀ ସାହୁ, ସ୍ୱର୍ଣ୍ଣଲତା ବେହେରା, ରାଜକୁମାରୀ ପାତ୍ର, ଧନେଶ୍ୱରି ମାହାନ୍ତ, ପ୍ରଣତି ଦାସ, ଜୟନ୍ତୀବାଳା ନାୟକ, ଜ୍ଞାନେନ୍ଦ୍ର ମାହାନ୍ତ, ଲିଙ୍ଗରାଜ ପ୍ରଧାନ, ରୋହିତ କୁମାର ମାହାନ୍ତ, ଅରୁଣ ଗିରି, ଚିଦାନନ୍ଦ ସାହୁ, ଚନ୍ଦନ ପ୍ରକାଶ ମାହାନ୍ତ, ଗୀତାରାଣି ଭୂମିଜ, ଯମୁନା କିଷାନ, ଝରଣା ରାଉତ, ପଦ୍ମିନୀ ମହାକୁଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ବ୍ୟାଙ୍କରେ ଜାଲିଆତି କରି ଋଣ ଠକେଇ

**ସୁନ୍ଦରଗଡ଼, ୧୮।୧୧ (ଡି.ଏନ୍.ଏ)**

ସ୍ଥାନୀୟ କାନାରା ବ୍ୟାଙ୍କରୁ ଜାଲ କାଗଜପତ୍ର ଦେଇ ଜଣେ ବ୍ୟକ୍ତି ୩ଲକ୍ଷ ଟଙ୍କା ଋଣ ନେଇ ଋଣଟଙ୍କା ପରିଶୋଧ କରୁ ନ ଥିବା ଶନିବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ବ୍ୟାଙ୍କ ଶାଖା ପରିଚାଳକ ଚିଦନ ସାହୁ ଏ ସମ୍ପର୍କରେ ଟାଉନ ଥାନାରେ ରିପୋର୍ଟ କରିଛନ୍ତି। ଶାଖା ପରିଚାଳକ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ଦର୍ଲିପାଲି ନିକଟସ୍ଥ ଶାହାଜବାହାଲ ଗ୍ରାମର ହେମନ୍ତ କୁମାର ନାଏକ ଜମିପଟ୍ଟା ଦେଖାଇ ଗତ ୨୦୧୪ ମାର୍ଚ୍ଚ ୧୨ ତାରିଖରେ ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଋଣ ନେଇଥିଲେ। ବ୍ୟାଙ୍କ ପରିଚାଳକ ଗତ ୧୬ ତାରିଖରେ ଏଠାରେ ଦାୟିତ୍ୱ ଗ୍ରହଣ କରିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଗୋଟିଏ ଜମି ପଟ୍ଟା ଦେଖାଇ ପୂର୍ବରୁ ଅନ୍ୟ ଏକ ବ୍ୟାଙ୍କରୁ ଟଙ୍କା ଉଠାଇ ନେଇଥିବାବେଳେ ଏହି ବ୍ୟାଙ୍କରୁ ମଧ୍ୟ ଟଙ୍କା ଉଠାଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଋଣ ଟଙ୍କାରୁ ଟଙ୍କାଟିଏ ମଧ୍ୟ ପରିଶୋଧ ନ କରିବାରୁ ଏହା ଏବେ ସୁଧମୂଳ ମିଶି ୫ ଲକ୍ଷରେ ପହଁଞ୍ଚିଛି। ଏତଲା ପାଇବା ପରେ ପୋଲିସ ଏକ ମାମଲା (ନଂ.୨୫୨/୧୮) ରୁଜୁ କରିଛି।

■ପୁରାତନ ସଂସ୍କୃତିକୁ ବଜାୟ ରଖିବା ପାଇଁ ଉଦ୍ୟମ

# ୪ ବ୍ଲକର ଆଦିବାସୀ ଏକତ୍ରିତ

**ବାଲିଶଙ୍କରା, ୧୮।୧୧ (ଡି.ଏନ.ଏ)**

ବଘିଆବେଣ୍ଡି ଗ୍ରାମର କ୍ରିପାଜୋଡି ସାଂସ୍କୃତିକ କମିଟି ପକ୍ଷରୁ ପୁରାତନ ସଂସ୍କୃତିକୁ ବଜାୟୀ ରଖିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ୪ ବ୍ଲକର ଆଦିବାସୀ ଏକତ୍ରିତ ହୋଇଛନ୍ତି। କ୍ରିପାଜୋଡି ସାଂସ୍କୃତିକ କମିଟି ସଭାପତି କ୍ରିପା କିଣ୍ଡୋ ଏବଂ ସୁଚିତା କୁଜୁରଙ୍କ ନେତୃତ୍ୱରେ ବଘିଆବେଣ୍ଡି ଗ୍ରାମର ସ୍କୁଲ ପଡିଆରେ ୪ଟି ବ୍ଲକ ତଥା ବାଲିଶଙ୍କରା, ସବଡେଗା, ବଡଗାଁ, ଲେଫ୍ରିପଡାର ୨୨ଟି ସାଂସ୍କୃତିକ ଦଳ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସେ ଉଦ୍‌ବୋଧନ ଦେଇ କହିଥିଲେ କି ସାଂସ୍କୃତିକ ନାଚ, ଗୀତ ଦ୍ୱାରା ପୁରାତନକାଳର ଆଦିବାସୀଙ୍କ ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ଭବିଷ୍ୟତ ପିଢ଼ି ଏହାକୁ ସ୍ମରଣ କରିବେ। ଆଜିକାଲି ଯୁବତୀ ଯୁବକମାନେ ଏହାକୁ ଭୁଲି ଯାଉଛନ୍ତି। ଏମାନଙ୍କୁ ସଂସ୍କୃତିକୁ ବଞ୍ଚାଇବାର ଗୋଟିଏ ଚେତନା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ଅଧକ୍ଷା ତ୍ରିବେଣୀ ମାଝି, ତଳସରା ସରପଞ୍ଚ ଉର୍ମିଳା କିଷାନ, ଟିକିଲିପଡାର ଗୌନ୍ତିଆ ଏମଡି ହସିନ, ଅଞ୍ଜୁ ଟପ୍ପୋ, ସବିତା ଆପଟ, ନୁଆସ କିଣ୍ଡୋ, ନାରେଶ ଲିବିନ ଲାକ୍ରା ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ତ୍ରିପାଜ୍ୟୋତି ସାଂସ୍କୃତିକ କମିଟିର ସଭ୍ୟାସଭ୍ୟ ଗଣେଷ ଟପ୍ପୋ, ଶାନ୍ତିରେଜିନା ଲାକାଡା ସକ୍ରିୟ ଭୂମିକା ତୁଲାଇଥିଲେ। ଉତ୍ସାହ ଦେବା ପାଇଁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ । ସମସ୍ତ ଦଳକୁ ମାନପତ୍ର କମିଟି ତରଫରୁ ଦିଆଯାଇଥିଲା ଓ ଏହିପରି ପ୍ରତିଯୋଗିତା ପ୍ରତିବର୍ଷ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

■ ନେହ୍ରୁ କପ୍ କ୍ରିକେଟ ଟୁର୍ନାମେଣ୍ଟ

# ଗୁରୁନାନକ ପବ୍ଲିକ ସ୍କୁଲ, କଲୁଙ୍ଗା ହାଇସ୍କୁଲ ବିଜୟୀ

**ସୁନ୍ଦରଗଡ଼, ୧୮।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଓ ନବଜୀବନ କ୍ଲବର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମଠାରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ ନେହ୍ରୁଜେନ୍ କପ୍ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ କ୍ୱାଟର ଫାଇନାଲ ଖେଳ ଆରମ୍ଭ ହୋଇଛି। ରବିବାର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍ ଡାଲମିଆ ବିଦ୍ୟାମନ୍ଦିର ରାଜଗାଙ୍ଗପୁର ଗୁରୁ ନାନକ ପବ୍ଲିକ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାଲମିଆ ବିଦ୍ୟାମନ୍ଦିର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯ ଓଭରରେ ୭୩ ରନ୍ କରି ଡାଲମିଆ ବିଦ୍ୟାମନ୍ଦିର ଅଲ ଆଉଟ ହୋଇଯାଇଥିଲା। ଏହାର ଜବାବରେ ଗୁରୁ ନାନକ ପବ୍ଲିକ ସ୍କୁଲ ୨ ଉଇକେଟ ବିନିମୟରେ ୧୫.୨ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ୮ଉଇକେଟରେ ବିଜୟୀ ହୋଇଥିଲା। ଚମତ୍କାର ବୋଲିଂ ପ୍ରଦର୍ଶନ ୪ ଓଭରରେ ୧୫ରନ୍ ଓ ୫ଉଇକେଟ ପାଇ ଗୁରୁ ନାନକ ପବ୍ଲିକ ସ୍କୁଲର ପ୍ରତୀକଙ୍କୁ ମ୍ୟାନ ଅପ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍ କଲୁଙ୍ଗା ହାଇସ୍କୁଲ ଏବଂ ରାଷ୍ଟ୍ରୀୟ ବିଦ୍ୟାଳୟ ରାଜଗାଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ବିଦ୍ୟାଳୟ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ପଡିଆକୁ ଓହ୍ଲାଇ ନିର୍ଦ୍ଧାରିତ ୨୦ ଓଭରରେ ୬ଉଇକେଟ ହରାଇ ୯୪ରନ୍ ସଂଗ୍ରହ କରିଥିଲା। ଏହାର ପ୍ରତ୍ୟୁତ୍ତରରେ କଲୁଙ୍ଗା ହାଇସ୍କୁଲ ୧୦.୫ ଓଭରରେ ୨ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। କଲୁଙ୍ଗା ହାଇସ୍କୁଲର ଆକାଶ ଶେଖ୍‌ଙ୍କୁ ତାଙ୍କର ଅଲରାଉଣ୍ଡର ସଫଳତା (୩୩ରନ୍ ) ପାଇଁ ମ୍ୟାନ ଅପ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚଗୁଡିକୁ ଅଶୋକ ବରାଇ, ଜାଫର ଖାନ୍, ସଚିନ୍ ବିଶ୍ୱକର୍ମା ଓ ଶିଶିର ପଟେଲ ଅମ୍ପାୟାରଭାବେ ପରିଚାଳନା କରିଥିଲେ। ରାହୁଲ ସିଂ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କ୍ରିକେଟ ସମ୍ପାଦକ ଶିଶିର ପଟେଲଙ୍କ ସହଯୋଗରେ କ୍ରୀଡା ସଂସଦର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ତୃତୀୟ ଓ ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।


ଖେଳାଳିଙ୍କ ସହ ଅତିଥି।

**ବିଦ୍ୟାଳୟ ସଂଯୋଜକଙ୍କ ଜିଲାସ୍ତରୀୟ ବୈଠକ**

ଭବାନୀପାଟଣା ସଦରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ କଳାହାଣ୍ଡି ଜିଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବିଦ୍ୟାଳୟ ସଂଯୋଜକମାନଙ୍କ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ



### ବିଦ୍ୟାଳୟ ମିଶ୍ରଣ

କେସିଙ୍ଗା,୧୮।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଉତ୍କେଲା କ୍ଲଷ୍ଟର ହରିଜନପଡା ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ବେହେରାପଡା ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ହୋଇଯାଇଛି। ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ଆଦେଶାନୁସାରେ ଏହି ମିଶ୍ରଣ କରାଯାଇଥିଲା । ଏଥିରେ ହରିଜନ ପଡାର ୧୭ଜଣ ଛାତ୍ରୀଛାତ୍ର ଓ ୨ଜଣ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ବେହେରାପଡା ପ୍ରଧାନଶିକ୍ଷୟିତ୍ରୀ ସୌଦାମିନୀ ପାଣିଗ୍ରାହୀ, ସହ ଶିକ୍ଷୟିତ୍ରୀ ପ୍ରମିଳା ଦୋରା ଓ ଛାତ୍ରୀଛାତ୍ରମାନେ ସେମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ । ମିଶ୍ରଣ ହେବାରୁ ବିଦ୍ୟାଳୟ ପରିବେଶ ଆନନ୍ଦମୟ ଓ ହସଖୁସିର ଥିଲା । ଗୋଟି ଛାତ ତଳେ ପାଠ ପଢ଼ିବାର ସୁଯୋଗ ସୃଷ୍ଟି ହୋଇଥିଲା। ମିଶ୍ରଣ କାର୍ଯ୍ୟ ସମୟରେ ସିଆରସିସି ସୁରେନ୍ଦ୍ର କୁମାର ଦୋରା ଉପସ୍ଥିତ ରହି ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ହରିଜନପଡାର ପ୍ରଧାନଶିକ୍ଷୟିତ୍ରୀ ଭୋପାଲିନି ବାଗ, ସହ ଶିକ୍ଷୟିତ୍ରୀ ସୋଭାବିନି ମହାନନ୍ଦ ଉପସ୍ଥିତ ଥିଲେ ।

ସ୍ୱାସ୍ଥ୍ୟ ବିଭାଗର 'ଲକ୍ଷ୍ୟ' କାର୍ଯ୍ୟକ୍ରମ

### ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ରାଜ୍ୟର ଶ୍ରେଷ୍ଠ ପୁରସ୍କାର

ଭବାନୀପାଟଣା,୧୮।୧୧(ଡି.ଏନ.ଏ.)
ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାସ୍ତରରେ ଥିବା ବିଭିନ୍ନ ମୁଖ୍ୟ ଚିକିତ୍ସାଳୟର ଅଭ୍ୟନ୍ତରଣୀୟ କାର୍ଯ୍ୟକ୍ରମରେ ବ୍ୟବହୃତ ହେଉଥିବା ସାମଗ୍ରୀ, ପ୍ରସୂତି ଗୃହର ସ୍ୱଚ୍ଛତା ଓ ତାହାର ଗୁଣାତ୍ମକ ମାନର ଉନ୍ନତି ନିମନ୍ତେ ଧାର୍ଯ୍ୟ କରାଯାଇଥିବା ନିୟମାବଳୀକୁ ସମ୍ପୂର୍ଣ୍ଣ ଭାବେ ପୂରଣ କରିପାରିଥିବାରୁ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା 'ଲକ୍ଷ୍ୟ' କାର୍ଯ୍ୟକ୍ରମ ପକ୍ଷରୁ ପ୍ରଥମ ସ୍ଥାନ ଅଧିକାର କରି ୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ହାସଲ କରିଛି । ଗତକାଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କଠାରୁ କଳାହାଣ୍ଡି ଜିଲା ଏଡିଏମ୍ଓ (ଏଫ୍‌ଡବ୍ଲ୍ୟୁ) ଡା. ଅଶୋକ କୁମାର ଦାସ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ପୁଷ୍ପାଂଶୁ ସାହୁ ଓ ଡିଏମ୍ଆର୍‌ସିଏଚ୍ ଭବାନୀଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ଜନକ ପୁରସ୍କାର ଗ୍ରହଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି । ଏହି ପୁରସ୍କାର ଲାଭ କରିଥିବା ଖବର ଜିଲାରେ ପହଞ୍ଚିବା ମାତ୍ରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।

ଜିଲା ମାନ୍ୟତା ଦାବିରେ ଆଲୋଚନାଚକ୍ର

# ଜିଲା ମାନ୍ୟତା ଦାବି ଜୋର ଧରିଲା

ଧର୍ମଗଡ,୧୮।୧୧(ଡି.ଏନ.ଏ.)


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ।

**ଧର୍ମଗଡ ଉପଖଣ୍ଡ**
- ଦୀର୍ଘ ବର୍ଷରୁ ଦାବି ହୋଇଆସୁଛି
- ଧର୍ମଗଡ ଉପଖଣ୍ଡରେ ୬ଟି ବ୍ଲକ ରହିଛି
- ଜନସଂଖ୍ୟା ପ୍ରାୟ ୧୦ ଲକ୍ଷ

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଧୀରେ ଧୀରେ ଯୋର ଧରିବାରେ ଲାଗିଛି। ଦୀର୍ଘ ବର୍ଷରୁ ଧର୍ମଗଡ ଉପଖଣ୍ଡବାସୀଙ୍କ ପକ୍ଷରୁ ଏହି ଦାବି ହୋଇଆସୁଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା କିମ୍ବା ତତ୍ପରତା ଦେଖାଦେଇନାହିଁ। ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି । ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ଏକ ହୋଟେଲଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧର୍ମଗଡ ସମେତ କୋକସରା, କଲମପୁର, ଜୟପାଟଣା, ଜୁନାଗଡ, ଗୋଲାମୁଣ୍ଡା ବ୍ଲକରୁ ବହୁ ବୁଦ୍ଧିଜୀବୀ ଯୋଗଦେଇ ଏହା ସପକ୍ଷରେ ନିଜର ମତ ରଖିଥିଲେ। ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପାଢୀଯୋଷୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଧର୍ମଗଡ ପୂର୍ବତନ ବିଧାୟକ ବିର ସିପକା, ପୂର୍ବତନ ବିଧାୟକ ଯୁଗେରାମ ବେହେରା, ପ୍ରଫେସର ସତ୍ୟ ପଟ୍ଟନାୟକ, ବରିଷ୍ଠ ଔଷଧ ବ୍ୟବସାୟୀ ହୃଷୀକେଶ ମିଶ୍ର, ବ୍ୟବସାୟୀ ଶୁକଲାଲ ଅଗ୍ରୱାଲ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ଡା.ଅଜିତ କୁମାର ନେଗୀ, ଶେଷଦେବ ବେହେରା, ଦିଗାମ୍ବର ଦୁରିଆଙ୍କ ସମେତ ସହରର ବହୁ ଆଇନଜୀବୀ, ବୁଦ୍ଧିଜୀବୀ, ସାମ୍ବାଦିକ, ରାଜନେତାମାନେ ଯୋଗଦେଇ ନିଜର ମତ ରଖିଥିଲେ।

ଧର୍ମଗଡ ଉପଖଣ୍ଡରେ ୬ଟି ବ୍ଲକ ଥିବା ବେଳେ ଏହାର ଜନସଂଖ୍ୟା ପ୍ରାୟ ୧୦ ଲକ୍ଷ। ଏହାର ଭୌଗଳିକ ପରିସୀମା ୪ ହଜାର ୩ ଶହ ବର୍ଗ କି.ମି. ରହିଛି । ଯାହାକି ନୂତନ ଭାବେ ଗଠନ ହୋଇସାରିଥିବା ଜିଲାଠାରୁ ମଧ୍ୟ ଯଥେଷ୍ଟ ବଡ । ସେହିପରି ୧୩ଟି ବ୍ଲକକୁ ନେଇ ଗଠିତ କଳାହାଣ୍ଡି ଜିଲାର ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ ଜିଲା ପ୍ରଶାସନ ଠିକ ଭାବରେ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । ଫଳରେ ପ୍ରକୃତ ବିକାଶ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ତେଣୁ ସ୍ୱତନ୍ତ୍ର ଜିଲା ଗଠନ ହେଲେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ପାରିବ ବୋଲି ମତପ୍ରକାଶ ପାଇଛି । ଧର୍ମଗଡ ଉପଖଣ୍ଡ ଏକ ହରିଜନଆଦିବାସୀ ବହୁଳ ଅଞ୍ଚଳ। ଯାହାକି ସମଗ୍ର ଉପଖଣ୍ଡର ମୋଟ ଜନସଂଖ୍ୟାର ୪୨ ପ୍ରତିଶତ ଏଠାରେ ହରିଜନ ଓ ଆଦିବାସୀ ସଂଖ୍ୟା ରହିଛି । ଅପରପକ୍ଷରେ ଧର୍ମଗଡ ଉପଖଣ୍ଡରେ ଜିଲାର ୨ଟି ପ୍ରମୁଖ ନଦୀ ତେଲ ଓ ହାତୀ ନଦୀ ପ୍ରବାହିତ ହେଉଛି । ଏହି ଉପଖଣ୍ଡ ପ୍ରାକୃତିକ ସୌନ୍ଦର୍ଯ୍ୟରେ ମଧ୍ୟ ଭରପୁର ରହିଛି । ସେହିପରି ଧର୍ମଗଡ ଉପଖଣ୍ଡରେ ବହୁମୁଖୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ମଧ୍ୟ ରହିଛି। ଇନ୍ଦ୍ରାବାତୀ କେନାଲ ପାଣି ସାହାଯ୍ୟରେ ଆଜି ଏଠାକାର ଚାଷୀ ଉଭୟ ରବି ଏବଂ ଖରିଫ ଚାଷ କରି ନିଜର ଆର୍ଥୀକ ମେରୁଦଣ୍ଡକୁ ସୁଦୃଢ କରିପାରିଛି । କଳାହାଣ୍ଡି ଜିଲାକୁ ରାଜ୍ୟରେ ବରଗଡ ପରେ ଦ୍ୱତୀୟ ଜିଲା ଭାବେ ଅଧିକ ଧାନ ଉତ୍ପାଦନ ଜିଲା ଭାବେ ପରିଗଣିତ କରାଯାଇଥିବା ବେଳେ ଏହି ଧାନ ଉତ୍ପାଦନ ଧର୍ମଗଡ ଉପଖଣ୍ଡରୁ ହିଁ ହୋଇଥାଏ । ଏହି ସବୁ ଦୃଷ୍ଟିକୌଣରୁ ଏହି ଉପଖଣ୍ଡକୁ ଜିଲାର ମାନ୍ୟତା ଗୁରୁତ୍ୱପୂର୍ଣ୍ଣ ବହନ କରୁଛି ।

# ପଞ୍ଚାୟତ ଡିଗ୍ରୀ କଲେଜରେ ସଚେତନତା କାର୍ଯ୍ୟକ୍ରମ

ତୁଣ୍ଡଲା,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟଠାରେ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଜିଲା ଶିଳ୍ପ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସିର୍ଜାପାଲି ପଞ୍ଚାୟତ ସରପଞ୍ଚ ସଂସାର ଭୋଏ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ରାଧାମୋହନ ବାଣୁଆ ଓ ଘାସିରାମ ଦୋରା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଧନଞ୍ଜୟ ରଣା ସମ୍ମାନିତ ଅତିଥି, ଜିଲା ଶିଳ୍ପ କେନ୍ଦ୍ର ସହକାରୀ ପରିଚାଳକ ଦେବଦତ୍ତ ଦାଶ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ ଶିଳ୍ପ ବିକାଶ ଅଧିକାରୀ ତାପସ କୁମାର ମହାପାତ୍ର ଅତିଥି ପରିଚୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷ ଡ. ମଦନମୋହନ ସାହୁ ଏବଂ ଅଧ୍ୟାପକ ଦୁର୍ଯ୍ୟୋଧନ ଦାଶ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ପରିଚାଳକ ଦାଶ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପନୀତି ଓ ସ୍ୱରୋଜଗାର ବିଷୟରେ ଶିକ୍ଷା ଦେଇଥିଲେ । କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମର ଗୁଣନିଧି ଗହିରଙ୍କ ବାଉଁଶରେ ତିଆରି କରାଯାଇଥିବା ବିଭିନ୍ନ ପ୍ରକାର ଜିନିଷଗୁଡିକୁ ଉଦାହରଣ ଭାବରେ ଦେଖେଇଥିଲେ । କିଭଳି ଭାବରେ ସମସ୍ତେ ରୋଜଗାର କରିପାରିବେ ତାହା ଦିଗଦର୍ଶନ ଦେଇଥିଲେ ଶିଳ୍ପ ବିକାଶ ଅଧିକାରୀ ସୁଦାମ ଦେଉରି ଧନ୍ୟବାଦ ଅର୍ପଣ କରିଥିଲେ ।


ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରଛାତ୍ର।

# ୨୧ ୟୁନିଟ୍ ରକ୍ତ ସଂଗ୍ରହ

କୋକସରା,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ସୁବ୍ରତ କୁମାର ବେହେରା ଓ ଅଶ୍ୱିନୀ କୁମାର ପଟ୍ଟନାୟକ ଉଦଘାଟନ କରିଥିଲେ। ଇନଚାର୍ଜ ଡାକ୍ତର ସୁଶାନ୍ତ ଭୋସାଗର, ଏମଓ ଆୟୁଷ ଅନୀଲ କୁମାର ମେହେର, ସମ୍ମାନିତ ଅତିଥି ଭାବେ ୟୁଥ ରେଡକ୍ରସ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପ୍ରଶିକ୍ଷକ ସୁବ୍ରତ କମାର ବେହେରା, ଏନସିସି କ୍ୟାଡେଟ ପ୍ରଶିକ୍ଷକ ତଥା ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ସତ୍ୟସାଇ ସେବା ଅନୁଷ୍ଠାନ ମାଝିଗୁଡାର ସଦସ୍ୟ ମୌଷଧି ବାଗ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ କେଶବ ନାଏକ ପ୍ରମୁଖ ଅଂଶଗ୍ରହଣ କରି ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ରକ୍ତଦାନର ମହତ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ । ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଧର୍ମଗଡ ବ୍ଲଡବ୍ୟାଙ୍କ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିବାବେଳେ କୋକସରା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଏମ୍. ରାଜଶେଖର ଧନ୍ୟବାଦ ଦେଇଥିଲେ । ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିବାବେଳେ ୟୁଥ ରେଡକ୍ରସ ଓ ଏନସିସି ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।


କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ରକ୍ତଦାନ ଶିବିର।



### ରାଜ୍ୟସ୍ତରୀୟ ସୁରଭି କୁଇଜ୍‌ରେ ଲଳିତ ପ୍ରଥମ

କର୍ଲାମୁଣ୍ଡା,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆଦର୍ଶ ବିଦ୍ୟାଳୟ ରେଗେଡାର ସପ୍ତମ ଶ୍ରେଣୀର ଛାତ୍ର ଲଳିତ କୁମାର ସାହୁ ରାଜ୍ୟସ୍ତରରେ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହାକୁ ନେଇ ବିଦ୍ୟାଳୟରେ ଖୁସୀର ଲହରୀ ଖେଳିଯାଇଛି। ୨୦୧୮-୧୯ ସୁରଭି କାର୍ଯ୍ୟକ୍ରମ ଜରିଆରେ ମେଧାବୀ ଛାତ୍ରୀଛାତ୍ର ପ୍ରତିଭାକୁ ଲୋକ ଲୋଚନକୁ ଅଣାଯିବାର ପ୍ରୟାଷରେ ଗତ ୧୪ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୁଇଜ ପ୍ରତିଯୋଗିତାର ଜୁନିୟର ବର୍ଗରେ ଲଳିତ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ବିଦ୍ୟାଳୟ ସଂଯୋଜକଙ୍କ ଜିଲାସ୍ତରୀୟ ବୈଠକ

# ନିୟମିତ ଦାବିରେ ବିଧାନସଭା ସମ୍ମୁଖରେ ଧାରଣା ୧୯ରୁ

କର୍ଲାମୁଣ୍ଡା/ଭବାନୀପାଟଣା, ୧୮।୧୧(ଡି.ଏନ.ଏ.)

ଭବାନୀପାଟଣା ସଦରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ କଳାହାଣ୍ଡି ଜିଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବିଦ୍ୟାଳୟ ସଂଯୋଜକମାନଙ୍କ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କମଲ ଲୋଚନ ଚୌଧୁରୀ ବୈଠକରେ ସଭାପତିତ୍ୱ କରିଥିଲେ। ଏଥିରେ ବିଦ୍ୟାଳୟ ସଂଯୋଜକମାନେ ଦୀର୍ଘ ଦିନ ଧରି ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ହୋଇ ସମସ୍ତ ଅନଲାଇନ ଓ ଅଫିସ କାର୍ଯ୍ୟ କରୁଥିଲେ ହେଁ ସରକାର ସେମାନଙ୍କୁ କୌଣସି ଧ୍ୟାନ ନ ଦେଇ ପାତରଅନ୍ତର କରୁଥିବା ଅଭିଯୋଗ ହୋଇଥିଲା। ଗତ ଦିନରେ ଲୋୟର ପିଏମଜିରେ ଧାରଣା ସମୟରେ ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ଅଦ୍ୟାବଧି ନିୟମିତ କରାଯାଇ ନାହିଁ । ଏହାର ପ୍ରତିବାଦରେ ଚଳିତ ଶୀତକାଳୀନ ବିଧାନସଭା ଅଧିବେଶନ ସମୟରେ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଆସନ୍ତା ୧୯ ତାରିଖରେ ବିଧାନସଭା ସମ୍ମୁଖରେ ଦିବାରାତ୍ର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଜିଲା ଉପସଭାପତି ପୂର୍ଣ୍ଣପ୍ରଭା ବିଶି, ସମ୍ପାଦକ ଶୁଭେନ୍ଦୁ ଶେଖର ଦାସ, କୋଷାଧ୍ୟକ୍ଷ ତରୁଣ କୁମାର ମହାରଣା, ମିଳନ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ବ୍ଲକ ମୁଖ୍ୟ ଓ ଶତାଧିକ ଉଚ୍ଚ ବିଦ୍ୟାଳୟ ସଂଯୋଜକ ଉପସ୍ଥିତ ଥିଲେ ।


ବୈଠକରେ ବିଦ୍ୟାଳୟ ସଂଯୋଜକମାନେ ଆଲୋଚନା କରୁଛନ୍ତି।

# ଜିଲାସ୍ତରୀୟ ଅଙ୍ଗନୱାଡି ସଂଘ କାର୍ଯ୍ୟକାରିଣୀ ବୈଠକ

କୋକସରା,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା କଲ୍ୟାଣ ମଣ୍ଡପଠାରେ ରବିବାର ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ସଂଲଗ୍ନ ଭାରତୀୟ ମଜଦୁର ସଂଘ କଳାହାଣ୍ଡି ଶାଖା ପକ୍ଷରୁ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋକସରା ବ୍ଲକ ଅଙ୍ଗନୱାଡି ସଂଘ ସଭାପତି ଦ୍ରୌପଦୀ ଦେଇ ଓ ସମ୍ପାଦିକା ନୀର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଅଖିଳ ଭାରତୀୟ ଲେଡିଜ ଅଙ୍ଗନୱାଡି ସଂଘ ସମ୍ପାଦିକା ଅଳୀ ପଟେଲ ଯୋଗଦେଇ ଓଡିଶା ସରକାର ଅଙ୍ଗନୱାଡି ସଂଘର ଦାବିଗୁଡିକୁ ମାନିବା ଉପରେ ଟାଳଟୁଳନୀତି ଆପଣାଇ ଦାବିଗୁଡିକୁ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରୁ ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନ କରିଥିଲେ । ଫଳରେ ରାଜ୍ୟ ସରକାର ମାତ୍ର ୨ ହଜାର ଟଙ୍କା ଦରମା ବଢାଇବା ସହ ଅନ୍ୟ ଦାବି ଉପରେ ଆଗାମୀ ଦିନରେ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ଅଦ୍ୟାବଧି ପୂରଣ କରିନାହାନ୍ତି । ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ଚେତାଇ ଦେବା ପାଇଁ ସଂଘ ପକ୍ଷରୁ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜସ୍ମିନ ନାଏକ, କଳାହାଣ୍ଡି ଜିଲା ଅଙ୍ଗନୱାଡି ସଂଘ ସଭାନେତ୍ରୀ ଝୁନୁପମା ଶତପଥୀ, ଉପସଭାନେତ୍ରୀ ପ୍ରେମଲତା ସାମନ୍ତରାଏ, ଜିଲା ସମ୍ପାଦିକା ରୁକ୍ମଣୀ ପୁରୋହିତ, ଭାରତୀୟ ମଜଦୁର ସଂଘ ଜିଲା ସଂଯୋଜକ ସୁବ୍ରତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକାରିଣୀ ବୈଠକରେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକରୁ ୫ ଶହରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ । କୋକସରା ସଂଘର ଦମୟନ୍ତୀ ବେଶ୍ରା, ନମିତା ସାହୁ, ତୁଳସୀ ବେଶ୍ରା, ପୂର୍ଣ୍ଣମୀ ନାଏକ, ସତ୍ୟଭାମା ପଟ୍ଟନାୟକ, ଗାୟତ୍ରୀ ମାଝି, ରଶ୍ମୀ ନାଏକ, ଚଞ୍ଚଳା ଦଳପତି, ସୌଦାମିନୀ ବେହେରା ପ୍ରମୁଖ କର୍ମୀମାନେ ସହଯୋଗ କରିଥିଲେ । ନୀର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀ ଏବଂ ଅନ୍ୟମାନେ ।

ନିମ୍ନମାନର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାମ

# ଗ୍ରାମବାସୀଙ୍କ ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ଲାଞ୍ଜିଗଡ଼,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏହା ଅତ୍ୟନ୍ତ ଦୁର୍ଗମ । ଏହି ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କିଛି ଅସାଧୁ ଅଫିସର ଓ ଠିକାଦାରଙ୍କ ମଧୁଚନ୍ଦ୍ରୀକା ଯୋଗୁ ସରକାରଙ୍କ ଅନେକ ଉନ୍ନୟନମୂଳକ କାମ ବାଟବଣା ହେବାରେ ଲାଗିଛି । ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତରେ ଅନେକ ଗାଁରେ ଗମନାଗମନ ପାଇଁ ରାସ୍ତା ଖଣ୍ଡିଏ ନ ଥିବା ବେଳେ ଅଞ୍ଚଳବାସୀଙ୍କ ଅନେକ ଅଭିଯୋଗ, ରାସ୍ତାରୋକୋ ଓ ଭୋଟ ବର୍ଜନ ପରେ ସ୍ଥାନୀୟ ବିଧାୟକ ବଳଭଦ୍ର ମାଝି ସିନ୍ଧିପଦରଠାରୁ ମୁଷାନାଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତା ନିର୍ମାଣ ହେବା ଶୁଣି ଅଞ୍ଚଳବାସୀଙ୍କ ମଧ୍ୟରେ ଖସିର ଲହରୀ ଖେଳିଯାଇଥିଲା। ଅଞ୍ଚଳବାସୀ ରାସ୍ତାକାମରେ ମଧ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ରାସ୍ତା କାମ ପାଇଥିବା କେସିଙ୍ଗାର ଜଣେ ଠିକାଦାର ପ୍ରଥମେ ଭଲ କାମ କରିଥିବା ବେଳେ ମେଟାଲିଂ ଓ ପିଚୁ ସମୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରିଥିବା ଅଞ୍ଚଳବାସୀ


ସିନ୍ଧିପଦରଠାରୁ ମୁଷାନାଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତାକାମ ଚାଲିଛି।

ଅଭିଯୋଗ କରିଛନ୍ତି । ଏ ନେଇ ଠିକାଦାରଙ୍କୁ ମଧ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ଠିକାଦାର କର୍ଣ୍ଣପାତ କରି ନ ଥିଲା । ଶେଷରେ ଅଞ୍ଚଳବାସୀ ସମ୍ପୃକ୍ତ ଆରଡି ବିଭାଗର ଏସ୍‌ଡିଓଙ୍କୁ ଅବଗତ କରାଇଛନ୍ତି । ହେଲେ ଅଭିଯୋଗ କରି କି ରାସ୍ତା କାମ ସରିଯାଉଛି ହେଲେ ପାଖ ମାଡୁନାହାନ୍ତି। ଚିପ୍ସ ଏବଂ ପିଚୁ ଯେତେ ପରିମାଣରେ ପଡିବା କଥା ତାହା ପଡିନାହିଁ, ପ୍ରାୟମର ଦେବା କଥା ତାହା ମଧ ପଡିନାହିଁ, ଚିପ୍ସ ଉପରେ ବଜୁରୀ ଯେତେ ପରିମାଣରେ ଦେବା କଥା ତାହା ଦିଆଯାଇନାହିଁ । ସେଥିପାଇଁ ରାସ୍ତାର ସ୍ଥାୟୀତ୍ୱକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଲାଞ୍ଜି ସରପଞ୍ଚ ବିଷ୍ଣୁଚରଣ ଭୋଇ, କୌଳାସ ମାଝି, ହରିହର କୁମ୍ଭାର ପ୍ରମୁଖ ଏହି ରାସ୍ତା କାମ କରୁଥିବା ଠିକାଦରର ବିଲ୍ ବନ୍ଦ କରିବା ପାଇଁ ଅନୁରୋଧ କରାଯିବ ଓ ନ ହେଲେ ଏହି ରାସ୍ତାକୁ ନେଇ ଏକ ବଡ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଆରଡି ବିଭାଗ ଏକଜ୍ୟୁଟିଭ୍ ଇଞ୍ଜିନିୟର ସନ୍ତୋଷ ସାମଲଙ୍କୁ ପଚାରିବାରୁ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

**ମା' ବସ୍ତ୍ରାଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**
ନୂପଆଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଉଦ୍ୟାନବନ୍ଧରେ ମା' ବସ୍ତ୍ରାଣୀ ଫୁଟ ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି ।

## ସଂକ୍ଷେପରେ

### ବୋଡେନ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

ବୋଡେନ,୧୮।୧୧(ଡି.ଏନ.ଏ.) ନୂଆପଡ଼ା ଜିଲା ବୋଡେନ ସରସ୍ୱତୀ ଶିଶୁ ମନ୍ଦିରର ବିଂଶତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବୋଡେନ ତହସିଲଦାର ନାବ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଖେଳ ଦ୍ୱାରା କିଭଳି ଉପକାର ମିଳେ ତାହା ବୁଝାଇଥିଲେ। ମା' ଦ୍ୱାରଶନୀ ପୀଠରୁ ମଶାଲ ଯାତ୍ରା ଛାତ୍ରମାନଙ୍କ ଦ୍ୱାରା ଅଣାଯାଇ ପଡିଆରେ ପହଞ୍ଚିଥିଲା। ମଶାଲ ସ୍ୱାଗତ ପରେ ୫୪ ପ୍ରକାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନୂଆପଡା ବିଭାଗ ପ୍ରମୁଖ ଗୟାଧର ମହାନ୍ତ, ପରିଚାଳନା ସମିତି ସମ୍ପାଦକ ରୋହିତ ଦଣ୍ଡସେନା ଓ ସହ ସମ୍ପାଦକ ଅରିଗଞ୍ଜନ ବେହେରା ଉପସ୍ଥିତ ଥିଲେ। ପ୍ରଧାନ ଗୁରୁଜୀ ତ୍ରିନାଥ ନାଗ ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଟିକେଶ୍ୱର ନାଗ ଧନ୍ୟବାଦ ଦେଇଥିଲେ। ରଞ୍ଜନ ହଂସ ଖେଳ ପରିଚାଳନା କରିଥିଲେ।

### ଜେଜେମା ଜେଜେବାପା ସମ୍ମିଳନୀ

ନୂଆପଡା ଅଫିସ,୧୮।୧୧- ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେମା ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ କନ୍ଦର୍ପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମଶ୍ୱର ମୁଣ୍ଡ ମୁଖ୍ୟଅତିଥି, ହରିପୁର ଆଶ୍ରମରୁ ଆଚାର୍ଯ୍ୟ ମନୁଦେବ ଆର୍ଯ୍ୟ ମୁଖ୍ୟବକ୍ତା, ଗଜେନ୍ଦ୍ର ମିଶ୍ର, ମନୁଦେବ ଆର୍ଯ୍ୟ, ହେମନ୍ତ କୁମାର ଦଣ୍ଡସେନା, ବିଜୟ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜେଜେମା ଜେଜେବାପାମାନେ ସେମାନଙ୍କ ପୁରୁଣା ଅନୁଭୂତି ବଖାଣିଥିବା ବେଳେ ଆଜିର ଶିଶୁମାନେ କିପରି ପରିବାର ଏବଂ ବିଦ୍ୟାଳୟରେ ଶିଷ୍ଟାଚାର ଆଚରଣ କରି ବିଦ୍ୟା ଗ୍ରହଣ କରିପାରିବେ ସେ ଉପରେ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଅଭୟାରଣ୍ୟରେ ଡେରା ପକାଇଛନ୍ତି ଦାଦନ ସର୍ଦ୍ଦାର

# ଶ୍ରମିକ-ସର୍ଦ୍ଦାର ମୁହାଁମୁହିଁ

**କରୁଆଁଝର ସର୍ଦ୍ଦାରଙ୍କୁ ତଡିଦେଲେ ଶ୍ରମିକ**

ନୂଆପଡା ଅଫିସ,୧୮।୧୧

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ ଭଳି ଜାଗାରେ କୌଣସି ସରକାରୀ କାମ ଧନ୍ଦା ଚାଲୁ ନ ଥିବା ନେଇ ଲୋକେ କାମଧନ୍ଦା ଖୋଜୁଥିବାବେଳେ ଏହାର ସୁଯୋଗ ନେଇ ପଡୋଶୀ ବଲାଙ୍ଗୀର ଜିଲାରୁ ଦାଦନ ସର୍ଦ୍ଦାରମାନେ ଏଠାରେ ଆସି ପଇଁତାର ମାରୁଥିବା ଦେଖାଯାଉଛି । ସର୍ଦ୍ଦାରମାନେ ଟଙ୍କା ଧରି ଆସି ଲୋକଙ୍କୁ ପ୍ରଭାବିତ କରୁଥିବାବେଳେ ବିଭିନ୍ନ ଜାଗାରେ ଶ୍ରମିକ-ସର୍ଦ୍ଦାରମାନେ ମୁହାଁମୁହିଁ ହେଉଥିବା ପରିଲକ୍ଷିତ ହେଉଛି । ଅଭୟାରଣ୍ୟସ୍ଥିତ ମଝାଗାଁରେ ମହିଳା ଶ୍ରମିକ ଏବଂ ସର୍ଦ୍ଦାରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚାରେ ରହିଛି ।

ନୂଆପଡା ଏକ ଦାଦନ ବହୁଳ ଜିଲା ଭାବରେ ପରିଗଣିତ ହୋଇ ରହିଛି । ଏଠାରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପରିବାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ହେଲେ ଏହି ବର୍ଷ ମରୁଡି ଯୋଗୁ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି । ଏହାର ସୁଯୋଗ ନେବାକୁ ଶ୍ରମିକ ସର୍ଦ୍ଦାରଙ୍କ ଲୋଲୁପ ଦୃଷ୍ଟି ପଡିଛି । ସୁନାବେଡା ଅଭୟାରଣ୍ୟ ଭିତରେ କିଛି ଶ୍ରମିକ ସର୍ଦ୍ଦାର ପଶିଯାଇଛନ୍ତି । ଅନ୍ୟପକ୍ଷେ କିଛି ଶ୍ରମିକମାନେ ମଧ୍ୟ ଓଲଟା ସୁଯୋଗ ନେବା ଚକ୍କରରେ ରହିଛନ୍ତି । ସୂଚନାଯୋଗ୍ୟ ଯେ, ଅଭୟାରଣ୍ୟ ଭିତରେ ମାଓବାଦୀ ଥିବା ବାହାନା କରି ପୋଲିସ ମଧ୍ୟ ସେଠାକୁ ସେତେଟା ଯାଇପାରୁନାହିଁ । ଅଭୟାରଣ୍ୟସ୍ଥିତ ମଝାଗାଁ, ଖୋଲିଭିତର ଆଦି ଅଞ୍ଚଳରେ ବଲାଙ୍ଗୀର ଜିଲା କରୁଆଁଝର ଗାଁରୁ ଜଣେ ଦ୍ୱିଜଣ ଶ୍ରମିକ ସର୍ଦ୍ଦାର ଆସି ଶ୍ରମିକମାନଙ୍କୁ ଟଙ୍କା ଦେଇ ଆନ୍ଧ୍ରପ୍ରଦେଶକୁ ଇଟା ଗଢିବାକୁ ନେବାକୁ ଚୁକ୍ତି କରିଥିଲେ । ଅନ୍ୟପକ୍ଷେ ଅନ୍ୟ ଜଣେ ଶ୍ରମିକ ସର୍ଦ୍ଦାର ଆସି ଉତ୍ତରପ୍ରଦେଶକୁ ନେବାକୁ କହି ଟଙ୍କା ଦେଇଥିବା କୁହାଯାଉଛି । ଏହା ଉପରେ ଶ୍ରମିକ ଏବଂ କରୁଆଁଝର ଅଞ୍ଚଳର ଶ୍ରମିକ ସର୍ଦ୍ଦାରଙ୍କ ମଧ୍ୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି । ସର୍ଦ୍ଦାର ଜଣକ ପ୍ରାଣ ବିକଳରେ କୁଆଡେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି । ଜିଲା ବାହାର ତଥା ରାଜ୍ୟ ବାହାରୁ ଶ୍ରମିକ ସର୍ଦ୍ଦାରମାନେ ଡେରା ପକାଇ ରହୁଥିବାରୁ ଶ୍ରମିକମାନଙ୍କ ଜୀବନ ପ୍ରତି ବିପଦ ରହୁଥିବା ଶ୍ରମିକମାନେ କହିଛନ୍ତି । ଏହି ଅଞ୍ଚଳରୁ ଶ୍ରମିକ ନେଉଥିବା ଆନ୍ଧ୍ରପ୍ରଦେଶର ଶ୍ରମିକ ସର୍ଦ୍ଦାର ହରିବାବୁ ସେଠଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଏହି ଅଞ୍ଚଳରୁ କୌଣସି ଶ୍ରମିକ ନେଉନାହାଁନ୍ତି କି କରୁଆଁଝରରେ ତାଙ୍କର କୌଣସି ଶ୍ରମିକ ସର୍ଦ୍ଦାର ନାହାନ୍ତି ବୋଲି କହିଛନ୍ତି । ତେବେ ଏଭଳି ପରିସ୍ଥିତିକୁ ଜିଲା ପୋଲିସ ପ୍ରଶାସନ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବା ଦରକାର ।



ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍‌ଗି ଫୁଲ ଓ ବିଜ୍ଞାନ ମେଳାର ଉଦ୍‌ଯାପନୀରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଜିଲାସ୍ତରୀୟ ସର୍‌ଗିଫୁଲ୍, ବିଜ୍ଞାନମେଳା ଉଦ୍‌ଯାପିତ

ବୋଡେନ,୧୮।୧୧(ଡି.ଏନ.ଏ.)

ନୂଆପଡା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍‌ଗି ଫୁଲ ଓ ବିଜ୍ଞାନ ମେଳା ଫରସରା ସେବାଶ୍ରମ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ନୂଆପଡା ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ଜିଲା ପରିଷଦ ସଦସ୍ୟ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଶିକ୍ଷା ନୀରିକ୍ଷକ ଗୋବିନ୍ଦ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭବାନୀପାଟଣା ମହାବିଦ୍ୟାଳୟର ଅଧ୍ୟାପକ ସତ୍ୟନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟପକ ମୁଣ୍ଡଛିନା ୧୫ବର୍ଷ ତଳର କଥା ମନେ ପକାଇଥିଲେ। ଏ ଅଞ୍ଚଳ ଆଦିବାସୀ ଅଧୁଷିତ ଅଞ୍ଚଳ ଶିକ୍ଷାକ୍ଷେତ୍ରରେ ପଛୁଆ ଥିଲା । କିନ୍ତୁ ଆଜି ଏ ଅଞ୍ଚଳର ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବାର ଦେଖାଯାଇଛି। ଖଡିଆଳ ଡବ୍ଲୁଇଓ କ୍ଷଣପ୍ରଭା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଆଶ୍ରମ ଓ ସେବାଶ୍ରମରୁ ଛାତ୍ରୀଛାତ୍ର ତଥା ଶିକ୍ଷକ ଯୋଗ ଦେଇ ମ୍ୟାଥ କୁଇଜ, ସାଇନ୍ସ କୁଇଜ, ଜେନେରାଲ କୁଇଜ୍, ଇଲୋକେସନ୍, ସୋଲୋ ସଙ୍ଗ୍, କ୍ରିୟେଟିଭ ରାଇଟିଂ (ଓଡିଆ), ଇନ୍‌ଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ, ଭଲିବଲ, ଗ୍ରୁପ ଡେନ୍ସ, ମନୋଆକ୍ଟ ପ୍ଲେ, ସୋଲୋ ଡ୍ୟାନ୍ସ, ସାଇନ୍ସଏକଜିବିସନ୍, ଲାଇଫ ସ୍କିଲ ଏଜୁକେଶନ୍, ଡିବେଟ ଆଦି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଗ୍ରୁପ ଡ୍ୟାନ୍ସ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଯୋଗଦାନ କରିବେ। ଏହି ଉତ୍ସବରେ ବୋଡେନ ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭର, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶିଳ ପତି, ଅନ୍ୟ ବିଦ୍ୟାଳୟର ଶିକ୍ଷକ ଶ୍ୟାମ କୁମାର ଦଣ୍ଡସେନା, ଧନିକର ଜଗତ, ରୋହିତ ଦଣ୍ଡସେନା, ଟିକେରାମ ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ଜିଲାର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରିଥିଲେ।

ମା' ବସ୍ତ୍ରାଣୀ ଫୁଟବଲ ଟୁର୍ନାମେଣ୍ଟ

# ବଲାଙ୍ଗୀର ଦଳ ଚାମ୍ପିୟନ

ନୂଆପଡା ଅଫିସ/କୋମନା, ୧୮।୧୧ (ଡି.ଏନ.ଏ.)

ନୂପଆଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଉଦ୍ୟାନବନ୍ଧ (କୁରେଶ୍ୱର)ରେ ମା' ବସ୍ତ୍ରାଣୀ ଫୁଟ ବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବଲାଙ୍ଗୀର ଦଳ କଳାହାଣ୍ଡିର ବୋର୍ଡା ଦଳକୁ ୩-୦ଗୋଲରେ ହରାଇ ଚାମ୍ପିୟନ ହେଇଛି । ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆସୋସିଶନ ସଭାପତି ଦିଲୀପ କୁମାର ବାରିକ ସଭାପତିତ୍ୱ କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟଅତିଥି, ପ୍ରସନ୍ନ କୁମାର ପାଢୀ, ଗୋପମଣୀ ପାଣିଗ୍ରାହୀ, ସୋମନାଥ ଖମାରୀ, ଡା, କେଶବ ଚନ୍ଦ୍ର ଭୋଇ, ହରିକେଶ ଜାଲ, ପ୍ରଫୁଲ୍ଲ କୁମାର ନାଏକ, ଚିତରଞ୍ଜନ ନାଏକ, ଅନନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ରେଫରି ବଳରାମ ସରାଫ, ହରିହର ସାହୁ, ଚୁପାମଣୀ ନାଏକ, ଦିନେଶ ପ୍ରଧାନୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟବାନ ମାଝି ମଞ୍ଚ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଆସୋସିଏଶନ ସମସ୍ତ ସଭ୍ୟ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦରି ଏବଂ କାଞ୍ଚନ ଜୟା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।




ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଖେଳାଳିମାନେ ।

### ରାସ୍ତା ଉପରକୁ ମାଡି ଗଲାଣି ଅମରି ବଣ

କିର୍ମିରା, ୧୮।୧୧ (ଡି.ଏନ.ଏ)

ଝାରସୁଗୁଡା ଅର୍ଡା ଗ୍ରାମରୁ ଠାକୁରପଡା ଗୌଡପାନପାଲି ଦେଇ ବାଗଡିହି ଯାଇଥିବା ରାସ୍ତାରେ ଅମରି ବଣ ବ୍ୟାପିଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧୦ରୁ ୧୨ ଫୁଟ ଉଚ୍ଚର ଅମରି ଗଛ ରାସ୍ତା ଉପରକୁ ୫ଫୁଟ ପର୍ଯ୍ୟନ୍ତ ମାଡି ଯାଇଛି। ଗାଡି ଚାଳକଙ୍କୁ ଅସୁବିଧା ଭୋଗ କରିବାକୁ ପଡିଥାଏ । ଏହା ବ୍ୟତିତ ରାସ୍ତା ଖରାପ ଥିବାରୁ ସମସ୍ୟା ବଢ଼ିଯାଇଛି ।

### ରୋହିଦାସ ସଂଘର ଆଞ୍ଚଳିକ କମିଟି ଗଠନ

ଝାରସୁଗୁଡା ଅଫିସ,୧୮।୧୧

ଝାରସୁଗୁଡ଼ା ଜିଲା ରୋହିଦାସ ସେବା ସଂଘର ଆଞ୍ଚଳିକସ୍ତରୀୟ ବୈଠକ ରବିବାର ଝାରସୁଗୁଡା ବ୍ଲକ୍ ଦଳକିଠାରେ ହୋଇଯାଇଛି। ସଭାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ନିଶା ନିବାରଣ, ନାରୀ ସଶକ୍ତିକରଣ ଭଳି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହାପରେ ଏକ ଆଞ୍ଚଳିକ ସ୍ତରୀୟ କମିଟି ଗଠନ କରାଯାଇଛି। ନୂତନ କର୍ମକର୍ତ୍ତା କୈଳାଶ ରୋହିଦାସ, ସୁରେନ୍ଦ୍ର ମିରିଗ, ନରେଶ ରୋହିଦାସ, ରମେଶ ରୋହିଦାସ, ଲୋକନାଥ ରୋହିଦାସ ପ୍ରମୁଖଙ୍କୁ ସଂଘ ସଭାପତି ଛବିଳ ସା ଶପଥ ପାଠ କରାଇଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ସମର୍ଥ ଭାରତ, ସୁରକ୍ଷିତ ଭାରତ ଉପରେ ସେମିନାର

# ବ୍ୟକ୍ତି ନିର୍ମାଣ ହେଲେ ରାଷ୍ଟ୍ର ଗଠନ ସମ୍ଭବ

ନୂଆପଡା ଅଫିସ,୧୮।୧୧

- ଟ୍ରଷ୍ଟ ତରଫରୁ ଶୀତ ବସ୍ତ୍ର ବଣ୍ଟନ
- ପତୋରା ଆବାସିକ ବିଦ୍ୟାମନ୍ଦିର

ବ୍ୟକ୍ତି ନିର୍ମାଣ ହେଲେ ରାଷ୍ଟ୍ର ନିର୍ମାଣ ସ୍ୱତଃ ଭାବରେ ହୋଇଥାଏ । ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ସବୁ ବେଳେ ବ୍ୟକ୍ତି ନିର୍ମାଣକୁ ଗୁରୁତ୍ୱ ଦେଇଆସିଛି । ତେଣୁ କରି ବ୍ୟକ୍ତିର ସାମୁହିକ ବିକାଶ ସହ ରାଷ୍ଟ୍ରୀୟ ବିଚାରଧାରା ଲୋକଙ୍କ ମଧ୍ୟରେ ଉଦ୍ଭାଷିତ କରିବା ଦରକାର ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ପତୋରାସ୍ଥିତ ଆଦିବାସୀ ଆବାସିକ ବିଦ୍ୟାଳୟ (ଶିଶୁ ମନ୍ଦିର)ରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବକ୍ତାମାନେ ଯୋଗଦେଇ ଏହି ମତ ରଖିଛନ୍ତି । ଅଭ୍ୟୁଦୟ ଚେରିଟେବଲ ଟ୍ରଷ୍ଟ ତରଫରୁ ସମର୍ଥ ଭାରତ, ସୁରକ୍ଷିତ ଭାରତ ଶୀର୍ଷକ ଏକ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଥିଲେ । ଶିକ୍ଷା ବିକାଶ ପରିଷଦ ଦ୍ୱାରା ପରିଚାଳିତ ସ୍ଥାନୀୟ ପତୋରାସ୍ଥିତ ଆଦିବାସୀ ଆବାସିକ ଶିଶୁ ମନ୍ଦିରରେ ଆୟୋଜିତ ସେମିନାରରେ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରଶାନନ୍ଦ କୁମ୍ଭାର ସଭାପତିତ୍ୱ କରିଥିବା ବେଳେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘ ନୂଆପଡା ନଗର ସଂଘ ଚାଲକ ଡା. ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଚେରିଟେବଲ ଟ୍ରଷ୍ଟର ସମ୍ପାଦକ ପ୍ରଣବ କୁମାର ଶତପଥୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏଥିରେ ଜିଲା ତଥା ଜିଲା ବାହାରୁ ବହୁ ପ୍ରତିଭାବାନ ବକ୍ତାମାନେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏଥିରେ ବ୍ୟକ୍ତି ନିର୍ମାଣକୁ ସମସ୍ତ ବକ୍ତା ଗୁରୁତ୍ୱ ଦେଇଥିଲେ । ବ୍ୟକ୍ତିଙ୍କ ଶାରିରୀକ, ମାନସିକ ତଥା ବୈଚାରିକ ପରିବର୍ତ୍ତନ ଦରକାର ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ଟ୍ରଷ୍ଟ ତରଫରୁ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ କମ୍ବଳ ଆଦି ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଚାରକ ମୋହନ ପ୍ରଧାନ, ଏମ.ଏସ.ଏସ. ସୁର ମନ୍ଦିରର ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ଶତପଥୀ, ସ୍ଥାନୀୟ ସିଆରପିଏଫର ଅଧିକାରୀ ଅରୁଣ ମିଞ୍ଜ, ବିଦ୍ୟାଳୟର କୋଷାଧ୍ୟକ୍ଷ ସନ୍ତରାମ ସାହୁ ପ୍ରମୁଖ ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ବିଦ୍ୟାଳୟର ଛାତ୍ରୀଛାତ୍ର ବୃନ୍ଦ ।

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
74090203163

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୩୦୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ପ୍ରଦାନ

ମଣ୍ଡଲ,୧୮।୧୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ରବିବାର ସ୍ଥାନୀୟ ମୋଟେର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ବୃଦ୍ଧାବୃଦ୍ଧମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ପ୍ରଥମେ ଅତିଥିମାନେ ସ୍ୱର୍ଗତ ଅଚ୍ୟୁତାନନ୍ଦ ସାହୁ ଓ କୋକସରା ବ୍ଲକ ଖବରଦାତା ସ୍ୱର୍ଗତ କୁମୁଦ ନାଏକଙ୍କ ସ୍ମୃତିରେ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସାମ୍ବାଦିକ ତୁଳସୀରାମ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେଡି ନେତା ଜନାର୍ଦ୍ଦନ ପଣ୍ଡା, ମୁଖ୍ୟବକ୍ତା ଭାବେ ବାଲମୁକୁନ୍ଦ ପଣ୍ଡା, ସମ୍ମାନିତ ଅତିଥି ପିସିସି ସଦସ୍ୟ ଯୁବନେତା ଦିଗାମ୍ବର ଦୁରିଆ, ରଜନିକାନ୍ତ ବୈଠାରୁ, ସାମାଜିକ କର୍ମୀ ସମ୍ଭୁ ପଣ୍ଡା, ମିନିକେତନ ଦଳପତି, ପର୍ଶୁରାମ ବାଗ, ନରେନ୍ଦ୍ର ଖେତି, ରଣମାଲ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଭୋଏ, ଡ. ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅଞ୍ଚଳରୁ ଆସିଥିବା ୩୦୦ରୁ ଉର୍ଦ୍ଧ୍ୱ ଗରୀବ ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରଜନି ଛତ୍ରିଆ, ସଞ୍ଜୀବ ଦାସ, ଜଗଦିଶ ଚନ୍ଦ୍ର ନାଏକ, ଚକ୍ରଧର ବେଶ୍ରା, ନିରନ ଛତ୍ରୀଆ, ଯୋଗିନ୍ଦ୍ର ବାରୀକ, ପରମାନନ୍ଦ ଛତ୍ରିଆ, ନିକୁ ଚଲାନ ଗଣେଷରାମ ବାଗ, ଗୋଲାପ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସଞ୍ଜୀବ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ନୟନ ପଣ୍ଡା ଧନ୍ୟବାଦ ଅର୍ପଣ କରଥିଲେ।

### ଗୁରୁ ନାନକ ଜୟନ୍ତୀରେ ଆକର୍ଷଣୀୟ ଶୋଭାଯାତ୍ରା

ରାଉରକେଲା ଅଫିସ,୧୮।୧୧
ଷ୍ଟିଲ ସିଟିରେ ବସବାସ କରୁଥିବା ଶିଖ ସଂପ୍ରଦାୟଙ୍କ ପକ୍ଷରୁ ରବିବାର ଗୁରୁ ନାନକ ଜୟନ୍ତୀ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ରାଉରକେଲା ରେଳ ଷ୍ଟେଶନ ଗୁରୁଦ୍ୱାରା ନିକଟରୁ ଏହି ଶୋଭାଯାତ୍ରା ବାହାରି ରିଂ ରୋଡ ଦେଇ ଉଦିତନଗର ବାଟେ ଗୁରୁଦ୍ୱାରା ଫେରିଥିଲା। ଏହି ଅବସରରେ ଆକର୍ଷଣୀୟ ସମର କଳା ପ୍ରଦର୍ଶନ କରାଯିବା ସହ ଚକ୍ରି ଖେଳ ଦେଖିବାକୁ ପ୍ରବଳ ସମାଗମ ପରିଲକ୍ଷିତ ହୋଇଥିଲା। ଗୁରୁ ନାନକଜୀଙ୍କ ଫଟୋ ଥାଇ ଏକ ଭବ୍ୟ ରଥ ସହର ପରିକ୍ରମା କରିଥିଲା। ରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ କରସେବା ବେଶ ଆକର୍ଷଣୀୟ ହୋଇଥିଲା। ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ଶେଷ କରାଯିବା ନେଇ ରାଉରକେଲା ପୋଲିସ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇଥିଲା। ହରିହର ରାଉତରାୟ, ରମେଶ ବଳ, ଇରଶାଦ ଖାଁ, ବ୍ୟାସଦେବ ନାଥ, ରଞ୍ଜିତ ନାୟକ, ନରେଶ ଅଗ୍ରୱାଲ, ବାବଲୁ ଚୌରାସିଆ, ଜିତୁ ପାତ୍ର, ବିଟୁ ଚୌରାସିଆ, ପ୍ରିତମ ସିଂ, ପି ବାନାର୍ଜୀ, ବିକ୍ରମ ଜୟସ୍ୱାଲ ଓ ପ୍ରଦୀପ ସିଂ ପ୍ରମୁଖ ଯୋଗଦେଇ ଜିଟି ଲେନ ଠାରେ ବିସ୍କୁଟ, ଫଳ ଆଦି ବଣ୍ଟନ କରିବା ସହ ପୁଷ୍ପ ସିଞ୍ଚନ କରି ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରିଥିଲେ।

# ଧାନ ଖେତରେ ଗୋରୁ ଛାଡ଼ିଲେ ଚାଷୀ

କୋକସରା,୧୮।୧୧(ଡି.ଏନ.ଏ.)



ଚାଷୀମାନେ କ୍ଷେତରେ ଗୋରୁ ଛାଡ଼ି ଦେଇଛନ୍ତି ।

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଚଳିତବର୍ଷ ଭୟାଭୟ ମରୁଡି ଦେଖାଦେଇଛି । ଚାଷୀମାନେ ଆଶା ଓ ଆଶଙ୍କାରେ ଦିନ କାଟୁଥିବା ବେଳେ ତାଙ୍କର ବର୍ଷସାରାର କଷ୍ଟ ପାଣିରେ ମିଳାଇଯାଇଛି । ଚଳିତବର୍ଷ ଆରମ୍ଭରୁ ଭଲ ବର୍ଷାକୁ ଦେଖି ଚାଷୀ ଉତ୍ସାହିତ ହୋଇ ଠିକ ସମୟରେ ଧାନ ଚାଷ ଆରମ୍ଭ କରିଥିଲେ । ପ୍ରଥମେ ରୋଗପୋକ ଦାଉରୁ ଫସଲକୁ ଯେଣତେଣ ପ୍ରକାରରେ ରକ୍ଷା କରି ଥିବାବେଳେ ଶେଷ ବେଳକୁ ବର୍ଷା ଅଭାବ ଯୋଗୁ ଧାନଚାଷ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି । ଚକଡା ଲାଗି ଶତାଧିକ ହେକ୍ଟର ଚାଷଜମି ଶୁଖି ପାଳ ହୋଇ ଯାଇଥିବା ବେଳେ ବର୍ଷା ଅଭାବରୁ ଅମଳକ୍ଷମ ହେବାକୁ ଅଳ୍ପଦିନ ବାକିଥିବା ଧାନଗଛ ସବୁ ମରିବାକୁ ବସିଲାଣି । ଜଳସେଚନର କୌଣସି ବ୍ୟବସ୍ଥା କୋକସରା ବ୍ଲକ ନ ଥିବା ବେଳେ କିଛି ଚାଷୀ ପୋଖରୀ, ନଦୀ, ନାଳରୁ ମୋଟର ଲଗାଇ ଅଳ୍ପ କେତେ ଦିନ ପାଇଁ ଚାଷକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଶେଷ ଭାଗକୁ ତାହା ମଧ୍ୟ କାମ ଦେଲାନି । ଅନ୍ୟପଟେ ଉଜୁଡାଚାଷକୁ ନିଜ ଆଖି ଆଗରେ ଦେଖି ଦୁଖ ସହି ନ ପାରି କୋକସରା ବ୍ଲକ ଅଞ୍ଚଳର କିଛି ଚାଷୀମାନେ ଧାନ ଚାଷରେ ଗୋରୁ, ବଳଦ ଛାଡି ଦେଇଥିବା ଦେଖିବାକୁ ମିଳିଛି । ଚଳିତବର୍ଷ କୋକସରା ଚାଷୀ ସଚେତନତା ମଞ୍ଚ ତରଫରୁ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ କୋକସରା ତହସିଲ ଅଫିସ ସମେତ ଧର୍ମଗଡ ଉପଜିଲାପାଳଙ୍କ ନିକଟରେ ଦାବି କରିବା ସହ ଦାବିପତ୍ର ଦେଇଛନ୍ତି । ରାଜ୍ୟ ସରକାରଙ୍କ ତରଫରୁ କେବଳ ପ୍ୟାକେଜ ରାଶି ଘୋଷଣା କରି ଅଣଜଳସେଚିତ ଜମି ହେକ୍ଟର ପିଛା ୬,୮୦୦ ଓ ଜଳସେଚିତ

**କୋକସରା ବ୍ଲକ**

ଜମି କ୍ଷୟକ୍ଷତି ପାଇଁ ୧୩,୫୦୦ ଘୋଷଣା କରିଛନ୍ତି । ଯାହାକି ଚାଷୀମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଚାଷକୁ ଭରସା କରି ନିଜ ପରିବାର ପ୍ରତିପୋଷଣ କରୁଥିବା ମଧ୍ୟମବର୍ଗ ଓ ଗରିବ ଚାଷୀମାନେ ଅନ୍ୟ ଉପାୟ ନ ପାଇ ଏବେ ଦେଶାନ୍ତର ହେବା ଦେଖିବାକୁ ମିଳିଛି । ପେଟପାଟଣା ଓ ପରିବାର ଚଳାଇବା ପାଇଁ ରାଜ୍ୟ ତଥା ରାଜ୍ୟ ବାହରକୁ କାମ ଅନ୍ୱେଷଣରେ ବାହାରି ପଡିଛନ୍ତି । ଚାଷୀ ସବୁବେଳେ ଦୈବୀଦୁର୍ବିପାକରେ ଶିକାର ହୋଇ ତଳିତଳାନ୍ତ ହେଉଥିବା ବେଳେ ଚାଷ ପାଇଁ ବ୍ୟାଙ୍କ ତଥା ସମବାୟ ଓ ଅନ୍ୟାନ୍ୟ ଫାଇନାନ୍ସ କମ୍ପାନୀରୁ ଋଣ ଉଠାଇ ଚାଷ କରିଥିଲେ । ଏବେ ଋଣ କିପରି ପରିଶୋଧ କରିବେ ସେ ଚିନ୍ତାରେ ବ୍ୟତିଥ ରହୁଥିବା ବେଳେ ରାଜ୍ୟ ସରକାରଙ୍କ ଆଗକୁ ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେନ ନ ନିଆନ୍ତି ତାହାହେଲେ ମରୁଡିର କରାଳ ଗ୍ରାସରେ ଚାଷୀକୁଳ ସର୍ବସ୍ୱାନ୍ତ ହେବା ସ୍ୱାଭାବିକ ।

# କଳାହାଣ୍ଡି ଜିଲା ଆଦିସ୍କନ୍ଧ ସମାଜର ବୈଠକ

ଭବାନୀପାଟଣା,୧୮।୧୧(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ଟିଭି ସେଣ୍ଟରପଡାରେ କଳାହାଣ୍ଡି ଜିଲା ଆଦିସ୍କନ୍ଧ ସମାଜର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଦିସ୍କନ୍ଧ ସମାଜ ସଭାପତି ସୁରେଶ ଭୋଇଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଦିସ୍କନ୍ଧ ସମାଜ ଅଫିସ କାର୍ଯ୍ୟାଳୟ ତିଆରି ପାଇଁ ଭବାନୀପାଟଣା ତହସିଲାଦାଙ୍କଠାରେ ଆବେଦନ, ପ୍ରତି ବ୍ଲକ ଓ ପଞ୍ଚାୟତ କମିଟି ଗଠନ, ବ୍ଲକ ଓ ପଞ୍ଚାୟତ କମିଟି ଗଠନ, ଶିକ୍ଷା ପ୍ରତି ସଚେତନତା, ସାମାଜିକ ପ୍ରଥା, ନିଶା ନିବାରଣ ପାଇଁ ଜିଲା ଆଦିସ୍କନ୍ଧ ସମାଜ ଡାକରା, ଆଦିସ୍କନ୍ଧଙ୍କୁ ପ୍ରତାରଣା କରି ସରକାରୀ ଚାକିରି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ, ଦେଶୀମଦ ବିକ୍ରୟ ଉଚ୍ଛେଦ ସମେତ ବିଭିନ୍ନ ଦାବି ଉପରେ ଆଲଚନା କରଯାଇଥିଲା । ଶୁକଦେବ ମାଝି ସଭା ପରିଚାଳନା କରିଥିଲେ । ବୈଠକରେ କେଶବ ଭୋଇ, ଧନସିଂ ଭୋଇ, ଭଗବାନ ମାଝି, ରାମନ୍ଦ୍ର ମାଝୀ, ପ୍ରତାପ ମାଝି, ରାଜେନ୍ଦ୍ର ମାଝି, ଶୁକଦେବ ମାଝି, ଅକ୍ରୁର ମାଝି, ଗୋବିନ୍ଦ ଭୋଇ, ଲକ୍ଷଣ ମାଝି, ଚନ୍ଦ୍ର ମାଝୀ, ଧର୍ମୁ ମାଝି, ଜରମାନ ମାଝି, କୁମଟି ମାଝି, ବାଲି ମାଝି, ରାଜକୁମାର ମାଝି, ଡମ୍ବରୁ ମାଝି, ସନାତନ ମାଝି, ଦେବଦତ୍ତ ମାଝି, କାର୍ତିକ ମାଝି, ପିତ ମାଝି, ଜ୍ୟୋତିଷ ମାଝି, ବୁଢୁ ମାଝି, ପିଙ୍କି ମାଝି, ତରଣୀ ମାଝି, ଭୂମିଶୁତା ମାଝି ପ୍ରମୁଖ ବୈଠକରେ ଆଲୋଚନା କରିଥିଲେ ।



ଜିଲା ଆଦିସ୍କନ୍ଧ ସମାଜର କର୍ମକର୍ତ୍ତା ବୃନ୍ଦ।

# ଭେଲଗାଁଠାରେ ବିଜୁ ଜନତା ଦଳର ବନ୍ଧୁ ମିଳନ

ମଣ୍ଡଲ,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଭେଲାଗାଁ ଆମ୍ବ ବଗିଚାଠାରେ ବିଜୁ ଜନତା ଦଳର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିବ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା କୃଷି ସମବାୟ ସମିତି ସଭାପତି ଜିତେନ୍ଦ୍ର ନାରାୟଣ ସିଂଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ମଣ୍ଡଲ ପ୍ୟାକ୍ସ ସଭାପତି କୃତାର୍ଥ କୁମାର ବେହେରା, ନବୀନ ପଣ୍ଡା, ଗଣେଷ ଦଲେଇ, ଗଣେଷ ରଣା, ରାଜକିଶୋର ମାଝି, ଭଗବାନ ବିହାରି, ଟୁନା ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଉକ୍ତ ସଭାରେ ବିଜୁ ଜନତା ଦଳର କର୍ମୀମାନଙ୍କୁ ଅଣଦେଖା କରିବାରୁ କର୍ମୀମାନେ ଅସନ୍ତୋଷ ରହିଥିବା ବକ୍ତାମାନେ ମତପ୍ରକାଶ କରିଥିଲେ । ଉକ୍ତ ସଭାରେ ଅଞ୍ଚଳର ପରମେଶ୍ୱର ରଣା, ସଞ୍ଜିବ ରଣା, ଦୁଷ୍ମନ୍ତ ମାଝି, ସବିତା ଖମାରି, ପଙ୍କଜ କୁମାର ପଟେଲ, ପ୍ରଶାନ୍ତ କୁମାର ଗଣ୍ଡା, କୁଞ୍ଜବିହାରି ମୁଣ୍ଡ, କାମାକ୍ଷ ବେହେରା, ଯୁଗଳ କିଶୋର ମାଝି, ଧନଞ୍ଜୟ ସାହୁ, ପ୍ରଶାନ୍ତ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟ ତୁଲାଇଥିଲେ । ଏଥିରେ ଅଞ୍ଚଳର ବହୁ କର୍ମୀ ଉପସ୍ଥିତ ରହିଥିଲେ ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳି।

# ଅଶୋକ ସିଂଘଲଙ୍କ ତିରୋଧାନ ଦିବସ

ରାଉରକେଲା ଅଫିସ,୧୮।୧୧

ଲାଠିକଟା ବ୍ଲକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ସ୍ୱର୍ଗତ ଅଶୋକ ସିଂଘଲଙ୍କ ତିରୋଧନ ଦିବସ ପାଳିତ ହୋଇଛି। ଶାନ୍ତନୁ କୁସୁମ ଅଧ୍ୟକ୍ଷତା କରି କହିଥିଲେ ଯେ ଦୀର୍ଘ ୨ଶହ ବର୍ଷ ଇଂରେଜ ଶାସନ ଭିତରେ ରହି ହିନ୍ଦୁ ସଂପ୍ରଦାୟ ପେଶି ହୋଇଯାଇଥିଲେ। ଆଜି ବି ଦୁଃଖ ଶେଷ ହୋଇ ନାହିଁ। ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ହିନ୍ଦୁ ସଂପ୍ରଦାୟ ଦୟାର ପାତ୍ର ହୋଇ ଦିନ ବିତାଉଛନ୍ତି। ସଂସଦଠାରୁ ନେଇ ଅନ୍ୟ ସମସ୍ତ ସ୍ଥାନରେ ହିନ୍ଦୁ ସଂପ୍ରଦାୟ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଇଛି। ଏହାକୁ ଅନୁଭବ କରି ସ୍ୱର୍ଗତ ସିଂଘଲ ନିଜ ଜୀବନକୁ ହିନ୍ଦୁ ହିତରେ ସମର୍ପିତ କରିଥିଲେ। ତାଙ୍କ ତ୍ୟାଗ ଓ ସମର୍ପିତ ମନୋଭାବ ଚିର ସ୍ମରଣୀୟ ହୋଇ ରହିବ ବୋଲି କୁସୁମ ଏଥିରେ ମତ ପ୍ରକାଶ କରିଥିଲେ। ଗଗନ ବିହାରୀ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଭୋଳେଶ୍ୱର ସାହୁ, ଚମ୍ପାବତୀ ବେହେରା, ପୂର୍ଣ୍ଣିମା ସାହୁ, ସସ୍ମିତା ମହାନ୍ତି, ଲକ୍ଷ୍ମୀ ମହାକୁଡ, ସଂଜୁ ନାୟକ, ଉମାକାନ୍ତ ଗିରି, ମହାଲକ୍ଷ୍ମୀ ମହାକୁଡ, ବିନ୍ଦୁଶ୍ରୀ ରାଉତରାୟ, ମହେନ୍ଦ୍ର ବେହେରା, କିଶୋର ଭୂମିଜ ଓ ବୁଦ୍ଧେଶ୍ୱର ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

### ଷଷ୍ଠ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ପରିଆ ଗାଁ ବିଜୟୀ



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ।

ଜୁନାଗଡ,୧୮।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡସର୍ଗିଗୁଡାଠାରେ ରବିବାର ଅପରାହ୍ନରେ ଷଷ୍ଠ ଦିବସୀୟ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ୍ ପରିଆ ଗାଁ ଓ ମଥୁରା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ନ ଦେବାରୁ ପେନାଲ୍ଟିକର ସାହାଯ୍ୟରେ ପରିଆ ଗାଁ ଦଳ ୧-୦ ଗୋଲରେ ମଥୁରାକୁ ହରାଇ ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ରେଫରି ଭାବେ ବୁଲୁ ବେହେରୁକ, ମରଲୀ ଭାଟି ଓ ଅଶୋକ ନାଏକ ଦାୟିତ୍ୱ ତୁଲାଇଥିଲେ। ଗୌଡସର୍ଗିଗୁଡା ରାଧାକୃଷ୍ଣ କଳା ପରିଷଦ କ୍ଲବ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟ ଉଦଘାଟନୀରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ଜିଲା ପଣ୍ଡରାମାଳି ଯୁବ ବାହିନୀ ସଭାପତି ଦୁର୍ଗା ପ୍ରସାଦ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ପୂଝାରୀ, ପୂର୍ବତନ ସମିତିସଭ୍ୟ ଅରୁଣ ମାଝି, ସ୍ଥାନୀୟ କ୍ଲବ ସଭାପତି ମନରଞ୍ଜନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ସ୍ଥାନୀୟ କ୍ଲବର ସଦସ୍ୟ ବିଭାୟକ ନାଏକ, ପ୍ରଭୁଦତ୍ତ ନାଏକ, ଶମ୍ଭୁଦତ୍ତ ନାଏକ, ସରୋଜ ନାଏକ, ଦିବ୍ୟ ରଞ୍ଜନ ଚଣ୍ଡୀ, ନିରଞ୍ଜନ ନାଏକ, ଗରୁଡ ନାଏକ, କୋଦଣ୍ଡ ନାଏକ, ବିଭୁତି ବେମାଲ, ମହେନ୍ଦ୍ର ବାଗ ପ୍ରମୁଖ ସହଯୋଗ କରୁଛନ୍ତି। ଏହି ଟୁର୍ନାମେଣ୍ଟଟି ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ୩୨ଟି ଦଳ ଭାଗନେବେ ବୋଲି ଜଣାପଡିଛି।

### ପଞ୍ଚମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# ସଂଯମ, ଗାନ୍ଧୀ ମଣିଷ, ସାରାଂଶ ମଞ୍ଚସ୍ଥ

ଭବାନୀପାଟଣା,୧୮।୧୧(ଡି.ଏନ.ଏ.)




ଶିଶୁ ମହୋତ୍ସବରେ ପରିବେଷିତ କାର୍ଯ୍ୟକ୍ରମ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସଙ୍ଗମ୍ ଅନୁଷ୍ଠାନ ପକ୍ଷରୁ ଲେଖକ କଳା ପରିଷଦଠାରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସଙ୍ଗମ୍ ସଭାପତି ରାଜେନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ଆଲୁମିନାର ସହକାରୀ ଉପସଭାପତି ରାକେଶ ମିଶ୍ର ମୁଖ୍ୟଅତିଥି ଓ ଡେପୁଟି ମ୍ୟାନେଜର ଶିବ ପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ବିରଞ୍ଚି ନାରାୟଣ ମୁଣ୍ଡ ଓ ଧନ୍ୟବାଦ ଅର୍ପଣ କରିଥିଲେ ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶେଖର ନନ୍ଦ । ପରେ ରାଉରକେଲାର ନାଟକ 'ଗାନ୍ଧୀ ମଣିଷ' ମଞ୍ଚସ୍ଥ ହୋଇଥିଲା । ନାଟକକୁ ଅଲ୍ୟକ ବେହେରା ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ରାନୁ ମହାପାତ୍ର। ରାଉରକେଲାର ଫର୍ଟିଲାଇଜର ଟାଉସିପର ଆଦର୍ଶ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଏହାକୁ ପରିବେଶଣ କରିଥିଲେ। ଭବାନୀପାଟଣା କଳାକାହ୍ନୁ ଶିଶୁ କଳାକେନ୍ଦ୍ରର ନାଟକ 'ସଂଯମ' ମଞ୍ଚସ୍ଥ ହୋଇଥିଲା। ରଚନା ଓ ନିର୍ଦ୍ଦେନା ଦେଇଥିଲେ ମୀନତି କୁମାରୀ ପ୍ରଧାନ । ସେହିଭଳି ତୃତୀୟ ନାଟକ 'ସାରାଂଶ'କୁ ପରିବେଷଣ କରିଥିଲେ ସକ୍ଷମ ନୃତ୍ୟ ଏକାଡେମି । ଏହି ନାଟକୁ ରଚନା କରିଥିଲେ ପରମେଶ୍ୱର ମୁଣ୍ଡ, ନିର୍ଦ୍ଦେଶନା ଦେଇଥିଲେ ଲିପ୍ସାରାଣି ବାରିକ । ସୁମିପ୍ତା ପାଣିଗ୍ରାହୀ ପରିଚାଳନା କରିଥିଲେ । ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ନିମାଇଁ ଚରଣ ପାଣି ଓ ଡ. ଉମେଶ ଚନ୍ଦ୍ର ଶତପଥୀ ବିଚାରକ ଥିଲେ । ଚକ୍ରଧର ମହାରଣା, ଜୟଦେବ ବାଗ, ଦୁର୍ବାଦଳ ସୁନା, ବିକାଶ ଧଙ୍ଗପାମାଝି ଓ ଜଗବନ୍ଧୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଲାଞ୍ଜିଗଡ଼ ଅଞ୍ଚଳରେ ମାଓବାଦୀ ବିରୋଧୀ ପୋଷ୍ଟର

# କଳାହାଣ୍ଡି ଛାଡ଼ିବା ପାଇଁ ଚେତାବନୀ

ଲାଞ୍ଜିଗଡ,୧୮।୧୧(ଡି.ଏନ.ଏ.)




କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଏକ ମାଓବାଦୀ ପ୍ରବଣ ଅଞ୍ଚଳ । ଏଠାରେ ବିଭିନ୍ନ ସମୟରେ ମାଓବାଦୀମାନେ ପୋଲିସକୁ ସୂଚନାଦେବା ସନ୍ଦେହରେ ଗୋଟିଏ ପରେ ଗୋଟିଏ ହିଂସାକାଣ୍ଡ ଘଟାଇ ଚାଲିଛନ୍ତି ଓ ପୋଷ୍ଟର ମାଧ୍ୟମରେ ଚେତାବନୀ ମଧ୍ୟ ଦିଆଯାଉଛି। ମାଓବାଦୀ ଭୟରେ ଲାଞ୍ଜିଗଡର ଦୁର୍ଗମ ଅଞ୍ଚଳରେ ସରକାରଙ୍କ ଉନ୍ନୟନ କାମ ଏକ ପ୍ରକାର ଠପ୍ ହେବାକୁ ବସିଲାଣି । ସରକାରୀ ଅଧିକାରୀମାନେ ମଧ୍ୟ ସେ ଅଞ୍ଚଳକୁ ଗସ୍ତ କରିବା ପାଇଁ ଭୟ କରୁଥିବା ବେଳେ ରବିବାର ମାଓବାଦୀ ବିରୋଧି ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି । ଶନିବାର ବଶଂଧାରା ନାଗାବଳି ଘୁମସର ଡିଭିଜନ ସମ୍ପାଦକ ଉମାକାନ୍ତ କଲ୍ୟାଣସିଂପୁରରେ ଏକ ଅଡିଓ ଟେପ୍ ଜାରି କରିଥିବା ବେଳେ ଏହାର ବିରୋଧରେ ଏହି ପୋଷ୍ଟର ମରାଯାଇଥିବା ଉଲ୍ଲେଖ ରହିଛି । ଏଥିରେ ଉମାକାନ୍ତଙ୍କୁ ବିରୋଧ କରାଯାଇଛି । ନିୟମଗିରି ପାଦ ଦେଶରେ ଥିବା ବାନିଗାଁଠାରେ ଏହି ପୋଷ୍ଟର ବିଭିନ୍ନ ସ୍ଥାନରେ ଲାଗିଥିବା ଦେଖିବାକୁ ମିଳିଛି । ରାଜ୍ୟର ବାଓବାଦୀ ବିରୋଧି ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡିଶା ଅଭିଯାନ ପକ୍ଷରୁ ଏହି ପୋଷ୍ଟର ଲାଗିଥିବା ବେଳେ ମାଓବାଦୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦିଆଯାଇଛି । କଳାହାଣ୍ଡିରେ ଦୀର୍ଘ ବର୍ଷର ଆନ୍ଦୋଳନରେ ମାଓବାଦୀମାନେ ସ୍ଥାନୀୟ ଜନତାଙ୍କ ଉପରେ ଅତ୍ୟାଚାର କରି ଚାଲିଛନ୍ତି । କିନ୍ତୁ ଏବେ ଆଉ ଏପରି ହେବନାହିଁ, ଏହାର ଜବାବ ତୁମକୁ ଦେବାକୁ ପଡିବ, ଆଦିବାସୀଙ୍କ ବିକାଶ କଥା କହୁଥିବା ମାଓବାଦୀ ଆଦିବାସୀଙ୍କ ପାଇଁ କ'ଣ ସବୁ କରିଛନ୍ତି ଜବାବ ଦିଅନ୍ତୁ ବୋଲି ପୋଷ୍ଟରେ ଉଲ୍ଲେଖ ରହିଛି । ଯଦି ଆଦିବାସୀଙ୍କ ବିକାଶ ପାଇଁ ଶିକ୍ଷା, ରାସ୍ତାଘାଟ ଓ ମେଡିକାଲ ନିର୍ମାଣ ପାଇଁ କିଛି ଯୋଜନା ନାହିଁ ତେବେ ବହୁତ ହୋଇଗଲା ତୁମ ମିଛ ବିପ୍ଳବର ଦିବାସ୍ୱପ୍ନ । ବିକାଶ କାର୍ଯ୍ୟକୁ ବିରୋଧ କରି ଜିଲାରେ କ'ଣ ପାଇଁ ଏ ପୋଡାଜଳା ଓ ନିରିହ ଆଦିବାସୀଙ୍କ ହତ୍ୟା । ବନ୍ଧୁକ ଛାଡି ବିକାଶ କାମରେ ଲାଗିପଡ, ନଚେତ୍ କଳାହାଣ୍ଡି ଛାଡ ନ ହେଲେ ଆଣ୍ଟି ନକ୍ସଲ ପିପଲ ପିସ୍ ଫୋର୍ସ ତୁମ ମାଓବାଦୀ ପାର୍ଟିକୁ ଉପାଡି ଫୋପାଡି ଦେବ, ସମୟ ଥାଉ ଥାଉ ପରିବର୍ତ୍ତନ ହୋଇଯାଅ, ନହେଲେ ପରିଣାମ ଭୟଙ୍କର ହେବ। ତମେ କଳାହାଣ୍ଡି ଛାଡିଲେ ହିଁ ଜିଲାର ବିକାଶ ହେବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି । ଜନସାଧାରଣଙ୍କୁ ମଧ୍ୟ ମାଓବାଦୀଙ୍କ ଚିତ୍ର ଓ ଚରିତ୍ରକୁ ବୁଝି ଗାଁକୁ ନ ପୁରାବା ପାଇଁ ପୋଷ୍ଟରେ ଅନୁରୋଧ କରାଯାଇଛି । ଏହି ପୋଷ୍ଟର ଆଣ୍ଟି ନକ୍ସଲ ପିପଲ ପିସ୍ ଫୋର୍ସର ଆବାହାକ ଭାରତ ଭୁଷଣ ଏହି ପୋଷ୍ଟର ମାରିଥିବା ଉଲ୍ଲେଖ ରହିଛି । ମାଓବାଦୀ ବିରୋଧି ପୋଷ୍ଟର ଦେଖିବା ପରେ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ପୋଲିସ ଏହି ପୋଷ୍ଟରକୁ ଜବତ କରିନାହିଁ ।